ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୯/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 19/2023 Page 16 ₹ 7.00
୪୯ଶ ଭାଗ ୨୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 264 ମୂଲ୍ୟ ₹୭/-

# ପିଆର୍‌ଏମ୍‌ରେ ନିଆଁ, ରୋଗୀ ଅଣନିଃଶ୍ୱାସୀ



ପିଆର୍‌ଏମ୍ ମେଡିକାଲ କଲେଜର ୩ୟ ମହଲାରେ ନିଆଁ ଲାଗି ଧୂଆଁ ବାହାରୁଛି।



ପୋଡ଼ିଯାଇଥିବା ଅପରେଶନ ଥିଏଟର ଯନ୍ତ୍ରାଂଶ।

**ବାରିପଦା,୧୮।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ହସ୍ପିଟାଲର ତୃତୀୟ ମହଲାରେ ଥିବା ଶିଶୁ ଓ ମହିଳା ପ୍ରସୂତି ବିଭାଗରେ ଏହି ଅଘଟଣ ଘଟିଥିବାବେଳେ ରୋଗୀ ଓ ସମ୍ପର୍କୀୟମାନେ ପ୍ରବଳ ଧୂଆଁରେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଜୀବନ ବଞ୍ଚାଇବା ପାଇଁ ସେମାନେ ଧାଁ ଦୌଡ଼ କରୁଥିବା ଦେଖିବାକୁ ମିଳିଥିଲା। ମେଡିକାଲ କର୍ମଚାରୀମାନେ ସେମାନଙ୍କୁ କୋଠା ବାହାରକୁ ନେଇ ଆସିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୪୦ ମିନିଟ୍ ପରେ ନିଆଁକୁ ଆୟତ୍ତ କରିଥିଲେ। ପରେ ଏସ୍‌ପି ବି.ଗଙ୍ଗାଧର ହସ୍ପିଟାଲରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଥିବାବେଳେ ଅପରେଶନ ଥିଏଟର(ଓଟି)ର ଏକ ମେଶିନରୁ ନିଆଁ ଲାଗିଥିବା ନେଇ ଭାରପ୍ରାପ୍ତ ସିଡିଏମ୍‌ଓ ଡା. ଜ୍ଞାନେନ୍ଦ୍ର ମହାନ୍ତି କହିଛନ୍ତି। ୱାର୍ଡରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀ ସୁରକ୍ଷିତ ଅଛନ୍ତି ଓ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ଅପରାହ୍ନ ୨ଟା ୨୦ମିନିଟ୍‌ରେ ୭ ମହଲା ବିଶିଷ୍ଟ ହସ୍ପିଟାଲ କୋଠାର ତୃତୀୟ ମହଲାରେ ନିଆଁ ଲାଗିଯାଇଥିଲା। ସେହି ମହଲାରେ ଶିଶୁ ଓ ମହିଳା ବିଭାଗ ସର୍ଜରି ୱାର୍ଡ ରହିଥିବା ବେଳେ ପ୍ରସୂତି ବିଭାଗର ଅପରେଶନ ଥିଏଟର ଓ ଆଇସିୟୁ ରହିଛି। ଅପରେଶନ ଥିଏଟରରେ ଜଣେ ମହିଳାଙ୍କ ଅସ୍ତ୍ରୋପଚାର ହେଉଥିବା ସମୟରେ ଅନ୍ୟ ଏକ ଥିଏଟରରେ ମରାମତି କାର୍ଯ୍ୟ ଚାଲିଥିଲା। ଏହି ସମୟରେ ଶର୍ଟ ସର୍କିଟରୁ ନିଆଁ ଲାଗିଯିବାରୁ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। ସେଠାରେ ଉପସ୍ଥିତ ଥିବା ଜାମଶୋଳ ଗ୍ରାମର ସୁଶାନ୍ତ ମହାନ୍ତ କୁହନ୍ତି, ନିଆଁ ଲାଗିବା ସମୟରେ ଖୁବ୍ ଜୋରରେ ଏକ ଶବ୍ଦ ହୋଇଥିଲା। ପରେ ଧୂଆଁରେ ଅଣନିଃଶ୍ୱାସୀ ହୋଇ ରୋଗୀ ଓ ସମ୍ପର୍କୀୟମାନେ ଜୀବନ ବିକଳରେ ବାହାରକୁ ପଳାଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ନିଆଁ ଲିଭାଇବାକୁ ଚେଷ୍ଟା ଜାରି ରଖିବା ସହ ରୋଗୀମାନଙ୍କୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ରୋଗୀଙ୍କୁ ଅନ୍ୟ ଏକ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଅପରେଶନ ଟେବୁଲରୁ ଉକ୍ତ ମହିଳାଙ୍କୁ ଅନ୍ୟ ଏକ ଥିଏଟରକୁ ନିଆଯାଇ ଅସ୍ତ୍ରୋପଚାର ଶେଷ କରାଯାଇଥିଲା।

ଡାକ୍ତରଖାନାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଥିଲେ ମଧ୍ୟ ଠିକ୍ ସମୟରେ ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହୋଇଥିଲା ବୋଲି କେତେଜଣ ରୋଗୀ ସମ୍ପର୍କୀୟ ପ୍ରକାଶ କରିଛନ୍ତି। ପ୍ରତିମାସରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥାର ଯାଞ୍ଚ କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଏହାକୁ ନେଇ ତଦନ୍ତ କରାଯିବ ବୋଲି ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରତିଭା ପଣ୍ଡା ପ୍ରକାଶ କରିଛନ୍ତି। ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାଏକ କୁହନ୍ତି, ଡାକ୍ତରଖାନାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ପାଇଁ ☞ପୃଷ୍ଠା-୯

# ମିଲିଅନେୟାର ତାଲିକାରୁ ୩.୫ ନିୟୁତ ବାଦ୍

**ବିଶ୍ୱରେ ଦେଖାଦେଇଥିବା ଆର୍ଥିକ ସଙ୍କଟଯୋଗୁ ୨୦୨୨ରେ ୩.୫ ନିୟୁତ ଲୋକ ମିଲିଅନେୟାର ତାଲିକାରୁ ବାଦ୍ ପଡ଼ିଛନ୍ତି। ୨୦୨୧ ଶେଷ ସୁଦ୍ଧା ୧ ନିୟୁତ କିମ୍ବା ତଦୂର୍ଦ୍ଧ୍ୱ ଡଲାର ସମ୍ପତ୍ତି ଥିବା ଲୋକଙ୍କ ସଂଖ୍ୟା ୬୨.୯ ନିୟୁତରୁ ଗତବର୍ଷ ଡିସେମ୍ବରବେଳକୁ ୫୯.୪ ନିୟୁତକୁ ଖସି ଆସିଥିଲା।**

**ନୂଆଦିଲ୍ଲୀ,୧୮।୮**

ୟୁନାଇଟେଡ ବ୍ୟାଙ୍କ୍ ଅଫ୍ ସୁଇଜରଲାଣ୍ଡ(ୟୁବିଏସ୍)ର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି, ଗତବର୍ଷ ୩.୫ ନିୟୁତ ଲୋକ ମିଲିଅନେୟାର ମାନ୍ୟତା ହରାଇଛନ୍ତି। ୨୦୦୮ରେ ସୃଷ୍ଟି ହୋଇଥିବା ବୈଶ୍ୱିକ ଆର୍ଥିକ ସଙ୍କଟ ପରଠୁ ଏହା ହେଉଛି ମିଲେନେୟାରଙ୍କ ସର୍ବାଧିକ ସଂଖ୍ୟାହ୍ରାସ। ୨୦୨୧ରେ ୧ ନିୟୁତ ଡଲାର(ପ୍ରାୟ ୮.୩୨ କୋଟି ଟଙ୍କା) କିମ୍ବା ତହିଁରୁ ଅଧିକ ସମ୍ପତ୍ତିର ଅଧିକାରୀଙ୍କ ସଂଖ୍ୟା ୬୨.୯ ନିୟୁତ ଥିଲା। ୨୦୨୨ ଶେଷରେ ଏତେ ସମ୍ପତ୍ତିର ଅଧିକାରୀ ହୋଇଥିବା ଧନୀଙ୍କ ସଂଖ୍ୟା ୫୯.୪ ନିୟୁତରେ ସୀମିତ ହୋଇଯାଇଥିଲା। ସାରା ବିଶ୍ୱରେ ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଡଲାର ତୁଳନାରେ ମୁଦ୍ରାଗୁଡ଼ିକର ମୂଲ୍ୟହ୍ରାସ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସୁଇସ୍ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଗତବର୍ଷ ମିଲିଅନେୟାରଙ୍କ ସଂଖ୍ୟା ହ୍ରାସ ସତ୍ତ୍ୱେ ଶତାବ୍ଦୀର ୪ଗୁଣ ମିଲିଅନେୟାର ବଢ଼ିଥିବା ରିପୋର୍ଟରେ ଦର୍ଶାଯାଇଛି।

ଆମେରିକାରେ ଗତବର୍ଷ ମିଲିଅନେୟାରଙ୍କ ସଂଖ୍ୟା ୧.୮ ନିୟୁତ ହ୍ରାସ ପାଇ ୨୨.୭ ନିୟୁତକୁ ଖସିଥିଲା। ତଥାପି ଅନ୍ୟଦେଶଗୁଡ଼ିକ ତୁଳନାରେ ଆମେରିକୀୟ ମିଲିଅନେୟାରଙ୍କ ସଂଖ୍ୟା ସର୍ବାଧିକ ରହିଥିଲା। ଏହି କ୍ଷେତ୍ରରେ ଚାଇନା ଦ୍ୱିତୀୟ ସ୍ଥାନରେ ରହିଥିଲା, ଯେଉଁଠି ୬.୨ ମିଲିଅନେୟାର ଥିଲେ। ସେହିପରି ଅନେକ ଆର୍ଥିକ ସାମ୍ନା କରୁଥିବା ବ୍ରିଟେନରେ ମିଲିଅନେୟାରଙ୍କ ସଂଖ୍ୟା ୪,୪୦,୦୦୦ ହ୍ରାସ ପାଇ ୨.୬ ନିୟୁତରେ ସୀମିତ ରହିଥିଲା। ଜାପାନରେ ୨୦୨୧ରେ ୩.୨ ନିୟୁତ ମିଲିଅନେୟାର ଥିବାବେଳେ ଗତବର୍ଷ ଶେଷ ଆଡ଼କୁ ସେମାନଙ୍କ ସଂଖ୍ୟା ୨.୬ ନିୟୁତ ରହିଥିଲା। ୨୫୦ ବର୍ଷ ମଧ୍ୟରେ ଚତୁର୍ଥ ଶିଳ୍ପ ବିପ୍ଲବ ଆର୍ଥିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଥିଲା। ☞ପୃଷ୍ଠା-୯

Kalinga Institute of Industrial Technology (KIIT)
Deemed to be University
(Declared U/S 3 of UGC Act, 1956) Bhubaneswar, Odisha, India
19th Annual CONVOCATION
19th August 2023



Chief Guest
Professor Ganeshi Lal
Hon'ble Governor of Odisha
Conferment of D.Sc./D.Litt. (Honoris Causa) to:
Dr. Ajit Kumar Mohanty
Chairman, Atomic Energy Commission (AEC) & Secretary, Department of Atomic Energy (DAE) Govt. of India
Mr. Jitendra Kumar Mohanty
Chairman & Managing Director
Swosti Group of Hotels, Bhubaneswar
Mr. Chander Prakash Gurnani
CEO & Managing Director
Tech Mahindra
10:00 a.m.
Biju Patnaik Indoor Stadium
Campus - 13, KIIT-DU
Website: www.kiit.ac.in | Email: kiit@kiit.ac.in

**ଆଜିର ସମ୍ପାଦକୀୟ**
**ପଦୋନ୍ନତିରେ ବିଳମ୍ବ**

## ସବିତା ପ୍ରଧାନ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ନିଯୁକ୍ତ



**ଭୁବନେଶ୍ୱର, ୧୮।୮(ଅସମାପିକା ସାହୁ)**

ପୁରୀ ଜିଲା ସତ୍ୟବାଦୀଠାରେ ଅବସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହେଲେ ପ୍ରଫେସର ସବିତା ପ୍ରଧାନ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ସେ ଏବେ ଶାନ୍ତିନିକେତନସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ଅଛନ୍ତି। ତେବେ ପ୍ରଫେସର ପ୍ରଧାନ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦୁଇବର୍ଷ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ, ଚଳିତବର୍ଷଠାରୁ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି।ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ଅଫିସ୍ ସାକ୍ଷୀଗୋପାଳ ମନ୍ଦିର ପାନ୍ଥନିବାସରେ ଚାଲିଛି। ଏଥିସହ ସ୍ଥାନୀୟ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ହେଉଥିବା ସୂଚନା ମିଳିଛି।

ହୁଅନ୍ତୁ ସ୍ମାର୍ଟ ଗ୍ରାହକ
LALCHND
Trusted Brand Since 1948
"ମେକିଂ ଚାର୍ଜ ଉପରେ ୭୦% ପର୍ଯ୍ୟନ୍ତ ରିହାତି କିମ୍ବା ୪.୯% ରିହାତି"
ଏପରି ମିଛ ଅଫରଠାରୁ ଦୂରେଇ ରୁହନ୍ତୁ!
ହିସାବ କରନ୍ତୁ
ତୁଳନା କରନ୍ତୁ
ତା'ପରେ ନିଷ୍ପତ୍ତି ନିଅନ୍ତୁ

ଅନ୍ୟ ଜୁଏଲର୍ସ

| ଦାବି/ ଅଫର୍ | ସତ୍ୟତା |
|---|---|
| ସୁନା ଗହଣାର ମେକିଂ ଚାର୍ଜ ଉପରେ **୭୦% ପର୍ଯ୍ୟନ୍ତ ରିହାତି** | ସମସ୍ତ ସୁନା ଗହଣାକୁ ଦୁଇଟି ଟ୍ୟାଗ୍‌ରେ ବିଭକ୍ତ କରାଯାଇଛି, ଯଥା: ସବୁଜ ଏବଂ ଧଳା। ସବୁଜ ଟ୍ୟାଗ୍‌ଯୁକ୍ତ ସୁନା ଗହଣା ଉପରେ କୌଣସି ଅଫର୍ ନଥିବା ବେଳେ ଧଳା ଟ୍ୟାଗ୍‌ଯୁକ୍ତ ସୁନା ଗହଣାର ମେକିଂ ଚାର୍ଜ ଉପରେ ୭୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। ଏଠି ଧ୍ୟାନ ରଖନ୍ତୁ ଷ୍ଟକ୍‌ର ୯୯% ଗହଣା ସବୁଜ ଟ୍ୟାଗ୍‌ଯୁକ୍ତ ଏବଂ ଏହାର ସର୍ବନିମ୍ନ ମେକିଂ ଚାର୍ଜ ୧୨୫୦ ଟଙ୍କା/ଗ୍ରାମ୍‌ରୁ ଆରମ୍ଭ ହୋଇ ୧୭୫୦ ଟଙ୍କା/ଗ୍ରାମ୍ ପର୍ଯ୍ୟନ୍ତ ଯାଇଥାଏ। ସେହିପରି ଧଳା ଟ୍ୟାଗ୍‌ଯୁକ୍ତ ସୁନା ଗହଣା ଅତି ପୁରୁଣା ଡିଜାଇନ୍ ଏବଂ ଏହାର ସୀମିତ ଷ୍ଟକ୍ ହିଁ ଉପଲବ୍ଧ। ଏହି ଧଳା ଟ୍ୟାଗ୍‌ଯୁକ୍ତ ଗହଣାର ମେକିଂ ଚାର୍ଜ ୩୭୫ ଟଙ୍କା/ଗ୍ରାମ୍ ରହିଛି। |
| ହୀରା ଗହଣାର ମେକିଂ ଚାର୍ଜ ଉପରେ ୮୦% **ପର୍ଯ୍ୟନ୍ତ ରିହାତି** | ସ୍କିମ୍ ଅନୁଯାୟୀ, ହୀରା ଗହଣାର ମେକିଂ ଚାର୍ଜ ଉପରେ ୮୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। କିନ୍ତୁ ବାସ୍ତବରେ ଷ୍ଟକ୍‌ର ୯୦% ହୀରା ଗହଣାର ମେକିଂ ଚାର୍ଜ ଉପରେ ୨୫% ରିହାତି ଦେଇ ବିକ୍ରି କରୁଛନ୍ତି। |
| "ମେକିଂ ଚାର୍ଜ **୪.୯%** ଠାରୁ" ଏବଂ "ମେକିଂ ଚାର୍ଜରେ **୨୫% ପର୍ଯ୍ୟନ୍ତ ରିହାତି** ସମସ୍ତ ଗହଣା ଉପରେ" | ଗୋଟିଏ ବିଜ୍ଞାପନରେ ଦୁଇଟି ରିହାତି ଅଫର୍ ଦେଇ ଗ୍ରାହକଙ୍କୁ ଭ୍ରମିତ କରାଯାଉଛି। ଖୁବ୍ କମ୍ ଗହଣାର ମେକିଂ ଚାର୍ଜ ୪.୯% ହୋଇଥିବା ବେଳେ ଅନ୍ୟ ସମସ୍ତ ଗହଣା ଉପରେ ମେକିଂ ଚାର୍ଜ ବାବଦକୁ ଗ୍ରାହକଙ୍କୁ ୧୨% (ପ୍ରାୟ ୬୫୫ ଟଙ୍କା/ଗ୍ରାମ)ରୁ ୩୦% (ପ୍ରାୟ ୧୬୪୦ ଟଙ୍କା/ଗ୍ରାମ) ପର୍ଯ୍ୟନ୍ତ ଦେବାକୁ ପଡୁଛି। |
| ସୁନା ଗହଣାର ମେକିଂ ଚାର୍ଜ **ଫ୍ଲାଟ୍ ୩୯୯ ଟଙ୍କା** ମାତ୍ର | ସୀମିତ ଗହଣାର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୩୯୯ ଟଙ୍କା/ଗ୍ରାମ ରହିଥିବା ବେଳେ ଅନ୍ୟ ସମସ୍ତ ଗହଣା ଉପରେ ମେକିଂ ଚାର୍ଜ ବାବଦକୁ ଗ୍ରାହକଙ୍କୁ ୮୦୦ରୁ ୧୨୦୦ ଟଙ୍କା/ଗ୍ରାମ ଦେବାକୁ ପଡୁଛି। |

ଲାଲ୍‌ଚାନ୍ଦ୍ ଜୁଏଲର୍ସ
(ପୂର୍ବ ଭାରତର ସର୍ବବୃହତ ଅଳଙ୍କାର ପ୍ରତିଷ୍ଠାନ)
ଫ୍ଲାଟ୍ ୬୯୯ଟଙ୍କା/ଗ୍ରାମ୍ ମେକିଂ ଚାର୍ଜ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣା ଉପରେ
ଫ୍ଲାଟ୍ ୨୫% ରିହାତି ହୀରା ମୂଲ୍ୟ ଉପରେ
ବିନା ବ୍ୟତିକ୍ରମ
ବିନା ସର୍ତ୍ତ
ବିନା ଲୁକ୍କାୟିତ ଦେୟ
ସମସ୍ତ ଗ୍ରାହକଙ୍କୁ ଅନୁରୋଧ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣା ହିଁ କ୍ରୟ କରନ୍ତୁ।
ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦ୍‌ର ମୂଳମନ୍ତ୍ର। କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଙ୍ଗ୍‌ର ଅଭିଜ୍ଞତା ପ୍ରଦାନ କରିପାରିବୁ।
ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି
★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ
★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍
JEWELLERS SINCE 1988
ଭୁବନେଶ୍ୱର ରଘୁନାଥପୁର ୦୬୭୪-୨୪୬୯୧୪୯/ ୨୪୬୯୧୫୦/୨୪୬୯୧୫୧
ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ ୦୬୭୪-୨୫୩୪୦୧୬/ ୨୫୩୪୦୧୭/୨୫୩୪୦୧୮
ବ୍ରହ୍ମପୁର ଧର୍ମ ନଗର ୦୬୮୦-୨୨୨୯୪୦୧/ ୨୨୨୯୪୦୨/୨୨୨୯୪୦୪
କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ୦୬୭୧-୨୩୦୨୫୦୫/ ୨୩୦୩୫୦୫/୨୩୦୪୫୦୫
ନୂଆଦିଲ୍ଲୀ ଲାଜ୍‌ପତ୍ ନଗର ୦୧୧-୪୫୭୬୯୫୬୪
ମାଷ୍ଟର୍ କ୍ୟାଣ୍ଟିନ୍‌ସ୍ଥିତ ଶୋ'ରୁମ୍‌ରେ ଭାଲେ ପାର୍କିଂ ବ୍ୟବସ୍ଥା ଉପଲବ୍ଧ

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୧୯ ଅଗଷ୍ଟ , ୨୦୨୩

**ସାର ପ୍ୟାକେଟ୍‌ରେ ରହିବ ପ୍ରଧାନମନ୍ତ୍ରୀଙ୍କ ଅପିଲ୍**

କେନ୍ଦ୍ର ସରକାର ସାର ବ୍ୟାଗ୍‌ଗୁଡ଼ିକର ନୂଆ କଭର ଡିଜାଇନ୍ ପ୍ରକାଶ କରିଛନ୍ତି। ସାର ବ୍ୟାଗ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ସହ ମାଆ ବସୁଧାର ସୁରକ୍ଷା ପାଇଁ ରାସାୟନିକ ସାର ବ୍ୟବହାର କମାଇବା ପାଇଁ ଏଥିରେ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅପିଲ୍ ରହିବ। 'ଗୋଟିଏ ଦେଶ ଗୋଟିଏ ସାର' ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସବୁ ସାର ନିମନ୍ତେ ଗୋଟିଏ ବ୍ରାଣ୍ଡ 'ଭାରତ' ରଖିବାକୁ ସ୍ଥିର ହୋଇଛି। ଏଥିସହ ସାର ସବ୍‌ସିଡି ଯୋଜନା 'ପ୍ରଧାନମନ୍ତ୍ରୀ ଭାରତୀୟ ଜନଉର୍ବରକ ପରିଯୋଜନା' (ପିଏମ୍‌ବିଜେପି) ଲୋଗୋ ଏଥିରେ ରହିବ।



# ନୂଆ ସମ୍ବିଧାନ ଲୋଡ଼ା

## ବିବାଦରେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ






ନୂଆଦିଲ୍ଲୀ,୧୮।୮
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ଅଧ୍ୟକ୍ଷ ଡକ୍ଟର ବିବେକ ଦେବରାୟ ଭାରତ ପାଇଁ ଏକ ନୂଆ ସମ୍ବିଧାନ ପ୍ରଣୟନ ଦାବିକରି ବିବାଦରେ ଫସିଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଆପତ୍ତି ଉଠାଇଥିବାବେଳେ ବିବେକଙ୍କ ବିବାଦୀୟ ଆଲେଖ୍ୟରୁ କେନ୍ଦ୍ର ଦୂରତ୍ୱ ଅବଲମ୍ବନ କରିବା ସହ ଏହା ସରକାରଙ୍କ ମତ ନୁହେଁ ବୋଲି ସ୍ପଷ୍ଟ କରିଛି। ଏହି ପରିପ୍ରେକ୍ଷୀରେ ବିବେକ ମଧ୍ୟ ଗୁରୁବାର ସ୍ପଷ୍ଟୀକରଣ ଦେଇଛନ୍ତି।

ଅଗଷ୍ଟ ୧୫ରେ ଦେଶ ୭୭ତମ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ 'ଦି ମିଣ୍ଟ' ଖବରକାଗଜରେ ବିବେକ ଦେବରାୟଙ୍କ ଏକ ଆଲେଖ୍ୟ ପ୍ରକାଶ ପାଇଥିଲା। 'ଦେଆର୍ ଇଜ୍ ଏ କେସ୍ ଫର୍ ଦି ପିପୁଲ ଟୁ ଏମ୍ବ୍ରାସ୍ ଏ ନ୍ୟୁ କନ୍‌ଷ୍ଟିଚ୍ୟୁଶନ୍' ଶୀର୍ଷକ ଏହି ସ୍ତମ୍ଭରେ ଡକ୍ଟର ଭୀମରାଓ ଆମ୍ବେଡକରଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ପରିବର୍ତ୍ତେ ବର୍ତ୍ତମାନ ଭାରତରେ ଏକ ନୂଆ ସମ୍ବିଧାନର ଆବଶ୍ୟକତା ରହିଥିବା ଉଲ୍ଲେଖ କରାଯାଇଥିଲା। ଏଥିରେ ବିବେକ ଯାହା ଲେଖିଥିଲେ ତା'ର ସାରାଂଶ ହେଉଛି, ସ୍ୱାଧୀନତା ଦିବସରେ ଆମେ ଅତୀତକୁ ଫେରି ଦେଖିଲେ ପ୍ରଶ୍ନ କରିବା ଯେ, ୧୯୪୭ ପରଠୁ କ'ଣ ପାଇଛେ। ଆମ ସମ୍ବିଧାନ ୧୯୩୫ର ଗଭର୍ନମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ଉପରେ ବହୁଳ ଭାବେ ପର୍ଯ୍ୟବସିତ। ସେହି ଦୃଷ୍ଟିରୁ ଦେଖିଲେ ଏହା ଏକ ଉପନିବେଶ ଲିଗାସି ମନେହୁଏ। ୨୦୦୨ରେ ସମ୍ବିଧାନର କାର୍ଯ୍ୟକାରିତା ଉପରେ ସମୀକ୍ଷା ପାଇଁ ଗଠିତ ଏକ କମିଶନଙ୍କ ରିପୋର୍ଟ ଆସିଥିଲା। କିନ୍ତୁ ଏହା ଅଧୁରା ହୃଦୟରେ ନିଆଯାଇଥିବା ଏକ ପଦକ୍ଷେପ ଥିଲା। ଆଇନ ସଂସ୍କାର ଉଦ୍ଦେଶ୍ୟରେ କରାଯାଉଥିବା କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ନୁହେଁ। ସମ୍ବିଧାନଗୁଡ଼ିକର ଆୟୁଷ ମାତ୍ର ୧୭ ବର୍ଷ ରହିଥାଏ। ତେଣୁ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ନୂଆ ସମ୍ବିଧାନର ଆବଶ୍ୟକତା ଥିବା ସେ ଉକ୍ତ ସ୍ତମ୍ଭରେ ଉଲ୍ଲେଖ କରିଥିଲେ।

ଉକ୍ତ ପ୍ରସଙ୍ଗକୁ ନେଇ ବିବାଦ ଘନେଇବାରୁ ଇଏସି-ପିଏମ୍ ଏଥିରୁ ନିଜକୁ ଦୂରେଇ ରଖିଛି। ବିବେକଙ୍କ ସଦ୍ୟ ନିବନ୍ଧ ତାଙ୍କ ବ୍ୟକ୍ତିଗତ ମତ। ଏଥିରେ ଇଏସି-ପିଏମ୍ କିମ୍ବା ଭାରତ ସରକାରଙ୍କ ମତାମତ ପ୍ରତିଫଳିତ ହେଉ ନ ଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅର୍ଥକ ବ୍ୟାପାରରେ ପରାମର୍ଶ ଦେଉଥିବା ଏହି ସ୍ୱାଧୀନ ସଂସ୍ଥା କହିଛି। ଏନେଇ ବିବେକ ମଧ୍ୟ ଗୁରୁବାର ସ୍ପଷ୍ଟୀକରଣ ଦେଇଛନ୍ତି ଯେ, ସ୍ୱାଧୀନତା ଦିବସରେ ପ୍ରକାଶିତ ସ୍ତମ୍ଭ ତାଙ୍କର ବ୍ୟକ୍ତିଗତ ମତ। ଯେତେବେଳେ ଜଣେ ବ୍ୟକ୍ତି ଏକ ସ୍ତମ୍ଭ ଲେଖିଥାନ୍ତି ସେଥିରେ ଲେଖକଙ୍କ ବ୍ୟକ୍ତିଗତ ମତାମତ ପ୍ରତିଫଳିତ ହୋଇଥାଏ। ତାହା ସେ ସମ୍ପୃକ୍ତ ଥିବା ସଂସ୍ଥାର ମତ ନୁହେଁ ବୋଲି ଏଏନ୍‌ଆଇକୁ ସାକ୍ଷାତ୍‌କାର ବେଳେ ବିବେକ କହିଛନ୍ତି। ସେ କହିଛନ୍ତି, ତାଙ୍କ ବ୍ୟକ୍ତିଗତ ମତକୁ ଲୋକେ ଇଏସି-ପିଏମ୍ ସହ ଯୋଡ଼ିବା ଦୁର୍ଭାଗ୍ୟଜନକ। ସେ ସମ୍ବିଧାନର ସମୀକ୍ଷା ଉପରେ ପ୍ରଥମ ଥର ଲେଖିନାହାନ୍ତି। ଅତୀତରେ ମଧ୍ୟ ସମାନ ପ୍ରସଙ୍ଗରେ ସେ ମତ ରଖିଥିଲେ। ସମ୍ବିଧାନର ସ୍ଥପତି ଆମ୍ବେଡକର ମଧ୍ୟ ଜୀବିତାବସ୍ଥାରେ ଏଭଳି ମତ ଦେଇଥିଲେ। ୧୯୫୩ ସେପ୍ଟେମ୍ବର ୨ରେ ଆମ୍ବେଡକର ରାଜ୍ୟ ସଭାରେ ସମ୍ବିଧାନର ସମୀକ୍ଷା କରାଯିବା ଉଚିତ ବୋଲି କହିଥିଲେ। ଏହାର ତାତ୍ପର୍ଯ୍ୟ ବର୍ତ୍ତମାନର ଗୋଟା ସମ୍ବିଧାନକୁ ଫୋପାଡ଼ିଦେବା ନୁହେଁ ବୋଲି ବିବେକ ପ୍ରକାଶ କରିଛନ୍ତି।

> ବିବେକ ଦେବରାୟ ନିଜ ଆଲେଖ୍ୟରେ ଦେଶପାଇଁ ନୂଆ ସମ୍ବିଧାନ ପ୍ରଣୟନ ସକାଶେ ଦାବି କରିବା ତାଙ୍କ ଅଧିକାର କ୍ଷେତ୍ରର ଖୋଲା ଉଲ୍ଲଂଘନ। କେନ୍ଦ୍ର ସରକାର ଏହାକୁ ସଜ୍ଞାନକୁ ନେଇ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।
>
> –ମାୟାବତୀ, ବିଏସ୍‌ପି ସୁପ୍ରିମୋ



> ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ବିବେକ ଦେବରାୟ ଭାରତୀୟ ସମ୍ବିଧାନକୁ ଶେଷ କରିଦେବା ପାଇଁ ବିଗୁଲ ବଜାଇଛନ୍ତି, ଯାହାର ପ୍ରମୁଖ ସ୍ଥପତି ଥିଲେ ବି.ଆର୍. ଆମ୍ବେଡକର। ବିବେକ ଏନେଇ ଲୋକଙ୍କୁ ସତର୍କ କରାଇଛନ୍ତି। ଏହା ସବୁବେଳେ ସଂଘ ପରିବାରର ଏଜେଣ୍ଡା ରହିଆସିଛି। ବିବେକ ଚାହାନ୍ତି, ଦେଶ ଏକ ସମ୍ପୂର୍ଣ୍ଣ ନୂତନ ସମ୍ବିଧାନକୁ ଆପଣାଉ। ଭାରତ ଏଥିପ୍ରତି ସତର୍କ ହେବା ଉଚିତ।
>
> –ଜୟରାମ ରମେଶ, କଂଗ୍ରେସ ନେତା



## ଖବରଦାତାଙ୍କୁ ଗୁଳିକରି ହତ୍ୟା

ପାଟନା,୧୮।୮(ପି.ଟି.)

ବିହାର ଅରାରିଆ ଜିଲାରେ ଶୁକ୍ରବାର ଜଣେ ଖବରଦାତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଆତତାୟୀମାନେ ଭୋର ୫ଟା ୩୦ରେ ଏକ ହିନ୍ଦୀ ଦୈନିକ ପାଇଁ କାର୍ଯ୍ୟ କରୁଥିବା ବିମଳ କୁମାର ଯାଦବ(୩୫)ଙ୍କ ଘର କବାଟ ବାଡେଇଥିଲେ। ସେ କବାଟ ଖୋଲିବା ମାତ୍ରେ ସେମାନେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଜିଲା ପୋଲିସ ଏବଂ ରାଣୀଗଞ୍ଜ ଏସ୍‌ଏଚ୍‌ଓ ସେଠାକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଫୋରେନ୍‌ସିକ୍ ବିଶେଷଜ୍ଞ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଛି। ଜଣେ ପଡ଼ୋଶୀଙ୍କ ସହ ବିମଳଙ୍କର ପୁରୁଣା ବିବାଦ ଥିଲା। ସବୁ ଦିଗରୁ ତଦନ୍ତ ଜାରି ରହିଥିବା ଅରାରିଆ ଏସ୍‌ପି ଅଶୋକ କୁମାର ସିଂ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନେଇ ଶୋକବ୍ୟକ୍ତ କରିଛନ୍ତି। ବିହାରରେ ଗଣତନ୍ତ୍ର ବିପଦରେ ରହିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।



## ଗୁଜରାଟରେ ୧,୨୦୦ ଲୋକଙ୍କୁ ଠକିଛନ୍ତି ଚାଇନା ନାଗରିକ

### ଶ୍ୱେତପତ୍ର ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୧୮।୮(ପି.ଟି.)

ଜଣେ ଚାଇନା ନାଗରିକ ବେଟିଂ ଆପ୍ ବ୍ୟବହାର କରି ଗୁଜରାଟର ୧,୨୦୦ ଲୋକଙ୍କଠାରୁ ୧,୪୦୦ କୋଟି ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିକୁ ନେଇ କଂଗ୍ରେସ ଶୁକ୍ରବାର କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ଟାର୍ଗେଟ କରିଛି। ସରକାର ଏହା ଉପରେ ଶ୍ୱେତପତ୍ର ଆଣନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି ହୋଇଛି। ବିରୋଧୀଙ୍କୁ ଟାର୍ଗେଟ କରି ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଗମ୍ଭୀର ଠକେଇ ମାମଲା ତଦନ୍ତ ସଂସ୍ଥା (ଏସ୍‌ଏଫ୍‌ଆଇଓ) ଭଳି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ବ୍ୟବହାର କରୁଥିବାବେଳେ ଭାରତୀୟମାନଙ୍କୁ ଲୁଟି ଦେଶ ଛାଡ଼ି ଚାଲିଯାଉଥିବା ଚାଇନା ଠକଙ୍କ ବିରୋଧରେ ତଦନ୍ତ ହେଉନାହିଁ ବୋଲି କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା କହିଛନ୍ତି। ଚାଇନାର ଉ ଉୟାନବେ ଫୁଟ୍‌ବଲ ବେଟିଂ ଆପ୍ ଜରିଆରେ ଗୁଜରାଟର ୧,୨୦୦ ଲୋକଙ୍କଠାରୁ ୯ ଦିନରେ ୧,୪୦୦ କୋଟି ଟଙ୍କା ନେଇ ଦେଶ ଛାଡ଼ି ପଳାଇଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କୁ ଅଟକାଇ ପାରିଲେ ନାହିଁ ବୋଲି ଖେରା କହିଛନ୍ତି।

## କୋବ୍ରା କମାଣ୍ଡୋଙ୍କ ଆତ୍ମହତ୍ୟା

ବିଜାପୁର,୧୮।୮

ଛତିଶଗଡ଼ର ବିଜାପୁରରେ ମାଓବାଦୀ ଦମନ ଲାଗି ମୁତୟନ ଥିବା ସିଆର୍‌ପିଏଫ୍ (କୋବ୍ରା) କମାଣ୍ଡୋ ବାଟାଲିୟନର ଜଣେ ଇନ୍ସପେକ୍ଟର ଶୁକ୍ରବାର ପୂର୍ବାହ୍ନରେ ନିଜ ସର୍ଭିସ ରାଇଫଲରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଛନ୍ତି। କୋବ୍ରା ୨୧୦ ବାଟାଲିୟନର ଇନ୍ସପେକ୍ଟର ଶଫି ଅଖତର ତାଙ୍କ ଏକେ-୪୭ ରାଇଫଲରୁ ଗୁଳି ଫୁଟାଇ ଟଳି ପଡ଼ିଥିଲେ। ଗୁଳିଶବ୍ଦ ଶୁଣି ତାଙ୍କ ସହକର୍ମୀମାନେ ସେଠାରେ ପହଞ୍ଚି ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ମଣିପୁରରେ ସାନି ହିଂସା: ୩ ମୃତ

ଇମ୍ଫାଲ,୧୮।୮(ପି.ଟି.): ମଣିପୁରର ଉଖ୍ରୁଲ୍ ଜିଲା ଅନ୍ତର୍ଗତ କୁକି ଥୋଓ୍ୱାଇ ଗ୍ରାମରେ ଶୁକ୍ରବାର ସାନି ହିଂସାକାଣ୍ଡ ଘଟିଛି। ପ୍ରବଳ ଗୁଳିମାଡ଼ ପରେ ୩ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ତାଙ୍ଗଖୁଲ୍ ନାଗା ଅଧ୍ୟୁଷିତ ଉଖ୍ରୁଲ୍ ଜିଲାରେ ପ୍ରଥମ ଥର ପାଇଁ ଏଭଳି ହିଂସାକାଣ୍ଡ ଘଟିଛି। ଶୁକ୍ରବାର ଭୋର ସମୟରେ ଗାଁରେ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ପୋଲିସ ଗାଁ ଚତୁଃପାର୍ଶ୍ୱ ଓ ଜଙ୍ଗଲ ଅଞ୍ଚଳରେ ଖୋଜାଖୋଜି କରିବା ପରେ ୩ ମୃତଦେହ ପାଇଥିଲା। ମୃତକଙ୍କ ବୟସ ୨୪ରୁ ୩୫ ବର୍ଷ ମଧ୍ୟରେ ହେବ। ସେମାନଙ୍କ ଦେହରେ ଛୁରି ଆକ୍ରମଣ କ୍ଷତଚିହ୍ନ ଥିବାବେଳେ ଅଙ୍ଗ କାଟିଦିଆଯାଇଛି। ମଣିପୁରରେ ମେ' ୩ରୁ ଜାତିଆଣ ହିଂସାକାଣ୍ଡରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି।

### ସଙ୍ଗୀତ ପରିବେଷଣ ବେଳେ ବ୍ରାଜିଲ ଗାୟକଙ୍କୁ ଗୁଳିକରି ହତ୍ୟା

ବ୍ରାଜିଲ,୧୮।୮: ଏକ ଲାଇଭ୍ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣବେଳେ ଜଣେ ବ୍ରାଜିଲ୍ ଗାୟକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଗାୟକ ହେଲେ ଏମ୍.ସି. ଶେର୍‌ଗିନୋ ପୋରାଡ଼ୋ। ସେ ଅଗଷ୍ଟ ୧୩ ତାରିଖରେ ରିସିଫ ଠାରେ ଏକ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରୁଥିଲେ। ଏତିକିବେଳେ କୌଣସି କଥାକୁ ନେଇ ସେଠାରେ ଥିବା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଗାୟକ ଜଣକ ସେମାନଙ୍କ ଝଗଡ଼ା ସମାଧାନ କରିବାକୁ ଯିବାରୁ ସ୍ୱାମୀ ଜଣକ ରାଗିଯାଇ ତାଙ୍କ ସ୍ତ୍ରୀ ଓ ଗାୟକଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଫଳରେ ସ୍ତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଗାୟକଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



### ଚୌରାସିଆଙ୍କୁ ଲିଜେଣ୍ଡ ଅଫ୍ ଇଣ୍ଡିଆ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆଓ୍ୱାର୍ଡ



ନୂଆଦିଲ୍ଲୀ,୧୮।୮(ପି.ଟି.): ଖ୍ୟାତନାମା ବଂଶୀବାଦକ ହରିପ୍ରସାଦ ଚୌରାସିଆ, କଥକ ପ୍ରସାରକ କୁମୁଦିନୀ ଲାଖିଆ, ଚିତ୍ରକାର ଗୁଲାମ୍ ମହମ୍ମଦ ଶେଖ୍ ଏବଂ ଅଭିନେତା-ନିର୍ଦ୍ଦେଶକ ରୁଦ୍ରପ୍ରସାଦ ସେନଗୁପ୍ତ ୨୦୨୨ ବର୍ଷ ପାଇଁ ଲିଜେଣ୍ଡ ଅଫ୍ ଇଣ୍ଡିଆ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆଓ୍ୱାର୍ଡ ପାଇବେ। ଯୁବବର୍ଗଙ୍କ ମନରେ ଭାରତୀୟ କଳାର ଗୌରବମୟ ଐତିହ୍ୟକୁ ଉଜ୍ଜୀବିତ କରିଥିବା ଉପରୋକ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସେପ୍ଟେମ୍ବରରେ ଅନୁଷ୍ଠିତ ଏକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ଆୟୋଜକ ଏନ୍‌ଜିଓ ଲିଜେଣ୍ଡସ୍ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି।

## ଡାଭୋଲକର, ପାନ୍‌ସାରେ, ଲଙ୍କେଶ, କାଲବୁର୍ଗୀ ହତ୍ୟା ମଧ୍ୟରେ ସମ୍ପୃକ୍ତି ଅଛି କି



ନରେନ୍ଦ୍ର ଡାଭୋଲକର ଗୋବିନ୍ଦ ପାନ୍‌ସାରେ ଏମ୍.ଏମ୍. କାଲବୁର୍ଗୀ ଗୌରୀ ଲଙ୍କେଶ

ନୂଆଦିଲ୍ଲୀ,୧୮।୮(ପି.ଟି.)

### ସିବିଆଇକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ହେତୁବାଦୀ ନରେନ୍ଦ୍ର ଡାଭୋଲକର, ସିପିଆଇ ନେତା ଗୋବିନ୍ଦ ପାନ୍‌ସାରେ, ସାମାଜିକ କର୍ମୀ ତଥା ସାମ୍ବାଦିକ ଗୌରୀ ଲଙ୍କେଶ ଏବଂ ବିଦ୍ୱାନ ଏମ୍.ଏମ୍. କାଲବୁର୍ଗୀ ହତ୍ୟାକାଣ୍ଡ ପଛରେ କୌଣସି ସମାନ ସୂତ୍ର ରହିଛି କି ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ପ୍ରଶ୍ନ କରିଛନ୍ତି। ଅନ୍ଧବିଶ୍ୱାସ ବିରୋଧରେ ଲଢ଼େଇ କରୁଥିବା ଡାଭୋଲକର ୨୦୧୩ ଅଗଷ୍ଟ ୨୦ରେ ପୁଣେରେ ପ୍ରାତଃଭ୍ରମଣରେ ଯାଇଥିବାବେଳେ ମୋଟରସାଇକେଲରେ ୨ ଜଣ ଆସି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ୨୦୧୫ ଫେବୃୟାରୀ ୨୦ରେ ପାନ୍‌ସାରେଙ୍କୁ ହତ୍ୟା କରାଯାଇଥିବାବେଳେ ଲଙ୍କେଶଙ୍କୁ ୨୦୧୭ ସେପ୍ଟେମ୍ବର ୫ରେ ଏବଂ କାଲବୁର୍ଗୀଙ୍କୁ ୨୦୧୫ ଅଗଷ୍ଟ ୩୦ରେ ଗୁଳିକରି ହତ୍ୟା କରାଯାଇଥିଲା। ଡାଭୋଲକରଙ୍କ ଝିଅ ମୁକ୍ତା ଡାଭୋଲକରଙ୍କ ଆବେଦନର ଶୁଣାଣି ବେଳେ ଜଷ୍ଟିସ ସଞ୍ଜୟ କିଶନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ସିବିଆଇକୁ ଉପରୋକ୍ତ ପ୍ରଶ୍ନ କରିଛନ୍ତି। ଡାଭୋଲକରଙ୍କ ହତ୍ୟାର ତଦନ୍ତକୁ କ୍ରମାଗତ ଅନୁଧ୍ୟାନ କରିବା ଲାଗି ବମ୍ବେ ହାଇକୋର୍ଟ ଗତ ଏପ୍ରିଲ ୧୮ରେ ବମ୍ବେ ହାଇକୋର୍ଟ ମନା କରିଦେବା ପରେ ମୁକ୍ତା ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୪ ଜଣଙ୍କ ହତ୍ୟା ପଛରେ ବହୁତ ବଡ଼ ଷଡ଼ଯନ୍ତ୍ର ଥିବା ମୁକ୍ତାଙ୍କ ଓକିଲ ଆନନ୍ଦ ଗ୍ରୋଭର ଖଣ୍ଡପୀଠଙ୍କୁ କହିଥିଲେ। ୪ଟି ଯାକ ମାମଲା ମଧ୍ୟରେ ସମ୍ପୃକ୍ତି ରହିଥିବା ଉପଲବ୍ଧ ତଥ୍ୟ ପ୍ରମାଣ ସୂଚାଉଛି ବୋଲି ସେ କହିଥିଲେ। ୪ ମାମଲା ମଧ୍ୟରେ କ'ଣ ସମ୍ପର୍କ ରହିଛି ବୋଲି ସିବିଆଇ ପକ୍ଷରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କୁ ଜଷ୍ଟିସ ଧୁଲିଆ ପ୍ରଶ୍ନ କରିବା ସହ ଏହାର ଅନୁଧ୍ୟାନ କରିବାକୁ କହିଥିଲେ।

## ୭ ନବଜାତକଙ୍କୁ ହତ୍ୟା, ଆଉ ୬ ଜଣଙ୍କୁ ମାରିବାକୁ ଯାଉଥିଲେ ନର୍ସ

ଲଣ୍ଡନ,୧୮।୮

ବ୍ରିଟେନର ଏକ ହସ୍ପିଟାଲରେ କାର୍ଯ୍ୟରତ ନର୍ସ ଲୁସି ଲେଟ୍‌ବି ୭ ନବଜାତ ଶିଶୁଙ୍କୁ ହତ୍ୟା କରିବା ପରେ ଅନ୍ୟ ୬ ଜଣଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଏହି ମାମଲାରେ ୩୩ ବର୍ଷୀୟା ଲୁସି ଶୁକ୍ରବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

୨୦୧୫ରୁ ୨୦୧୬ ମଧ୍ୟରେ କାଉଣ୍ଟେସ୍ ଅଫ୍ ଚେଷ୍ଟର ହସ୍ପିଟାଲରେ ଲୁସିଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ଶିଶୁଙ୍କ ମଧ୍ୟରୁ ୫ ପୁଅ ଓ ୨ ଝିଅ ଥିଲେ। ଏହାବାଦ୍ ସେ ଆଉ ୫ ପୁଅ ଓ ଜଣେ ଶିଶୁକନ୍ୟାଙ୍କୁ ହତ୍ୟା କରିବାକୁ ଯାଉଥିଲେ। ସେ ହସ୍ପିଟାଲରେ ଜନ୍ମିତ ଶିଶୁମାନଙ୍କୁ ଜାଣିଶୁଣି ହଇରାଣ କରିବାକୁ ଯାଉଥିଲେ। ଏପରି କି ସେମାନଙ୍କୁ ବିନା କାରଣରେ ଇଞ୍ଜେକ୍ସନ ଦେଉଥିଲେ। କେତେଜଣ ଶିଶୁଙ୍କୁ ଲୁସି ବିଷ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି, ଯାହାକୁ ସେ ଖଣ୍ଡନ କରିଛନ୍ତି। ଲୁସିଙ୍କୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ୭ ମହିଳା ଓ ୪ ପୁରୁଷ ବିଚାରପତି ୨୨ ଦିନ ଧରି ଏହି ମାମଲାର ଶୁଣାଣି କରିଥିଲେ।



## ଭାରତର ପ୍ରଥମ ୩ଡି-ପ୍ରିଣ୍ଟେଡ୍ ପୋଷ୍ଟ ଅଫିସ




ବେଙ୍ଗାଲୁରୁ,୧୮।୮(ପି.ଟି.)

### ବେଙ୍ଗାଲୁରୁରେ ଉଦ୍‌ଘାଟିତ

ଭାରତର ପ୍ରଥମ ୩ଡି-ପ୍ରିଣ୍ଟେଡ୍ ପୋଷ୍ଟ ଅଫିସ ବେଙ୍ଗାଲୁରୁରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହ ଏହାର ଆତ୍ମନିର୍ଭର ଭାରତ ଭାବନାର ପ୍ରତିନିଧିତ୍ୱ କରୁଥିବା କହିଛନ୍ତି। ବେଙ୍ଗାଲୁରୁର କେମ୍ବ୍ରିଜ୍ ଲେଆଉଟ୍‌ଠାରେ ୧,୦୨୧ ବର୍ଗଫୁଟ୍ ଜାଗାରେ ଏହି ପୋଷ୍ଟ ଅଫିସ ନିର୍ମାଣ କରାଯାଇଛି। ଏଥିରେ ୩ଡି ପ୍ରିଣ୍ଟିଂ ପ୍ରଯୁକ୍ତିଯୁକ୍ତ ରୋବୋଟଇକ୍ ପ୍ରିଣ୍ଟର ରହିଛି, ଯେଉଁଥିରେ କମ୍ପ୍ୟୁଟରୀକୃତ ୩ଡି ମଡେଲ ଡ୍ରଇଂ ଇନ୍‌ପୁଟ ଅନୁଯାୟୀ ସ୍ତର ସ୍ତର କଂକ୍ରିଟ ଜମା କରିଥାଏ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉକ୍ତ ପୋଷ୍ଟ ଅଫିସ ଉଦ୍‌ଘାଟନ କରିଛନ୍ତି। ଏହି ବିଲ୍ଡିଂ ଆମ ନିଜସ୍ୱ ପ୍ରଯୁକ୍ତିର ବିକାଶର ଚିତ୍ର ପ୍ରଦର୍ଶନ କରୁଛି ବୋଲି ସେ କହିଛନ୍ତି। ଲାର୍ସନ ଆଣ୍ଡ ଟୁବ୍ରୋ ଲିଃ ବିଲ୍ଡିଂ ନିର୍ମାଣ କରିଥିବାବେଳେ ଆଇଆଇଟି ମାଡ୍ରାସ ପ୍ରଯୁକ୍ତି ସମ୍ପର୍କରେ ପରାମର୍ଶ ଦେଇଛି। ମାତ୍ର ୪୫ ଦିନରେ ବିଲ୍ଡିଂ ନିର୍ମାଣ ଶେଷ ହୋଇଛି, ଯାହାକି ପାରମ୍ପରିକ ପଦ୍ଧତିରେ କରିବାକୁ ୬ରୁ ୮ ମାସ ସମୟ ଲାଗିଥାନ୍ତା।

## କୁକୁର ପାଇଁ ୮ ଜଣଙ୍କୁ ଗୁଳି: ୨ ମୃତ

ଭୋପାଳ,୧୮।୮

ମଧ୍ୟପ୍ରଦେଶର ଇନ୍ଦୋରରେ ପୋଷା କୁକୁରକୁ ନେଇ ସେମାନଙ୍କ ମାଲିକଙ୍କ ମଧ୍ୟରେ ବଚସାରୁ ଝଗଡ଼ା ହୋଇ ୨ ଜଣଙ୍କ ଜୀବନ ଯାଇଛି। ଗୁରୁବାର ରାତିରେ ବ୍ୟାଙ୍କ୍ ସୁରକ୍ଷା ଗାର୍ଡ ରାଜପାଲ ସିଂ ରାଜଓ୍ୱତ୍ ତାଙ୍କ ବାଲ୍‌କୋନିରୁ ପଡୋଶୀମାନଙ୍କୁ ଗୁଳି ଚଳାଇଥିଲେ। ଏଥିରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ବ୍ୟାଙ୍କ ଅଫ୍ ବରୋଦାର ସ୍ଥାନୀୟ ଶାଖାରେ ଗାର୍ଡ ଥିବା ରାଜପାଲ୍ ନିଜ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ଗୁଳି ଚଳାଇଥିଲେ ବୋଲି ଅତିରିକ୍ତ ଡିସିପି ଅମରେନ୍ଦ୍ର ସିଂ କହିଛନ୍ତି। ଖବର ଅନୁଯାୟୀ ରାଜପାଲ୍ ଏବଂ ପଡୋଶୀ ବିମଳ ଆମ୍‌ଚା କ୍ରିଷ୍ଣ ବାଗ୍ କଲୋନିରେ ରହନ୍ତି। ସେମାନେ ରାତି ୧୧ଟାରେ ପୋଷା କୁକୁରକୁ ସଂକୀର୍ଣ୍ଣ ଗଳିରେ ବୁଲାଇବାକୁ ନେଇଥିବାବେଳେ ସେମାନେ ପରସ୍ପର କାମୁଡ଼ାକାମୁଡ଼ି ହୋଇଥିଲେ। ଏହାକୁ ନେଇ ରାଜପାଲ୍ ଏବଂ ବିମଳଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ରାଜପାଲ୍ ପ୍ରଥମ ମହଲାରେ ଥିବା ଘରକୁ ଯାଇ ନିଜ ବନ୍ଧୁକରୁ ବିମଳଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି ମାଡ଼ରେ ବିମଳ ଓ ତାଙ୍କ ଶାଳକ ରାହୁଲ ବର୍ମାଙ୍କ ମୃତ୍ୟୁ ଘଟିଥିଲା। ରାହୁଲଙ୍କ ଗର୍ଭବତୀ ସ୍ତ୍ରୀ ଜ୍ୟୋତି ବର୍ମା ଗୁଳିମାଡ଼ରେ ଆହତ ହୋଇଛନ୍ତି। ଗୁଳିକାଣ୍ଡ ବେଳେ ରାସ୍ତାରେ ଥିବା ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ରାଜପାଲଙ୍କୁ ଗିରଫ କରାଯିବା ସହ ତାଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି।

## ୧୨% ରାଜ୍ୟ ସଭା ସଦସ୍ୟ ବିଲିଅନେୟାର

ନୂଆଦିଲ୍ଲୀ,୧୮।୮(ପି.ଟି.)

ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୧୨ ପ୍ରତିଶତ ବିଲିଅନେୟାର (ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ)। ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ବିଲିଅନେୟାର ଏମ୍‌ପିଙ୍କ ହାର ଅଧିକ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟ ସଭାର ୨୩୩ ସଦସ୍ୟଙ୍କ ମଧ୍ୟରୁ ୨୨୫ ଜଣଙ୍କ ଅପରାଧ ରେକର୍ଡ, ଆର୍ଥିକ ସ୍ଥିତି ଏବଂ ଅନ୍ୟାନ୍ୟ ପୃଷ୍ଠଭୂମିକୁ ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ଓ୍ୱାଚ୍ (ଏନ୍‌ଇଡବ୍ଲ୍ୟୁ) ବିଶ୍ଲେଷଣ କରିଛନ୍ତି। ଆନ୍ଧ୍ରପ୍ରଦେଶର ୧୧ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୫ ଜଣ (୪୫%) ଏବଂ ତେଲଙ୍ଗାନାର ୭ ଏମ୍‌ପିଙ୍କ ମଧ୍ୟରୁ ୩ (୪୩%)ଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ବୋଲି ସେମାନେ ଘୋଷଣା କରିଛନ୍ତି। ସେହିପରି ମହାରାଷ୍ଟ୍ରର ୧୯ ଏମ୍‌ପିଙ୍କ ମଧ୍ୟରୁ ୩ (୧୬%), ଦିଲ୍ଲୀର ୩ ଏମ୍‌ପିଙ୍କ ମଧ୍ୟରୁ ଜଣେ (୩୩%), ପଞ୍ଜାବର ୭ ଏମ୍‌ପିଙ୍କ ମଧ୍ୟରୁ ୨ଜଣ (୨୯%), ହରିୟାଣାର ୫ ଏମ୍‌ପିଙ୍କ ମଧ୍ୟରୁ ଜଣେ (୨୦%) ଏବଂ ମଧ୍ୟପ୍ରଦେଶର ୧୧ ଏମ୍‌ପିଙ୍କ ମଧ୍ୟରୁ ୨ ଜଣ (୧୮%) ବିଲିଅନେୟାର। ତେଲଙ୍ଗାନାର ୭ ରାଜ୍ୟ ସଭା ସଦସ୍ୟଙ୍କ ମୋଟ ସମ୍ପତ୍ତି ୫,୫୯୬ କୋଟି ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ୧୧ ଏମ୍‌ପିଙ୍କ ମୋଟ ସମ୍ପତ୍ତି ୩,୮୨୩ କୋଟି ଏବଂ ଉତ୍ତରପ୍ରଦେଶର ୩୦ ଏମ୍‌ପିଙ୍କ ସମ୍ପତ୍ତି ୧,୯୪୧ କୋଟି ଟଙ୍କା ବୋଲି ଜଣାପଡ଼ିଛି।

### ଏଡିଆର୍ ରିପୋର୍ଟ

### ୭୫ ଜଣଙ୍କ ନାଁରେ ରହିଛି ଅପରାଧ ମାମଲା

୨୨୫ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୭୫ ଜଣ (୩୩%) ସେମାନଙ୍କ ବିରୋଧରେ ଥିବା ଅପରାଧ ମାମଲା ସମ୍ପର୍କରେ ଘୋଷଣା କରିଛନ୍ତି। ୪୧ ଏମ୍‌ପି (୧୮%)ଙ୍କ ବିରୋଧରେ ଗୁରୁତର ଅପରାଧ ଥିବାବେଳେ ୨ ଜଣଙ୍କ ବିରୋଧରେ ହତ୍ୟା ମାମଲା ରହିଛି। ୪ ଏମ୍‌ପିଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ଥିବାବେଳେ ସେମାନଙ୍କ ମଧ୍ୟରୁ କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳଙ୍କ ବିରୋଧରେ ବଳାତ୍କାର ମାମଲା ଥିବା ସେ ଘୋଷଣା କରିଛନ୍ତି। ଭାଜପାର ୮୫ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୨୩ (୨୭%), କଂଗ୍ରେସର ୩୦ ଏମ୍‌ପିଙ୍କ ମଧ୍ୟରୁ ୧୨ (୩୦%), ଏଆଇଟିସିର ୧୩ ଏମ୍‌ପିଙ୍କ ମଧ୍ୟରୁ ୪ (୩୧%), ଆର୍‌ଜେଡିର ୬ ଏମ୍‌ପିଙ୍କ ମଧ୍ୟରୁ ୫ (୮୩%), ସିପିଆଇ(ଏମ୍)ର ୫ ଏମ୍‌ପିଙ୍କ ମଧ୍ୟରୁ ୪ (୮୦%), ଏଏପିର ୧୦ ଏମ୍‌ପିଙ୍କ ମଧ୍ୟରୁ ୩ (୩୦%), ଓ୍ୱାଇଏସ୍‌ଆର୍‌ସିପିର ୯ ଏମ୍‌ପିଙ୍କ ମଧ୍ୟରୁ ୩ (୩୩%) ଏବଂ ଏନ୍‌ସିପିର ୩ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୨ (୬୭%)ଙ୍କ ନାଁରେ ଆପରାଧିକ ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୯/୨୦୨୩ | Bhubaneswar, Saturday, August 19/2023 | ପୃଷ୍ଠା-୧




**‘ଓଏମ୍‌ଜି ୨’ ପାଇଁ ଅକ୍ଷୟ୍ ନେଇଛନ୍ତି ୩୫ କୋଟି**

ଅଭିନେତା ଅକ୍ଷୟ କୁମାରଙ୍କ ‘ଓ ମାଇଁ ଗଡ ୨’ ଫିଲ୍ମ ରିଲିଜ ହୋଇଛି। ଏଥିପାଇଁ ସେ ୩୫ କୋଟି ଟଙ୍କା ନେଇଛନ୍ତି।

୧୦

୧୪

**କିଶୋର ଜେନାଙ୍କୁ ମିଳିଲା ହଙ୍ଗେରୀ ଭିଜା**

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଜାଭେଲିନ ତାରକା ଓଡ଼ିଶାର କିଶୋର ଜେନାଙ୍କୁ ହଙ୍ଗେରୀ ଭିଜା ମିଳିଛି।



# ଅତ୍ୟଧିକ ସୁଧ ନେଇପାରିବେନି ବ୍ୟାଙ୍କ

ନୂଆଦିଲ୍ଲୀ,୧୮।୮(ପି.ଟି.)

ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ(ଏନ୍‌ବିଏଫ୍‌ସି)ଗୁଡ଼ିକ ରାଜସ୍ୱ ବୃଦ୍ଧି ନିମନ୍ତେ ସୁଧହାର ବଢ଼ାଇ ଚାଲିଥିବାରୁ ଏହାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଚିନ୍ତାବ୍ୟକ୍ତ କରିଛି। ଏଥିସହ ଋଣଦାତାମାନଙ୍କ ପାଇଁ ନିୟମରେ ପରିବର୍ତ୍ତନ ଆଣିଛି। ଋଣରେ ଖିଲାପ ହେଲେ ସେମାନେ କେବଳ ‘ଉପଯୁକ୍ତ’ ପେନାଲ ଚାର୍ଜ ଲଗାଇପାରିବେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି।

ଆର୍‌ବିଆଇ ପକ୍ଷରୁ ଗୁରୁବାର ଜାରି ‘ଫେୟାର ଲେଣ୍ଡିଂ ପ୍ରାକ୍ଟିସ୍-ପେନାଲ ଚାର୍ଜେସ୍ ଇନ୍ ଲୋନ୍ ଆକାଉଣ୍ଟ୍ସ’ ସମ୍ପର୍କିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ୨୦୨୪ ଜାନୁୟାରୀ ୧ ପରଠୁ ବ୍ୟାଙ୍କ ଓ ଅନ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ପେନାଲ ଇଣ୍ଟ୍ରେଷ୍ଟ (ଦଣ୍ଡନୀୟ ସୁଧ) ବସାଇବାକୁ ଅନୁମତି ଦିଆଯିବ ନାହିଁ। ଗ୍ରହୀତା ଋଣ ନେବାବେଳେ ନିର୍ଦ୍ଧାରିତ ସର୍ତ୍ତର

**ଆର୍‌ବିଆଇ ଜାରିକଲା ନୂଆ ଗାଇଡ୍‌ଲାଇନ**

■ **୨୦୨୪ ଜାନୁୟାରୀରୁ ଲାଗୁହେବ ନିୟମ**




ଅନୁପାଳନ ପରବର୍ତ୍ତୀ ସମୟରେ କରି ନ ପାରିଲେ ତାଙ୍କଠାରୁ ନିଆଯାଉଥିବା ଅତ୍ୟଧିକ ସୁଧକୁ ପେନାଲ ଇଣ୍ଟ୍ରେଷ୍ଟ ପରିବର୍ତ୍ତେ ପେନାଲ ଚାର୍ଜ କୁହାଯିବ। ପେନାଲ ଚାର୍ଜର ପରିମାଣ ଯୁକ୍ତିଯୁକ୍ତ ହେବା ଆବଶ୍ୟକ। ପେନାଲ ଚାର୍ଜର କ୍ୟାପିଟାଲାଇଜେଶନ୍ ରହିବା ଅନୁଚିତ। ଏଭଳି ଚାର୍ଜ ଉପରେ ଚକ୍ରବୃଦ୍ଧି ସୁଧ କଷାଯାଇପାରିବ ନାହିଁ। ତେବେ ଏହି ନିର୍ଦ୍ଦେଶନାମା କ୍ରେଡିଟ୍ କାର୍ଡ, ବାହ୍ୟ ବ୍ୟବସାୟିକ ଋଣ, ବାଣିଜ୍ୟକ ଋଣ ଆଦି କ୍ଷେତ୍ରରେ ଲାଗୁ ହେବ ନାହିଁ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି।

କେନ୍ଦ୍ରୀୟ ବ୍ୟାଙ୍କ ଆହୁରି କହିଛି ଯେ, ଆର୍‌ବିଆଇ ଅଧୀନରେ ପରିଚାଳିତ ଅନେକ ସଂସ୍ଥା ଖିଲାପକାରୀଙ୍କଠାରୁ ଦଣ୍ଡନୀୟ ସୁଧହାରରେ ଅର୍ଥ ଆଦାୟ କରୁଛନ୍ତି, ଯାହାକି ପ୍ରଯୁଜ୍ୟ ନିୟମଠାରୁ ବହୁ ଅଧିକ। ପେନାଲ ଇଣ୍ଟ୍ରେଷ୍ଟ/ଚାର୍ଜ ବସାଇବା ପଛର ଉଦ୍ଦେଶ୍ୟ ହେଉଛି କ୍ରେଡିଟ୍ ଡିସିପ୍ଲିନ ବଜାୟ ରଖିବା। ଏହାକୁ ରାଜସ୍ୱ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଇପାରିବ ନାହିଁ।

# ଚନ୍ଦ୍ରର ପ୍ରଥମ ଫଟୋ ପଠାଇଲା ‘ବିକ୍ରମ’




ବେଙ୍ଗାଲୁରୁ,୧୮।୮

ଚନ୍ଦ୍ରୟାନ-୩ର ପ୍ରପଲଶନ ମଡ୍ୟୁଲ୍‌ରୁ ଲ୍ୟାଣ୍ଡିଂ ମଡ୍ୟୁଲ୍ (ଲ୍ୟାଣ୍ଡର ବିକ୍ରମ ଏବଂ ରୋଭର ପ୍ରଜ୍ଞାନ) ଅଲଗା ହେବାର ଦିନକ ପରେ ଶୁକ୍ରବାର ଅପରାହ୍ଣ ୪ଟାରେ ପ୍ରଥମ ଡିବୁଷ୍ଟ ମାନୋଭର ସମ୍ପନ୍ନ କରିଛି। ଫଳରେ ଏହା ଚନ୍ଦ୍ରର ଅଧିକ ନିକଟତର ହୋଇଛି। ଏବେ ଚନ୍ଦ୍ରଠାରୁ ଲ୍ୟାଣ୍ଡର ମଡ୍ୟୁଲର ଘୂର୍ଣ୍ଣନ ପଥର ସର୍ବନିମ୍ନ ଦୂରତା ୧୧୩ କିଲୋମିଟର ହୋଇଥିବାବେଳେ ସର୍ବାଧିକ ଦୂରତା ୧୫୭ କିଲୋମିଟର ରହିଛି। ଦ୍ୱିତୀୟ ଡିବୁଷ୍ଟିଂ ମାନୋଭର ୨୦ ତାରିଖ ☞ପୃଷ୍ଠା-୯

# ପିଛାକରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୧୮।୮ (ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱର ଅସୁରକ୍ଷିତ ହୋଇପଡ଼ିଲାଣି। କମିଶନରେଟ୍ ପୋଲିସ ପକ୍ଷରୁ ସେଫ୍ ସିଟି ଡ୍ରାଇଭ ଜରିଆରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଥିଲେ ମଧ ଅପରାଧୀମାନେ ଏହାକୁ ଭୟ କରୁନାହାନ୍ତି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀ ଅଞ୍ଚଳରେ

■ **ସେଫ୍ ସିଟି ଡ୍ରାଇଭ ଉପରେ ଉଠିଲା ପ୍ରଶ୍ନ**

■ **ପେଟ୍ରୋଲ ଟାଙ୍କିରେ ହୋଇଥିଲା ବଚସା**

ଶୁକ୍ରବାର ରାତି ପ୍ରାୟ ୧୦ଟା ୨୦ରେ ଚର୍ଟାର୍ଡ ଆକାଉଣ୍ଟାଣ୍ଟ କାଳୀଚରଣ ସାହୁ (୨୮)ଙ୍କୁ ୩ ଦୁର୍ବୃତ୍ତ ଚାପଡ଼ରେ ହାଣି ପକାଇଛନ୍ତି। ଆହତ କାଳୀଚରଣଙ୍କୁ ସ୍ଥାନୀୟ ଲୋକେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏ ସଂକ୍ରାନ୍ତରେ କାଳୀଚରଣଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଏତଲା ଦିଆଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ଅଭିଯୁକ୍ତଙ୍କୁ ଖୋଜାଖୋଜି କରୁଛି। ସୂଚନା ଅନୁଯାୟୀ, କାଳୀଚରଣଙ୍କ ଘର ☞ପୃଷ୍ଠା-୯




**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ବିରୋଧୀ ନେତାଙ୍କୁ ଟାର୍ଗେଟ କରି ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି ତଦନ୍ତକାରୀ ସଂସ୍ଥାକୁ ବ୍ୟବହାର କରୁଥିବାବେଳେ ଭାରତୀୟଙ୍କଠାରୁ ୧,୪୦୦ କୋଟି ଟଙ୍କା ଲୁଟି ଦେଶ ଛାଡ଼ି ଚାଲିଯାଉଥିବା ଚାଇନା ଠକଙ୍କ ବିରୋଧରେ ତଦନ୍ତ ହେଉନାହିଁ **-ପୱନ ଖେରା, କଂଗ୍ରେସ ମୁଖପାତ୍ର**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଭାଜିଲି ଝାଇଁ**
**ବାଟଘର କଲି ତୋହରି ପାଇଁ**
**ଦିନେ ପଚାରିଲୁ ନାହିଁ।**

ନିକଟବର୍ତ୍ତୀ ସ୍ଥାନରେ ସମ୍ପର୍କ ସ୍ଥାପନର ବିପରୀତ ପ୍ରତିକ୍ରିୟା। ବାଟଘର ଦେଇ ସାଇର ଓ ବାହାର ଲୋକ ଯିବା ଆସିବା କରନ୍ତି। ମନର ମାନସୀ କାଳେ ଆସିବ ତାକୁ ଟିକିଏ ଦେଖିବା ଲାଗି ବାଟଘର କଲା, ତଥାପି ଆଶା ନିରାଶାରେ ରହିଗଲା। ଫଳସ୍ୱରୂପ ମନରେ ଖେଦଭାବ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ କହିବା ଚୋରି କର**
**ପାହାରୀକୁ କହିବା ଜଗିଥା।**

ଏ ପଟେ କ୍ଷତି କରିବାକୁ କହି ସେପଟେ ସାବଧାନ ରହିବାକୁ ପ୍ରବର୍ତ୍ତାଇବା ଭଳି ଚୋରକୁ ଚୋରି କରିବାକୁ କହି ତାକୁ ଧରିବା ନେଇ ଅନ୍ୟକୁ ସତର୍କ କରାଇବା। କିଛି ବ୍ୟକ୍ତି ଏ ପାଖରେ କ୍ଷତି କରି ସେପାଖରେ ସମାଧାନ ବା ତା'ର ପ୍ରତିକାର ବ୍ୟବସ୍ଥା କରୁଥିବାର ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତି ଅତ୍ୟନ୍ତ ମାରାତ୍ମକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଦୁର୍ଦ୍ଦାନ୍ତ ମାଓବାଦୀ ରାଜା ରେଡ୍ଡିଙ୍କ ମୃତ୍ୟୁ

ମାଲକାନଗିରି,୧୮।୮(ନୃସିଂହ ଚରଣ ମହାନ୍ତି)-ସୀମାନ୍ତ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରେ ଭୟ ସୃଷ୍ଟି କରିଥିବା ଦୁର୍ଦ୍ଦାନ୍ତ ମାଓବାଦୀ ରାଜା ରେଡ୍ଡିଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ଛତିଶଗଡ଼ର ବସ୍ତର ଜଙ୍ଗଲରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରାପ୍ତ ଏକ ଭିଡିଓରୁ ରାଜାଙ୍କ ପରି ଦେଖାଯାଉଥିବା ଜଣେ ମାଓବାଦୀଙ୍କ ନିକଟରେ ସାଥୀ ମାଓବାଦୀମାନେ ବସି କାନ୍ଦୁଥିବା ଦେଖିବାକୁ ମିଳିଛି। ବୟସାଧିକ ହେତୁ ସେ କିଛିଦିନ ଧରି ରୋଗରେ ପୀଡିତ ଥିଲେ। ତାଙ୍କ ନାମରେ ଛତିଶଗଡ଼ର ବିଭିନ୍ନ ଥାନାରେ ବହୁ ମାମଲା ରହିଛି। ପୋଲିସ, ପ୍ରଶାସନ ଓ ସାଧାରଣ ଲୋକଙ୍କ ବହୁ କ୍ଷତି ଘଟାଇଥିବା ରାଜାଙ୍କ ପାଇଁ ଛତିଶଗଡ଼ ସରକାର ୧ କୋଟି ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବସ୍ତର ପୋଲିସ ପ୍ରଶାସନ ସତ୍ୟତା ପରଖିବାକୁ ସର୍ଚ୍ଚ ଅପରେଶନ ସହ ତଦନ୍ତ ଆରମ୍ଭ କରିଛି।

# ୪ ଶିକ୍ଷୟିତ୍ରୀ ଶିକ୍ଷକ ଚାକିରିରୁ ବହିଷ୍କୃତ

**ବଲାଙ୍ଗୀର, ୧୮।୮(ବୀରେନ୍ଦ୍ର କୁମାର ଝାଙ୍କର)**

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ବଲାଙ୍ଗୀର ଶିକ୍ଷା ବିଭାଗ ପକ୍ଷରୁ ଉପରୋକ୍ତ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁକ୍ରବାର ଚାକିରିରୁ ବହିଷ୍କୃତ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ସୂଚନା ଦେଇଛନ୍ତି। ଚାକିରିରୁ ବହିଷ୍କୃତ ହୋଇଥିବା ୪ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ହେଲେ ପୁଇଁତଳା ବ୍ଲକ ରଣ୍ଡା ହାଇସ୍କୁଲ ହିନ୍ଦୀ ଶିକ୍ଷୟିତ୍ରୀ ମିନ୍ମୟୀ ପଣ୍ଡା, ସଇଁତଳା ବ୍ଲକ ଗଣ୍ଡପତ୍ରାପାଲି ହାଇସ୍କୁଲ ଟିଜିଟି(କଳା) ଶିକ୍ଷକ ସଞ୍ଜିତ ପାଣି ମହାନନ୍ଦ, ବେଲପଡା ବ୍ଲକ ସୁଲେକେଲାସ୍ଥିତ ଧରମ୍‌ସିଂ ହାଇସ୍କୁଲ ଟିଜିଟି (ବିସିଏମ୍) ଶିକ୍ଷକ ବିରଞ୍ଚି ପ୍ରସାଦ ନାଏକ ଓ ବଙ୍ଗୋମୁଣ୍ଡା ବାଳିକା ହାଇସ୍କୁଲ ଟିଜିଟି (କଳା) ଶିକ୍ଷୟିତ୍ରୀ ଆଲ୍‌ମା ଟପୋ। ଉପରୋକ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣାପଡିବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ ପାଇବା ପରେ ଗତ ୧୦ ତାରିଖ ଟାଉନ୍ ପୋଲିସ ଏକ ମାମଲା ରୁଜୁ କରି ପ୍ରଥମେ ପୁଇଁତଳା ବ୍ଲକ ରଣ୍ଡା ହାଇସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଯାଇଥିଲା। ଅଭିଯୁକ୍ତ ହିନ୍ଦୀ ଶିକ୍ଷୟିତ୍ରୀ ପଣ୍ଡା ଜାଲ ସାର୍ଟିଫିକେଟ ଦେଇ ୨୦୧୩ ମସିହାରୁ ଚାକିରି କରୁଥିଲେ ଏବଂ ୨୦୧୯ ମସିହାରେ ସେ ରେଗୁଲାର ଶିକ୍ଷକ ବିବେଚିତ ହୋଇ ଦରମା ଉଠାଉଥିଲେ। ଏହା ସହିତ ସଇଁତଳା ବ୍ଲକ ଗଣ୍ଡପତ୍ରାପାଲି ହାଇସ୍କୁଲ


ମିନ୍ମୟୀ ପଣ୍ଡା


ସଞ୍ଜିତ ପାଣି ମହାନନ୍ଦ


ବିରଞ୍ଚି ପ୍ରସାଦ ନାଏକ


ଆଲ୍‌ମା ଟପୋ

**ମହଙ୍ଗା ପଡ଼ିଲା ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା**

- ୪ ଜଣଙ୍କ ବିରୋଧରେ ପୂର୍ବରୁ ହୋଇଥିଲା ଥାନାରେ ଅଭିଯୋଗ
- ଜଣେ ହିନ୍ଦୀ ଶିକ୍ଷୟିତ୍ରୀ ଗିରଫ ହୋଇ ଜେଲ ଯାଇଥିଲେ
- ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କ ସାର୍ଟିଫିକେଟ ଭେରିଫିକେଶନ ପାଇଁ ପଠାଯାଇଛି

ଟିଜିଟି (କଳା) ଶିକ୍ଷକ ସଞ୍ଜିତ ପାଣି ମହାନନ୍ଦ ଜାଲ୍ ସାର୍ଟିଫିକେଟ ଦେଇ ୨୦୧୬ ମସିହାରୁ ଚାକିରି କରୁଥିଲେ। ବେଲପଡା ବ୍ଲକ ସୁଲେକେଲାସ୍ଥିତ ଧରମ୍‌ସିଂ ହାଇସ୍କୁଲର ଟିଜିଟି (ବିସିଏମ୍) ଶିକ୍ଷକ ବିରଞ୍ଚି ପ୍ରସାଦ ନାଏକ ଓ ବଙ୍ଗୋମୁଣ୍ଡା ବାଳିକା ହାଇସ୍କୁଲ ଟିଜିଟି (କଳା) ଶିକ୍ଷୟିତ୍ରୀ ଆଲ୍‌ମା ଟପୋ ଜାଲ ସାର୍ଟିଫିକେଟ ଦେଇ ୨୦୨୨ ମସିହାରୁ ଚାକିରି କରୁଥିଲେ। ଗତ ମାର୍ଚ୍ଚରେ ବଲାଙ୍ଗୀର ଡାକ ମଣ୍ଡଳର କିଛି ପଦବୀରେ ନିଯୁକ୍ତି ବେଳେ ସାର୍ଟିଫିକେଟ ଭେରିଫିକେଶନ ସମୟରେ ଜାଲ ସାର୍ଟିଫିକେଟ ର୍ୟାକେଟର ରହସ୍ୟ ଉନ୍ମୋଚନ ହୋଇଥିଲା। ବଲାଙ୍ଗୀର ପୋଲିସ ପ୍ରାରମ୍ଭିକ ଭାବେ ୧୯ ଜଣଙ୍କୁ ଗିରଫ କରିଥିବାବେଳେ ରିଲାଏନ୍ସ କୋଚିଂ ସେଣ୍ଟରରୁ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, କଲେଜ ଏବଂ ବୋର୍ଡକୁ ଜାଲ ସାର୍ଟିଫିକେଟ ର୍ୟାକେଟ ଲମ୍ବିଥିବା ଜଣାପଡିଥିଲା। ପରେ ଏହି ଜାଲ୍ ସାର୍ଟିଫିକେଟ କାରବାରର ତଦନ୍ତ କରିବାକୁ କ୍ରାଇମ୍‌ବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। ବଲାଙ୍ଗୀର ଶିକ୍ଷା ବିଭାଗରେ ମଧ ବହୁ ବ୍ୟକ୍ତି ରାଜ୍ୟ ବାହାରର ଶିକ୍ଷାନୁଷ୍ଠାନଗୁଡିକର ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷକ ଚାକିରି କରୁଥିବା ଅଭିଯୋଗ ହେବା ପରେ ବଲାଙ୍ଗୀର ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଭେରିଫିକେଶନ ପାଇଁ ପଠାଯାଇଥିଲା। ଏହି କ୍ରମରେ ଏବେ ୪ ଜଣ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣାପଡିଥିଲା। ଏହା ଜଣାପଡିବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପ୍ରଥମେ ୪ ଜଣ ଅଭିଯୁକ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବିରୋଧରେ ଥାନାରେ ମାମଲା ଦାଏର କରାଯିବା ପରେ ସେମାନଙ୍କୁ ୭ ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ପୂର୍ବରୁ ଅଭିଯୁକ୍ତ ଶିକ୍ଷୟିତ୍ରୀ ପଣ୍ଡାଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଫେରାର ଥିବା ଜଣାପଡିଛି।


କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବର୍ଦ୍ଧନା ଜଙ୍ଗଲ ନିକଟରେ ଥିବା ଏକ ବନ୍ଧରେ ଜଳକ୍ରୀଡ଼ା କରୁଛନ୍ତି ହାତୀପଲ । (ଫଟୋ- ନରେଶ ପଟ୍ଟନାୟକ)

## ୫-ଟି ସଚିବଙ୍କ ପୁରୀ ଜିଲା ଗସ୍ତ | 'ଧର୍ମାନୁଷ୍ଠାନ, ପାନୀୟଜଳ ସମସ୍ୟାର ସମାଧାନ କରାଯିବ'

- ପାଠପଢ଼ା ସହ ମା', ବାପାଙ୍କୁ ସମ୍ମାନ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ
- ଜିଲାର ସମସ୍ତ ମହାବିଦ୍ୟାଳୟ ୫-ଟିରେ ରୂପାନ୍ତରଣ ହେବ

**ପୁରୀ,(ଅଜିତ ମହାନ୍ତି)/ପିପିଲି,(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)/ବ୍ରହ୍ମଗିରି,(ସ୍ୱାଧୀନ ଚମ୍ପତିରାୟ)/ କୃଷ୍ଣପ୍ରସାଦ (କୈଳାସ ଚନ୍ଦ୍ର ପଟ୍ଟନାୟକ),୧୮।୮**

୫-ଟି ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର ପୁରୀ ଜିଲା ଗସ୍ତରେ ଆସି ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ମିଶନ ଶକ୍ତିର ମହିଳାମାନଙ୍କ ସହିତ ଆଲୋଚନା କରିଛନ୍ତି। ଅପରାହ୍ଣରେ ପୁରୀ ତାଳବଣିଆ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ୫-ଟି ସଚିବ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଆଗାମୀ ଦିନରେ ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟକୁ ୫-ଟିରେ ରୂପାନ୍ତରଣ କରାଯିବ। ପୁରୀ ଜିଲାର ସମସ୍ତ ମହାବିଦ୍ୟାଳୟକୁ ୫-ଟିରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ପାଠପଢା ପାଇଁ ଯାହାସବୁ ସୁବିଧା ଆବଶ୍ୟକ ତାହା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କରାଯାଉଛି। ତେଣୁ ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବାଉଚିତ। ସେହିପରି ବ୍ୟାୟାମ ଓ ଧ୍ୟାନ କରିବା ଆବଶ୍ୟକ। ଜୀବନରେ ସଫଳତା ପାଇଁ କଠୋର ପରିଶ୍ରମ ସହ ନିଜର ଲକ୍ଷ୍ୟ ସ୍ଥିର କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସଫଳତା ପାଇଁ ୫-ଟି ସୂତ୍ର ପାଳନ କରିବାକୁ ସେ କହିଥିଲେ। ଏହି ଅବସରରେ ପାଣ୍ଡିଆନ ତାଙ୍କ ଛାତ୍ର ଜୀବନରେ କିପରି ସଂଘର୍ଷ କରି ଆଗକୁ ବଢିଛନ୍ତି ସେନେଇ ସ୍ମୃତି ବାଣ୍ଟିଥିଲେ। ମା, ବାପା ଓ ଶିକ୍ଷକ ହେଉଛନ୍ତି ଭଗବାନ ସଦୃଶ। ତେଣୁ ସେମାନଙ୍କୁ ସମ୍ମାନ ଦେବା ପାଇଁ ୫-ଟି ସଚିବ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ଅନୁଭୂତି ସମ୍ପର୍କରେ ସେ ପଚାରି ବୁଝିଥିଲେ। ଆଗକୁ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସମସ୍ୟା ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ପରେ ୫-ଟି ସଚିବ ପୁରୀ ଭୂଦାନଛକ ନିକଟ ଖେଳପଡ଼ିଆକୁ ଯାଇଥିଲେ। ସେଠାରେ ପୁରୀ ସଦର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିବା ସହ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ପାଣ୍ଡିଆନ କହିଥିଲେ, ସମସ୍ତ ଅଭିଯୋଗର ସମାଧାନ ପାଇଁ ବ୍ୟବସ୍ଥା କରାଯାଉଛି। ଜିଲାରେ ଥିବା ଜମି ସମସ୍ୟାର ସମାଧାନ ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଉଛନ୍ତି। ୭ଦିନ ମଧ୍ୟରେ କମ୍ୟୁନିଟି ହଲ, ଧର୍ମାନୁଷ୍ଠାନକୁ ନେଇ ରହିଥିବା ସମସ୍ୟାର ସମାଧାନ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଖୁସି ଖବର ଦେବାକୁ ଯାଉଛନ୍ତି। ପୁରୀରେ ଚାଲିଥିବା ପରିକ୍ରମା ମାର୍ଗ, ସ୍ୱର୍ଗଦ୍ୱାର ଉନ୍ନତୀକରଣ, ଶ୍ରୀଜଗନ୍ନାଥ ଷ୍ଟାଡିୟମ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଯେଉଁଠାରେ ପାଣି ସମସ୍ୟା ରହିଛି ତୁରନ୍ତ ଆଲୋଚନା କରି ନିର୍ବାହୀ ଅଧିକାରୀ ସମାଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

୫-ଟି ସଚିବ ପାଣ୍ଡିଆନ ପ୍ରଥମେ ପିପିଲି, ପରେ କୃଷ୍ଣପ୍ରସାଦ ଏବଂ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପିପିଲିରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଲୋକଙ୍କ ପାଖରୁ ଅଭିଯୋଗପତ୍ର ଗ୍ରହଣ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ପିପିଲି ଓ ଡେଲାଙ୍ଗରେ ଥିବା ସମସ୍ତ ମନ୍ଦିର, ମସ୍‌ଜିଦ ଓ ଚର୍ଚ୍ଚର ଉନ୍ନତୀକରଣ ପାଇଁ ୭ଦିନ ମଧ୍ୟରେ ୭ଲକ୍ଷ ଟଙ୍କା ଦେବା ପାଇଁ ସେ ଘୋଷଣା କରିଥିଲେ। ୨ଦିନ ମଧ୍ୟରେ ପିପିଲିରେ ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ଚାନ୍ଦୁଆର ଉନ୍ନତି ପାଇଁ ୭ଦିନ ମଧ୍ୟରେ ଘୋଷଣା କରିବେ ବୋଲି କହିଥିଲେ। ଅପରପକ୍ଷେ ୫-ଟି ସଚିବଙ୍କ ଗସ୍ତକୁ ପିପିଲି କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ପରେ ୫-ଟି ସଚିବ ବ୍ରହ୍ମଗିରି ଗସ୍ତରେ ଆସି କେରାଣ୍ଡିଆସ୍ଥିତ ହେଲିପ୍ୟାଡ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜନତାଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ମେଗା ପ୍ରକଳ୍ପରେ ପାନୀୟଜଳ ୨୦୨୪ ସୁଦ୍ଧା ବ୍ରହ୍ମଗିରିବାସୀ ପାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ସଭାରେ ଭିଡ଼ ଥିବାବେଳେ ଦେକୁଦି ଗ୍ରାମର ଅନୁରାଧା ସାମନ୍ତରାୟ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ନିକଟସ୍ଥ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ପାଣ୍ଡିଆନ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରିବା ସହିତ କମଳେଶ୍ୱର ଦେବଙ୍କ ପୀଠ ପରିଦର୍ଶନ କରିଥିଲେ। ପରେ ୩୫ ମୌଜା ପଣାଯାତ୍ରା ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସନ୍ତା ଡିସେମ୍ବର ସୁଦ୍ଧା ଘରେ ଘରେ ପାନୀୟଜଳ ପହଞ୍ଚିବ ବୋଲି ସେ କହିଥିଲେ। ଜହ୍ନିକୁଦା-ସାତପଡ଼ା ଚିଲିକାରେ ବିପଜ୍ଜନକ ଯାତ୍ରାରୁ ମୁକ୍ତି ପାଇଁ ଏକ ସ୍ଥାୟୀ ବ୍ରିଜ୍ ନିର୍ମାଣ ଲାଗି ଜନସାଧାରଣ ଅଭିଯୋଗ କରିଥିଲେ। ବ୍ରିଜ୍ ନିର୍ମାଣ ପାଇଁ ପରିବେଶ ବିଭାଗର ଅନୁମତି ଆବଶ୍ୟକ। ଏହି ଅନୁମତି ମିଳିଲେ ନିଶ୍ଚିତ ବ୍ରିଜ୍ ନିର୍ମାଣ କରାଯିବ ବୋଲି ପାଣ୍ଡିଆନ ପ୍ରକାଶ କରିଛନ୍ତି।






ପୁରୀ ତାଳବଣିଆ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମକ୍ଷେତ୍ର ପ୍ରତି ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, କାରଣ ଏହି ଦିଗପ୍ରତି ଧ୍ୟାନ ଦେଲେ ନିଜ ଲୋକଙ୍କୁ ସନ୍ଦେହ କରିବେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଅସମ୍ଭବ ଭାବରେ ଅସ୍ଥିର କରିପାରେ।

**ବୃଷ** ଆଜି ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ଆଦି କ୍ଷେତ୍ରରେ ସମସ୍ୟା ଆସିପାରେ। ଆଗାମୀ ଦିନ ଲାଗି ନୂତନ କାମର ପରିକଳ୍ପନା କରିପାରନ୍ତି। ଘରକୁ ବହୁତ ଦିନରୁ ଇଚ୍ଛା କରି ମଧ ଆଣି ପାରି ନଥିବା ଜିନିଷଟି ଆଜି ଆଣି ପରିବାରର ପ୍ରୀତିଭାଜନ ହେବେ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରି ପାରନ୍ତି ଏବଂ ପରିବହନରେ ସ୍ଥିତି ମାନ୍ଦା ହେବନାହିଁ ।

**ମିଥୁନ** ବନ୍ଧୁଙ୍କ କାମକୁ ଅଗ୍ରାଧିକାର ଭିତିରେ କରିବାକୁ ଅନୁକୂଳ ବାତାବରଣ ସୃଷ୍ଟି କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ କିଛିଟା ସମସ୍ୟା ଭିତର ଦେଇ ଯିବାକୁ ପଡ଼ିବ। ବାଣିଜ୍ୟ, ବ୍ୟବସାୟରେ ବ୍ୟସ୍ତ ରହିବେ ମାତ୍ର ସୁଫଳଲାଭରୁ ଖୁସି ହେବେ। ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ।

**କର୍କଟ** କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଙ୍ଗ୍ ପ୍ରଭୃତିରେ ବ୍ୟସ୍ତ ରହିପାରନ୍ତି। ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ମାନସିକ ଅସନ୍ତୋଷର କାରଣ ପାଲଟିଯିବ। କୌଣସି ପ୍ରତିବନ୍ଧକ ଜନିତ ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହୋଇପାରେ। ପର ଉପରେ ନିର୍ଭର କରିବା ଦ୍ୱାରା ପୂର୍ଣ୍ଣମାତ୍ରାରେ କାମ ମଧ ହାସଲ ହୋଇପାରିବ ନାହିଁ।

**ସିଂହ** ପ୍ରତ୍ୟେକ ଅସଜଡା ପରିସ୍ଥିତି ସ୍ଥିତିକୁ ସଜାଡି ନେବାର ଉପକ୍ରମ କରିବେ। ଆପଣଙ୍କ ଧୈର୍ଯ୍ୟ, ଯୁକ୍ତିଯୁକ୍ତ କଥା ପରିସ୍ଥିତିକୁ ସମ୍ଭାଳିବାରେ ସାହାଯ୍ୟ କରିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସାଙ୍ଗ ସାଥୀ ମାନେହିଁ ଆପଣଙ୍କ ପାଇଁ ପରୋକ୍ଷ କ୍ଷତି ସାଧନରେ ଲିପ୍ତ ରହିପାରନ୍ତି।

**କନ୍ୟା** ଅପ୍ରାପ୍ତ ବସ୍ତୁକୁ ପାଇବା ଆଶାରେ ଚିନ୍ତାଧାରା ଅଶାନ୍ତି ବାତାବରଣ ସୃଷ୍ଟିକରିବ। ବୁଦ୍ଧି ବଳରେ ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ସନ୍ତାନଙ୍କ କ୍ଷେତ୍ରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ଭାବୁଥିବା କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସାମନା କରିବାକୁ ପଡ଼ିପାରେ।

**ତୁଳା** ନୀଚ ଜନ ସହ କଳହ ହେତୁ ମାନସିକ ଭାରସାମ୍ୟ ରହି ନ ପାରେ। ଘର ଲୋକଙ୍କ ବ୍ୟସ୍ତ ଓ ବିବ୍ରତକୁ ଲକ୍ଷ୍ୟ କରି ମଧ ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡକୁ ଅଙ୍ଗୁଳି ଦେଖାଇବ। ତର୍କ ବିତର୍କ କାରଣରୁ ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିବ।

**ବିଛା** ଆଜି ଆଶା କରି ନ ଥିବା ଦିଗରୁ ସହାୟତା ମିଳିବ। ଉନ୍ନତି ଦେଖି ପଡ଼ୋଶୀ ଦୁର୍ଗୁଣ ଗାଇବୁଲିବେ। ବନ୍ଧୁଙ୍କ ଅନୁରୋଧ ରକ୍ଷା କରି କୌଣସି ଦୂର ସ୍ଥାନକୁ ଯାଇପାରନ୍ତି। ବ୍ୟବସାୟ, ପରିବହନ, କ୍ରୀଡ଼ା, ସାହିତ୍ୟାଦିରେ ସଫଳତା ପାଇବେ। କୌଣସି ଆନୁଷ୍ଠାନିକ କାମରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ଆଗାମୀ ଦିନର ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଆଜି ଋଣ ସୂତ୍ରରେ ଅର୍ଥଲାଭ କରିବାର ସୁଯୋଗ ପାଇବେ। ଆତ୍ମୀୟମାନଙ୍କ ସହୃଦୟତାର ଝଲକ ପରିଲକ୍ଷିତ ହୋଇପାରେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିବ।

**ମକର** ଆଜି କ'ଣ କରିବେ କ'ଣ ନ କରିବେ ହଠାତ୍ କିଛି ଠିକ୍ କରି ପାରିବେ ନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବାର ଅବସର ମିଳିପାରେ। ପୂର୍ବ ବାକି ପରିଶୋଧ କରିବାରେ ଆବଶ୍ୟକ ଅର୍ଥ ସଂଗ୍ରହ ସକାଶେ ଚିନ୍ତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା କାରଣରୁ ମାନସିକ ସ୍ଥିତି ବିପନ୍ନ ହେବ।

**କୁମ୍ଭ** ଆଜି ଧୀରସ୍ଥିର ଭାବରେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବ୍ୟବସାୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହେବ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି ଫଳରେ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ** କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ସମସ୍ୟା ଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ବନ୍ଧୁଙ୍କ ଆଶ୍ରୟ ନେଇ ପାରନ୍ତି, ଯାହାକି ଆପଣଙ୍କ କାମରେ ଆସିବ। ନିକଟ ସମ୍ପର୍କୀୟମାନଙ୍କ ମନୋଭାବ ବଦଳିଯିବାର ଲକ୍ଷ୍ୟକରି ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି। ପ୍ରତିବନ୍ଧକ କାରଣରୁ ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ।

ଆଜି ଶ୍ରାବଣ ଶୁଦ୍ଧଶୁକ୍ଳପକ୍ଷ ତୃତୀୟା ଶନିବାର, ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ରାଶି ନକ୍ଷତ୍ର-ଉତ୍ତରା ଫାଲଗୁନୀ/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୧୦।୧୫ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୫ ମଧ୍ୟେ ରାହୁକାଳ ।

## ୨୫ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୮।୮(ଅନିଲ ଦାସ): ଆସନ୍ତା ୨୫ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ୨୩ ତାରିଖ ପରଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଗୁରୁବାର ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଶୁକ୍ରବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ଏହା ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଉତ୍ତର ଓଡ଼ିଶା-ଉତ୍ତର ଛତିଶଗଡ଼ ମୁହାଁ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ଧରି ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ୧୩ ଜିଲାକୁ ଅରେଞ୍ଜ ଓ ୧୭ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।




## ‘ଗଦର-୨’ରେ ଓଡ଼ିଶାର ବରୁଣ

ଦାରିଙ୍ଗବାଡ଼ି,୧୮।୮(ଅରୁଣ ସାହୁ)

ବଲିଉଡ ଚଳଚ୍ଚିତ୍ର ‘ଗଦର-୨’ରେ ଫଲି ରେକର୍ଡିଷ୍ଟ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି ଓଡ଼ିଆ ପୁଅ ତଥା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ବରୁଣ ମାଲବିଶୋଇ। ସେ ଓଡ଼ିଆ ଫିଲ୍ମ ‘ଦମନ’ ସମେତ ବହୁ ଭାଷାରେ ମଧ୍ୟ ଫଲି ରେକର୍ଡିଷ୍ଟ ଭାବେ କାର୍ଯ୍ୟକରି ଖ୍ୟାତି ଅର୍ଜନ କରିଛନ୍ତି। ସ୍ୱର୍ଗତ ଶ୍ରୀବତ୍ସ ମାଲବିଶୋଇଙ୍କ ତୃତୀୟ ପୁତ୍ର ବରୁଣ ୧୯୯୬ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ପିତାଙ୍କଠାରୁ ଦରଜି କାମ ଶିଖି ପରିବାର ପୋଷୁଥିଲେ। ୨୦୦୦ ମସିହାରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଅଧାରୁ ପାଠ ଛାଡ଼ି ଦେଇଥିଲେ। ନିଜ ପାଖରେ ରଖିଥିବା ୪୦୦ ଟଙ୍କା ଏବଂ ବନ୍ଧୁଙ୍କଠାରୁ ୫୦୦ ଟଙ୍କା କରଜ କରି ନିଜ ସ୍ୱପ୍ନକୁ ପୂରଣ କରିବାକୁ ୨୦୦୨ ଜାନୁୟାରୀ ପହିଲାରେ ମୁମ୍ବାଇ ଯାତ୍ରା କରିଥିଲେ। ପ୍ରଥମେ ସେ ନଟରାଜ ଷ୍ଟୁଡିଓରେ ପହଞ୍ଚିଥିଲେ ସୁଦ୍ଧା ତାଙ୍କୁ ସେଠାରେ କିଛି କାମଧନ୍ଦା ମିଳି ନ ଥିଲା। ସେଠାକାର ଜଣେ ରାତ୍ରି ଜଗୁଆଳି ତାଙ୍କୁ ସେଠାରେ କ୍ୟାଣ୍ଟିନ ବୟ କାର୍ଯ୍ୟରେ ନିଯୁକ୍ତି କରାଇଥିଲେ। ସେହି କାର୍ଯ୍ୟ କରିବା ମଧ୍ୟରେ ସେ ଫଲି ରେକର୍ଡ କାର୍ଯ୍ୟ ଶିଖି ପରେ ଆରାଧନା ଷ୍ଟୁଡିଓରେ କାର୍ଯ୍ୟ କରିଥିଲେ। ଦୀର୍ଘଦିନ ପରେ ସେ ନିଜେ ଷ୍ଟୁଡିଓ କରି ସଫଳତାର ଶିଡ଼ି ଚଢ଼ିବାରେ ଲାଗିଛନ୍ତି। ତାଙ୍କ ସହିତ ଫଲି ରେକର୍ଡରେ ସହକଳାକାର ଭାବେ ଶିବଶମ୍ଭୁ ଦିଗାଳ ରହିଛନ୍ତି। ଶିବଶମ୍ଭୁଙ୍କୁ ୨୦୨୧ରେ ବରୁଣ ମୁମ୍ବାଇ ନେଇଯାଇଥିଲେ। ସେଠାରେ ଏହି କାର୍ଯ୍ୟ ଶିଖିବା ପରେ ଦୁହେଁ ଏବେ ସଫଳତା ହାସଲ କରିଛନ୍ତି। ଫଲି ରେକର୍ଡ ହେଉଛି ଏଭଳି ଏକ କଳା, ଯାହାକି ନାୟକଠାରୁ ଆରମ୍ଭ କରି ଅଭିନୟ କରୁଥିବା ସମସ୍ତ କଳାକାରଙ୍କ ଚାଲିଚଳଣ, ଚଳଚ୍ଚିତ୍ରରେ ବ୍ୟବହାର କରାଯାଉଥିବା ଯନ୍ତ୍ର ବା ବସ୍ତୁର ଶବ୍ଦକୁ ଅବିକଳ କରିବା ଆଦି ଶବ୍ଦକୁ ଫଲି କଳାକାର ପରଦା ପଛରେ ରହି ଜୀବନ୍ତ କରିଥାନ୍ତି।


ବରୁଣ ମାଲବିଶୋଇ

# ପେସା ଆଇନ ଉଲ୍ଲଂଘନ କରୁଛି ମୈତ୍ରୀ କମ୍ପାନୀ

## ଗ୍ରାମସଭା ନ କରି ଗୁଣ୍ଡାରାଜ ଚଳାଇଛନ୍ତି କମ୍ପାନୀ କର୍ତ୍ତୃପକ୍ଷ: ଅଞ୍ଚଳବାସୀ

ରାୟଗଡ଼ା,୧୮।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଖଣି ଖନନକୁ ବିରୋଧ କରିବାରୁ ଅଞ୍ଚଳବାସୀଙ୍କ ଉପରେ ଜୁଲମ କରୁଛନ୍ତି ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷ। ଗ୍ରାମସଭା କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ବଦଳରେ କମ୍ପାନୀ କର୍ତ୍ତୃପକ୍ଷ ଗୁଣ୍ଡାରାଜ ଚଳାଇ ଲୋକଙ୍କୁ ଧମକଚମକ ଦେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୋଲିସ ଲଗାଇ ପୁରୁଷମାନଙ୍କୁ ଉଠାଇନେଉଛନ୍ତି। ତେଣୁ ଗାଁର ଯୁବକମାନେ ଭୟରେ ଏଣେତେଣେ ଲୁଚି ବୁଲୁଛନ୍ତି ବୋଲି ଖଣି ଅଞ୍ଚଳର ମହିଳାମାନେ କହିଛନ୍ତି। ପୋଲିସ ଗୋଡ଼ାଇବା ସମୟରେ ପଡ଼ିଯାଇ କାହାର ଅଣ୍ଟା ଭାଙ୍ଗିଯାଇଥିବାବେଳେ ଆଉ କାହାର ଗୋଡ଼ ଓ ହାତ ଭାଙ୍ଗିଯାଇଛି। ପୋଲିସ ଭୟରେ ଦୌଡ଼ିବା ସମୟରେ ଦାନାରସିଂ ମାଝିଙ୍କ ଅଣ୍ଟା ଭାଙ୍ଗିଯିବାରୁ ସେ ଏବେ ଉଷାପଡ଼ା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେପଟେ ଅନ୍ୟ ୩ ଜଣଙ୍କ ଅବସ୍ଥା ମଧ୍ୟ ଖରାପ ଥିବା କହିଛନ୍ତି ଅଞ୍ଚଳବାସୀ। ସେମାନଙ୍କ ଏହି ଦୁର୍ଦ୍ଦଶା ପାଇଁ କିଏ ଦାୟୀ ହେବ ବୋଲି ବନ୍ତେଜି, କଣ୍ଟାମାଳ, ସରାମବାଇ, ଆଲିଗୁଣା ଅଞ୍ଚଳର ମହିଳାମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ମୈତ୍ରୀ କମ୍ପାନୀ ସମ୍ପୂର୍ଣ୍ଣ ବେଆଇନ କାମ କରୁଛି ଏବଂ ପ୍ରଶାସନିକ ଅଧିକାରୀ ଏହାକୁ ସହଯୋଗ କରୁଥିବା ନାଗରିକ ସଚେତନ ଆଇନ ସହାୟତା କେନ୍ଦ୍ରର ଜିଲା ସଭାପତି ତଥା ଆଇନଜୀବୀ ରାଜୁ ମହାପାତ୍ର ଅଭିଯୋଗ କରିଛନ୍ତି। ମୈତ୍ରୀ କମ୍ପାନୀ ପେସା ଆଇନ ୧୯୯୬କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ମୈତ୍ରୀ କମ୍ପାନୀ ଆଇନଠାରୁ ଊର୍ଦ୍ଧ୍ୱରେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ରାଜନେତାମାନେ ଆଦିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବେଆଇନ କାମକୁ କାହିଁକି ସମର୍ଥନ କରୁଛନ୍ତି ବୋଲି ରାଜୁ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, କୌଣସି ପ୍ରାକୃତିକ ଉତ୍ସକୁ ବ୍ୟବହାର କରିବା ପାଇଁ ହେଲେ ପେସା (ପଞ୍ଚାୟତସ୍ ଏକ୍ସଟେନ୍ସନ୍ ଟୁ ସିଡ୍ୟୁଲ୍ଡ ଏରିଆଜ୍) ଆଇନ ୧୯୯୬ ଅନୁସାରେ ସରପଞ୍ଚଙ୍କ ମାଧ୍ୟମରେ ଗ୍ରାମସଭା, ଜନ ଶୁଣାଣି ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ ରହିଛି। ଏସବୁ ନ କରି କେଉଁ ଉଦ୍ଦେଶ୍ୟରେ ଏହିଭଳି ବେଆଇନ କାର୍ଯ୍ୟ ଚାଲିଛି ଏବଂ ଏହାକୁ ନିର୍ବାଚିତ ପ୍ରତିନିଧି କାହିଁକି ବିରୋଧ କରୁନାହାନ୍ତି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଏନେଇ ଏକ ବଡ଼ ଜନ ଆନ୍ଦୋଳନ ତେଜିବ ବୋଲି ରାଜୁ କହିଛନ୍ତି।

ଏହି ଖଣି ଖନନ ବିବାଦକୁ ନେଇ ଜଣେ ମାଇନିଂ ଅଫିସର ଓ ପ୍ରଦୂଷଣ ବିଭାଗ ଅଧିକାରୀଙ୍କୁ ଏ ବିଷୟରେ ପଚାରିବାରୁ ନାମ ଗୋପନ ରଖି ସେ କହିଛନ୍ତି, କୌଣସି ଖଣି ଅଞ୍ଚଳ ଟେଣ୍ଡର ମାଧ୍ୟମରେ ଏକ କମ୍ପାନୀ ପାଇବା ପରେ ଉକ୍ତ ଅଞ୍ଚଳରେ ସରପଞ୍ଚଙ୍କ ଦ୍ୱାରା ଗ୍ରାମସଭା ଅନୁଷ୍ଠିତ ହେବ। ପରେ ସମସ୍ତ ଗ୍ରାମର ସହମତି ଅନୁସାରେ ସରପଞ୍ଚ ଏ ନେଇ ଜିଲାସ୍ତରୀୟ ଅଧିକାରୀଙ୍କୁ ଜଣାଇବେ। ଏହାପରେ ଜିଲାପାଳ ଜନଶୁଣାଣି ପାଇଁ ତାରିଖ ନିର୍ଦ୍ଧାରଣ କରିବା ସହ ସେଥିରେ ଯୋଗଦେବା ପାଇଁ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ସୂଚନା ଦେବେ। ଉକ୍ତ ଜନଶୁଣାଣିରେ ଆଲୋଚନା ପୂର୍ବକ ଅଞ୍ଚଳବାସୀଙ୍କ ମତାମତ ଗ୍ରହଣ କରାଯାଇଥାଏ, ଯାହାର ଏକ ଡକ୍ୟୁମେଣ୍ଟ ଓ ଭିଡିଓ କପି କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ପଠାଯାଇଥାଏ। ଏହାପରେ ସେଠାରୁ ଅନୁମତି ପୂର୍ବକ ପରିବେଶ ମଞ୍ଜୁରୀ (ଇସି) ମିଳିବା ପରେ ସମ୍ପୃକ୍ତ କମ୍ପାନୀ ମାଇନିଂ ପ୍ଲାନ୍ ଓ ଇସି ଦାଖଲ କରିଥାଏ। ଏହାପରେ ପରିବେଶ ପ୍ରଦୂଷଣ ବୋର୍ଡ ଅଧିକାରୀ ଉକ୍ତ ଅଞ୍ଚଳକୁ ଗସ୍ତକରି ସେଠାକାର ପରିବେଶ ଏବଂ ଆଖପାଖରେ ସ୍କୁଲ, ମନ୍ଦିର ଓ ବାସଗୃହ ଆଦି ରହିଛି କି ନାହିଁ ଏବଂ ଏହି ଖଣି ଖନନ ଦ୍ୱାରା ଅଞ୍ଚଳରେ କିଭଳି ପ୍ରଭାବ ପଡ଼ିବ, ସେ ସଂକ୍ରାନ୍ତରେ ତଦନ୍ତକରି ଏକ ରିପୋର୍ଟ ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରିବେ। ଏହାପରେ ସମ୍ପୃକ୍ତ କମ୍ପାନୀକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟରୁ ପ୍ରଥମେ କନ୍‌ସେଣ୍ଟ ଟୁ ଏଷ୍ଟାବ୍ଲିଶମେଣ୍ଟ (ମାଇନିଂ ପାଇଁ ରାସ୍ତା, ଯାନବାହନ ଚଳାଚଳ ଓ ଅନ୍ୟାନ୍ୟ ସୁବିଧା) କାର୍ଯ୍ୟ ପାଇଁ ଅନୁମତି ମିଳେ। ଏହି ପ୍ରକ୍ରିୟା ଶେଷକରି ରିପୋର୍ଟ ଦାଖଲ କରିବା ପରେ କନ୍‌ସେଣ୍ଟ ଟୁ ଅପରେଟ ଅନୁମତି ମିଳେ। ଏହା ମିଳିବା ପରେ କମ୍ପାନୀ ମାଇନ୍ସ ଖୋଲିବା ଆରମ୍ଭ କରିପାରିବ ବୋଲି ସମ୍ପୃକ୍ତ ଅଧିକାରୀମାନେ ମତ ପ୍ରକାଶ କରିଛନ୍ତି।

## ଶହୀଦ୍ ସୁଶାନ୍ତ ଖୁଣ୍ଟିଆଙ୍କ ମାତୃ ବିୟୋଗ

ଆନନ୍ଦପୁର,୧୮।୮(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁରର ଶହୀଦ୍ ସୁଶାନ୍ତ ଖୁଣ୍ଟିଆଙ୍କ ମାତୃ ବିୟୋଗ ଘଟିଛି। ଶୁକ୍ରବାର ଶାରୀରିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସେ ଶାରୀରିକ ଅସୁସ୍ଥ ଥିବାରୁ ଝିଅ ନିକଟରେ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଥିଲେ। ସାନପୁଅ ସୁଶାନ୍ତ ଶହୀଦ ହେବା ଖବର ପାଇ ଘରକୁ ଫେରିଥିଲେ। ଫଳରେ କିଛି ଦିନ ଧରି ତାଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହେବା ସହିତ ପୁଅକୁ ହରାଇ ମାନସିକ କ୍ଷେତ୍ରରେ ଦୁର୍ବଳ ହୋଇଯାଇଥିଲେ। ତାଙ୍କ ବିୟୋଗରେ ଆନନ୍ଦପୁରରେ ଶୋକର ଛାୟା ଖେଳିଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

ଆବଶ୍ୟକ
ଓଁ ଶ୍ରୀ ଆୟୁର୍ବେଦିକ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ । ରହିବା ଓ ଖାଇବାର ସୁବିଧା ଅଛି ।
ଦରମା- ଟ.୧୦,୦୦୦/-
ଯୋଗାଯୋଗ:
8984728171/9861609921

## ଅଫିସ୍ ସ୍ମୋକିଂ ଜୋନ୍‌ର କାହାଣୀ କହିଲା ‘ଧୂମ୍ରପାନ’

ଭୁବନେଶ୍ୱର,୧୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଏକ କର୍ପୋରେଟ ବିଲ୍ଡିଂରେ ଧୂମପାନ କରିବା ପାଇଁ ଥିବା ଏକ ସ୍ଥାନରୁ ଗତିଶୀଳ ହୁଏ ନାଟକ ‘ଧୂମ୍ରପାନ’। ଯେଉଁଠାରେ ଅଫିସ କର୍ମଚାରୀମାନେ ସିଗାରେଟ ଟାଣିବା ପାଇଁ ଏକତ୍ରିତ ହୁଅନ୍ତି। ଚାକିରିରେ ଥିବା ଚାପ, ଭୟ ଏବଂ ଅସୁରକ୍ଷିତତା ସହିତ ପ୍ରତି ମୁହୂର୍ତ୍ତରେ ମୁକାବିଲା, ତର୍ଜମା, ଅଫିସ୍ ରାଜନୀତି ଓ ପାରସ୍ପରିକ ସମ୍ପର୍କ ବିଷୟରେ ଆଲୋଚନା ଚାଲିଥାଏ। ସବୁଠୁ ବେଶି ଚର୍ଚ୍ଚାରେ ଥା’ନ୍ତି ଅଫିସ୍ ମୁଖ୍ୟ ବା ବସ୍। ଏପରି ଜଣେ ରାଗୀ ବସ୍ ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସନ୍ତି ବିଶିଷ୍ଟ ଅଭିନେତା କୁମୁଦ ମିଶ୍ରା। ତାଙ୍କ ଅଧୀନରେ କାମ କରୁଥିବା କର୍ମଚାରୀମାନେ ସ୍ମୋକିଂ ଜୋନ୍‌ରେ ଜଣକ ପରେ ଜଣେ ଆସି ଖଟି ଜମାନ୍ତି। ସେମାନଙ୍କ ମଧ୍ୟରେ ଅଫିସରେ ଘଟୁଥିବା ବିଭିନ୍ନ ଘଟଣା ସମ୍ପର୍କରେ ଆଲୋଚନା ଚାଲେ, ପରସ୍ପର ମଧ୍ୟରେ ସମ୍ପର୍କ ଗଢ଼ିଉଠେ। ଘଟଣାକ୍ରମେ ଅଫିସ୍‌ର ଜଣେ ସିନିୟର କର୍ମଚାରୀ ଏକନାଥଙ୍କ ଚାକିରି ଯାଏ। ଏପରିସ୍ଥିତିରେ ମାଲିକଙ୍କଠୁ ନେଇ ସମସ୍ତ କର୍ମଚାରୀଙ୍କ ହାତରେ ଦେଖିବାକୁ ମିଳେ ସିଗାରେଟ୍। ଯେମିତି ସିଗାରେଟ ସମସ୍ତଙ୍କୁ ବିଭିନ୍ନ ସମସ୍ୟା, ଚାପରୁ ମୁକ୍ତ କରି ଶାନ୍ତି ଦେଉଛି। ସିଗାରେଟ୍ ଉପରେ ବଡ଼ ବଡ଼ ଅକ୍ଷରରେ ଦେହ ପାଇଁ କ୍ଷତିକାରକ ଲେଖା ହେଲା ପରେ କେବଳ ଯୁବପିଢ଼ି ନୁହନ୍ତି, କାମ ଚାପରେ କିଭଳି ସିଗାରେଟ୍‌କୁ ସମସ୍ତେ ଆପଣେଇ ନିଅନ୍ତି ତାହାକୁ ନେଇ ନାଟକ ‘ଧୂମ୍ରପାନ’ ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ପରିବେଷିତ ହୋଇଛି। ନାଟକରେ ଅଭିନେତା ମିଶ୍ରାଙ୍କ ବ୍ୟତୀତ ଜଣାଶୁଣା କଳାକାର ତାରୁକ୍ ରାଇନା, ଶୁଭ୍ରଜ୍ୟୋତି ବରାତ୍, ଘନଶ୍ୟାମ ଲାଲ୍‌ଶା, ସିଦ୍ଧାର୍ଥ କୁମାର, ସାର୍ଥକ କାକ୍‌ର, ଅସ୍ମିତା ମେଘ୍ରାଜାନି ପ୍ରମୁଖ ଅଭିନୟ କରିଛନ୍ତି। ଜେନ୍ ଫାଉଣ୍ଡେଶନ ପକ୍ଷରୁ ଏହି ନାଟକ ମଞ୍ଚସ୍ଥ ହୋଇଯାଇଛି। ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଗାର୍ଗୀ ଭଟ୍ଟାଚାର୍ଯ୍ୟ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ମିଡିଆ ପାର୍ଟନର୍ ରହିଥିଲା।


ଜେନ୍ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନାଟକ ‘ଧୂମ୍ରପାନ’ରେ ଅଭିନେତା କୁମୁଦ ମିଶ୍ରା ଓ ସାଥୀ କଳାକାର।

BOOM FLOWER®
NITROBENZENE 20% EW
A NEW GENERATION PLANT GROWTH REGULATOR
No. 1 Brand
20 Years of Trust
NOW WE ARE BACK WITH CIB / GOVT REGN
A leading Agrochemical Manufacturing and Exporting Company with its Flagship product & Brand Leader BOOM FLOWER (New Generation Plant Growth Regulator & Now CIB/Govt. Approved) and also dealing with quality Biostimulants, Biological Pesticides & Bio Fertilizers having branches all over India are recruiting the following positions in their marketing expansion program.
SALES OFFICERS — ODISHA STATE H.Q.
BHADRAK, BHARAMPUR, JAJPUR, JAIPUR, BHAWANI PATNA, BERGER, SUNDERGARH,
Qualification: Minimum 2-3 Years experience in Agriculture Business Sales for specifically in H.Q. location with B.Sc (Agri)/Diploma or equivalent.
Competitive Salary and Attractive Incentive and Additional Perks will be given for the selected candidates.
Please send your resume on the email or WhatsApp number.
Please also mention the name of H.Q. that you are applying for, on the top of application.
DEVI CROPSCIENCE PVT LTD
DEVIदेवी
Corporate Office : 'Devi House', 281-4, Sivagangai Main Road, Gomathipuram, Madurai-625020, Tamilnadu.
Branch Office : No.540/2726, Gosala Road, Nayabazar, Madhupatna, Cuttack - 753004, Odisha
Email : pune@devicropscience.com | cuttack@devicropscience.com
bkrout@devicropscience.com | WhatsApp No.-8327707879 / 8986192352
INTERESTED DEALERS AND DISTRIBUTORS PLEASE CONTACT US FOR BUSINESS
Sakshi COMMUNICATION

## ଗୁରୁ ରବୀନ ଦାଶଙ୍କ ସହ ମିଶି ଓଡ଼ିଶାରେ କାର୍ଯ୍ୟ କରିବାର ଯୋଜନା ଅଛି

**ବଲିଉଡ୍, ନାଟ୍ୟ ଜଗତ, ଓଟିଟି ପ୍ଲାଟ୍‌ଫର୍ମରେ ଜଣେ ଜଣାଶୁଣା ଚେହେରା ହେଉଛନ୍ତି ବିଶିଷ୍ଟ ଅଭିନେତା କୁମୁଦ ମିଶ୍ରା। ଖଳନାୟକ ଭୂମିକା ହେଉ କି କମେଡିଆନ, ଯେକୌଣସି ଚରିତ୍ରକୁ ସେ ବେଶ୍ ନିଆରା ଅନ୍ଦାଜରେ ପରିବେଷଣ କରନ୍ତି। ଜଣେ ନିପୁଣ କଳାକାର ଭାବେ ସେ ବିଭିନ୍ନ ପ୍ଲାଟ୍‌ଫର୍ମରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ପଚିଆଲା ହାଉସ୍, ରକ୍‌ଷ୍ଟାର୍, ରାଞ୍ଝଣା, ଶ୍ରୀରାମ ବଦଲାପୁର, ସୁଲ୍‌ତାନ, ଏୟାରଲିଫ୍ଟ, ରୁସ୍ତୋମ, ଥାପ୍‌ଡ, ସୂର୍ଯ୍ୟବଂଶୀ, ତଡପ ଆଦି ଫିଲ୍ମରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ରାମ ସିଂ ଚାର୍ଲି ଓ ନିକଟରେ ରିଲିଜ ହୋଇଥିବା ସିରିଜ୍ ‘ଲଷ୍ଟ ଷ୍ଟୋରିଜ୍ ୨’ରେ ସେ ପ୍ରମୁଖ ଭୂମିକାରେ ନଜର ଆସିଛନ୍ତି। ଶୁକ୍ରବାର ଜେନ୍ ଫାଉଣ୍ଡେଶନ୍ ପକ୍ଷରୁ ଆୟୋଜିତ ନାଟକ ‘ଧୂମ୍ରପାନ’ ପରିବେଷଣ କରିବାକୁ ଭୁବନେଶ୍ୱର ଆସିଥିବାବେଳେ ଅଭିନେତା କୁମୁଦ ମିଶ୍ରାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।**

– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ

**■ ଜେନ୍ ଫାଉଣ୍ଡେଶନ ପକ୍ଷରୁ ଆପଣ ନାଟକ ପରିବେଷଣ କରିବାକୁ କାହିଁକି ଇଚ୍ଛା ପ୍ରକାଶ କଲେ?**

ଫାଉଣ୍ଡେଶନ୍ ଅଟିଜମ୍ ଉପରେ ବହୁତ କାମ କରୁଛି। ସମାଜ ପାଇଁ ମଧ୍ୟ ବହୁତ କିଛି କରୁଛି। ଏହି କାରଣରୁ ମୁଁ ଆସିଲି। ଆଉ ଏହି ବାହାନାରେ ମଧ୍ୟ ଭୁବନେଶ୍ୱର ଲୋକଙ୍କୁ ଆମର ନାଟକ ଦେଖାଇବାର ସୁଯୋଗ ମିଳିଲା।

**■ ନାଟକ ‘ଧୂମ୍ରପାନ’ ସମ୍ପର୍କରେ ଲୋକଙ୍କୁ କ’ଣ କହିବାକୁ ଚାହିଁବେ?**

ନାମ ଯେମିତି, ଏହାର କାହାଣୀ ମଧ୍ୟ ସେମିତି। ଏକପ୍ରକାର ମଜାଦାର କାହାଣୀ। ସ୍ମୋକିଙ୍ଗ ରୁମ୍‌ରେ ଚାହା ଯେମିତି ଥାଏ, ସେଠାରେ ଥିବା ଲୋକଙ୍କ ସମ୍ପର୍କରେ ଯେମିତି ଭିନ୍ନତା ଥାଏ, ନିଜର ଚିନ୍ତା ଦୂର କରିବାକୁ ଲୋକେ ରୁମ୍‌କୁ ଆସନ୍ତି ଓ ପରବର୍ତ୍ତୀ ମୁହୂର୍ତ୍ତରେ ଲୋକଙ୍କ ମଧ୍ୟରେ କିଭଳି ସମ୍ପର୍କ ସୃଷ୍ଟି ହୁଏ, ଏଭଳି କିଛି କଥାକୁ ନେଇ କାହାଣୀଟି ପର୍ଯ୍ୟବସିତ।

**■ ଆପଣ ବିଭିନ୍ନ ରାଜ୍ୟ ଯାଇ ଅନେକ ଲୋକଙ୍କ ସହ ନାଟକ କରିଛନ୍ତି। ଓଡ଼ିଶାରେ ମଧ୍ୟ ନାଟକ ପରିବେଶ ବେଶ୍ ସମୃଦ୍ଧଶୀଳ। ଭବିଷ୍ୟତରେ ଓଡ଼ିଶାର କୌଣସି ନାଟକ ବ୍ୟକ୍ତିତ୍ୱଙ୍କ ସହ ମିଶି ନାଟକ କରିବାର ଯୋଜନା ଅଛି କି?**

ମୁଁ ମୁମ୍ବାଇରେ କାମ କରେ। ମୁମ୍ବାଇ ମୋର କର୍ମଭୂମି। ମୋର ପୂରା ଧ୍ୟାନ ସେଠି ରହିଥାଏ। କିନ୍ତୁ ମୁଁ ନିହାତି ଚାହିଁବି, ଅଧିକରୁ ଅଧିକ ପ୍ରଡକ୍ସନ କିଭଳି ଏଇଠି ହୋଇପାରିବ। ମୋର ଗୁରୁ ରବୀନ ଦାସ ମଧ୍ୟ ଓଡ଼ିଶାର। ସେ ବହୁତ ନାମୀଦାମୀ ନାଟକର ନିର୍ଦ୍ଦେଶକ, ଆଉ ମୋ ଗୁରୁ ମଧ୍ୟ। ଆଗକୁ ଆମେ ମିଶି କାମ କରିବାର ଯୋଜନା ରଖିଛୁ। ଆଶା କରୁଛି ତାହା ଏଇଠି ମଧ୍ୟ ପ୍ରଦର୍ଶିତ କରିବୁ। ସମୟ କାରଣରୁ ସେଠୁ ଆସି ଏଠାରେ ପ୍ରଦର୍ଶନ କରିବା ଟିକେ କଷ୍ଟକର ହୋଇଯାଏ। କେହି ଯଦି ଡାକିବେ, ଆଉ ସେ ନାଟକରେ ଆଗ୍ରହ ଆସିବ, ତା’ହେଲେ ମୁଁ ନିହାତି ଆସି ପ୍ରଦର୍ଶନ କରିବାକୁ ଚାହିଁବି। କିଛିବର୍ଷ ତଳେ ଓଡ଼ିଶା ଆସିଥିଲି। ଓଡ଼ିଶୀ ନୃତ୍ୟାଙ୍ଗନା ଝେଲମ୍ ପାରାଞ୍ଜାପିଙ୍କ ସହ ଲୀଳାବତି ବୋଲି ଏକ ନୃତ୍ୟାଭିନୟ ପରିବେଷଣ କରିବାକୁ ଆସିଥିଲି। ଏଥିରେ ମୁଁ ଏକ କ୍ଷୁଦ୍ର ଭୂମିକାରେ ଅଭିନୟ କରିଥିଲି।

**■ ନାଟକ ପରେ ସିନେମାକୁ ଆସିଲେ। ପୁଣି ଏବେ ବି ନାଟକ କରୁଛନ୍ତି। ନାଟକରେ କ’ଣ ରହିଛି ଯାହା ଆପଣଙ୍କୁ ବାନ୍ଧି ରଖୁଛି?**

ନାଟକରୁ କେବେ ସିନେମା ଯାଇନି। ଅର୍ଥାତ୍ ନାଟକକୁ କେବେ ଛାଡ଼ିନି। ସିନେମା କଲାବେଳେ ବି ମୁଁ ନାଟକ କରିଛି। କରୋନାର ୨ ବର୍ଷ ଛାଡ଼ିଦେଲେ, ଆଉ ଏମିତି କେଉଁ ବର୍ଷ ନାହିଁ ଯେବେ ଆମେ ନୂଆ ନାଟକ କରିନାହୁଁ।

**■ ଓଟିଟି ପ୍ଲାଟ୍‌ଫର୍ମର ପ୍ରଭାବ କିଭଳି ରହିଛି?**

ଓଟିଟିର ପ୍ରଭାବ ବହୁତ ଭଲ ରହିଛି। ବହୁତ କଳାକାରଙ୍କୁ ସୁଯୋଗ ମିଳୁଛି। ଅନେକ ବ୍ରିଲିଆଣ୍ଟ ଆକ୍ଟର ଥିଲେ, ଯେଉଁମାନେ ଘରେ ବସି ରହୁଥିଲେ, ସେମାନଙ୍କୁ ମଧ୍ୟ ସୁଯୋଗ ମିଳିଛି। ସେମାନେ ବହୁତ ଭଲ କାମ କରୁଛନ୍ତି। ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ , ଲେଖକ ବିଭିନ୍ନ ବର୍ଗରେ ଭଲ ପ୍ରତିଭା ଦେଖିବାକୁ ମିଳିଛି। ଆଗକୁ ଏହା କିଭଳି ଚାଲିବ ତାହା ଆମ କାମ ଉପରେ ନିର୍ଭର କରୁଛି।

**■ ନାଟକ, ସିନେମା, ଓଟିଟି ପ୍ଲାଟ୍‌ଫର୍ମ – ଅଭିନୟର ତାରତମ୍ୟ କ’ଣ ରହିଛି?**

– ବିଭିନ୍ନ ମାଧ୍ୟମରେ ଭିନ୍ନ ଭିନ୍ନ କାମ କରିବାକୁ ପଡ଼ିଥାଏ। ସବୁର ସ୍ୱାଦ ଅଲଗା। ଯେମିତିକି ପିଜାର ସ୍ୱାଦ ବିରିୟାନି ଦେବନି। ଦୁଇଟାର ଖାଇବା ଷ୍ଟାଇଲ ମଧ୍ୟ ଅଲଗା। ତେଣୁ କାହାକୁ କାହା ସହ ତୁଳନା କରିବା ଉଚିତ ନୁହେଁ।

**■ ଓଡ଼ିଶାରେ ଖାଇବା, ଆଉ ବୁଲିବା ପ୍ଲାନ୍ କିଛି ରହିଛି କି?**

ଖାଇବାରେ ସେମିତି କିଛି କରିନି। ପୂର୍ବରୁ ଯେବେ ଓଡ଼ିଶା ଆସିଥିଲି କ’ଣ ଖାଇଥିଲି ବି ଭୁଲି ଯାଇଛି। କିନ୍ତୁ ବାଇକ୍‌ରେ ପୂରା ଓଡ଼ିଶା ବୁଲିବାର ପ୍ଲାନ୍ ରହିଛି। ଏହା ମୋ ଉଇସ୍ ଲିଷ୍ଟରେ ଅଛି।




Explore Career Opportunities at
Rambha Palace,
Odisha's Heritage Jewel
We Are Hiring!
POSITIONS OPEN FOR
HOD
FOM/EHK
General Manager
Supervisor
HK/FO/Engineering/Laundry & Kitchen/F&B/Finance
Associate
HK/FO/F&B Services
Restaurant Manager/ Assistant Restaurant Manager
Junior Sous Chef/ Chef de partie/ Commi Chef
Technician
AM Finance
Spa & Gym Professionals
Location: Rambha, Odisha
Contact: wilfred.dsouza@claridges.com to Apply

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଅଗଷ୍ଟ, ୨୦୨୩



> ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ

# ପଦୋନ୍ନତିରେ ବିଳମ୍ବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହରିୟାଣାରେ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତିରେ ଦେଖାଦେଇଥିବା ଅସମାନତା ସେମାନଙ୍କ କ୍ୟାରିୟର ଉପରେ ଖରାପ ପ୍ରଭାବ ପକାଇଛି। ଏହା ମଧ୍ୟ ବିଭିନ୍ନ ର୍‍ୟାଙ୍କ ମଧ୍ୟରେ ଚିନ୍ତାର ବିଷୟ ପାଲଟିଛି। ନିକଟରେ ପୋଲିସ ମହାନିରୀକ୍ଷକ (ଆଇଜିପି) ର୍‍ୟାଙ୍କ୍‌ର ୧୯୯୭ ବ୍ୟାଚ୍‌ର ୨ ଜଣ ଅଧିକାରୀ ଅମିତାଭ ଧିଲନ ଏବଂ ସଞ୍ଜୟ କୁମାରଙ୍କ ପିଟିଶନ ରାଜ୍ୟ ପୋଲିସ ସେବା ମଧ୍ୟରେ ବଢୁଥିବା ନୈରାଶ୍ୟକୁ ଦର୍ଶାଇଛି। ସୂତ୍ରରୁ ଜଣାପଡ଼ିଛି, ଧିଲନ ଏବଂ କୁମାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପି.କେ. ଅଗ୍ରୱାଲଙ୍କୁ ଦର୍ଶାଇଛନ୍ତି ଯେ,ଅନ୍ୟ ରାଜ୍ୟରେ ଥିବା ପ୍ରତିପକ୍ଷଙ୍କ ତୁଳନାରେ ହରିୟାଣା କ୍ୟାଡର ମଧ୍ୟରେ ପଦୋନ୍ନତି ପ୍ରକ୍ରିୟା ମନ୍ଥର ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି) ପଦବୀକୁ ପଦୋନ୍ନତି ପାଇଁ ସୁପାରିସ ସତ୍ତ୍ୱେ ବିଭାଗୀୟ ପଦୋନ୍ନତି କମିଟିର ବୈଠକ ଏ ଯାବତ ହୋଇପାରିନାହିଁ। ଏହି ୨ଜଣ ଅଧିକାରୀ ଗତ ବର୍ଷରୁ ଏଡିଜିପି ପଦୋନ୍ନତି ପାଇଁ ଯୋଗ୍ୟ ହୋଇଥିଲେ। ତେବେ ସେମାନଠାରୁ କନିଷ୍ଠ ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଅନ୍ୟ ରାଜ୍ୟରେ ପଦୋନ୍ନତି ପାଇଥିବାରୁ ଏଭଳି ଅସଙ୍ଗତି ବଢ଼ିଛି। ଚୟନ ଗ୍ରେଡ୍ ଏବଂ ତଦୂର୍ଦ୍ଧ୍ୱରେ ପଦୋନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ଆବଶ୍ୟକ କରୁଥିବା ନିୟମ ଥିବା ସତ୍ତ୍ୱେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇନାହିଁ, ଯାହାଫଳରେ ପଦୋନ୍ନତିରେ ଅବାଞ୍ଛିତ ବିଳମ୍ବ ଘଟୁଛି। ପ୍ରଶାସନିକ ବିଳମ୍ବ ଦ୍ୱାରା ସେମାନଙ୍କ କ୍ୟାରିୟରରେ ପ୍ରତିକୂଳ ପ୍ରଭାବ ପଡ଼ିବା ଉଚିତ ନୁହେଁ ବୋଲି ଧିଲନ ଏବଂ କୁମାର ଯୁକ୍ତି ବାଢିଛନ୍ତି। ଏଠାରେ ମନେ ରଖିବା ଉଚିତ ଯେ, ନିୟମ ଏବଂ ନିୟମାବଳୀ ଅମଲାତନ୍ତ୍ରକୁ ମାର୍ଗଦର୍ଶନ କରୁଥିବାବେଳେ ସେଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ବ୍ୟାଖ୍ୟା ଅଧିକାରୀଙ୍କ କ୍ୟାରିୟର ଗଢ଼ିବା ପାଇଁ ବି ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ।

### ବଦଳି ଦ୍ୱନ୍ଦ୍ୱ

ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମରେ ନିକଟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନୋଏଡା ଅଥରିଟିର ସିଇଓ ରିତୁ ମାହେଶ୍ୱରୀଙ୍କୁ ଆଗ୍ରା କମିଶନର ଭାବେ ବଦଳି କରିଥିଲେ। ନୋଏଡାରେ ୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ ମହେଶ୍ୱରୀ ତାଙ୍କର ପରିବର୍ତ୍ତନକାରୀ ପଦକ୍ଷେପ ପାଇଁ ବେଶ୍ ଜଣାଶୁଣା। ତାଙ୍କର ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସେ ୟୁପି ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମ୍ମିଳନୀ ୨୦୨୩ ପୂର୍ବରୁ ନୋଏଡା ପାଇଁ ୧ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ନିଶ୍ଚିତ କରିବା ସହ ୨୦୨୨–୨୩ ଆର୍ଥିକ ବର୍ଷରେ ୭,୦୦୦ କୋଟି ଟଙ୍କାର ରେକର୍ଡ ପରିମାଣ ରାଜସ୍ୱ ସଂଗ୍ରହ କରିଛନ୍ତି, ଯାହା ବିଗତ ୧୨ ବର୍ଷରେ ସବୁଠୁ ଅଧିକ। ମାହେଶ୍ୱରୀ ପ୍ରକାଶ କରିଛନ୍ତି, ୫୫,୦୦୦ କୋଟି ଟଙ୍କା ମୂଲ୍ୟର ନିବେଶ ପ୍ରସ୍ତାବ ବିଚାରାଧୀନ ଅଛି ଏବଂ ଆସନ୍ତା ମାସେ ଭିତରେ ଏହା କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ତାଙ୍କ ବଦଳିକୁ ନେଇ ନୋଏଡା ବାସିନ୍ଦା ଏବଂ ବ୍ୟବସାୟୀଙ୍କ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟ ପଦବୀରୁ ହଠାତ୍ ବିଦାୟ ନେବାରେ କେତେକେ ଚିନ୍ତା ପ୍ରକଟ କରିଛନ୍ତି। ଏହା ଏକ ନିୟମିତ ବଦଳି ବୋଲି ଯୋଗୀ ସରକାର କହିଛନ୍ତି। ଅନ୍ୟପକ୍ଷରେ ସୂତ୍ରରୁ ପ୍ରକାଶ ଯେ, ନୋଏଡା ଅଥରିଟି ଆକାଉଣ୍ଟରୁ ନକଲି ଦଲିଲ ବଳରେ ଜାଲିଆତି କରି ଜଣେ ଠକ ୩.୯ କୋଟି ଟଙ୍କା ଟ୍ରାନ୍ସଫର କରିବାର ୨ ସପ୍ତାହ ପରେ ଏହି ପଦକ୍ଷେପ ନିଆଯାଇଛି। ଯଦିଓ ଏହି ଘଟଣା ସହ ମାହେଶ୍ୱରୀଙ୍କ ବଦଳିର ଏକ ସଂଯୋଗ ଅଛି କି ନାହିଁ ତାହା କହିବା କଷ୍ଟକର। ମାହେଶ୍ୱରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିକଟତର ବୋଲି ଜଣାପଡ଼ିଛି। ତେବେ ଏହି ସମ୍ପର୍କ ନିଶ୍ଚିତ ନ ହେଲେ ବି ରାଜନୈତିକ ଏବଂ ବାବୁ ପରିସରକୁ ଦ୍ୱନ୍ଦ୍ୱରେ ପକାଇଛି ଏବଂ କେନ୍ଦ୍ର ଓ ୟୁପି ସରକାର ମଧ୍ୟରେ ଅନେକ ସମୀକରଣକୁ ଏପାଖସେପାଖ କରିପାରେ ବୋଲି କୁହାଯାଉଛି।

### ମିତବ୍ୟୟତାର ବାର୍ତ୍ତା

ଏକ ଅଣପାରମ୍ପରିକ ନିର୍ଦ୍ଦେଶନାମା ଅନୁଯାୟୀ ପଞ୍ଜାବର ରାଜ୍ୟପାଳ ବନ୍ୱାରିଲାଲ ପୁରୋହିତ ଶାସନ ପାଇଁ ଏକ ନିଆରା ଧାରା ସୃଷ୍ଟି କରୁଥିବା ଜଣାପଡ଼ିଛି। ଖାଦ୍ୟ ମୂଲ୍ୟ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇଥିବା ନାଗରିକଙ୍କ ସହ ରହିଛନ୍ତି ବୋଲି ଦର୍ଶାଇ ସେ ରାଜ ଭବନ ରୋଷେଇଘରେ ଟମାଟୋକୁ ସାମୟିକ ଭାବେ ନିଷିଦ୍ଧ କରିବା ଖବରର ଶିରୋନାମା ପାଲଟିଥିଲା। ଏହାର କିଛିଦିନ ପରେ ପୁରୋହିତ ଏବେ ଚଣ୍ଡିଗଡ଼ ପ୍ରଶାସନିକ ଅଧିକାରୀଙ୍କୁ ସରକାରୀ କାମରେ ଦିଲ୍ଲୀକୁ ବିମାନ ଯାତ୍ରା କରିବା ଏବଂ ପାଞ୍ଚତାରକା ହୋଟେଲରେ ରହିବାକୁ ବାରଣକରି ଏକ ସାହସିକ ପଦକ୍ଷେପ ନେଇଛନ୍ତି। ବିମାନ ଯାତ୍ରା ଉପରେ ନିଷେଧାଦେଶ ଏବଂ ଶତାବ୍ଦୀ ଓ ବନ୍ଦେ ଭାରତ ଟ୍ରେନ୍ ଯିବା ବାଧ୍ୟତାମୂଳକ କରିବାର ଆଦେଶ ସରକାରୀ ଖର୍ଚ୍ଚରେ ମିତବ୍ୟୟିତାର ବାର୍ତ୍ତା ଦେଇଛି। ଏଭଳି ଆର୍ଥିକ ସଂଯମ କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି)ର ରାଜନୈତିକ ଏବଂ ବାବୁ ପରିସରକୁ ଚକିତ କରିଛି। ପୁରୋହିତଙ୍କ ଏହି ଅଜବ ନିର୍ଦ୍ଦେଶ ତାଙ୍କ ଟମାଟୋ ନିଷେଧ ସଦୃଶ, ଯାହା ସାଙ୍କେତିକ ଭାବରେ ନାଗରିକଙ୍କ ଚିନ୍ତାଧାରା ସହ ସମାନ ଥିଲା। ତେବେ ଏହିସବୁ ପଦକ୍ଷେପର ବ୍ୟବହାରିକ ବିଷୟକୁ ନେଇ କିଛି ଉତ୍ସୁକତା ପ୍ରକାଶ ପାଇଥିଲା। ଆହୁରି ମଧ୍ୟ, ଯେଉଁ ସମୟରେ ପୁରୋହିତ ନିଷ୍ପତ୍ତି ନେଲେ ତାହା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସହ ଥିବା ତାଙ୍କର ବିବାଦର ଇତିହାସ ଜଟିଳତାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଲା। ରାଜ୍ୟପାଳଙ୍କ ବ୍ୟୟବହୁଳ ଜୀବନଶୈଳୀ ଉପରେ ମାନ୍ ବାରମ୍ବାର ଅଭିଯୋଗ ଉଠାଇଛନ୍ତି। ରାଜ୍ୟର ବିମାନ ବ୍ୟବହାର କରିବାରେ ତାଙ୍କର ରେକର୍ଡ ଅଛି ଏବଂ ତାହା ମିତବ୍ୟୟ ଉପରେ ତାଙ୍କ ନିର୍ଦ୍ଦେଶକୁ ରାଜନୈତିକ ରଙ୍ଗ ଦେଇଛି।

Email: dilipcherian@gmail.com

# ତଦପି ନ ମୁଞ୍ଚତି ଆଶା ଭାଣ୍ଡମ୍



ସହଦେବ ସାହୁ

ସରକାରୀ ଚାକିରିରେ ଯେତିକି ମିଳେ ସେତିକିରେ ସନ୍ତୁଷ୍ଟ ନ ହୋଇ ଯେଉଁ କେତେକ ଲୋକ ଉପୁରି ଯୋଗାଡ କରୁଥାନ୍ତି (ଆଶା–ହାଣ୍ଡି ମୁଞ୍ଚନ ବା ତ୍ୟାଗ ନ କରି ଖୋଲା ରଖିଥାନ୍ତି), ସେହିମାନେ ହିଁ ଯାବତୀୟ କେଲେଙ୍କାରିର କାରଣ। ସମ୍ପ୍ରତି ଆମ ରାଜ୍ୟର ଷ୍ଟାଫ୍ ସିଲେକ୍ସନ କମିଶନ୍ (ଓଏସ୍‌ଏସ୍‌ସି) ପରିଚାଳନା କରିଥିବା 'ଜୁନିୟର ଇଞ୍ଜିନିୟର (ମୁଖ୍ୟ) ଓ ସିଜିଏଲ୍' ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ବାତିଲ ହୋଇଥିବା ଖବର ଆମର ମନେପକାଇ ଦେଉଛି ୨୦୧୨–୧୩ରେ ଧରାପଡ଼ିଥିବା ମଧ୍ୟପ୍ରଦେଶର 'ବ୍ୟାପମ୍' (ବ୍ୟବସାୟିକ ପରୀକ୍ଷା ମଣ୍ଡଳ) କେଲେଙ୍କାରି କଥା। ସରକାରରେ ପିଅନଠାରୁ ଆରମ୍ଭକରି ଅଫିସର୍ ତଥା ଲୋକପ୍ରତିନିଧି ଦେଇ ରାଷ୍ଟ୍ରପତି ଯାଏ ରକମ ରକମର ପଦ ରହିଛି, ପ୍ରତି ପଦର ଅଧିକାରୀ ନିଷ୍ଠା ଓ ସଚ୍ଚୋଟପଣିଆ ସହିତ କାର୍ଯ୍ୟ ସମ୍ପାଦନ କରିବା କଥା, କିନ୍ତୁ ସେମାନେ ଅଧିକା କିଛି ପାଇବାକୁ ଆଶା କରନ୍ତି, ନିଜ ପିଲାକୁ ଚାକିରି କରାଇଦେବା ଓ ଲାଞ୍ଚ ନେଇ ଅନ୍ୟ କାହାରିକୁ ଚାକିରି ପାଇବାର ସୁଯୋଗ ଜୁଟାଇବା କାମ କରିଥାନ୍ତି, ଏଭଳି ଆଶା–ଭାଣ୍ଡକୁ ଧରିରଖିଥିବା ଅଧିକାରୀମାନେ ଯାବତୀୟ କେଲେଙ୍କାରିକୁ ପ୍ରଶ୍ରୟ ଦିଅନ୍ତି! ବିଭିନ୍ନ ସରକାରୀ ଚାକିରି ପାଇଁ ଉପଯୁକ୍ତ ପ୍ରାର୍ଥୀ ବାଛିବାକୁ ରାଜ୍ୟ ଓ କେନ୍ଦ୍ର ସ୍ତରରେ ଥିବା ବୈଧାନିକ ବ୍ୟବସ୍ଥାକୁ ଓଲଟପାଲଟ କରିପକାନ୍ତି। ସରକାରୀ ନିଯୁକ୍ତି ପାଇଁ ଆଶାୟୀମାନଙ୍କଠାରୁ ଟାଉଟର୍, ଦଲାଲ୍ ବା ଷଡ଼ଯନ୍ତ୍ରକାରୀମାନଙ୍କଠାରୁ ପ୍ରଚୁର ଅର୍ଥ ପାଇ ସେମାନଙ୍କୁ ସୁବିଧା ଦିଅନ୍ତି – ପ୍ରଶ୍ନପତ୍ର ଯୋଗାନ୍ତି ବା ପରୀକ୍ଷାର୍ଥୀ ବଦଳରେ ଭଡାଟିଆ ବ୍ୟକ୍ତି (ଇମ୍ପୋଷ୍ଟର) ଗ୍ରହଣ କରିନିଅନ୍ତି କିମ୍ବା ପ୍ରଶ୍ନପତ୍ର ସହ ଉତ୍ତର ଖାତାକୁ ଘରକୁ ନେଇ ଉତ୍ତର ଲେଖିବାର ସୁବିଧା ଦିଅନ୍ତି। ମଧ୍ୟପ୍ରଦେଶର ବ୍ୟାପମ୍ କେଲେଙ୍କାରି ୧୦ବର୍ଷ ତଳେ ଧରା ପଡିଥିଲେ ବି ଆଜିଯାଏ ତା'ର ସମସ୍ତ ଅପରାଧୀ ଧରାପଡିନାହାନ୍ତି। ଇନ୍ଦୋର ପୋଲିସ ୨୦୧୩ରେ ପ୍ରିଏଣ୍ଟ୍ରାନ୍ସ ମେଡିକାଲ୍ ଟେଷ୍ଟ (ପିଏମ୍‌ଟି)ରେ ଜାଲିଆତି ହୋଇଛି ବୋଲି ଏତଲା ପାଇ ତଦନ୍ତ କରୁ କରୁ ଗୁଡ଼ାଏ କାଗଜ ପାଇଲା (ଯେମିତି ବାଲେଶ୍ୱର ପୋଲିସ ଦୀଘାରେ ଏକ ସନ୍ଦିଗ୍ଧ ଗୋଷ୍ଠୀ ଉପରେ ଚଢ଼ାଉ କରି 'ଓଏସ୍‌ଏସ୍‌ସି'ର ଜୁନିୟର୍ ଇଞ୍ଜିନିୟର୍ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି ହେଉଥିବାର ଷଡ଼ଯନ୍ତ୍ର ପାଇଛି)। ଇନ୍ଦୋର ପୋଲିସ ଆବିଷ୍କାର କଲା ଯେ ବର୍ଷ ବର୍ଷ ଧରି ଏଭଳି ଜାଲିଆତି ଚାଲିଆସିଛି: ୨୦୦୮–୧୩ ପିଏମ୍‌ଟି ପରୀକ୍ଷା, ୨୦୧୨ ପ୍ରିପିଜି ଟେଷ୍ଟ ପରୀକ୍ଷା ଏବଂ ପରବର୍ତ୍ତୀକାଳର କଣ୍ଟ୍ରାକ୍ଟ ଟିଚର୍, ଫୁଡ୍ ଇନ୍‌ସ୍ପେକ୍ଟର, ପୋଲିସ କନ୍‌ଷ୍ଟେବଲ ଓ ଆୟୁର୍ବେଦ ଡାକ୍ତରଙ୍କ ପରୀକ୍ଷା। ୨୦୦୮ରୁ ୨୦୧୩ ଭିତରେ ମେଡିକାଲ କଲେଜରେ ଆଡ୍‌ମିଶନରେ ଜାଲିଆତି ଧରାପଡିବାରୁ ପ୍ରାୟ ୧୦୮୭ ଅଯୋଗ୍ୟ ପିଲାଙ୍କ ଆଡ୍‌ମିଶନ ନାକଚ କରାଗଲାଣି। ଇନ୍ଦୋର ପୋଲିସ ଜାଣିଲା ଯେ ପ୍ରତ୍ୟେକ ପିଏମ୍‌ଟି ପରୀକ୍ଷା ପାଇଁ ୧୫ ଲକ୍ଷ ଏବଂ ପ୍ରତ୍ୟେକ ପିଜି ମେଡିକାଲ ଆଡ୍‌ମିଶନ ପାଇଁ ୫୦ ଲକ୍ଷ ଟଙ୍କା ରେଟ୍ ରଖାଯାଇଥିଲା।




ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ମନିଟରିଂରେ ସେ ରାଜ୍ୟ ପୋଲିସର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ତଦନ୍ତ କରୁଛି, ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଥିବାରୁ ଏସ୍‌ଟିଏଫ୍ ତଦନ୍ତ ବି ଏତେ ଧିମେଇ ଗଲା (ଆମ ରାଜ୍ୟରେ ବି ସେଭଳି ହୁଏ) ଯେ ମଧ୍ୟପ୍ରଦେଶରେ ବହୁତ ହୋ ହଲ୍ଲା ହେଲା। ସୁପ୍ରିମକୋର୍ଟ ତାଗିଦ କରିବାରୁ ଏସ୍‌ଟିଏଫ୍ ପ୍ରାୟ ୧୮୦୦ ଅଭିଯୁକ୍ତଙ୍କୁ ଗିରଫ କଲାଣି, ଆଉ ୮୦୦ ଜଣ ୧୦ ବର୍ଷ ହେଲା ଧରାପଡିନାହାନ୍ତି। କଣ୍ଟ୍ରାକ୍ଟ ଟିଚର୍ ଏ କେଲେଙ୍କାରିରେ ଅଭିଯୁକ୍ତ ତାଲିକାରେ ଅଛନ୍ତି ତତ୍କାଳୀନ ଶିକ୍ଷାମନ୍ତ୍ରୀ ଲକ୍ଷ୍ମୀକାନ୍ତ ଶର୍ମା, ତାଙ୍କ ପି.ଏ. ସୁଧୀର ଶର୍ମା ଏବଂ ଓଏସ୍‌ଡି ଓ. ପି. ଶୁକ୍ଳ। ପ୍ରଫେସନାଲ୍ ଏକ୍‌ଜାମିନେଶନ୍ ବୋର୍ଡ (ପିଇବି)ର ଡାଇରେକ୍ଟର ଓ କଣ୍ଟ୍ରୋଲର୍ ପ୍ରତି ପରୀକ୍ଷା ପାଇଁ ୮୫ ଲକ୍ଷ ଟଙ୍କା ନେଇଥିବାର ପ୍ରମାଣ ମିଳିଛି। ଗଭର୍ନରଙ୍କ ଓଏସ୍‌ଡି ଧନରାଜ ଯାଦବ ବହୁତ ପ୍ରାର୍ଥୀଙ୍କୁ ବେଆଇନ ଭାବେ ରିକ୍ରୁଟ୍ କରାଇଛନ୍ତି। ଡିଆଇଜି ଆର୍. କେ. ଶିବହରେ ବହୁତ ପ୍ରାର୍ଥୀଙ୍କୁ ସବ୍‌ଇନ୍‌ସ୍ପେକ୍ଟର ରିକ୍ରୁଟ୍‌ମେଣ୍ଟ ପରୀକ୍ଷାରେ ପାସ୍ କରାଇଥିବାରୁ ଗିରଫ ହୋଇଛନ୍ତି। ତାଙ୍କ ଝିଅ ଓ ଜ୍ୱାଇଁ ଜାଲିଆତି କରି ପ୍ରିପିଜି ମେଡିକାଲ୍ ଟେଷ୍ଟରେ ପାସ୍ କରିଥିବା ଧରାପଡିଛନ୍ତି। ସେ ସମୟର ଗଭର୍ନର ରାମ ନରେଶ ଯାଦବଙ୍କ ନାଁରେ ଏତଲା ହେଲା ଯେ, ସେ ୫ଟି ଲୋକଙ୍କୁ ଫରେଷ୍ଟ ଗାର୍ଡ କରାଇ ଦେଇଛନ୍ତି, (ସାମ୍ବିଧାନିକ ପଦବୀ ଯୋଗୁ ଏତଲା ନାକଚ ହୋଇଛି)। ପ୍ରଶ୍ନପତ୍ର ଯୋଗାଇବା, କେତେକ ନକଲି ପରୀକ୍ଷାର୍ଥୀ ଯୋଗାଇବା, କେତେକଙ୍କୁ ଘରେ ଉତ୍ତର ଲେଖିଆଣିବାର ସୁଯୋଗ ଦେବା ଆଦି ଏକ ଲିକ୍ ବୋଲି କହିହେବ ନାହିଁ, ଇଏ ତ ପୂରା ଘାଇ!

ଆମ ପ୍ରଦେଶର ଷ୍ଟାଫ୍ ସିଲେକ୍ସନ କମିଶନ୍ ପରିଚାଳନା କରିଥିବା ଜୁନିୟର୍ ଇଞ୍ଜିନିୟର୍ ବାଛିବା ପରୀକ୍ଷାର କେଲେଙ୍କାରିର ଯାହା କିଛି ଏଯାଏ ଜଣାପଡିଲାଣି ତାହା ବ୍ୟାପମ୍ ତୁଳନାରେ ତୁଚ୍ଛ ମନେହେଉଛି। ଯେଉଁ ସଂସ୍ଥାର ଅଧ୍ୟକ୍ଷ ଜଣେ ପ୍ରାକ୍ତନ ଉଚ୍ଚତମ ପୋଲିସ ଅଧିକାରୀ, ସେ ସଂସ୍ଥାର ଚିତ୍ର ମଳିନ କରିବାକୁ ତଳ ପୋଲିସ ଚାହିଁ ନ ପାରେ – କିନ୍ତୁ ବାଲେଶ୍ୱର ପୋଲିସ ଏଯାବତ୍ ଯାହା ଖୁଲାସା କରିଛି, ସେଥିପାଇଁ ଏସ୍‌ପିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। ଗୁଡ଼ାଏ ଅପରାଧୀ ଠୁଳ ହେଉଥିବା ଖବରରୁ ସହଦେବଖୁଣ୍ଟା ଥାନା ପୋଲିସ ସେମାନଙ୍କୁ ଅନୁସରଣ କରି ଉପାନ୍ତ ଦୀଘା (ବାଲେଶ୍ୱର ସୀମାନ୍ତ ସମୁଦ୍ରକୂଳ ପର୍ଯ୍ୟଟନ ସ୍ଥାନ)ରୁ ଧରିଲା, ସନ୍ଦେହ ଆଳୁ ଖୋଳୁ ଖୋଳୁ କେଲେଙ୍କାରି–ମୂଷାଳକୁ ପଦାରେ ପକାଇଲା, କିନ୍ତୁ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଏ ଯାଏ ତଦନ୍ତର ପରିସରକୁ ଆସିନାହିଁ। ମନେହୁଏ ବ୍ୟାପମ୍ କେଲେଙ୍କାରି ଭଳି ଏ କେଲେଙ୍କାରି କେତେ ବର୍ଷ ହେଲା ଚାଲି ଆସିଛି। ଜାଲ୍ ସାର୍ଟିଫିକେଟ ଦେଇ ଟ୍ରେନ୍‌ଡ ଶିକ୍ଷକ ଚାକିରି ପାଇଥିବା ବଲାଙ୍ଗୀରର ଜଣେ ମହିଳା ଧରାପଡି ଜେଲ୍ ଯାଇଥିବା ଉଦାହରଣରୁ; ପୁଣି ଚାକିରିକାଳ ସରିବାର ଦୁଇବର୍ଷ ଆଗରୁ। ତା' ମାନେ ପନ୍ଦର କୋଡିଏ ବର୍ଷ ଧରି ଜାଲ୍–ସାର୍ଟିଫିକେଟ୍ କେଲେଙ୍କାରି ଚାଲିଆସିଛି। ଆମେ ଦେଖିଆସିଲୁଣି – ଓଡ଼ିଆ ମାଧ୍ୟମ ନଥିବା ବାହାର ପ୍ରଦେଶର ଶିକ୍ଷାୟତନରୁ ଓଡ଼ିଆ ଭାଷା ସହ ମାଟ୍ରିକ୍ ପାସ୍ ସାର୍ଟିଫିକେଟ୍ ଦେଖାଇ, ପୁଣି ଓଡ଼ିଆରେ ୯୦% ବା ଅଧିକା ମାର୍କ ରଖିଥିବା ଦେଖାଇ ଗ୍ରାମାଞ୍ଚଳର ପୋଷ୍ଟମାଷ୍ଟର ହେବାକୁ ଆସିଛି, ଯେଉଁ ପୋଷ୍ଟାଲ୍ ସୁପରିଣ୍ଟେଣ୍ଡେଣ୍ଟ ଏଭଳି ଠକାମି ଧରିନାହିଁ ତାଙ୍କୁ କାହିଁକି ପୋଲିସ ଧରୁନାହିଁ? (ଏତେ ମାର୍କ ରଖିଥିବା ପିଲା ମାଟ୍ରିକ୍ ପରେ ଉଚ୍ଚ ପଢ଼ା ଛାଡ଼ିଲା କାହିଁକି, ଉତ୍ତର ପ୍ରଦେଶ ବା ବିହାର ସେକେଣ୍ଡାରୀ ବୋର୍ଡ କିପରି ଓଡ଼ିଆ ଭାଷାରେ ମାର୍କ ଦେଲା ସେ ପ୍ରଶ୍ନ ନିଯୁକ୍ତିକାରୀ ଅଫିସରଙ୍କ ମନକୁ ଛୁଇଁଲା ନାହିଁ)। ଆଖିବୁଜି ସେପରି ସାର୍ଟିଫିକେଟ୍ ଗ୍ରହଣ କରିଥିବା ଅଫିସର୍‌ଙ୍କୁ ପୋଲିସ ଧରୁନାହିଁ କାରଣ ଶାସକ ଦଳର ଜଣେ ନେତା ଏପରି ସାର୍ଟିଫିକେଟ୍ ମାନୁଫାକ୍ଟରିଂ କମ୍ପାନୀ ଖୋଲିଛନ୍ତି ବୋଲି ଜଣାପଡ଼ିବାରୁ କେହି ସମ୍ଭବତଃ ଏତଲା ଦେଉନାହାନ୍ତି। ଓଡ଼ିଶା ବାହାର ୟୁନିଭର୍ସିଟିରୁ ଓଡ଼ିଆରେ ଖୁବ୍ ଭଲ ମାର୍କ ରଖିଥିବା ଦେଖାଇ କେତେ ଯେ ଯୁବକ ଯୁବତୀ ଗ୍ରାମ୍ୟ ଡାକପାଳ ହୋଇଛନ୍ତି ତା'ର ଯାଞ୍ଚ କେହି କରୁନାହିଁ। ଜାଲ୍ ବିଇଡି ସାର୍ଟିଫିକେଟ୍ ଦେଇ ଶିକ୍ଷକ ଚାକିରି କରି ରିଟାୟାର୍ଡ କରିବାକୁ ବାହାରିଥିବା ବଲାଙ୍ଗୀରର ଜଣେ ଶିକ୍ଷୟିତ୍ରୀଙ୍କୁ ଜେଲକୁ ନିଆଯାଇଛି, ଆଉମାନେ କୁଆଡେ ଗଲେ? ନିଯୁକ୍ତି ଦେଇଥିବା ଅଧିକାରୀମାନଙ୍କୁ କାହିଁକି ଭ୍ରଷ୍ଟାଚାରରେ ଗିରଫ କରାଯାଉନାହିଁ?

ଗୁପ୍ତ ରଖାଯାଇଥିବା (୧) ଛାପାଖାନାର ସମ୍ପୃକ୍ତି, (୨) ପ୍ରାର୍ଥୀମାନଙ୍କ ତାଲିକା ଗୋପନୀୟ, ପ୍ରାର୍ଥୀଙ୍କ ନାମ, ଧାମ ଓ ଫୋନ୍ ନମ୍ବର କିପରି ଠକମାନେ ଜାଣିଲେ, ୧୮ ଲକ୍ଷ ଟଙ୍କା ଯାଏ ଉତ୍କୋଚ ଦେଇପାରିବାର ସାମର୍ଥ୍ୟ ଥିବା ପ୍ରାର୍ଥୀଙ୍କୁ ବାଛିବା ପାଇଁ ସେମାନେ ବହୁତ ସମୟ ନେଇଥିବେ, (୩) ତେଣୁ ଷ୍ଟେନୋ ଓ କନ୍‌ଫିଡେନ୍ସିଆଲ୍ ସେକ୍ସନ ଚାର୍ଜରେ ଥିବା ଅଧିକାରୀ ଓ ସେମାନଙ୍କୁ ତଦାରଖ କରୁଥିବା ଅଧିକାରୀମାନେ ବି ଦାୟୀ, ତା' ଧରାଯିବ ତ!

sahadevas@yahoo.com

# ଚିନି ବଦଳରେ ଗୁଡ଼



ଡ. ପ୍ରମୋଦ କୁମାର ପଣ୍ଡା

ମିଠା ଖାଇବାକୁ କାହାର ଇଚ୍ଛା ନ ହୁଏ। ସେଥିପାଇଁ ତ ପଶୁପକ୍ଷୀ କିମ୍ବା ମନୁଷ୍ୟ ସମସ୍ତଙ୍କର ପାଟିରୁ ଲାଳଗଡ଼େ ମିଠାକୁ ଦେଖିଲେ। ଏହି ମିଠା ଦୁଇ ପ୍ରକାରର ହୋଇଥାଏ। ପ୍ରଥମଟି ହେଲା ବିଭିନ୍ନ ପ୍ରକାର ମିଠା ଫଳମୂଳ ଓ ରସରୁ ମିଳିଥାଏ, ଯାହାକି ଆମ ମନବୋଧ କରିଦିଏ। ଅନ୍ୟଟି ହେଉଛି ଉଦ୍ଭିଦ ଅଂଶରୁ ସଂଗୃହୀତ ମିଠା, ଯାହାକି ଗୁଡ ଓ ଚିନି ନାମରେ ପରିଚିତ। ପ୍ରଥମେ ଆମେମାନେ ଆଖୁ, ତାଳ କିମ୍ବା ଖଜୁରି ଗଛର ରସକୁ ସଂଗ୍ରହ କରି ସେଥିରୁ ଗୁଡ ତିଆରି କରୁଥିଲେ। ପରବର୍ତ୍ତୀ ସମୟରେ ସେସବୁ ଗୁଡ ତିଆରି କମିଗଲା ଓ ଆଖୁରୁ କଳକାରଖାନା ଦ୍ୱାରା ସିଧାସଳଖ ଚିନି ତିଆରି ହେଲା। ଚିନିର ଆବଶ୍ୟକତା ଓ ତଦନୁସାରେ ଉତ୍ପାଦନ ମଧ୍ୟ ବଢିବାକୁ ଲାଗିଲା। ଏକ ଆକଳନରୁ ଜଣାଯାଇଛି ଯେ ରାଜ୍ୟର ବାର୍ଷିକ ଚିନି ଆବଶ୍ୟକତା ୧୦ ଲକ୍ଷ ଟନ, ମାତ୍ର ଆମର ଉତ୍ପାଦନ ମାତ୍ର ୧୦,୦୦୦ରୁ ୧୫୦୦୦ ଟନ। ଆମେ ପ୍ରଚୁର ମାତ୍ରାରେ ଚିନି ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଆଦି ରାଜ୍ୟରୁ ଆମଦାନୀ କରି ଖାଉଛେ। ସେ ରାଜ୍ୟରେ ଆଖୁ ଚାଷ ଓ ଚିନି କାରଖାନାରେ ହଜାର ହଜାର ଲୋକ ରୋଜଗାର ପାଉଛନ୍ତି। ଆମ ରାଜ୍ୟର ଖାଉଟିଙ୍କ ପଇସା ସେ ସବୁ ରାଜ୍ୟକୁ ଚାଲିଯାଉଛି।

ଦୁଃଖର ବିଷୟ ଆମ ରାଜ୍ୟର ଗୋଟିଏ ଚିନିକଲକୁ ଛାଡି ଆଉ ସମସ୍ତ ଚିନିକଳ ଅକାମୀ। ଆମେମାନେ ପ୍ରାୟ ପୂଜା ପାର୍ବଣକୁ ଛାଡିଦେଲେ ଅନ୍ୟ ସମୟରେ ଗୁଡ ଜମା ବ୍ୟବହାର କରୁନାହୁଁ। ଓଡ଼ିଶାର ନୂତନ ପିଢ଼ି ତ ଗୁଡକୁ ଦେଖିଲେ ଯେମିତି ଅଖାଦ୍ୟ ଭାବି ନାକ ଟେକୁଛନ୍ତି। ଆପଣମାନେ ଯଦି ବୈଜ୍ଞାନିକ ଦୃଷ୍ଟିକୋଣରୁ ଗୁଡର ଖାଦ୍ୟ ଉପାଦାନଗୁଡିକୁ ଚିନିର ଖାଦ୍ୟ ଉପାଦାନ ସହିତ ତୁଳନା କରିବେ ତେବେ ନିଜକୁ ବିଶ୍ୱାସ କରିପାରିବେ ନାହିଁ ଓ ମୁଣ୍ଡରେ ଚଡକ ପଡିବ। ଭାବିବେ ମୁଁ କ'ଣ କରୁଛି? ଖାଦ୍ୟ ପୋଷକ ଉପାଦାନରେ ଚିନି ଗୁଡର ପାସାଙ୍ଗରେ ପଡେ ନାହିଁ। ଶରୀର ପାଇଁ ଚିନି ତୁଳନାରେ ଗୁଡ ଶହେ ପ୍ରତିଶତ ଭଲ। ଆସନ୍ତୁ ଜାଣିବା ୧୦୦ ଗ୍ରାମ ଗୁଡ ଓ ୧୦୦ ଗ୍ରାମ ଚିନିରେ କେଉଁ କେଉଁ ଉପାଦାନ ଅଛି। ଟେବୁଲକୁ ଅନୁଧ୍ୟାନ କଲେ ଆପଣ ଜାଣିପାରିବେ ଯେ ଖାଲି ଶ୍ୱେତସାରକୁ ଛାଡିଦେଲେ ପ୍ରାୟ ଅଧିକାଂଶ ଖାଦ୍ୟ ପୋଷକ ତତ୍ତ୍ୱ ଚିନିରେ ନାହିଁ ବା କିଞ୍ଚିତ ମାତ୍ରାରେ ଅଛି। ମାତ୍ର ସେଗୁଡିକ ଭରପୂର ମାତ୍ରାରେ ଅଛି ଗୁଡରେ। ତା'ଛଡା ଗୁଡରେ ଔଷଧୀୟ ଗୁଣ ବି ଭରିରହିଛି। ଆୟୁର୍ବେଦିକ ଶାସ୍ତ୍ର ଅନୁସାରେ ଏହା ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ସହିତ ଯକୃତରୁ ବିଷାକ୍ତ ପଦାର୍ଥକୁ ସଫା କରିଥାଏ। ଏହା ମଧ୍ୟ ରକ୍ତ ସଫା କରିବାରେ ସାହାଯ୍ୟ କରେ। ଗୁଡ ଆମର ପାକସ୍ଥଳୀ



ସଫାସୁତରା ରଖେ। ଆଣ୍ଠୁ ଗଣ୍ଠି ଯନ୍ତ୍ରଣାରୁ ଉପଶମ ଦିଏ। ରକ୍ତଚାପକୁ ନିୟନ୍ତ୍ରଣ କରେ। ରକ୍ତହୀନତା ଦୂର କରେ। ସର୍ବୋପରି ଏହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ମାତ୍ର ଚିନିରେ ଉପରୋକ୍ତ ବର୍ଣ୍ଣିତ ଉପକାର ସାଧିତ ହୁଏ ନାହିଁ। ଆଖୁ ରସକୁ ରିଫାଇନ ପଦ୍ଧତିରେ ଧଳା କରିବା ଦ୍ୱାରା ଏଥିରୁ ବହୁ ଖାଦ୍ୟ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ। ନିଜର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଗୁଡର କଳା ରଙ୍ଗକୁ ଘୃଣା ନ କରି ତାକୁ ସବୁ କ୍ଷେତ୍ରରେ ବ୍ୟବହାର କରନ୍ତୁ।

ଓଡ଼ିଶାବାସୀ ସମସ୍ତେ ଚିନି ପରିବର୍ତ୍ତେ ଗୁଡ ଖାଇଲେ, ସ୍ୱାସ୍ଥ୍ୟବାନ ହେବେ। ତା' ଛଡା ଗୁଡର ଚାହିଦା ମଧ୍ୟ ବଢିବ। ଗୁଡର ଚାହିଦା ବଢିଲେ ଆଖୁ ଚାଷ ବୃଦ୍ଧି ପାଇବ। ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଚାଷୀଭାଇ ନିଜ ଉଦ୍ୟମରେ ଗୁଡ ପ୍ରସ୍ତୁତକରି ଦି'ପଇସା ରୋଜଗାର କରି ନିଜ ଆର୍ଥିକ ସ୍ଥିତିରେ ସୁଧାର ଆଣିବେ। ଆମକୁ ଆଉ ଚିନି ପାଇଁ ବାହାର ରାଜ୍ୟ ଉପରେ ଏତେଟା ନିର୍ଭର କରିବାକୁ ପଡିବ ନାହିଁ। ଆମର ମୂଲ୍ୟବାନ ଟଙ୍କା ଚିନି କ୍ରୟ ପାଇଁ ବାହାର ରାଜ୍ୟକୁ ନ ଯାଇ, ରାଜ୍ୟର ଆଖୁ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷାରେ ଲାଗିବ। ରାଜ୍ୟର ଆଖୁଚାଷୀ ଗୁଡକୁ ୫୦୦ ଗ୍ରାମ କିମ୍ବା କିଲିକିଆ ପଲି ଡବାରେ ପ୍ୟାକ୍ କରି ବିଭିନ୍ନ ବଜାରକୁ ଛାଡ଼ନ୍ତୁ। ଚାଷୀ ଗୁଡକୁ ମୁଣ୍ଡାକରି ମଧ୍ୟ ବସ୍ତାରେ ଭରି ବିଭିନ୍ନ ସହରକୁ ପଠାଇ ପାରିବେ, ସେଥିପାଇଁ ଟେକ୍‌ନୋଲୋଜି ଉପଲବ୍ଧ ଅଛି। ଉତ୍ତର ପ୍ରଦେଶର ଗୁଡକୁ ମୁଣ୍ଡା କରି, ବସ୍ତାରେ ଭର୍ତ୍ତି କରି ସେମାନେ ଆମ ବଜାରରେ ବିକ୍ରିକରି ପାରୁଛନ୍ତି, ମାତ୍ର ଆମ ଚାଷୀଙ୍କ ଗୁଡକୁ ଆମେ ଆମ ରାଜ୍ୟରେ ବିକ୍ରି କରିବାକୁ ଅସମର୍ଥ। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଏଥିପାଇଁ ଆମେ କିଛି ଷ୍ଟାର୍ଟଅପ ମଧ୍ୟ ମଞ୍ଜୁର କରିପାରିବା। ସେଥିପାଇଁ ବ୍ୟୟ ବ୍ୟବସ୍ଥା ହେବା ଜରୁରୀ। ଏହା ଦ୍ୱାରା ଆମର ବେରୋଜଗାରି ମଧ୍ୟ ହ୍ରାସ ପାଇବ।

କିଛିଦିନ ତଳେ କର୍ଣ୍ଣାଟକର କ୍ଷୀର ନନ୍ଦିନୀ ଓ ଗୁଜରାଟର ଅମୂଲ କ୍ଷୀର ମଧ୍ୟରେ ପ୍ରତିଯୋଗିତା ହେଲାବେଳେ ସମଗ୍ର କର୍ଣ୍ଣାଟକବାସୀ ଅମୂଲ କ୍ଷୀର ତ୍ୟାଗକରି ନନ୍ଦିନୀ କ୍ଷୀର କିଣିବା ପାଇଁ ଘୋଷଣା କଲେ ନିଜ ରାଜ୍ୟର ଗୋପାଳଙ୍କ ସ୍ୱାର୍ଥ ରକ୍ଷା ପାଇଁ। ମିଠା ଦୋକାନରେ ଗୁଡ ରସଗୋଲା ମଧ୍ୟ ତିଆରି ହେଲାଣି। ଛେନାପୋଡ ମଧ୍ୟ ହୋଇପାରିବ ଗୁଡରୁ। ମିଠା ଦୋକାନରେ ଚିନି ପ୍ରୟୋଗକୁ ଛାଡି, ଘରେ ସବୁଥିରେ ଆମେ ଗୁଡ ପ୍ରୟୋଗ କରିପାରିବା। ଆସନ୍ତୁ ଆମେ ସମସ୍ତେ ଗୁଡ ଖାଇବା। ନିଜେ ସୁସ୍ଥ ରହିବା, ପରିବାରକୁ ସୁସ୍ଥ ରଖିବା ରାଜ୍ୟର ଆଖୁ ଚାଷୀଙ୍କ ଆର୍ଥିକ ସ୍ଥିତି ମଜଭୁତରେ ସହାୟକ ହେବା।

ଶ୍ୟାମଚାନ୍ଦ ପାଟଣା, ଭଦ୍ରକ
ମୋ:୮୯୧୭୪୨୬୪୪୦

## ଏଇ ଭାରତରେ

ଛତୁ ଚାଷରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଥିବାବେଳେ ଜଣେ ନାଗା ଝିଅଙ୍କ ନିଆରା ପଦ୍ଧତି ଏକ ନୂଆ ବାଟ ଦେଖାଇଛି। ନାଗାଲାଣ୍ଡର ଫେକ୍ ଜିଲା ବାସିନ୍ଦା ଲୁଭେଭୋଲୁ ଏ. ରାଖୋ ୪,୦୦୦ ଓକ୍ କାଠ ଗଣ୍ଡିରେ ସିଲଟେକ୍ ଛତୁ ଚାଷ କରୁଛନ୍ତି। ରାଖୋ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିଲେ ବି ୨୦୧୯ରୁ ସେ ଚାଷରେ ଲାଗିପଡ଼ିଛନ୍ତି। ଏହି ଚାଷରେ ବି ବହୁ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ସିଲଟେକ୍ ଛତୁ ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏହାକୁ ଉତ୍ପାଦନ କରିବା ପରେ ଖରାରେ ଶୁଖାଇ ପାଉଡର ଓ ଆଚାର ପ୍ରସ୍ତୁତ ହେଉଛି। ଏହାକୁ 'ନେଟିଭ ଅର୍ଗାନିକ' ବ୍ରାଣ୍ଡରେ ମୁଖ୍ୟତଃ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ପୁଣେ ଓ ଚେନ୍ନାଇରେ ବିକ୍ରି କରାଯାଉଛି। ୭୫ ଗ୍ରାମ୍ ଜାର୍‌କୁ ୫୦୦ ଟଙ୍କାରେ ବିକ୍ରି ହେଉଛି। ଏହି ଛତୁରେ ଭିଟାମିନ୍ ବି–୫ ଓ ଖାଦ୍ୟ ଉପଯୋଗୀ କପର ରହିଥିବା ବୈଜ୍ଞାନିକମାନେ କହିଛନ୍ତି। ସ୍ୱାଦ ଉଚ୍ଚକୋଟୀର ଏବଂ ଔଷଧୀୟ ଗୁଣ ଥିବାରୁ ଏହାର ଆଦର ସାରା ଦେଶରେ ବଢ଼ିବାରେ ଲାଗିଛି। ଏହି ଚାଷ ପଛରେ କୃଷି ବୈଜ୍ଞାନିକ ଡ. ଲଙ୍ଗକୁମାରଙ୍କ ପ୍ରୋତ୍ସାହନ ରହିଛି, ଯିଏକି ନାଗାଲାଣ୍ଡରେ ଏହି ଛତୁଚାଷକୁ ବ୍ୟାପକ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୯୮

- ସୁପର ମଡେଲ ତଥା ହଲିଉଡ୍ ଅଭିନେତ୍ରୀ ପରସିସ୍ ଖାମ୍ବାତାଙ୍କ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ପରଲୋକ।
- ଉତ୍ତର ପ୍ରଦେଶର ପିଥୋରଗଡ଼ ଜିଲା ଅନ୍ତର୍ଗତ ମାଲପା ଗ୍ରାମ ନିକଟରେ ମାଟି ଅତଡ଼ା ଖସି ୭୦ ଜଣ କୈଳାସ ମାନସରୋବର ତୀର୍ଥଯାତ୍ରୀଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ।
- ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭେରେଷ୍ଟକୁ ଅଭିଯାନ ବେଳେ ପର୍ବତାରୋହୀମାନେ ନିଜ ସହିତ ବୋତଲ ଭର୍ତ୍ତି କୌଣସି ପାନୀୟ ନେଇପାରିବେ ନାହିଁ ବୋଲି ନେପାଳ ସରକାରଙ୍କ ନିର୍ଦ୍ଦେଶନାମା ଜାରି।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 5 | | | | | |
| 5 | 4 | 7 | 3 | | | | | 8 |
| | 8 | | | | 9 | | | 4 |
| | | | | | | 9 | | |
| | 5 | | | 8 | | | | 7 |
| | 7 | | | 3 | | 2 | 8 | |
| | 2 | 3 | | | | | | |
| 8 | | 9 | | | | | 1 | |
| | | | 7 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 1 | 7 | 9 | 5 | 3 | 2 | 4 |
| 9 | 2 | 5 | 3 | 8 | 4 | 6 | 1 | 7 |
| 4 | 7 | 3 | 2 | 6 | 1 | 8 | 9 | 5 |
| 3 | 1 | 7 | 5 | 4 | 9 | 2 | 8 | 6 |
| 5 | 4 | 6 | 1 | 2 | 8 | 7 | 3 | 9 |
| 8 | 9 | 2 | 6 | 3 | 7 | 5 | 4 | 1 |
| 7 | 5 | 9 | 8 | 1 | 2 | 4 | 6 | 3 |
| 2 | 6 | 4 | 9 | 5 | 3 | 1 | 7 | 8 |
| 1 | 3 | 8 | 4 | 7 | 6 | 9 | 5 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଖାଦ୍ୟ ଖର୍ଚ୍ଚ ବାଟମାରଣା ନ ହେଉ

ମହାଶୟ,

ସବୁ ସରକାରୀ ମେଡିକାଲରେ ରୋଗୀମାନଙ୍କ ପାଇଁ ସରକାର ମାଗଣାରେ ଖାଦ୍ୟ ବାବଦକୁ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ତା'ର ସ୍ୱଚ୍ଛତା ଓ ଠିକ୍ ମୂଲ୍ୟର ଖାଦ୍ୟ ମିଳିପାରୁଛି କି ନା ତାହାର କୌଣସି ବିଧିବଦ୍ଧ ସମୀକ୍ଷା କରାଯାଉ ନାହିଁ। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ। କିନ୍ତୁ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି। ଏଭଳି କଲେ ରୋଗୀଙ୍କ ଅର୍ଥରେ ଖାଦ୍ୟ ଯୋଗାଉଥିବା ବ୍ୟକ୍ତିମାନେ ଫାଇଦା ହାସଲ କରିନେବେ। ସରକାରୀ ମେଡିକାଲରେ ଯେଉଁ ଶୁଖିଲା ଏବଂ ତରଳ ଖାଦ୍ୟ ଯୋଗାଇ ଦିଆଯାଉଛି ତା'ଉପରେ ସରକାରୀ ଯାଞ୍ଚ ହେଉ। ଦୁର୍ନୀତି ହେଉଥିଲେ କାର୍ଯ୍ୟାନୁଷ୍ଠାନ ହେଉ। ଏହାସହ ଏବେ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ବଢ଼ାଇବା ପାଇଁ ସରକାର ଯତ୍ନବାନ ହେବା ଉଚିତ।

–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

## ଅନ୍‌ଲାଇନ ଠକେଇ ପ୍ରତି ସାବଧାନ

ରାଜ୍ୟରେ ଅନ୍‌ଲାଇନ୍ ଠକେଇ ରେକର୍ଡ ସୃଷ୍ଟି କଲାଣି। ପ୍ରତିଦିନ କିଛି ନା କିଛି ଲୋକ ଏହାର ଶିକାର ହେଉଛନ୍ତି। ନିଜର ଅସାବଧାନତା ଏବଂ ବୈଷୟିକ ଜ୍ଞାନର ଅଭାବ ଯୋଗୁ ଶିକ୍ଷିତ ବର୍ଗ ଏହାର ଫାଶରେ ପଡିଯାଉଛନ୍ତି। ବିଶେଷ ଭାବରେ ବାହାର ରାଜ୍ୟ ଏବଂ ଆଫ୍ରିକାର କିଛି ଭାଗରେ ଠକମାନେ ର୍‍ୟାକେଟ ଚଳାଉଛନ୍ତି। ଲୋକମାନେ ଏଥିପ୍ରତି ସଜାଗ ରହିବା ଉଚିତ। ନ ହେଲେ ନିମିଷକ ମଧ୍ୟରେ ଝାଳବୁହା ଧନ ଚାଲିଯାଇପାରେ। କୌଣସି ଅଜ୍ଞାତ ନମ୍ବର ନ ଉଠାଇବା, ମେସେଜର ଉତ୍ତର ନ ଦେବା ଏବଂ ଓଟିପି ସେୟାର ନ କରିବା ପାଇଁ ଅନୁରୋଧ।

ସତସିଂହ ଶତପଥୀ, ଏଚ୍‌ବି କଲୋନୀ, ଭୁବନେଶ୍ୱର

## ଚିରନ୍ତନୀ

ବହି ନେଇ ବିକାଶର ପଥେ ସଦା ଧାଇଁଛି ଏ ସୃଷ୍ଟି,
ତପତ ତଡ଼ାଗ ଜଳ ଫେରିଆସେ ହୋଇ
ଶୀତ ବୃଷ୍ଟି,
ଏ ବିରାଟ ବିଶ୍ୱେ କେବେ ନାହିଁ କାର କ୍ଷୟ,
ଚିରଦିନ ଝରଇ ଅଭୟ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସମୁଦ୍ରରୁ ୫ ମତ୍ସ୍ୟଜୀବୀଙ୍କୁ ଅପହରଣ

ଛତ୍ରପୁର,୧୮।୮(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଧୀନ ସାନ ଆର୍ଯ୍ୟପଲ୍ଲୀ ଗାଁର ୫ଜଣ ମତ୍ସ୍ୟଜୀବୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଏକ ଟ୍ରଲରରେ କେତେଜଣ ଆସି ସମୁଦ୍ରରୁ ମତ୍ସ୍ୟଜୀବୀମାନଙ୍କୁ ଅପହରଣ କରି ନେଇଥିବା ଏନ. ଦୀନବନ୍ଧୁ ଶୁକ୍ରବାର ରାତିରେ ଥାନାରେ ଏତଲା ଦେଇଛନ୍ତି। ଦୀନବନ୍ଧୁଙ୍କ ଭାଇଙ୍କ ସମେତ ୧୯ ଜଣ ମତ୍ସ୍ୟଜୀବୀ ଶୁକ୍ରବାର ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲେ। ଏହି ସମୟରେ ବିଶାଖାପାଟଣାର ଏକ ଟ୍ରଲର (ଆଇଏନ୍‌ଡି -ଏପି -ଭିଌ -ଏମଏମ ୭) ଦ୍ୱାରା ଆନ୍ଧ୍ରର କେତେଜଣ ମଧ ମାଛ ମାରୁଥିବା ସେମାନେ ଦେଖି ବିରୋଧ କରିବାରୁ ସମୁଦ୍ର ମଧ୍ୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସେମାନେ ୫ଜଣଙ୍କୁ ଉଠାଇ ନେଇଛନ୍ତି।

# ‘ପାଇପ ଯୋଗେ ଗ୍ୟାସ୍‌ର ସୁବିଧା ଇଜ୍ ଅଫ୍ ଲିଭିଂର ବଡ଼ ଉଦାହରଣ’

### ଧର୍ମବିହାରରେ ୫ କୋଟିର ଶ୍ମଶାନଘାଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୮(ସୁନୀତ୍ ମିଶ୍ର)



ଭୁବନେଶ୍ୱରର ଧର୍ମବିହାରରେ ପ୍ରାକୃତିକ ଗ୍ୟାସ୍ ଆଧାରିତ ‘ଶବଦାହ ଗୃହ’ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭୁବନେଶ୍ୱର ଓ କଟକ ଦ୍ୱୈତନଗରୀର ଅନେକ ଘରକୁ ଗେଲ୍ ଇଣ୍ଡିଆ ଦ୍ୱାରା ପାଇପ ଯୋଗେ ରୋଷେଇ ଗ୍ୟାସ୍‌ର ସୁବିଧା ଦିଆଯିବା ନାଗରିକଙ୍କ ପାଇଁ ‘ଇଜ୍ ଅଫ୍ ଲିଭିଂ’ର ବଡ଼ ଉଦାହରଣ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ଧର୍ମବିହାରଠାରେ ଗେଲ୍ ଇଣ୍ଡିଆ ଲିମିଟେଡ୍‌ର ସିଏସ୍‌ଆର୍ ଅଧୀନରେ ରାଜ୍ୟର ସର୍ବପ୍ରଥମ ପ୍ରାକୃତିକ ଗ୍ୟାସ୍ ଆଧାରିତ ‘ଶବଦାହ ଗୃହ’ର ଲୋକାର୍ପଣ ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଗେଲ୍ ଦ୍ୱାରା ୧୬ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟରେ ଭୁବନେଶ୍ୱର ଓ କଟକରେ ପ୍ରାକୃତିକ ଗ୍ୟାସ୍ ଆଧାରିତ ଶବଦାହ ଗୃହ ନିର୍ମାଣ ଚାଲିଛି। ଶୁକ୍ରବାର ଭୁବନେଶ୍ୱରର ଧର୍ମବିହାରରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଶ୍ମଶାନଘାଟ ଉଦ୍‌ଘାଟିତ ହୋଇଯାଇଛି। ବିଏମ୍‌ସି ଏଥିରେ ସହଯୋଗୀ ହୋଇଛି। ଏହାବ୍ୟତୀତ ଆଉ ୨ଟି ଶ୍ମଶାନଘାଟ ଆଇଗଣିଆ ଓ କଟକର ଖାନନଗରଠାରେ ତିଆରି କରାଯାଉଛି। ଖୁବ୍‌ଶୀଘ୍ର ଏହାର ଲୋକାର୍ପଣ କରାଯିବ। ଏହାଦ୍ୱାରା ଦ୍ୱୈତନଗରୀରେ ଶବଦାହ ପାଇଁ ଯେଉଁ ଅସୁବିଧା ପରିଲକ୍ଷିତ ହେଉଥିଲା ତାହା ଦୂରହୋଇପାରିବ। ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ଇଜ୍ ଅଫ୍ ଲିଭିଂ’ କଳ୍ପନାରେ ଏହି ନୂଆ ଅତ୍ୟାଧୁନିକ ଶବଦାହ ନିର୍ମାଣ କରିଥିବାରୁ ଗେଲ୍ ଇଣ୍ଡିଆକୁ ଧର୍ମେନ୍ଦ୍ର ଧନ୍ୟବାଦ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଭୁବନେଶ୍ୱରକୁ ସ୍ମାର୍ଟସିଟି ପାଇଁ ଅନୁଦାନ, ସହରାଞ୍ଚଳର ବିକାଶ ଶ୍ମଶାନଘାଟକୁ ଉନ୍ନତୀକରଣ କରାଯାଇଛି। କଟକ ଓ ଭୁବନେଶ୍ୱରରେ ୨୦୧୮ ଅକ୍ଟୋବରରେ ଗେଲ୍ ଦ୍ୱାରା ଆରମ୍ଭ ହୋଇଥିବା ଗ୍ୟାସ୍ ପାଇପଲାଇନ ପ୍ରାୟ ୫୦ ହଜାର ଘରେ ପହଞ୍ଚାଯାଇଛି। ଭୁବନେଶ୍ୱରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ବାସଭବନଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଘରେ ସୁଲଭ ମୂଲ୍ୟରେ ଗ୍ୟାସ୍ ପହଞ୍ଚାଯିବାର ବ୍ୟବସ୍ଥା କରାଯାଇ କଟକ ଓ ଖୋର୍ଦ୍ଧା ଜିଲାରେ ୨୩ଟି ସିଏନ୍‌ଜି ଷ୍ଟେଶନ ପ୍ରତିଷ୍ଠା ହୋଇଛି। ଭୁବନେଶ୍ୱରରେ ଗରିବଙ୍କୁ ରଖାଯାଇ ଭୋଟ ରାଜନୀତି ଚାଲିଛି। କେନ୍ଦ୍ର ସରକାର ପିଏମ୍ ଆବାସ ଯୋଜନାରେ ସହରାଞ୍ଚଳର ଗରିବ ଓ ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇବା ପାଇଁ ଯୋଜନା କରିଛନ୍ତି। ରାଜ୍ୟ ସରକାର ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଜାଗା ଉପଲବ୍ଧ କଲେ ପ୍ରଧାନମନ୍ତ୍ରୀ ଆବାସ ସହରକୁ ପର୍ଯ୍ୟାପ୍ତ ମାତ୍ରାରେ ଘର ଯୋଗାଇଦେବେ। ଓଡ଼ିଶାକୁ ଦେଶରେ ୧ ନମ୍ବର କରିବା ସହ ଦାରିଦ୍ର୍ୟ ଦୂରକରିବା ପାଇଁ ଧର୍ମେନ୍ଦ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

### ପାଇପ୍‌ଲାଇନ ଦ୍ୱାରା ଗ୍ୟାସ୍ ସଂଯୋଗ ନେଇଥିବା ଲାଭାର୍ଥୀଙ୍କ ଘରକୁ ଗଲେ ଧର୍ମେନ୍ଦ୍ର

ଭୁବନେଶ୍ୱରରେ ଗେଲ୍ ଇଣ୍ଡିଆର ପ୍ରାକୃତିକ ରୋଷେଇ ଗ୍ୟାସ୍ ପାଇପଲାଇନ ଦ୍ୱାରା ନାଗରିକମାନେ ପାଉଥିବା ସୁବିଧା ଜାଣିବା ପାଇଁ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅଶୋକ ପ୍ରଧାନଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପରିବାର ସାଙ୍ଗରେ କେନ୍ଦ୍ରମନ୍ତ୍ରୀ ଚା’ ମଧ ପିଇଥିଲେ। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ୨୦୧୮ ଅକ୍ଟୋବରରେ ଭୁବନେଶ୍ୱରରେ ଗେଲ୍ ଦ୍ୱାରା ଘରେ ଘରେ ପିଇବା ପାଣି ଭଳି ପାଇପ ଯୋଗେ ଅତ୍ୟାଧୁନିକ ଶୈଳୀରେ ଗ୍ୟାସ୍ ପହଞ୍ଚାଇବା ଭଳି ଯୋଜନା ଆରମ୍ଭ କରିଥିଲା। ପାଇପଲାଇନ କାମ ଜାଣିବା ଲାଗି ଅନନ୍ତବିହାରସ୍ଥିତ ଲାଭାର୍ଥୀ ଅଶୋକ ପ୍ରଧାନଙ୍କ ଘରକୁ ଯାଇଥିଲେ। ତାଙ୍କ ଘରେ ୧୫ ଦିନ ହେବ ପିଏନ୍‌ଜି ଗ୍ୟାସ୍ କନେକ୍ସନ କରାଯାଇଛି। ଭୁବନେଶ୍ୱରରେ ପାଇପଲାଇନରେ ରନ୍ଧନ ଗ୍ୟାସ୍ ଆସିବା ଯୋଗୁ ସେମାନଙ୍କ ପରିବାର ଖୁସିବ୍ୟକ୍ତ କରିବା ସହ ବେଶ୍ ଉପକୃତ ହେଉଥିବା କହିଛନ୍ତି। ପାଇନଲାଇନରେ ଆସୁଥିବା ଗ୍ୟାସ୍ ଅନ୍ୟ ଇନ୍ଧନଠାରୁ ଢେର୍ ଶସ୍ତା ଓ ସୁବିଧାଜନକ। ଏହି ସୁବିଧା ଦ୍ୱାରା ଗ୍ୟାସ୍ ବୁକିଂ, ଡେଲିଭରି କରିବା ସମସ୍ୟା ନାହିଁ। ଇଲେକ୍ଟ୍ରି ଓ ପାନୀୟ ଜଳ ଭଳି ଏହା ମଧ ସାଧାରଣ ସୁବିଧା ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ରେଳଧାରଣା ନିକଟରୁ ଲ୍ୟାଣ୍ଡମାଇନ୍ ଜବତ

ଟେନ୍‌ସା,୧୮।୮( ସମୀର କୁମାର ପାଢ଼ୀ)

ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତରେ ଥମୁନି ମାଓବାଦୀ ହିଂସା। ଗୁରୁବାର ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଟୋପାଡିହିରେ ମାଓବାଦୀଙ୍କ ବଡ଼ଧରଣ ହିଂସାକାଣ୍ଡ ଯୋଜନା ପଣ୍ଡ ହୋଇଛି। ଟୋପାଡିହି ରେଳଷ୍ଟେଶନ ରେଳଧାରଣା ପାର୍ଶ୍ୱରୁ ଡିଭିଏଫ୍ ଯବାନମାନେ ୧୦ କେଜିରୁ ଅଧିକ ଓଜନର ଲ୍ୟାଣ୍ଡମାଇନ ଜବତ କରିଛନ୍ତି। ସ୍ଥାନୀୟ ପୋଲିସ ଓ ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍)ର ମିଳିତ ସର୍ଚ୍ଚ ଅପରେଶନରେ ଲ୍ୟାଣ୍ଡମାଇନ ଠାବ ହୋଇଥିଲା। ବୋମା ନିଷ୍କ୍ରିୟକାରୀ ଟିମ୍ ନିକଟସ୍ଥ ଜଙ୍ଗଲରେ ଜବତ ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରିଦେଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି। ଗୋଇନ୍ଦା ସୂଚନା ଆଧାରରେ, ରେଲୱେ ପକ୍ଷରୁ ଟୋପାଡିହି ଷ୍ଟେଶନମାଷ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ସତର୍କ କରିଦିଆଯାଇଛି। ସିଆରପିଏଫ୍ ଓ ଆରପିଏଫ୍ ଯବାନଙ୍କୁ ଘଟଣାସ୍ଥଳରେ ମୁତୟନ କରାଯାଇଛି। ଝାଡ଼ଖଣ୍ଡ ପରେ ଓଡ଼ିଶା ପାର୍ଶ୍ୱରେ ମାଓବାଦୀଙ୍କ ହିଂସା ଷଡ଼ଯନ୍ତ୍ର ଜିଲା ପୋଲିସ ଓ ସିଆରପିଏଫ୍ ଯବାନଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ଦୁର୍ଦ୍ଦାନ୍ତ ମାଓବାଦୀ ନେତା ମିସ୍ରି ବେସ୍ରା କୋହ୍ଲାଣ ସରଣ୍ଡା ପରେ ଓଡ଼ିଶା ପାର୍ଶ୍ୱରେ ନିଜର ଉପସ୍ଥିତି ଜାହିର କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହ ମଧ୍ୟରେ ମାଓବାଦୀଙ୍କ ଗୁଳିରେ ୩ ଯବାନ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଥିଲେ ଓଡ଼ିଶା ଯବାନ ସୁଶାନ୍ତ କୁମାର ଖୁଣ୍ଟିଆ। ଅନ୍ୟ ୨ଜଣ ବିହାର ଓ ଝାଡ଼ଖଣ୍ଡର। କେବଳ ଏତିକି ନୁହେଁ, ଝାଡ଼ଖଣ୍ଡ ପାର୍ଶ୍ୱ ଜଙ୍ଗଲରୁ ବିପୁଳ ପରିମାଣରେ ମାରଣାସ୍ତ୍ର ଜବତ ହୋଇଛି। ଯବାନମାନେ ୧୧ରୁ ଅଧିକ ମାଓବାଦୀ ବଙ୍କର ଧ୍ୱଂସ କରିଛନ୍ତି। ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୋଲିସର ମୋଷ୍ଟୱାଣ୍ଟେଡ୍ ତାଲିକାରେ ଥିବା ଦୁର୍ଦ୍ଦାନ୍ତ ମାଓବାଦୀ ମିସ୍ରି ବେସ୍ରାଙ୍କୁ ଧରିବାକୁ ସିଆର୍‌ପିଏଫ୍, ଝାଡ଼ଖଣ୍ଡ ଜାଗୁଆର ପୋଲିସ, ଡିଭିଏଫ୍ ଓ ସ୍ଥାନୀୟ ପୋଲିସ ପକ୍ଷରୁ ମିଳିତଭାବେ ଉଭୟ ପାର୍ଶ୍ୱ ଜଙ୍ଗଲରେ ତଲାସୀ ଅଭିଯାନ ଜାରି ରହିଛି। ମାତ୍ର ମିସ୍ରି ବେସ୍ରାଙ୍କୁ ଧରିବାରେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୋଲିସ ବିଫଳ ହୋଇଛି।

# ନଦୀକୂଳରୁ ପୁରାତନ ମନ୍ଦିରର ଭଗ୍ନାବଶେଷ ଠାବ

- ସନ୍ଧାନ କଲା ଗବେଷଣା ସଂସ୍ଥା ଇନ୍‌ଟାକ
- ୧୫ଶ ଶତାବ୍ଦୀର ହୋଇଥିବା ଅନୁମାନ

ସାକ୍ଷୀଗୋପାଳ,୧୮।୮(ଭରତ ରାଉତ)



ପୁରୀ ଜିଲା ସତ୍ୟବାଦୀ ତହସିଲ ଅନ୍ତର୍ଗତ ଆନନ୍ଦପୁର ଗ୍ରାମ ନିକଟରେ ଭାର୍ଗବୀ ନଦୀକୂଳରୁ ମିଳିଛି ପୁରାତନ ମନ୍ଦିରର ଭଗ୍ନାବଶେଷ। ଐତିହ୍ୟ ଗବେଷଣା ସଂସ୍ଥା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ(ଇନ୍‌ଟାକ)ର ସଦସ୍ୟମାନେ ଏହି ପୁରାତନ ମନ୍ଦିରର ଭଗ୍ନାବଶେଷଟିର ସନ୍ଧାନ କରିଛନ୍ତି। ସ୍ଥାନୀୟ ଐତିହ୍ୟପ୍ରେମୀ ବିଶ୍ୱରଞ୍ଜନ ମହାପାତ୍ର ଏହି ପ୍ରାଚୀନ ଐତିହ୍ୟ ସମ୍ପର୍କରେ ଇନ୍‌ଟାକର ଭୁବନେଶ୍ୱର ଶାଖା ଆବାହକ ଅନିଲ ଧୀରଙ୍କୁ ସୂଚନା ଦେଇଥିଲେ। ପରେ ଇନ୍‌ଟାକର ଏକ ଐତିହ୍ୟ ଅନୁସନ୍ଧାନକାରୀ ଦଳ ସେଠାରେ ପହଞ୍ଚି ପ୍ରାଥମିକ ଅନୁଧ୍ୟାନ କରି ଫେରିଛନ୍ତି। ଏହି ଦଳରେ ଇନ୍‌ଟାକ କଟକ ଶାଖାର ସଦସ୍ୟ ଦୀପକ କୁମାର ନାୟକ, ଐତିହ୍ୟପ୍ରେମୀ ସୁମନ ସ୍ୱାଇଁ ଓ ବିକ୍ରମ କୁମାର ନାୟକ ପ୍ରମୁଖ ସାମିଲ ଥିଲେ।

ଏ ସମ୍ପର୍କରେ ଇନ୍‌ଟାକ ସଦସ୍ୟ ଦୀପକ ନାୟକ କହିଛନ୍ତି, ଆନନ୍ଦପୁର ଗ୍ରାମ ଦେଇ ପ୍ରବାହିତ ଭାର୍ଗବୀ ନଦୀ ନିକଟରେ ଏକ ଭଗ୍ନ ମନ୍ଦିରର ଦ୍ୱାରବନ୍ଧର ଉପରଅଂଶ ଓ ଅମଳକ ଶିଳା ପଡ଼ିଥିଲା। ଏହି ଉପରବନ୍ଧର ଲଲାଟବିମ୍ବରେ ଗଜଲକ୍ଷ୍ମୀଙ୍କ ପ୍ରତିମା ଖୋଦିତ ହୋଇଛି। ଏହି ଉପରବନ୍ଧଟି ତିନି ଧାର ବିଶିଷ୍ଟ ହୋଇଥିବା ବେଳେ ଉପର ପଟରୁ ପ୍ରଥମ ଧାରରେ ଜଳପତ୍ର, ମଝିରେ ଗନ୍ଧର୍ବ/ବିଦ୍ୟାଧର ଧାର ତଥା ନିମ୍ନରେ ଡାଳି ଧାରର ଚିତ୍ରଣ କରାଯାଇଛି। ଓଡ଼ିଶାରେ ଏପରି କାରୁକାର୍ଯ୍ୟ ସୋମବଂଶୀ ଓ ପୂର୍ବ ଗଙ୍ଗବଂଶୀମାନଙ୍କ ରାଜୁତି ସମୟରେ ନିର୍ମିତ ମନ୍ଦିରଗୁଡ଼ିକର ଦ୍ୱାରବନ୍ଧରେ ଦେଖିବାକୁ ମିଳିଥାଏ ବୋଲି ନାୟକ ମତପ୍ରକାଶ କରିଛନ୍ତି। ଏଣୁ ଭଗ୍ନ ମନ୍ଦିରର ନିର୍ମାଣ ସମୟ ୧୫ଶ ଶତାବ୍ଦୀରୁ ପୂର୍ବ କାଳର ହୋଇପାରେ ବୋଲି ସେ କହିଛନ୍ତି।

ସ୍ଥାନୀୟ ଅଧିବାସୀ ନାରାୟଣ ପଣ୍ଡା କହିଛନ୍ତି, ଏହି ସ୍ଥାନଟି ପୂର୍ବକାଳରେ ଶାସନବାଡି ନାମରେ ଜଣାଶୁଣା। ଏଠାରେ ଏକ ଗୋପୀନାଥ ମନ୍ଦିର ଥିଲା ବୋଲି ପୂର୍ବଜଙ୍କଠାରୁ ଶୁଣିଛୁ, ମାତ୍ର ଭାର୍ଗବୀ ନଦୀରେ ବନ୍ୟା ଆସି ସେହି ମନ୍ଦିରଟି ଭାଙ୍ଗିଯାଇଥିଲା। ଆଜି ମଧ ନଦୀର ଆଖପାଖ ଅଞ୍ଚଳରୁ ସେହି ମନ୍ଦିରର ପୁରୁଣା ଶିଳାଖଣ୍ଡ ମିଳୁଛି। ଏହି ମନ୍ଦିରର ଅମଳକଟି ଗ୍ରାମର ଦାସସାହି ନିକଟରେ ତୁଳସୀ ଚଉରା ଭାବେ ବ୍ୟବହୃତ ହେଉଛି। କିଛି ବର୍ଷ ପୂର୍ବେ ଏଠାରୁ ଏକ ବୌଦ୍ଧ ମୂର୍ତ୍ତି ନିକଟସ୍ଥ ବଳପୁର ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରକୁ ସ୍ଥାନାନ୍ତରିତ କରାଯାଇଥିଲା। ଅପରପକ୍ଷେ ଇନ୍‌ଟାକ ଭୁବନେଶ୍ୱର ଶାଖା ଆବାହକ ଅନିଲ ଧୀର କହିଛନ୍ତି, ଇନ୍‌ଟାକ ପକ୍ଷରୁ ବର୍ତ୍ତମାନ ରତ୍ନଚିରା, ଦୟା, ଭାର୍ଗବୀ ଆଦି ନଦୀ ଉପତ୍ୟକାର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବିଭବର ସନ୍ଧାନ ଓ ସଂରକ୍ଷଣ ପାଇଁ ଉଦ୍ୟମ ଜାରି ରହିଛି। ଭାର୍ଗବୀ ନଦୀକୂଳରେ ଅବସ୍ଥିତ ଆନନ୍ଦପୁର ଓ ଏହାର ଆଖପାଖ ଗ୍ରାମରେ ଅନେକ ପ୍ରାଚୀନ ଐତିହ୍ୟ ଅବହେଳିତ ଅବସ୍ଥାରେ ରହିଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏ ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ ସଂରକ୍ଷଣ ଓ ସୁରକ୍ଷା ପ୍ରତି ପଦକ୍ଷେପ ନେବା ଆବଶ୍ୟକ।

# ହାଇକୋର୍ଟର ସ୍ୱତନ୍ତ୍ର ଖଣ୍ଡପୀଠରେ ହେବ ଶୁଣାଣି

କଟକ,୧୮।୮(କାର୍ତ୍ତିକ ସାହୁ)

### ବିଧାୟକ ମୋକିମଙ୍କୁ ଜେଲ ଦଣ୍ଡାଦେଶ ବିରୋଧରେ ମାମଲା



ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ–କଟକ ବିଧାୟକ ମହମ୍ମଦ ମୋକିମଙ୍କ ଜେଲ୍ ଦଣ୍ଡାଦେଶ ବିରୋଧରେ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ସ୍ୱତନ୍ତ୍ର ଖଣ୍ଡପୀଠରେ ହେବ। ମୋକିମଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ସ୍ୱତନ୍ତ୍ର ଖଣ୍ଡପୀଠରେ ଆସନ୍ତା ୬ ମାସ ମଧ୍ୟରେ ଏହାର ଶୁଣାଣି ହେବ ବୋଲି ଶୁକ୍ରବାର କହିଛନ୍ତି। ଅଦାଲତ ତାଙ୍କ ଆଦେଶରେ ଦର୍ଶାଇଛନ୍ତି, ନେତା, ମନ୍ତ୍ରୀ, ବିଧାୟକ ଓ ଏମ୍ପିଙ୍କ ବିରୋଧରେ ରହିଥିବା ଏପରି ମାମଲାର ଶୁଣାଣି ନିମନ୍ତେ ହାଇକୋର୍ଟ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିଛନ୍ତି। ଏଣୁ ମୋକିମଙ୍କ ମାମଲାର ଶୁଣାଣି ଉକ୍ତ ସ୍ୱତନ୍ତ୍ର ଖଣ୍ଡପୀଠରେ ହେବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ ମେଟ୍ରୋ ବିଲ୍ଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ବିଧାୟକ ମୋକିମଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ୍ ସହ ଜରିମାନା ଦଣ୍ଡାଦେଶ ଦେଇଥିଲେ। ସେହିପରି ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ମୋକିମଙ୍କ ବ୍ୟତୀତ ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର ଓ ମେଟ୍ରୋ ବିଲ୍ଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଥିଲା। ମୋକିମ ଭିଜିଲାନ୍ସ କୋର୍ଟର ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ମୋକିମଙ୍କୁ ଦିଆଯାଇଥିବା ୩ ବର୍ଷ ଜେଲ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ଜରିମାନା ଆଦାୟ ରାୟ ଉପରେ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ୧ ଲକ୍ଷ ଟଙ୍କା ଓ ୨ ଜଣ ଜାମିନଦାରଙ୍କ ବଦଳରେ ମୋକିମଙ୍କୁ ଜାମିନ ପ୍ରଦାନ କରିଥିଲେ। ତେବେ ଏହି ପ୍ରସଙ୍ଗରେ ଡା. ରବି ରଞ୍ଜନ ସାହୁ ହାଇକୋର୍ଟରେ ମୋକିମଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତାଙ୍କୁ ଭିଜିଲାନ୍ସ ମାମଲାରେ ହୋଇଥିବା ଦଣ୍ଡାଦେଶକୁ ତୁରନ୍ତ ଲାଗୁ କରିବାକୁ ଆବେଦନ କରିଥିଲେ। ଏହି ମାମଲାରେ ଡା. ସାହୁ ଭାରତୀୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରି କୋର୍ଟଙ୍କ ଦଣ୍ଡାଦେଶକୁ କଡ଼ାକଡ଼ି ଲାଗୁ କରିବାକୁ ଦର୍ଶାଇଥିଲେ। ସେହିପରି ମୋକିମଙ୍କ ନାଁରେ କଟକ ଏସ୍‌ଡିଜେଏମ୍ କୋର୍ଟ, ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ, କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ, ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ, କଟକର ଏସ୍‌ଡିଜେଏମ୍ (ଏସ୍) କୋର୍ଟରେ ୧୨ଟି ମାମଲା ବିଚାରାଧୀନ ରହିଛି ବୋଲି ଦର୍ଶାଇଥିଲେ।


**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନି ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି। ଏହି ନିଲାମ ଦିନାଙ୍କ 23.08.2023 କୁ ସକାଳ/ସନ୍ଧ୍ୟା-10.00 ଘଟିକାରେ (ଠିକଣା) BUILDING NO.354, PURBANCHAL, KALIKAPUR, OPPOSITE OF SBI, CALCUTTA - 700078. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି। ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

Loan Nos : BHUBANESWAR (BUU) - 2008611, 1971019.

For more details, please contact : Mr. Palash Ray - 9333473008

(Reserves the right to alter the number of accounts to be auctioned &/ postpone / cancel the auction without any prior notice.)



**ପ୍ରଯୁକ୍ତି ବିକାଶ ପରିଷଦ**
ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ
ବ୍ଲକ୍–II, ୨ୟ ମହଲା, ଟେକ୍ନୋଲୋଜି ଭବନ,
ନ୍ୟୁ ମେହରେଲି ରୋଡ୍, ନୂଆଦିଲ୍ଲୀ–୧୧୦୦୧୬
ୱେବ୍‌ସାଇଟ୍: www.tdb.gov.in

**ଖାଲିପଦବୀ ସମ୍ବନ୍ଧୀୟ ବିଜ୍ଞପ୍ତି**

ଚୁକ୍ତି ଏବଂ ଡେପୁଟେଶନ୍/ଆବ୍‌ଜର୍ପଶନ୍‌ରେ ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଭାରତୀୟ ନାଗରିକମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:

| କ୍ର.ସଂ. | ପଦବୀର ନାମ | ପଦବୀ ସଂଖ୍ୟା |
|---|---|---|
| ୧. | ମୁଖ୍ୟ (ଅନ୍ତର୍ଜାତୀୟ/ଦ୍ୱିପାକ୍ଷିକ ସହଯୋଗ କାର୍ଯ୍ୟକ୍ରମ) (ଚୁକ୍ତି ଭିତ୍ତିରେ) | ୦୧ |
| ୨. | ବ୍ୟକ୍ତିଗତ ସହାୟକ (ଡେପୁଟେଶନ୍/ଆବ୍‌ଜର୍ପଶନ୍ ଭିତ୍ତିରେ) | ୦୧ |

ସବିଶେଷ ଖାଲିପଦବୀ ବିଜ୍ଞପ୍ତି ସହିତ ଯୋଗ୍ୟତା, ଅଭିଜ୍ଞତା, ମାସିକ ଏକତ୍ରିତ ପାରିଶ୍ରମିକ, ବୟସ ସୀମା, ଯୋଗ୍ୟତା ମାନଦଣ୍ଡ, ଦରଖାସ୍ତ ଫର୍ମାଟ୍ ଏବଂ ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ପାଇଁ ଡିଏସ୍‌ଟି ତଥା ଟିଡିବିର ୱେବ୍‌ସାଇଟ୍ (www.dst.gov.in ଏବଂ www.tdb.gov.in) ଦେଖାଯାଇପାରିବ।

ଦରଖାସ୍ତ ଗ୍ରହଣର ଶେଷ ତାରିଖ ହେଉଛି ୦୬ ଅକ୍ଟୋବର, ୨୦୨୩ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ।

କୌଣସି ଅପଡେଟ୍/ଶୁଦ୍ଧିପତ୍ର/ଯୋଗପତ୍ର ଆଦି କେବଳ ଟିଡିବିର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ତେଣୁ ନିୟମିତ ଭାବେ ଟିଡିବିର ଆନୁଷ୍ଠାନିକ ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

ଅନୁସଚିବ, ଟିଡିବି
CBC 36106/12/0013/2324 ଟେଲି. ୦୧୧-୨୬୫୧୧୧୮୪


# ୨୯ ଆକାଂକ୍ଷୀ ବ୍ଲକର ଅଧିକାରୀଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର,୧୮।୮(ଅନିଲ ଦାସ)

ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତରଫରୁ ନୀତି ଆୟୋଗ ପ୍ରାୟୋଜିତ ନେତୃତ୍ୱ ଦକ୍ଷତା (ଲିଡରଶିପ୍ ମୋଡ୍ୟୁଲ) ପ୍ରଶିକ୍ଷଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ (ଏଡିପି)ର ଉଲ୍ଲେଖନୀୟ ସଫଳତାକୁ ଆଧାର କରି ଦେଶର ୫୦୦ ବ୍ଲକରେ ଏହାର ସଫଳ ମଡେଲକୁ ସମ୍ପ୍ରସାରଣ କରିବାକୁ ଉଦ୍ୟମ କରାଯାଉଛି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ବ୍ଲକ ସ୍ତରରେ କାର୍ଯ୍ୟରତ ଅଧିକାରୀମାନେ ନିଜ ନିଜ ଅଞ୍ଚଳ ଓ ସମ୍ପ୍ରଦାୟରେ ବିଭିନ୍ନ ସାମାଜିକ–ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମ ଏବଂ ଲୋକାଭିମୁଖୀ ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। କାର୍ଯ୍ୟକ୍ରମଗୁଡ଼ିକର ଠିକ୍ ଯୋଜନା ଏବଂ କାର୍ଯ୍ୟକାରିତା ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ଜ୍ଞାନ ଏବଂ ଦକ୍ଷତା ମିଳିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ସୁଶୀଲ କୁମାର ଲୋହାନୀ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶଦଭାବେ ଆଲୋକପାତ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ଆଇଆର୍‌ଡିର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା, ପଞ୍ଚାୟତିରାଜ, ଯୋଜନା, ପରିଚାଳନା ଏବଂ ମାନବ ସମ୍ବଳ ବିକାଶ ଉପନିର୍ଦ୍ଦେଶିକା ଅମିତା ପାତ୍ର ଉପସ୍ଥିତ ଥିଲେ। ୩ଟି ପର୍ଯ୍ୟାୟରେ ୬ ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣରେ ଓଡ଼ିଶାର ୧୬ ଜିଲାର ୨୯ ଆକାଂକ୍ଷୀ ବ୍ଲକର ଅଧିକାରୀମାନଙ୍କୁ ସାମିଲ କରାଯିବ। ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୦୯ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଛନ୍ତି। ରାଜ୍ୟର ଆକାଂକ୍ଷୀ ବ୍ଲକରୁ ମୋଟ ୩୫୫ ଜଣ ଅଧିକାରୀ ପ୍ରଶିକ୍ଷଣ ନେବେ। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ବିକାଶ ପାଇଁ ୯ଟି ପ୍ରମୁଖ କ୍ଷେତ୍ର ଏବଂ ୩୯ଟି ସୂଚକାଙ୍କ ଚିହ୍ନଟ କରାଯାଇଛି। ଏଥିରେ କୃଷି ଓ ଆନୁଷଙ୍ଗିକ ସେବା, ସ୍ୱାସ୍ଥ୍ୟ, ପୋଷଣ, ପାନୀୟ ଜଳ, ପରିମଳ, ମୌଳିକ ଭିତ୍ତିଭୂମି, ସାମାଜିକ ବିକାଶ, ଶିକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ର ଅନ୍ତର୍ଭୁକ୍ତ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer**
**Rushikulya Bahuda Basin, Berhampur- 760004**
**e-mail id: se-sicbam@yahoo.com**
No.A-443

**e-Procurement Notice No. ACE, RBB- 01/2023-24**

1. Type of work : Flood protection work
2. Total No. of works : 01 (One) No.
3. Amount put to tender : Rs.345.64 Lakh
4. Period of completion : 11 (Eleven) calendar months

| Procurement Officer | Bid Identification No. | Bid amount (Rs. in lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BEID)-01/2023-24 | 345.64 | From 23.08.2023, 10.00 A.M. to 07.09.2023, 5.00 P.M. |

Date of opening of the technical bid: 08.09.2023 at 11.30 A.M.
Further details can be seen from the Govt. website **www.tendersodisha.gov.in**
**Sd./- Additional Chief Engineer, Rushikulya Bahuda Basin, Berhampur**
OIPR-32411/11/0003/2324



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION; MAYURBHANJ**
**AT/P.O-BARIPADA, DIST-MAYURBHANJ, PIN-757091**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE(OIIPCRA)**
**(WORLD BANK PROJECT ID: PI63533)**
**REQUEST FOR BIDS(RFB) E Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
**No. 3380 Dated 09.08.2023**
No.A-447
**RFB No. OIIPCRA-MBJ/W2-02/2023-24**

| | |
|---|---|
| Name of work | : Modernization & Improvement to MIPs under Minor Irrigation Division, Mayurbhanj |
| Total No. of works | : 06 Nos.(Individual MIP & Individual Package) |
| Estimated cost of works(s) | : Varies Approximately from 23.34 Lakh to 72.47 Lakh in individual package for One No. project. (Total estimated cost of the 06 Nos. of Works Rs. 290.27 Lakh ) |
| Cost of bid document | : Free of Cost. |
| Time for completion | : Refer to DTCN |
| Availability of bid documents | : From 23.08.2023 10.00 Hrs. to 24.09.2023 up to 15.00 Hrs in the eprocurement website (https://tendersodisha.gov.in) through online |
| Date of Pre-Bid Meeting | : On dt 05.09.2023 From 11.30 Hrs. to 14.00 Hrs. |
| Last date & time of receipt of bid | : Upto 24.09.2023, 15.00 Hrs. through online |
| Payment of bid cost/bid security | : Shall be paid On-Line through through the e-Procurement portal of Govt. of Odisha |
| Date of opening of technical bid(s) | : On dt: 24.09.2023 at 15.30 Hrs. onwards. |
| Date of opening of financial bid(s) | : To be intimated online after offline evaluation of Technical Bids |
| Digital signature certificate of bidders | : The bidder must posses compatible Digital Signature Certificate (DSC) of class-II or III |
| Details about the tender | : Available in website of www.dowrodisha.gov.in and www.tendersodisha.gov.in |
| Name/address of the OIT | : **Superintending Engineer, M.I. Division, Mayurbhanj, At/PO-Baripada (Near Murgabadi Fly Over Bridge)/Dist: Mayurbhanj, PIN-757001, E-Mail:- mi.mayurbhanj@yahoo.com** |

**Sd./- M.R Dash, Superintending Engineer, M.I. Division, Mayurbhanj**
OIPR-32041/11/0003/2324



**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର** No. RR-26
**ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର**
**+୨ ନାମଲେଖା ବିଜ୍ଞାପନ**
**Student Academic Management System**

ବିଜ୍ଞାପନ ସଂ.–୨୦୨୩/ଉ.ସ.ମ. ତା୧୭।୦୮।୨୦୨୩ରିଖ

ଚଳିତ ୨୦୨୩–୨୪ ଶିକ୍ଷାବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ତୃତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:–

| | | |
|---|---|---|
| ୧ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ତୃତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଉପଲବ୍ଧ ହେବାର ତାରିଖ | ତା୧୯।୦୮।୨୦୨୩ରିଖ (ଦିବା ୨ ଘଟିକା) |
| ୨ | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଆବେଦନ କରିବାର ଶେଷ ତାରିଖ | ତା୨୫।୦୮।୨୦୨୩ରିଖ (ରାତ୍ର ୧୧.୫୯ ଘଟିକା) |
| ୩ | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ୨୦୨୩ ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୨୯।୦୮।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୪ | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ୨୦୨୩ ଅନୁଷ୍ଠିତ ହେବାର ତାରିଖ | ତା୦୧।୦୯।୨୦୨୩ରିଖ (ଦିବା ୯.୩୦ ଘଟିକାରୁ ୧.୩୦ ଘଟିକା) |
| ୫ | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ୨୦୨୩ ଅନୁଷ୍ଠିତ ହେବା ପରେ, ନାମଲେଖା ନିମନ୍ତେ ତୃତୀୟ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୦୫।୦୯।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୬ | ତୃତୀୟ ପର୍ଯ୍ୟାୟରେ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ହେବାର ତାରିଖ | ତା୦୮।୦୯।୨୦୨୩ (ଦିବା ୧୦ ଘଟିକାରୁ ୧.୩୦ ଘଟିକା) |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +2 ଇ–ଆଡମିଶନ୍ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ୍ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ।

ବି.ଦ୍ର.:– (କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୩ରିଖ ସୁଦ୍ଧା ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା – ୨୦୨୩ (Common Aptitude Test) ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:–
**ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସୀତାର, ବେହେଲା ଓ ନାଟକ।**
**ସ୍ୱା./- ବିଭୂତି ଭୂଷଣ ବଳବନ୍ତରାୟ, ଅଧକ୍ଷ, ଭାରପ୍ରାପ୍ତ, ଉ.ସ.ମ.**

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ–ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ- ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।
OIPR-03011/11/0005/2324



**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022, Odisha
**NOTICE INVITING TENDER**
**NIT No: TPCODL/P&S/NIT/23-24/ 14**
**Bids are invited from eligible Bidders for the following tenders of Odisha Discoms, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.) :**

| Sl. No. | Tender Enquiry No. | Tender description |
|---|---|---|
| 1 | TPCODL/P&S/1000000409/23-24 | Heavy pruning of trees in the vicinity of 33 and 11KV feeders along with pathway in TPCODL different divisions. |
| 2 | TPCODL/P&S/1000000408/23-24 | Supply, Installation, testing & commissioning of 33KV & 11KV Auto Voltage Regulator |
| 3 | TPCODL/P&S/1000000411/23-24 | Supply, Installation, testing & commissioning of 2000KVA, 415V DG Set |

For more details like bid due date, EMD, tender fee, bid opening date etc. of the Tenders, please visit “Tender” section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd. 19.08.2023**. Future communication / corrigendum to tender documents, if any, shall be available on TPCODL website.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଅଗଷ୍ଟ ୨୦୨୩



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶିବାନନ୍ଦ ସେଣ୍ଟେନାରୀ ବଏଜ୍ ସ୍କୁଲ ପକ୍ଷରୁ ପ୍ରେରଣାଦାୟକ କାର୍ଯ୍ୟକ୍ରମ, ସ୍କୁଲ ପରିସର, ଖଣ୍ଡଗିରି, ସକାଳ ୮ଟା ୩୦।
- କିଟ୍‌ର ୧୯ତମ ବାର୍ଷିକ ସମ୍ମିଳନୀ, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, କ୍ୟାମ୍ପସ-୧୩, ପୂର୍ବାହ୍ନ ୧୦ଟା।
- ବିଶ୍ୱ ଫଟୋଗ୍ରାଫି ଦିବସ ଓ ଦ୍ୱିତୀୟ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- କେତକୀ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ, ସିଲିକନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ପଟିଆ, ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଜିଓ କଣ୍ଟ୍ରାକ୍ଟୁଆଲ ଫିଲ୍ଡ ୱାର୍କରଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୪୫।
- ଦେବେନ୍ଦ୍ର ନାଥ ଦାଶଙ୍କ 'ହରିକଥା' ଲୋକାର୍ପଣ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୫୮।
- ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ରଙ୍କ ଉପନ୍ୟାସ 'ଯଶଧାରିଣୀ ଯଶୋଧାରା' ଉନ୍ମୋଚନ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ୧୨ତମ ଗୁରୁଶ୍ରୀ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

# ନକଲି ସୂଚନା ଅଧିକାର କର୍ମୀଙ୍କୁ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୧୮।୮ (ସତ୍ୟଜିତ୍ ରାଉତ)






- ୩ ବର୍ଷରେ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି ୨ କୋଟି
- ରିମାଣ୍ଡରେ ଆସିବେ, ର୍ୟାକେଟ୍‌ରେ ଅଛନ୍ତି ଏକାଧିକ ସଦସ୍ୟ

ଚାକିରି ପ୍ରଲୋଭନ ସହ ବିଭିନ୍ନ ସରକାରୀ କାମ କରାଇଦେବାର ପ୍ରତିଶ୍ରୁତି ଦେଇ ଠକେଇ କରୁଥିବା ଜଣେ ନକଲି ସୂଚନା ଅଧିକାରୀ କର୍ମୀ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାତରେ ଧରାପଡ଼ିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ହଳଦିଆ ପଦର ଗ୍ରାମର କିଶୋର କୁମାର ମିଶ୍ର (୫୨)। ତାଙ୍କଠାରୁ ନକଲି ପରିଚୟପତ୍ର ଜବତ ହୋଇଛି। କିଶୋରଙ୍କୁ ଭୁବନେଶ୍ୱର ପଟିଆସ୍ଥିତ ଏକ ହୋଟେଲ୍‌ରୁ ଗୁରୁବାର ଏସ୍‌ଟିଏଫ୍ ଗିରଫ କରିବା ପରେ ଶୁକ୍ରବାର କୋରାପୁଟ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, କିଶୋର ରାଜନୀତି ବିଜ୍ଞାନରେ ଏମ୍‌ଏ କରିଥିବାବେଳେ ଇଂଲିଶରେ ଭଲ ଭାବେ କଥା ହୋଇପାରନ୍ତି। ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ଏକ ନକଲି ପରିଚୟପତ୍ର ପ୍ରସ୍ତୁତ କରି ନିଜକୁ ଆର୍‌ଟିଆଇ କର୍ମୀ ବୋଲି ପରିଚୟ ଦେଉଥିଲେ। ସେ କୋରାପୁଟରେ ରହି ଲୋକଙ୍କୁ ଫସାଉଥିଲେ। ବରିଷ୍ଠ ସରକାରୀ ଅଧିକାରୀଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିବା କହି କ୍ରଶର ୟୁନିଟ୍ ଲାଇସେନ୍ସ, ମଦ ଲାଇସେନ୍ସ, ବଦଳି ଓ ନିଯୁକ୍ତି, ଚାକିରି ଆଦି କରାଇଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ବିପୁଳ ଟଙ୍କା ନେଉଥିଲେ। ଗତ ମାର୍ଚ୍ଚ ୨୫ରେ କିଶୋର କୋରାପୁଟ ବସ୍‌ଷ୍ଟାଣ୍ଡ ନିକଟରେ ବୁଲୁଥିବାବେଳେ କୋରାପୁଟ ସଦର ଥାନାର ତତ୍କାଳୀନ ଥାନାଧିକାରୀ ଧିରେନ ପଟ୍ଟନାୟକ ତାଙ୍କୁ ଧରିଥିଲେ। ପଚରାଉଚରା ପରେ ଏନେଇ ନିଜଆଡ଼ୁ ଏକ ଠକେଇ ମାମଲା (ନଂ.୧୨୨/୨୦୨୩) ରୁଜୁ କରି କିଶୋରଙ୍କୁ ନୋଟିସ୍ ଦେଇ ଛାଡ଼ିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଏକାଧିକ ଠକେଇ ଅଭିଯୋଗ ଆସିବା ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ନେଇ ନିଜଆଡ଼ୁ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଛି, କେବଳ କିଶୋର ନୁହନ୍ତି, ଏହି ର୍ୟାକେଟ୍‌ରେ ବହୁ ସଦସ୍ୟ ରହିଛନ୍ତି। ସେମାନେ ଆର୍‌ଟିଆଇ କର୍ମୀ ସହ ଅନ୍ୟ ଅଧିକାରୀଙ୍କ ପରିଚୟ ଦେଇ ଲୋକଙ୍କୁ ଠକୁଛନ୍ତି। ସେମାନେ ନିଜ ନମ୍ବରକୁ ବରିଷ୍ଠ ଅଧିକାରୀଙ୍କ ନାମରେ ଲୋକମାନଙ୍କୁ ମୋବାଇଲରେ ସେଭ୍ କରାଉଛନ୍ତି। ଲୋକମାନେ ସେମାନଙ୍କ ନମ୍ବରକୁ 'ଟ୍ରୁ-କଲର୍' ଆପ୍‌ରେ ଭେରିଫାଏ କରିବା ପରେ ବରିଷ୍ଠ ଅଧିକାରୀଙ୍କ ନାଁ ଦେଖାଉଥିବାରୁ ବିଶ୍ୱାସ କରି ଟଙ୍କା ଦେଉଥିଲେ। ତେବେ କିଶୋରଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨ରୁ ୩ ବର୍ଷ ମଧ୍ୟରେ ୨ କୋଟି ଟଙ୍କା ଜମା ହୋଇଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତାଙ୍କୁ ରିମାଣ୍ଡରେ ଆଣି ତାଙ୍କ ଆର୍ଥିକ କାରବାର ସହ ର୍ୟାକେଟରେ ସମ୍ପୃକ୍ତ ଥିବା ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ୍ ଯୋଜନା କରିଛି।

## ମୋ ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

ଭୁବନେଶ୍ୱର, ୧୮।୮ (ସୂର୍ଯ୍ୟକାନ୍ତ ବେହେରା)




ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜଟଣୀ ଓ ସୁନ୍ଦରପଦା ରାସ୍ତା ପ୍ରଧାନ ସାହି ନିକଟରେ ଶୁକ୍ରବାର ମୋ ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦକା ଥାନା ଅନ୍ଧାରୁଆର ରାଖେଲ ପାତ୍ର। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯିବାରୁ କିଛି ସମୟ ଟ୍ରାଫିକ ଜାମ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୋ ବସ ସହିତ ଡ୍ରାଇଭରଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ ରାଖେଲ ଶୁକ୍ରବାର କୌଣସି କାମରେ ନିଜ ବାଇକ୍ ଯୋଗେ ଏୟାରଫିଲ୍ଡ ଥାନା ନିକଟସ୍ଥ ହାଇଟେକ୍ ପ୍ଲାଜାକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ସମୟରେ ଏୟାରଫିଲ୍ଡ ଓଭରବ୍ରିଜ ନିକଟରେ ମୋ ବସ୍ ସହ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଫଳରେ ରାଖେଲ ମୋ ବସ୍‌ର କାଚରେ ପିଟି ହୋଇ ତଳେ ପଡିଯାଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ମୋ ବସର ଆଗ ଭାଗ ଚେପା ହୋଇଯାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ସମ୍ମୁଖ ଓ ସାଇଡ୍ କାଚ ବାଡେଇ ଭାଙ୍ଗି ଦେଇଥିଲେ। ଡ୍ରାଇଭରକୁ ପିଟିବାକୁ ଉଦ୍ୟମ କଲାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଉଦ୍ଧାର କରିଥିଲା। ଏ ନେଇ ପୋଲିସ ମୋ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ମୁଖ୍ୟ ଶାସନ ସଚିବଙ୍କ ବାୟୋଟେକ୍ ପାର୍କ ପରିଦର୍ଶନ

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କ ଶୁକ୍ରବାର ପରିଦର୍ଶନ କରିଛନ୍ତି। ଓଡ଼ିଶାରେ ବାୟୋଟେକ୍ନୋଲୋଜି ଏବଂ ଜୈବ-ସୂଚନା ପ୍ରଯୁକ୍ତି ଶିଳ୍ପକୁ ଆନୁଷଙ୍ଗିକ ସୁବିଧା ସହ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଏହା ଏକ ସମନ୍ୱିତ ଶିଳ୍ପ ପାର୍କ। ରାଜ୍ୟ ସରକାରଙ୍କ ଇଡ୍‌କୋ ଦ୍ୱାରା ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଓଡ଼ିଶା ବାୟୋଟେକ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ (ଓବିପିପିଏଲ୍)କୁ ପ୍ରଦତ୍ତ ଜମିରେ ଏହି ପାର୍କରେ ସ୍ଥାପିତ ପ୍ରକଳ୍ପରେ ହାଇଦ୍ରାବାଦର ସାପିଜେନ୍ ବାୟୋଲୋଜିକ୍ସ ତରଫରୁ ପ୍ରାଥମିକ ପର୍ଯ୍ୟାୟରେ ମ୍ୟାଲେରିଆ, ନାଜାଲ କରୋନା ଭାକ୍ସିନ୍ ଆଦି ଔଷଧ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଉଥିବା ଜଣାଯାଇଛି। ମୁଖ୍ୟ ଶାସନ ସଚିବ ଏହି ପରିପ୍ରେକ୍ଷୀରେ ଏଠାରେ ଅତ୍ୟାଧୁନିକ ଶୈଳୀରେ ଉତ୍ପାଦନ ହେବାକୁ ଥିବା ଔଷଧର ପ୍ରାରମ୍ଭିକ ପରୀକ୍ଷାମୂଳକ ପ୍ରସ୍ତୁତି ପ୍ରଣାଳୀ ଅନୁଧ୍ୟାନ କରିଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଓ ପାର୍କର ଅଧିକ ବିକାଶ ନେଇ ରହିଥିବା ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ସେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷ ହେମନ୍ତ ଶର୍ମା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ କମିଶନର ଚିତ୍ରା ଅରୁମୁଗମଙ୍କ ସହ ଆଲୋଚନା କରିଛନ୍ତି। ସାପିଜେନ୍ ବାୟୋଲୋଜିକ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କ୍ରିଷ୍ଣମୋହନ, ମୁଖ୍ୟ ବିତ୍ତ ଅଧିକାରୀ ଟି.ଶ୍ରୀନିବାସ, ପ୍ରକଳ୍ପ ଇନ୍‌ଚାର୍ଜ ଏ.ଅରୁଣାଚଲମ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି। ଏହି ପରିଦର୍ଶନରେ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଜଙ୍ଗଲ ଓ ପରିବେଶ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଦି ସମ୍ପୃକ୍ତ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୫-ଟି ସଚିବଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

ବାଲିପାଟଣା (ଅଭିମନ୍ୟୁ ନାୟକ)/ ବାଲିଅନ୍ତା, ୧୮।୮ (ନୀଳମାଧବ ସାହୁ)

୫-ଟି ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ୨୩ ତାରିଖରେ ଜୟଦେବ ନିର୍ବାଚନମଣ୍ଡଳୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ଗସ୍ତକୁ ନେଇ ବିଜେଡିର ଦୁଇ ଗୋଷ୍ଠୀଙ୍କ ଶିବିର ଚଳଚଞ୍ଚଳ ହୋଇପଡ଼ିଛି। ଶୁକ୍ରବାର ଏକ ଗୋଷ୍ଠୀର ପ୍ରସ୍ତୁତି ବୈଠକ ବାଲିଅନ୍ତା ବ୍ଲକର ଖମଙ୍ଗ ଛକସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲାପରିଷଦ ସଭ୍ୟ ଦ୍ୱାରିକା ନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବହୁ ପୁରୁଣା



ବିଜେଡି କର୍ମୀ, ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ୫-ଟି ସଚିବଙ୍କ ଗସ୍ତକୁ ସଫଳ କରିବା ପାଇଁ ମତପ୍ରକାଶ ପାଇଥିଲା। ଗାଁଠାରୁ ବ୍ଲକ ପର୍ଯ୍ୟନ୍ତ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୫-ଟି ସଚିବଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ବରିଷ୍ଠ କର୍ମୀମାନେ ଆହ୍ୱାନ ଦେଇଥିଲେ। ଦଳୀୟକର୍ମୀମାନେ ଏକଜୁଟ୍ ହୋଇ ଲିଖିତ ଆକାରରେ ସମସ୍ତ ଅଭିଯୋଗ ଜଣାଇବା ପାଇଁ ମତପ୍ରକାଶ ପାଇଥିଲା। ଏହି ବୈଠକରେ ପ୍ରତାପ କେଶରୀ ନାୟକ, ଶଶିଭୂଷଣ ପାତ୍ର, ଦୁର୍ଗାନନ୍ଦନ ମିଶ୍ର, ମୁରଲୀଧର ସାହୁ, ଯୁଧିଷ୍ଠିର ପରିଡ଼ା, ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀ, ଦିଲୀପ କୁମାର ବଳିୟାରସିଂଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।




ପରିବାର ନିୟୋଜନ ସମ୍ପର୍କିତ କର୍ମଶାଳାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ନିର୍ଦ୍ଦେଶିକା ଡା. ବୃନ୍ଦା ଡି ଓ ଅନ୍ୟ ଅତିଥିମାନେ।

## ପରିବାର ନିୟୋଜନ ସଫଳତା ପାଇଁ ସଚେତନତା ଜରୁରୀ

ଭୁବନେଶ୍ୱର, ୧୮।୮ (ଅସମାପିକା ସାହୁ)

ଆଇପାସ୍ ଡେଭେଲପମେଣ୍ଟ ଫାଉଣ୍ଡେଶନ (ଆଇଡିଏଫ୍), ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶାରେ ପରିବାର ନିୟୋଜନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାର ନିର୍ଦ୍ଦେଶିକା ଡା. ବୃନ୍ଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମ ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ଏକ ଶକ୍ତିଶାଳୀ ଅସ୍ତ୍ର ରହିଛି, ଯାହାକୁ ବ୍ୟବହାର କରି ଆମେ ଅଧିକ ସଚେତନତା ସୃଷ୍ଟି କରିପାରିବା ଏବଂ ଏହି ସଫଳତା ହାରକୁ ଦ୍ୱିଗୁଣିତ କରିପାରିବା। ସମ୍ମାନିତ ଅତିଥି ଭାବେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ କହିଥିଲେ, ହିତାଧିକାରୀଙ୍କ ମଧ୍ୟରେ ବିଭିନ୍ନ ମାଧ୍ୟମରେ ଗର୍ଭନିରୋଧ (ଅନ୍ତରା) ସମ୍ବନ୍ଧରେ ଠିକ ତଥ୍ୟ ଯୋଗାଇବା, ଉଚିତ ପରାମର୍ଶ ଦେବା ସମ୍ପର୍କରେ କହିଥିଲେ। ଆଇଡିଏଫ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଗୋପାଳ ଜି.ଏସ୍. ଏହି କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଇଡିଏଫ୍‌ର ମୁଖ୍ୟ ବୈଷୟିକ ଅଧିକାରୀ ଡ.ସୁଶାନ୍ତ ବାନାର୍ଜି ଓଡ଼ିଶାରେ ପରିବାର ନିୟୋଜନର ସୁପରିଚାଳନା ଏବଂ ଏଥିରେ ହିତାଧିକାରୀଙ୍କ ଭାଗିଦାରିତା ବିଷୟରେ ତଥ୍ୟଭିତ୍ତିକ ଉପସ୍ଥାପନା କରିଥିଲେ। କର୍ମଶାଳାର ଦ୍ୱିତୀୟ ଅଧିବେଶନରେ ବିଜୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ପରିବାର ନିୟୋଜନ ପାଇଁ ଭବିଷ୍ୟତର ବିଭିନ୍ନ ଉପାୟ ବିଷୟରେ ଆଲୋଚନା କରାଯାଇଥିଲା।

## ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନର ସାଧାରଣ ସଭା

ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)

ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନର ସାଧାରଣ ସଭା ଶୁକ୍ରବାର ଡିଷ୍ଟ୍ରିକ୍ଟ ସେଣ୍ଟର ଅନ୍ତର୍ଗତ ଦୁର୍ଗାପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ଦାମୋଦର ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ ଡିଷ୍ଟ୍ରିକ୍ଟ ସେଣ୍ଟର ପ୍ରକଳ୍ପ ମଧ୍ୟରେ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ନିମନ୍ତେ ବିଏମ୍‌ସି ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଅଚିନ୍ତ୍ୟ କୁମାର ମହାନ୍ତି ଆୟବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥଲେ। ଉପଦେଷ୍ଟା ସଞ୍ଜୟ କୁମାର ସାହାଣୀ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିବାବେଳେ ଉପସଭାପତି ରମେଶଚନ୍ଦ୍ର ପ୍ରଧାନ, ସହସମ୍ପାଦକ ଅଭୟ କୁମାର ନାୟକ, ବାର୍ତ୍ତା ସମ୍ପାଦକ ବିରଞ୍ଚି ନାରାୟଣ ଷେଣ୍ଠ ଓ କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ବାରିକ, ମଦନ ମୋହନ ପଣ୍ଡା, ସୁରେଶ ଚନ୍ଦ୍ର ଭୋଳ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ଚଳିତବର୍ଷ ଦୁର୍ଗାପୂଜା ଓ ଗଜ ଲକ୍ଷ୍ମୀପୂଜା ମହାସମାରୋହରେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ସେହିପରି ଡିଷ୍ଟ୍ରିକ୍ଟ ସେଣ୍ଟର ମଧ୍ୟରେ ଆସୋସିଏଶନର ନିଜସ୍ୱ ଖର୍ଚ୍ଚରେ ନିର୍ମିତ ମାରୁତି ଉଦ୍ୟାନ ପରିସରରେ ଓ ବାହାରେ ଚାରାରୋପଣ କାର୍ଯ୍ୟକ୍ରମ, ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ମେୟର ଓ ବିଧାୟକଙ୍କ ସହ ଆଲୋଚନା ସ୍ଥିର କରାଯାଇଥିଲା। ସ୍ୱେରେଜ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ତୁରନ୍ତ ସମସ୍ତ ଭୂତଳ ସରୁ ପାଇପକୁ କଢ଼ାଯାଇ ମୋଟା ପାଇପ ପକାଯିବା, ଖରାପ ଅବସ୍ଥାରେ ଥିବା ଇଟାରେ ତିଆରି ଚାମ୍ବରଗୁଡ଼ିକୁ ଢଳାଇ ଚାମ୍ବର କରାଯିବା, ଘରୋଇ ଭାବେ ଜଳ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ବାଣିଜ୍ୟିକ ଜଳକର ବଦଳରେ ଘରୋଇ ଜଳକର ଲାଗୁକରିବା ଆଦି ବିଭିନ୍ନ ଦାବି ଉପସ୍ଥାପନା କରାଯାଇଥିଲା। ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

## ୨୫ରେ ଜାଗା ମିଶନରେ ମିଳିବ ଜମିପଟ୍ଟା

ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)

ଅଗଷ୍ଟ ୨୫ରେ ରାଜଧାନୀର ଭୂମିହୀନଙ୍କୁ ମିଳିବ ଜମିପଟ୍ଟା। ଜାଗା ମିଶନ ଅଧୀନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଲୋକଙ୍କୁ ଏହି ଜମିପଟ୍ଟା ବାଣ୍ଟିବେ। ଏ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫ହଜାର ଲୋକଙ୍କୁ ପଟ୍ଟା ଦିଆଯିବ। ଏହାପରେ ମହାନଗର ନିଗମ ଅନ୍ତର୍ଗତ ୩ଟି ଜୋନ୍‌ରେ ବାକି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯିବା ନେଇ ସୂଚନା ମିଳିଛି। ଏହି ଅବସରରେ ଭୁବନେଶ୍ୱରର ୫୧ହଜାର ୮୮୬ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିବା ନେଇ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମେ ଉତ୍କଳ ଦିବସରେ ଜମି ପଟ୍ଟା ବଣ୍ଟନ କରାଯିବ ବୋଲି ଘୋଷଣା କରାଯିବା ପରେ କୌଣସି କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ଜମିପଟ୍ଟା ପ୍ରଦାନ ପାଇଁ ଏବେ ତାରିଖ ଘୋଷଣା ହେବା ପରେ ହିତାଧିକାରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ଉତ୍କଣ୍ଠାର ଅବସାନ ହେବାକୁ ଯାଉଛି। ଭୁବନେଶ୍ୱରରେ ଭୂମିହୀନଙ୍କୁ ଭୂମି ତଥା ବାସସ୍ଥାନ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଜାଗା ମିଶନ୍'କୁ କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୫୨ହଜାର ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏମାନଙ୍କୁ ସ୍ଲମ୍ ଡେଭେଲପମେଣ୍ଟ ଅଥରିଟି (ଏସ୍‌ଡିଏ) ଚୟନ କରିଛନ୍ତି। ଏଥିସହ ବାକି ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଚିହ୍ନଟ କରି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ଉପରେ ମଧ ବିଏମ୍‌ସି ଗୁରୁତ୍ୱ ଦେଉଛି।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା ଉଦ୍‌ଯାପିତ




ବାରଙ୍ଗ, ୧୮।୮ (ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ତରଫରୁ ଉଚ୍ଚତର ଶିକ୍ଷା ମନ୍ତ୍ରଣାଳୟର ବୈଜ୍ଞାନିକ ତଥା ଟେକ୍ନିକାଲ ଶବ୍ଦାବଳୀ ଆୟୋଗର ମିଳିତ ସହଯୋଗରେ ୩ଦିନ ଧରି ଚାଲିଥିବା ଜାତୀୟ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୧୬ତାରିଖ ଦିନ ଏହାକୁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ ଶୁଭାରମ୍ଭ କରିଥିଲେ। କୁଳପତି ପ୍ରଫେସର ବି.ଆର. ଶର୍ମା ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଆୟୁର୍ବେଦ ଗବେଷଣାର ସଫଳ କାମନା କରିଥିଲେ। ଶୁକ୍ରବାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଅପରେଶନ ସ୍ୱାମୀ ସତ୍ୟଚୈତନ୍ୟ ଜୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଚତୁର୍ଭୁଜ ଭୟା, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଫେସର ଦେବୀପ୍ରସାଦ ସାହୁ ଯୋଗଦେଇଥିଲେ। ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ମୁଖ୍ୟ ଅତିଥି ସତ୍ୟଚୈତନ୍ୟ ଜୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଡିନ ପ୍ରଫେସର ପ୍ରଦୀପ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ପ୍ରଫେସର ନଗେନ୍ଦ୍ର ପ୍ରସାଦ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଶତାଧିକ ଡକ୍ଟର, ଅଧ୍ୟାପକ, ଅଧ୍ୟାପିକା ଏବଂ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

## ଗୀତ, ପଥପ୍ରାନ୍ତ ନାଟକ ଦ୍ୱାରା ଡେଙ୍ଗୁ ସଚେତନତା

ବାଲିଅନ୍ତା, ୧୮।୮ (ନୀଳମାଧବ ସାହୁ)




ଭୁବନେଶ୍ୱର ଉପକଣ୍ଠ ପୁରଣପଧାନ ପଞ୍ଚାୟତର ବାରୁଦଖାନା ଗ୍ରାମରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ କୃଷି ମହାବିଦ୍ୟାଳୟର ୨୦ଜଣିଆ ଶେଷବର୍ଷ ଛାତ୍ରୀ ପ୍ରତିନିଧି ଦଳଙ୍କ ଦ୍ୱାରା ଏକ ସାମାଜିକ ଓ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ "ମଶା: ଏକ ସାମଜିକ ଦୁର୍ଦ୍ଦଶା" ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବଲକାଟୀ ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ମାନବ ବସା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶୁନିଆପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନେଇ ନାୟକ ଯୋଗଦେଇ ମଶା କାମୁଡା ଯୋଗୁ ବ୍ୟାପୁଥିବା ବିଭିନ୍ନ ରୋଗ ଓ ଏହାର ନିରାକରଣ ପାଇଁ ବିଦ୍ୟାଳୟ ସ୍ତରରେ ମଧ ସଚେତନତା ଜରୁରୀ ବୋଲି କହିଥିଲେ। ସୋଆ କୀଟତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପକ ଭୁବନାନନ୍ଦ ଅଧିକାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ କୃଷକ ସାଥି ସୁମନ୍ତ ପ୍ରଧାନ ଓ ବାରୁଦଖାନା ଅଙ୍ଗନୱାଡିର ମୁଖ୍ୟ ଶିକ୍ଷୟିତ୍ରୀ ସସ୍ମିତା ପରିଡା ଯୋଗ ଦେଇଥିଲେ। ଛାତ୍ରୀମାନେ ଏକ ରାଲିରେ ବାରୁଦଖାନା ଗ୍ରାମ ପରିକ୍ରମା କରି ସ୍ଲୋଗାନ ଓ ଗୀତ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଚାର କରିଥଲେ। ଏହି କାର୍ଯ୍ୟକ୍ରମରେ ମଶା ବାହିତ ରୋଗ ସମ୍ବନ୍ଧୀୟ ଏକ ବିଶେଷ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି ନାଟକର ମୁଖ୍ୟ ଭୂମିକାରେ ବୈଷ୍ଣବୀ, ଶାସ୍ୱତୀ, ଅନନ୍ୟା, ଆୟୁଷ୍ମା, ଦ୍ୟୁତି, ଶିବାଙ୍ଗୀ, ଶ୍ରେୟାସି, ଶର୍ମିଷ୍ଠା, ଐଶର୍ଯ୍ୟା, ଶିଲ୍ପା, ପ୍ରତୀକ୍ଷା, ଲକ୍ଷ୍ମୀପ୍ରିୟା, ଦେବାଂଶୀ, ସୌମ୍ୟାଶ୍ରୀ ଓ ଯାଜ୍ଞସେନି ଅଭିନୟ କରିଥିଲେ। ନାଟକରେ ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ, ଚିକୁନଗୁନିଆ ରୋଗର ବାହକ ବିଭିନ୍ନ ପ୍ରଜାତିର ମଶା, ରୋଗର ଲକ୍ଷଣ ଓ ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସମେତ ବିଶୁନିଆପଡା ପ୍ରାଥମିକ ବିଦ୍ୟାଳୟ ଓ ବାରୁଦଖାନା ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଶିଶୁ ଓ ଛାତ୍ରୀଛାତ୍ର ଯୋଗଦେଇ ପୁରସ୍କୃତ ହୋଇଥିଲେ।

## ୨୦୨୧ରେ ଓଡ଼ିଶାରେ ସର୍ବାଧିକ ମାନବଚାଲାଣ ମାମଲା

ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)




### 'ଏମର୍ଜିଙ୍ଗ୍ ଟ୍ରେଣ୍ଡସ ଇନ୍ ହ୍ୟୁମାନ ଟ୍ରାଫିକିଙ୍ଗ୍ ଇନ୍ ଓଡ଼ିଶା' କର୍ମଶାଳା

୨୦୨୧ରେ ଓଡ଼ିଶା ସର୍ବାଧିକ ମାନବ ଚାଲଣ ମାମଲା ରିପୋର୍ଟ କରିଥିଲା। ଏନ୍‌ସିଆର୍‌ବି (ନ୍ୟାଶନାଲ କ୍ରାଇମ ରେକର୍ଡସ ବ୍ୟୁରୋ) ଅନୁଯାୟୀ, ୨୦୨୧ରେ ହୋଇଥିବା ୧୪୭୫ ମାମଲା ମଧ୍ୟରେ ଓଡ଼ିଶାରୁ ୭୩୫ଜଣ ପୀଡିତା ଥିଲେ। ଏବଂ ସେମାନଙ୍କ ମଧ୍ୟରୁ ୪୯୭ଜଣଙ୍କ ବୟସ ୧୮ବର୍ଷରୁ କମ୍ ରହିଥିଲା ବୋଲି ମତ ପ୍ରକାଶ ପାଇଛି। ଶୁକ୍ରବାର ଓଡ଼ିଶା ଓମେନ୍ ମିଡିଆ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ 'ଏମର୍ଜିଙ୍ଗ୍ ଟ୍ରେଣ୍ଡ୍‌ସ ଇନ୍ ହ୍ୟୁମାନ ଟ୍ରାଫିକିଙ୍ଗ୍ ଇନ୍ ଓଡ଼ିଶା' ଶୀର୍ଷକ ଗଣମାଧ୍ୟମ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷ ମିନତୀ ବେହେରା କହିଲେ, ମୋବାଇଲ ଫୋନ୍‌ର ଅପବ୍ୟବହାର ପାଇଁ ଅନେକ କ୍ଷେତ୍ରରେ ୧୪ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଏଭଳି ଅପରାଧରେ ସାମିଲ ହେବାରେ ସହାୟକ ହୋଇଥାଏ। ସେହିପରି ଯୁବକ ତଥା କିଶୋରମାନେ ପ୍ରେମ ସମ୍ପର୍କ ସ୍ଥାପନ କରନ୍ତି ଏବଂ ପରିଣାମ ସମ୍ପର୍କରେ ଚିନ୍ତା ନ କରି କୋମଳ ବୟସରେ ଘରୁ ପଳାୟନ କରନ୍ତି। କିଛିମାସ ଏକାଠି ରହିବା ପରେ ସେମାନେ ଅଲଗା ହୋଇ ଯାଆନ୍ତି। ଏଭଳି କ୍ଷେତ୍ରରେ ଝିଅମାନେ ମାନବ ଚାଲଣ ର୍ୟାକେଟର ସହଜ ଟାର୍ଗେଟ ପାଲଟି ଥାନ୍ତି। ସେମାନଙ୍କୁ ବେପାରୀମାନେ ସେକ୍ସ ର୍ୟାକେଟ୍‌ରେ ସାମିଲ କରାଉଥିବା ଭଳି ଅନେକ ମାମଲା ଆୟୋଗର ଦୃଷ୍ଟିଗୋଚର ହେଉଥିବା ବୋଲି ମିନତୀ କହିଥିଲେ। କାର୍ଯ୍ୟକ୍ରମରେ ଏଡିଜିପି ସିଆଇଡି କ୍ରାଇମବ୍ରାଞ୍ଚ ଅରୁଣ ବୋଥ୍ରା ଯୋଗଦେଇ ମାନବ ଚାଲଣକୁ ଏକ ଜଟିଳ ସମସ୍ୟା ବୋଲି କହିଥିଲେ। ଏଥିସହ ସମସ୍ତ ଜିଲାରେ ସମନ୍ୱିତ ମାନବ ଚାଲଣ ବିରୋଧି ୟୁନିଟ, ପୋଲିସ ଷ୍ଟେସନରେ ମହିଳା ଏବଂ ଶିଶୁ ଡେସ୍କ ମାଧ୍ୟମରେ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ବୋଥ୍ରା ଆଲୋକପାତ କରିଥିଲେ। ଏଭଳି ଅପରାଧକୁ ରୋକିବାରେ ପୋଲିସ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଏଡ୍ ଏଟ୍ ଆକ୍ସନ ନିର୍ଦ୍ଦେଶକ ଉମି ଡାନିଏଲ୍ କହିଥିଲେ। ଓଡ଼ିଶା ଚାଇଲ୍ଡଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି ଗତ ୨ମାସ ମଧ୍ୟରେ ୧୬ଟି ଶିଶୁ କାରବାର ପଞ୍ଜିକୃତ ହୋଇଥିବା ସୂଚନା ଦେଇଥିଲେ। ମାନବ ଚାଲାଣ ଏକ ଗୁରୁତର ଅପରାଧ ହୋଇଥିବାବେଳେ ଏଭଳି କ୍ଷେତ୍ରରେ ଅପରାଧୀମାନଙ୍କୁ ଆଇନ୍‌ଦ୍ୱାରା ଦଣ୍ଡିତ କରାଯିବା ଦ୍ୱାରା ପୀଡିତାମାନେ ସାମାନ୍ୟ ଆଶ୍ୱସ୍ତ ହୋଇଥାନ୍ତି ବୋଲି ବେଣୁଧର ମତ ଦେଇଥିଲେ। ଏହି ଅବସରରେ ୨ଜଣ ପିଡିତା ଦିୟାଲୁ ନିୟାଲ ଏବଂ ସନ୍ତୋଷିନୀ ସେମାନଙ୍କର ଅନୁଭୂତି କହିବା ସହ ସରକାର କିଭଳି ସେମାନଙ୍କୁ ଶୋଷଣକାରୀଙ୍କ କବଳରୁ ରକ୍ଷା କରିଥିଲେ ତାହା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମର ୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ସନ୍ଦୀପଙ୍କୁ ମିଳିଲା ଉତ୍ତମମାନର ଚିକିତ୍ସା

ଭୁବନେଶ୍ୱର,୧୮।୮(ଅସମାପିକା ସାହୁ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆ ସୁଙ୍ଗୁଡ଼ା ଗ୍ରାମର ସନ୍ଦୀପ ଜେନାଙ୍କ ଅସୁସ୍ଥତା କଥା ଜାଣିବା ପରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଟିମ୍ ତରଫରୁ ତାଙ୍କର ଚିକିତ୍ସା ସହାୟତା ନିମନ୍ତେ ତ୍ୱରିତ ପଦକ୍ଷେପ ନିଆଯାଇଛି। ତାଙ୍କ ପାଇଁ ସୁପର ସ୍ପେଶାଲିଟି ଚିକିତ୍ସା ବ୍ୟବସ୍ଥା ହୋଇଛି। ତାଙ୍କ ପରିବାରଙ୍କୁ ମଧ୍ୟ ବିଏସ୍‌କେୱାଇରେ ସାମିଲ କରାଯାଇଛି। ସୂଚନାନୁସାରେ ସନ୍ଦୀପ ପରିବା ବେପାର କରି ଜୀବିକା ଅର୍ଜନ କରୁଥିଲେ। ଦିନେ ବାଇକରେ ଯାଉଥିବାବେଳେ ପାଣିକୋଇଲି ପାଖରେ ସେ ଗୁରୁତର ଦୁର୍ଘଟଣାର ସମ୍ମୁଖୀନ ହେଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇ ପ୍ରାଥମିକ ଚିକିତ୍ସା କରାଯାଇ ପରେ କଟକର ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଦୀପଙ୍କ ପରିବାରଙ୍କୁ ବିଏସ୍‌କେୱାଇରେ ସାମିଲ କରାଯାଇଥିବାର ଜାଣିବା ପରେ ସମ୍ପର୍କୀୟମାନେ ତାଙ୍କୁ ଭୁବନେଶ୍ୱର ସ୍ୱର୍ଶ ହସ୍ପିଟାଲ୍ ନେଇଥିଲେ। ଅପରେଶନ୍ ପରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ପରେ ସେ ପୁନଶ୍ଚ (ଟ୍ରିନୀଟି ନ୍ୟୁରୋ ହସ୍ପିଟାଲ ଆଣ୍ଡ ଟ୍ରୋମା କେୟାର) ନାମକ ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ଯାଇ ଆଡମିଶନ୍ ହୋଇଥିଲେ ଏବଂ ସେଠାରେ ମଧ୍ୟ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ମାଗଣା ସୁପର ସ୍ପେଶାଲିଟି ଚିକିତ୍ସା ପାଇଥିଲେ। ବର୍ତ୍ତମାନ ପରବର୍ତ୍ତୀ ଚିକିତ୍ସା ପାଇଁ ସନ୍ଦୀପଙ୍କୁ କଟକର ଏସ୍‌ସିବି ମେଡିକାଲ୍ କଲେଜ ହସ୍ପିଟାଲରେ ଆଡମିଶନ କରାଯାଇଛି। ସେ ଅସ୍ଥିଶଲ୍ୟ ବିଭାଗର ୨୯୪ ନମ୍ବର ବେଡ୍‌ରେ ରହି ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି ଏବଂ ତାଙ୍କର ଆରୋଗ୍ୟ ଲାଭ ପାଇଁ ସମସ୍ତ ପ୍ରକାର ଚିକିତ୍ସା କରାଯିବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

### ସଡ଼କ ସୁରକ୍ଷା ବୈଠକ

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ କିପରି ଦୁର୍ଘଟଣା ରୋକାଯାଇ ପାରିବ ତାହାକୁ ପ୍ରାଥମିକତା ଦିଆଯାଇଛି। ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ହଟେଇବା ସହ ବେଆଇନ ଭାବେ ଗଢ଼ିଉଠିଥିବା ଦୋକାନଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ବିନା ଲାଇସେନ୍ସ, ଫିଟ୍‌ନେସ୍, ମଦ୍ୟପାନ କରି ବାଇକ୍, କାର୍ ଚଳାଇଲେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ଏନେଇ ବ୍ୟାପକ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ପରିବହନ ବିଭାଗ ଅଧିକାରୀ, ପୋଲିସ, ଅନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

### ପରିବାର ନିୟୋଜନ ସଫଳତା ପାଇଁ ସଚେତନତା ଜରୁରୀ

ଭୁବନେଶ୍ୱର,୧୮।୮(ଅସମାପିକା ସାହୁ)

ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳ ରୂପାୟନ ମାଧ୍ୟମରେ ଓଡ଼ିଶା ସମଗ୍ର ଦେଶ ପାଇଁ ଆଜି ଉଦାହରଣ। ଜାତୀୟ ହାର ତୁଳନାରେ ଓଡ଼ିଶାରେ ପ୍ରଜନନ ହାର ଅପେକ୍ଷାକୃତ କମ୍। ଏହି ସୀମିତ ସଫଳତାରେ ଅଟକି ନ ଯାଇ ଏହାକୁ ବ୍ୟାପକ କରିବା ଏବେ ସମସ୍ତଙ୍କ ଲକ୍ଷ୍ୟ ହେବା ଦରକାର ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ନିର୍ଦ୍ଦେଶିକା ଡା. ବୃନ୍ଦା ଡି କହିଛନ୍ତି। ଆଇପାସ୍ ଡେଭେଲପମେଣ୍ଟ ଫାଉଣ୍ଡେଶନ (ଆଇଡିଏଫ୍), ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶାରେ ପରିବାର ନିୟୋଜନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମ ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ଏକ ଶକ୍ତିଶାଳୀ ଅସ୍ତ୍ର ରହିଛି, ଯାହାକୁ ବ୍ୟବହାର କରି ଆମେ ଅଧିକ ସଚେତନତା ସୃଷ୍ଟି କରିପାରିବା ଏବଂ ଏହି ସଫଳତା ହାରକୁ ଦ୍ୱିଗୁଣିତ କରିପାରିବା। ସମ୍ମାନିତ ଅତିଥି ଭାବେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ ମତବ୍ୟକ୍ତ କରିଥିଲେ।

# 'ଜଗନ୍ନାଥ ତତ୍ତ୍ୱ ସଂକ୍ରାନ୍ତ ଗ୍ରନ୍ଥ ରଚନା କରାଯିବ'

ପୁରୀ, ୧୮।୮(ଅଜିତ୍ ମହାନ୍ତି)



ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଅନ୍ୟମାନେ।

**ପ୍ରକାଶନୀ ମଣ୍ଡଳୀର ପ୍ରଥମ ବୈଠକ**

- ପୁସ୍ତକ ରଚନା ପାଇଁ ସଦସ୍ୟଙ୍କୁ ଘର ଦେବ ଶ୍ରୀମନ୍ଦିର ପ୍ରଶାସନ
- ଗଚ୍ଛିତ ନ ଥିବା ପୂର୍ବ ପ୍ରକାଶିତ ଗ୍ରନ୍ଥର ପୁନଃମୁଦ୍ରଣ କରାଯିବ

ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ତଥା ପ୍ରଥମ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଶ୍ରୀନଅର ପରିସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରଚାର-ପ୍ରସାର ଉପସମିତି ଅନ୍ତର୍ଗତ ପ୍ରକାଶନୀ ମଣ୍ଡଳୀର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରମ୍ପରା, ଐତିହ୍ୟ ଦର୍ଶନ ଏବଂ ସଂସ୍କୃତି ଆଧାରିତ ବିଭିନ୍ନ ପୁସ୍ତକ ତଥା ପତ୍ରପତ୍ରିକା ପ୍ରକାଶନ ଏବଂ ତତ୍‌ସମ୍ପର୍କିତ ଗବେଷଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଓ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ପ୍ରକାଶନୀ ମଣ୍ଡଳୀର ପ୍ରଫେସର ହରେକୃଷ୍ଣ ଶତପଥୀ, ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଦୁର୍ଗାପ୍ରସାଦ ଦାସ ମହାପାତ୍ର, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଅତୁଲ କୁମାର ନନ୍ଦ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ. ନରେଶ ଚନ୍ଦ୍ର ଦାଶ, ଡ. ଶ୍ରୀନିବାସ ଆଚାର୍ଯ୍ୟ, ଅସିତ୍ ମହାନ୍ତି, ପ୍ରଫେସର ସୁନିଲ ରଥ, ରାମଚନ୍ଦ୍ର ଦାସମହାପାତ୍ର, ବିଶ୍ୱନାଥ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସମ୍ବନ୍ଧୀୟ କେତୋଟି ଗ୍ରନ୍ଥ ରଚନା କରାଯିବ। ସେହିପରି ଶ୍ରୀମନ୍ଦିର ପତ୍ରିକାରୁ ବିଷୟବସ୍ତୁକୁ ଚୟନ କରାଯାଇ ସ୍ୱତନ୍ତ୍ର ପୁସ୍ତକ ବା ସ୍ୱତନ୍ତ୍ର ବହି ରଚନା କରାଯିବ। ବୈଠକ ଅବସରରେ ବିଭିନ୍ନ କମିଟି ଗଠନ କରାଯାଇଛି। କମିଟିରେ ବିଭିନ୍ନ ବିଦ୍ୱାନମାନଙ୍କୁ ଚୟନ କରାଯାଇଛି। ପୁସ୍ତକ କରିବା ପାଇଁ ସଦସ୍ୟମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘର ଯୋଗାଇ ଦିଆଯିବ। ସମ୍ପୃକ୍ତ ଘରେ ବସି କମିଟିର ସଦସ୍ୟମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସମ୍ପର୍କୀୟ ବିଭିନ୍ନ ଗ୍ରନ୍ଥ ରଚନା କରିବେ। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରକାଶ ପାଇଥିବା ଗ୍ରନ୍ଥ, ଯାହା ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଗଚ୍ଛିତ ନାହିଁ ସେଗୁଡିକୁ ପୁନଃମୁଦ୍ରଣ କରାଯିବ। ସ୍କନ୍ଦ ପୁରାଣ ଆଧାରିତ ୧ ହଜାର ଶ୍ଳୋକକୁ ନେଇ ଏକ ସର୍ବଜନ ବୋଧଗମ୍ୟ ପୁସ୍ତକ ରଚନା କରାଯିବ, ଯେଉଁଥିରେ ମୁଖ୍ୟ ଶ୍ଳୋକ ଓ ବିଷୟବସ୍ତୁକୁ ରଖି ଏକ କ୍ଷୁଦ୍ର ପୁସ୍ତକ ରଚନା କରାଯିବ। ତାହାକୁ ପାଠକ ସହଜରେ ପଢି ବୁଝିପାରିବେ। ଉକ୍ତ ପୁସ୍ତକକୁ ଓଡ଼ିଆ, ଇଂଲିଶ ଏବଂ ହିନ୍ଦୀରେ ରଚନା କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ବୈଠକରେ ଶ୍ରୀମନ୍ଦିର ଓଏସ୍‌ଡି (ପ୍ରଚାର ପ୍ରସାର) ଶୁଭ୍ରାଂଶୁ ଶେଖର ପାଢୀ, ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି, ଚିତ୍ତ ରଞ୍ଜନ ମହାନ୍ତି ଏବଂ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୋଚନା ପରେ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

**ଦାବି ପୂରଣ ନ ହେଲେ ଗୁରୁଦିବସରେ ପୁଣି ଆନ୍ଦୋଳନ**

ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

୩ଦିନ ଧରି ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଜର ଅଧିକାର ପାଇବା ପାଇଁ ରାଜଧାନୀର ରାଜରାସ୍ତାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟ ଛାଡ଼ି ଶିକ୍ଷକ ରାଜରାସ୍ତାରେ ଶୋଉଥିବାବେଳେ ସରକାର ସେମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ଆନ୍ଦୋଳନକାରୀ କହିଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନରେ ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣାରେ ହଜାର ହଜାର ଶିକ୍ଷକ ବର୍ଷାକୁ ଖାତିର ନକରି ଜମା ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ପର୍ଯ୍ୟନ୍ତ ଶିକ୍ଷକମୟ ହୋଇଯାଇଥିଲା। ଶେଷରେ ସରକାରଙ୍କ ତରଫରୁ ଆଲୋଚନା ପାଇଁ ଡାକରା ଆସିବା ପରେ ସଂଗଠନର ସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଯାଇଥିଲେ। ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ସଚିବଙ୍କ ସହିତ ପୃଥକ ଆଲୋଚନା ହୋଇଥିଲା। ଆଲୋଚନାକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ମାତ୍ର ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ନ ଦେଲେ, ସପ୍ତମ ବେତନ କମିଶନ ପାଇବାରୁ ବଞ୍ଚିତ ବିଦ୍ୟାଳୟଗୁଡ଼ିକ ପାଇଁ ଏହା ଲାଗୁ ନ ହେଲେ, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ୍ ତଥା ଚାକିରି ସର୍ତ୍ତାବଳୀ ନଦେଲେ, ସମସ୍ତ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ନକଲେ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ସମସ୍ତ ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ ୬ଟି ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ ନକଲେ ଏହି ଆନ୍ଦୋଳନ ଚାଲିବ ବୋଲି ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି। ସରକାର ଯେଉଁ ଶିକ୍ଷା ଓ ଶିକ୍ଷକ ମାରଣନୀତି ଆପଣେଇଛନ୍ତି ତାହା ବିରୋଧରେ ଶିକ୍ଷା ରଥ ବୁଲିବ। ଏଥିରୁ ସଂଗଠନ ହଟିବ ନାହିଁ ବୋଲି ଯୁଗ୍ମସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ କହିଛନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସେପ୍ଟେମ୍ବର ୪ ତାରିଖ ପୂର୍ବରୁ ଆନ୍ତଃ ମନ୍ତ୍ରୀ ସ୍ତରୀୟ ବୈଠକ ବସି ନିଷ୍ପତ୍ତି ନିଆ ନଯାଏ ଏବଂ ଦାବି ପୂରଣ ନହୁଏ ତେବେ ଗୁରୁ ଦିବସ ଦିନ ପୁଣି ଆନ୍ଦୋଳନ ଆରମ୍ଭ କରାଯିବ। ଅନ୍ୟପଟେ ସମସ୍ୟା ସମାଧାନର କ୍ଷେତ୍ର ପ୍ରସ୍ତୁତ ନହେବା ଦୁର୍ଭାଗ୍ୟଜନକ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।



କୃଷ୍ଣପ୍ରସାଦ: ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ମହିଳାମାନେ ସେଲ୍ଫି ଉଠାଉଛନ୍ତି। (ଫଟୋ: କୈଳାଶ ଚନ୍ଦ୍ର ପଟ୍ଟନାୟକ)

### ନନ୍ଦନକାନନରେ ଶାରୀ ମୃତ

ବାରଙ୍ଗ,୧୮।୮(ଲିଙ୍ଗରାଜ ରାଉତ)

ଗତ ଦୁଇଦିନ ତଳେ ରାଉରକେଲା ଡିଭିଜନ ଅଞ୍ଚଳରୁ ଉଦ୍ଧାର ହୋଇ ୩ଟି ଶାରୀ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଆସିଥିଲା। ସେମାନଙ୍କ ମଧ୍ୟରୁ ଶୁକ୍ରବାର ସକାଳେ ଗୋଟିଏ ଶାରୀର ମୃତ୍ୟୁ ହୋଇଛି। ତେବେ ଶାରୀର ମୃତ୍ୟୁର କାରଣ ଜଣାପଡ ନ ଥିବାବେଳେ ବନ୍ୟପ୍ରାଣୀ ଚିକିତ୍ସାଳୟର ଡାଇନିଙ୍ଗରେ ତାକୁ ଏକ ଛୋଟ ପିଞ୍ଜରାରେ ଚିକିତ୍ସକଙ୍କ ନଜର ବନ୍ଦିରେ ରଖାଯାଇଥିଲା। ଫଳରେ ଶାରୀଟି ପିଞ୍ଜରାରେ ଚଳପ୍ରଚଳରେ ଅସୁବିଧା ହେତୁ ତା'ର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି।

## ନୂଆଗଡ଼ ସମବାୟ ସମିତି ସଭାପତି ରବୀନ୍ଦ୍ର ଜୟସିଂ



ନିରାକାରପୁର,୧୮।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ସେବା ସମବାୟ ସମିତିର ସଭାପତି ପଦ ଲାଗି ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବୀନ୍ଦ୍ର କୁମାର ଜୟସିଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଶାନ୍ତ କୁମାର ମଙ୍ଗରାଜଙ୍କୁ ହରାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ଯେ, ସମିତିର ୧୩ ଜଣ ପରିଚାଳନା ନିର୍ଦ୍ଦେଶକ ନିଜର ମତଦାନ କରିଥିଲେ। ତନ୍ମଧ୍ୟରୁ ୯ ଜଣ ରବୀନ୍ଦ୍ରଙ୍କ ସପକ୍ଷରେ ମତଦାନ କରିଥିବା ବେଳେ ୪ ଜଣ ସୁଶାନ୍ତଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଫଳରେ ରବୀନ୍ଦ୍ର ସମିତିର ସଭାପତି ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସର ପରମାନନ୍ଦ ନାୟକ କହିଛନ୍ତି। ଏହି ନିର୍ବାଚନ ବେଳେ ପ୍ରଶାସନିକ ଅଧିକାରୀ ପ୍ରଭାସ ମଲ୍ଲିକ, ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ସୂଚନା ଅଧିକାର କର୍ମୀଙ୍କୁ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୮।୮(ସତ୍ୟଜିତ୍ ରାଉତ)



କିଶୋର କୁମାର ମିଶ୍ର

ଚାକିରି ପ୍ରଲୋଭନ ସହ ବିଭିନ୍ନ ସରକାରୀ କାମ କରାଇଦେବାର ପ୍ରତିଶ୍ରୁତି ଦେଇ ଠକେଇ କରୁଥିବା ଜଣେ ନକଲି ସୂଚନା ଅଧିକାରୀ କର୍ମୀ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାତରେ ଧରାପଡ଼ିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ହଳଦିଆ ପଦର ଗ୍ରାମର କିଶୋର କୁମାର ମିଶ୍ର (୫୨)। ତାଙ୍କଠାରୁ ନକଲି ପରିଚୟପତ୍ର ଜବତ ହୋଇଛି। କିଶୋରଙ୍କୁ ଭୁବନେଶ୍ୱର ପଟିଆସ୍ଥିତ ଏକ ହୋଟେଲ୍‌ରୁ ଗୁରୁବାର ଏସ୍‌ଟିଏଫ୍ ଗିରଫ କରିବା ପରେ ଶୁକ୍ରବାର କୋରାପୁଟ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କିଶୋର ରାଜନୀତି ବିଜ୍ଞାନରେ ଏମ୍‌ଏ କରିଥିବାବେଳେ ଇଂଲିଶରେ ଭଲ ଭାବେ କଥା ହୋଇପାରନ୍ତି। ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ଏକ ନକଲି ପରିଚୟପତ୍ର ପ୍ରସ୍ତୁତ କରି ନିଜକୁ ଆର୍‌ଟିଆଇ କର୍ମୀ ବୋଲି ପରିଚୟ ଦେଉଥିଲେ। ସେ କୋରାପୁଟରେ ରହି ଲୋକଙ୍କୁ ଫସାଉଥିଲେ। ବରିଷ୍ଠ ସରକାରୀ ଅଧିକାରୀଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିବା କହି କ୍ରଶର ୟୁନିଟ୍ ଲାଇସେନ୍ସ, ମଦ ଲାଇସେନ୍ସ, ବଦଳି ଓ ନିଯୁକ୍ତି, ଚାକିରି ଆଦି କରାଇଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ବିପୁଳ ଟଙ୍କା ନେଉଥିଲେ। ଗତ ମାର୍ଚ୍ଚ ୨୫ରେ କିଶୋର କୋରାପୁଟ ବସ୍‌ଷ୍ଟାଣ୍ଡ ନିକଟରେ ବୁଲୁଥିବାବେଳେ କୋରାପୁଟ ସଦର ଥାନାର ତତ୍କାଳୀନ ଥାନାଧିକାରୀ ଧିରେନ ପଟ୍ଟନାୟକ ତାଙ୍କୁ ଧରିଥିଲେ। ପଚରାଉଚରା ପରେ ଏନେଇ ନିଜଆଡୁ ଏକ ଠକେଇ ମାମଲା (ନଂ.୧୨୨/୨୦୨୩) ରୁଜୁ କରି କିଶୋରଙ୍କୁ ନୋଟିସ୍ ଦେଇ ଛାଡ଼ିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଏକାଧିକ ଠକେଇ ଅଭିଯୋଗ ଆସିବା ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ନେଇ ନିଜଆଡୁ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଛି, କେବଳ କିଶୋର ନୁହନ୍ତି, ଏହି ର୍ୟାକେଟ୍‌ରେ ବହୁ ସଦସ୍ୟ ରହିଛନ୍ତି। ସେମାନେ ଆର୍‌ଟିଆଇ କର୍ମୀ ସହ ଅନ୍ୟ ଅଧିକାରୀଙ୍କ ପରିଚୟ ଦେଇ ଲୋକଙ୍କୁ ଠକୁଛନ୍ତି। ସେମାନେ ନିଜ ନମ୍ବରକୁ ବରିଷ୍ଠ ଅଧିକାରୀଙ୍କ ନାମରେ ଲୋକମାନଙ୍କୁ ମୋବାଇଲରେ ସେଭ୍ କରାଉଛନ୍ତି। ଲୋକମାନେ ସେମାନଙ୍କ ନମ୍ବରକୁ 'ଟ୍ରୁ-କଲର୍' ଆପ୍‌ରେ ଭେରିଫାଏ କରିବା ପରେ ବରିଷ୍ଠ ଅଧିକାରୀଙ୍କ ନାଁ ଦେଖାଉଥିବାରୁ ବିଶ୍ୱାସ କରି ଟଙ୍କା ଦେଉଥିଲେ। ତେବେ କିଶୋରଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨ରୁ ୩ ବର୍ଷ ମଧ୍ୟରେ ୨ କୋଟି ଟଙ୍କା ଜମା ହୋଇଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତାଙ୍କୁ ରିମାଣ୍ଡରେ ଆଣି ତାଙ୍କ ଆର୍ଥିକ କାରବାର ସହ ର୍ୟାକେଟରେ ସମ୍ପୃକ୍ତ ଥିବା ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ୍ ଯୋଜନା କରିଛି।

### ସର୍ବଭାରତୀୟ ବୈଜ୍ଞାନିକ ଶବ୍ଦାବଳୀ ଆଲୋଚନାଚକ୍ର ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)

ଭାରତର ବୈଜ୍ଞାନିକ ଶବ୍ଦାବଳୀ ଆୟୋଗ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ସର୍ବଭାରତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆଲୋଚନାଚକ୍ରରେ ଇମିରେଟସ୍ ପ୍ରଫେସର ଡ.ଚତୁର୍ଭୁଜ ଭୂୟାଁ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ ସଭାପତି, ଡ. ସଚିଦାନନ୍ଦ ମହାନ୍ତି, ଜିଏମ୍‌ଟି ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପ୍ରତି ଭାରତୀୟ ଶିକ୍ଷା ଜାତୀୟ ନୀତି ୨୦୨୦କୁ ନେଇ ପାରମ୍ପରିକ ବିଦ୍ୟା ସାଧନ ଉପରେ ଗବେଷଣା ଓ ଚିକିତ୍ସା ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପଦ୍ଧତି ଆୟୁର୍ବେଦ, ଏଲୋପାଥି, ଯୋଗ ଆଦି ବିଷୟରେ କ୍ଲିଷ୍ଟ ଶବ୍ଦକୁ ସରଳ ବୋଧଗମ୍ୟ ଓ ଆଞ୍ଚଳିକ ଭାଷାରେ ଲୋକ କଲ୍ୟାଣ ନିମିତ୍ତ ଶବ୍ଦକୋଷ ତିଆରି କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ପ୍ରଫେସର ଭୂୟାଁଙ୍କ ପ୍ରୋକ୍ଟୋଲୋଜି ସମ୍ପର୍କରେ ଲିଖିତ ପୁସ୍ତକ 'ଦି ପାଇଲସ୍' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତରୁ ବୈଷୟିକ, ଗବେଷକ ବୈଜ୍ଞାନିକ, ଚିକିତ୍ସକ ଯୋଗଦେଇଥିଲେ।

## ସଦ୍‌ଭାବନା ଦିବସରେ ଶପଥ ପାଠ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ଜଟଣୀ, ୧୮।୮(ରବୀନ୍ଦ୍ର ନାଥ ମହାକୁଡ଼)

ସଦ୍‌ଭାବନା ଦିବସ ଅବସରରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ, ଏସ୍‌ଡିପିଓ ଦିଲୀପ କୁମାର ଦାସଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ସମସ୍ତ ଧର୍ମ, ଭାଷା ଏବଂ କ୍ଷେତ୍ରର ଜନସାଧାରଣଙ୍କ ମଧ୍ୟରେ ଜାତୀୟ ସଂହତି ତଥା ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ରଖିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଦ୍‌ଭାବନା ଦିବସର ଶପଥପାଠ କରାଇଥିଲେ। ଜାତି, ଧର୍ମ, ଅଞ୍ଚଳ ଏବଂ ଭାଷା ନିର୍ବିଶେଷରେ ଆବେଗପୂର୍ଣ୍ଣଭାବେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବାକୁ ତଥା ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଅହିଂସା ଏବଂ ସାମ୍ବିଧାନିକ ଉପାୟ ମାଧ୍ୟମରେ ବାର୍ତ୍ତାଳାପ କରି ମତଭେଦ ସମାଧାନ କରିବାକୁ ସମସ୍ତେ ଶପଥ ନେଇଥିଲେ। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର କାର୍ମିକ ଅଧିକାରୀ ପ୍ରମୋଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସଦ୍‌ଭାବନା ଦିବସ ଅବସରରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ରେଳପ୍ରବନ୍ଧକ ଏଚ୍.ଏସ୍. ବାଜୱା କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।




ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଉଛନ୍ତି।

# ରାସ୍ତାରେ ଖାଲ, ବଢ଼ୁଛି ଦୁର୍ଘଟଣା

ଗୋପ,୧୮।୮(ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ – କୋଣାର୍କ ରାସ୍ତାରେ ଦୀର୍ଘ ଦୁଇ ସପ୍ତାହ ଧରି ଏକ ବିରାଟ ଖାଲ ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ଏହି ଖାଲ ଯୋଗୁ ଦୁର୍ଘଟଣା ବଢ଼ିବା ପରେ ଶୁକ୍ରବାର ସ୍ଥାନୀୟ ଦୋକାନୀମାନେ ଖାଲ ଚାରିପଟେ ଏକ ନାଲିକନା ବାନ୍ଧିଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଦୈନନ୍ଦିନ ଏହି ରାସ୍ତା ଦେଇ କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀକୁ ଶହ ଶହ ଦେଶ ବିଦେଶର ପର୍ଯ୍ୟଟକମାନେ ଯାତାୟାତ କରୁଛନ୍ତି। ମାତ୍ର ଗୋପଠାରୁ କୋଣାର୍କ ପର୍ଯ୍ୟନ୍ତ ୧୫ କିଲୋମିଟର ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏପରି କି ଗୋପ ବଜାରର ଅନେକ ସ୍ଥାନ ସହିତ ବେଗୁନିଆ, କୁନ୍ଦୁରା, ଦଶବାଟିଆ, ଶାରଦା, ପାଟେଲିଆ ଛକ ନିକଟରେ ମଧ୍ୟ ଖାଲଖମା ରହିଛି। ବିଭିନ୍ନ ସମୟରେ ଏହି ଖାଲଖମା ଯୋଗୁ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ଗୋପ ବଜାରର ଦେବୀ ବଜାର ଓ ବଣିଆସାହି ନିକଟରେ ବଡ଼ ବଡ଼ ଦୁଇଟି ଖାଲ ହେବା ଫଳରେ ବର୍ଷା ପାଣି ଜମି ରହିଥିବାରୁ ଖାଲ ସ୍ଥାନ ଜାଣି ହେଉ ନାହିଁ। ଫଳରେ ଯାତାୟାତ କରୁଥିବା ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ରହିଛି। ଏପରି ଖାଲ ପ୍ରତି ସ୍ଥାନୀୟ ଲୋକେ ଗୋପ ପୂର୍ତ୍ତ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ସ୍ଥାନୀୟ ଦୋକାନୀମାନେ ନାଲିକନା ଦ୍ୱାରା କିଛି ଖାଲ ସ୍ଥାନକୁ ବାନ୍ଧି ବିପଦ ସଂକେତ ଦେଇଛନ୍ତି। ଏ ସମ୍ପର୍କରେ ଗୋପ ପୂର୍ତ୍ତ ବିଭାଗ ସେକ୍ସନ ଅଧିକାରୀ ରବିନ୍ଦ୍ର ଦଣ୍ଡପତିଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର କାର୍ଯ୍ୟ କରାଯିବ ବୋଲି କହିଥିଲେ।

### ନାଲି କପଡ଼ା ବାନ୍ଧି ଦେଲେ ବିପଦ ସଙ୍କେତ



ଓଡ଼ିଶା ଏଗ୍ରିକଲ୍‌ଚର ଏମ୍ପ୍ଲୋୟି ଆସୋସିଏଶନ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ମୃତଦେହ ପୋଖରୀରୁ ଜବତ

ବଳଙ୍ଗା,୧୮।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଞ୍ଚଳରେ କିଛିଦିନ ହେବ ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ସ୍ଥାନୀୟ ଏକ ପୋଖରୀରୁ ଶୁକ୍ରବାର ଜବତ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବଡତୋଟା ଗ୍ରାମର ମମତା ମହାପାତ୍ର (୫୨)। ପରେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ପ୍ରକାଶ ଯେ, ବଡତୋଟା ଗ୍ରାମର ମମତା ଗତ ୧୧ତାରିଖ ଦିନ ଘରୁ କେଉଁଆଡେ ଚାଲିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ନିରାଶ ହେବା ପରେ ଘଟଣାର ୨ଦିନ ପରେ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ତଦନ୍ତ କରୁଥିଲା। ହେଲେ ଶୁକ୍ରବାର ସକାଳ ସ୍ଥାନୀୟ ପୋଖରୀ ପାଖରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ନିଖୋଜ ମହିଳାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ଆସି ମୃତଦେହ ମମତାଙ୍କର ବୋଲି ଚିହ୍ନଟ କରିଥିଲେ।

### ୧୪.୫ ଲକ୍ଷର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା, ୧୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ବିଭାଗ ପକ୍ଷରୁ ଶୁକ୍ରବାର ନିମାପଡ଼ାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଅବକାରୀ ଥାନା ଅଧିକାରୀମାନେ ନିମାପଡ଼ା ଥାନା ପଛପଟ ଶ୍ୟାମସୁନ୍ଦରପୁର ଗ୍ରାମ ନିକଟରେ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଶ୍ୟାମସୁନ୍ଦରପୁର ଅଞ୍ଚଳର ରାକେଶ କୁମାର ସାହୁ(୩୫)। ତାଙ୍କଠାରୁ ୧୪୫ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଯାହାର ମୂଲ୍ୟ ୧୪ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ଆବେଦନକୁ ନାମଞ୍ଜୁର କରାଯିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ.୭୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ କୁମାର ପ୍ରଧାନ, ଶରତ ଚନ୍ଦ୍ର ସାହୁ, ସ୍ୱାଗତିକା ଘଡ଼େଇ, ପବିନ ବିରାଜ କିରୋ ପ୍ରମୁଖ ଏହି ଚଢ଼ାଉ କରିଥିଲେ।

### ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ଦାବିପତ୍ର

ପୁରୀ ୧୮।୮(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମି ସମସ୍ୟାର ସମାଧାନ ନିମନ୍ତେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି ଭୂ-ସମ୍ପି ସୁରକ୍ଷା ପରିଷଦ। ପରିଷଦ ପକ୍ଷରୁ ପ୍ରଦତ୍ତ ପତ୍ରରେ ଉଲ୍ଲେଖ କରାଯାଇଛି କି ଶ୍ରୀଜଗନ୍ନାଥଙ୍କ ଜମିରେ ପୁରୀ ସହର ଓ ଗ୍ରାମାଞ୍ଚଳରେ ପ୍ରାୟ ୮୦ହଜାର ଲୋକ ବସବାସ କରୁଛନ୍ତି । ପରିଷଦର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ୨୦୦୩ ମସିହାରେ ସାକ୍ଷାତ କରିଥିଲେ, ସେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କଲେନାହିଁ । ଏହାପରେ ସମ୍ପୃକ୍ତ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଏକ ୟୁନିଫର୍ମ ନୀତି ପ୍ରସ୍ତୁତ କରାଯାଇଥିଲା କିନ୍ତୁ ଆଇନଗତ ସମସ୍ୟା ଅଭାବରୁ ସମାନ ୟୁନିଫର୍ମ ନୀତି କାର୍ଯ୍ୟକାରୀ ହୋଇପାରିଲା ନାହିଁ । ୨୦୨୦-୨୧ ର ଶେଷ ଭାଗରେ ମୁଖ୍ୟମନ୍ତ୍ରୀ, ସଚିବ ୫-ଟିମାଧ୍ୟମରେ ସଚିବ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪ ର ସଂଶୋଧନ ପାଇଁ ପଦକ୍ଷେପ ନେଇଥିଲେ। ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ୮୦ ହଜାର ପରିବାରର ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ପାଖାପାଖି ୫ ହଜାର ଆବେଦନ ବିଚାରାଧୀନ ଅଛି। ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମି ସମସ୍ୟାର ସମାଧାନ ନିମନ୍ତେ ପରିଷଦର ସଭାପତି ପୁଷ୍କର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ, ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା ଓ ଅନ୍ୟମାନେ ୫ଟି ସଚିବ ଭିକେ ପାଣ୍ଡିଆନଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ବଡ଼ାସରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଦାବି

କଣାସ,୧୮।୮(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲାର କଣାସ ବ୍ଲକ ଏକ ଖାଲୁଆ ଅଞ୍ଚଳ ଭାବେ ରହିଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ହେଲେ ଅଧିକାଂଶ ପଞ୍ଚାୟତ ପାଣିଘେରରେ ରହୁଛି। ଏଥିସହ କଣାସରେ ପ୍ରବାହିତ ହେଉଥିବା ଦୟା ଓ ରାଜୁଆନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ବଡ଼ାସ ପଞ୍ଚାୟତ ହୋଇଥିବାରୁ ଏଠାରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ସରପଞ୍ଚ ବ୍ରଜକିଶୋର ପାଢୀ ଦାବି କରିଛନ୍ତି। ଖବର ଅନୁଯାୟୀ, ବଡାସ, ତରପଡା, ବାଲିପାଟଣା, ବୈଦ୍ୟନାଥପାଟଣା, କଖାରୁବସ୍ତ, ଅଠରବାଟିଆ ଗ୍ରାମକୁ ନେଇ ବଡାସ ପଞ୍ଚାୟତ ଗଠିତ। ପୂର୍ବରୁ ଏହି ଗ୍ରାମଗୁଡିକ ପାଣ୍ଡିଆକେରା ପଞ୍ଚାୟତରେ ସାମିଲି ଥିଲା। ବଡାସ ପଞ୍ଚାୟତର ଲୋକସଂଖ୍ୟା ୪୬୫୦। ପ୍ରତ୍ୟେକ ବର୍ଷ ଦୟା ଓ ରାଜୁଆ ନଦୀରେ ବନ୍ୟା ଆସିଲେ ଏହି ୬ଟି ଗ୍ରାମରେ ବନ୍ୟାଜଳର ସୋତ୍ର ବହିବା ସହିତ ବାସଗୃହରେ ମଧ୍ୟ ବନ୍ୟାଜଳ ପ୍ରବେଶ କରିଥାଏ। ଦୀର୍ଘଦିନ ପର୍ଯ୍ୟନ୍ତ ବନ୍ୟାଜଳ ଘେରରେ ପରିବାର ଲୋକ ରହୁଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ବନ୍ୟା କ୍ଲିଷ୍ଟ ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିଥିଲେ ମଧ୍ୟ ଏହି ୬ଟି ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳ ନ ଥିବାରୁ ବନ୍ୟା ସମୟରେ ଗ୍ରାମବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବା ପାଇଁ ସରପଞ୍ଚ ବ୍ରଜକିଶୋର ପାଢୀ ଦାବି କରିଛନ୍ତି।

# ୫-ଟି ସଚିବଙ୍କ ସୁରକ୍ଷା କର୍ମୀ ଗାଡ଼ି ଧକ୍କାରେ ଗାଈର ମୃତ୍ୟୁ

ପିପିଲି, ୧୮।୮(ପ୍ରଭାତ ମହାପାତ୍ର)

ପୁରୀ ଜିଲା ଗସ୍ତରେ ଆସିଥିବା ୫-ଟି ସଚିବ ଭି .କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସାରି ସନ୍ଧ୍ୟା ସମୟରେ ଫେରୁଥିବା ବେଳେ ଘଟିଛି ଦୁର୍ଘଟଣା। ସଚିବଙ୍କ ସୁରକ୍ଷା କର୍ମୀ ପାଇଲଟ ଗାଡ଼ିର ଦ୍ରୁତ ଧକ୍କାରେ ଗୋଟିଏ ଗର୍ଭବତୀ ଗାଈର ମୃତ୍ୟୁ ହୋଇଥିବାବେଳେ ସଚିବଙ୍କ ଲୋକ ପାଇଲଟର ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ସୂଚନା ଥାଉକି, ୫-ଟି ସଚିବ ପୁରୀର କାର୍ଯ୍ୟକ୍ରମ ସାରି ରାଜଧାନୀ ଅଭିମୁଖେ ଫେରୁଥିବା ବେଳେ ୩୧୬ ଜାତୀୟ ରାଜପଥ ଦରଡ଼ା ଗ୍ରାମ ସିଡି ନିକଟରେ ସଚିବଙ୍କ ସୁରକ୍ଷା କର୍ମୀ ପାଇଲଟଙ୍କ ଗାଡ଼ିଟି ରାସ୍ତାରେ ପାର ହେଉଥିବା ଗର୍ଭବତୀ ଗାଈକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗାଈଟିର ମୃତ୍ୟୁ ହୋଇଯାଇଥିବାବେଳେ ଗାଡ଼ି ନ ରହି ଚାଲିଯାଇଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଏ ସମ୍ପର୍କରେ ନ୍ୟାୟ ସହିତ କ୍ଷତିପୂରଣ ଦାବି କରିଛନ୍ତି ମୃତ ଗର୍ଭବତୀ ଗାଈର ମାଲିକ ଗୁଜୁରି ବେହେରା। ଜଗନ୍ନାଥପୁର ପଞ୍ଚାୟତ ଦରଡା ଗ୍ରାମର ଗୁଜୁରିଙ୍କ ଗର୍ଭବତୀ ଗାଈ ମୃତ୍ୟୁକୁ ନେଇ ପରିବାର ଦୁଃଖ ପ୍ରକାଶ କରିଛନ୍ତି। ସେପଟେ ଗୁରୁତର ଆହତ ସୁରକ୍ଷା କର୍ମୀ ପିପିଲି ମେଡିକାଲରେ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି।

# ଆଲୋଚନା ପରେ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

### ଦାବି ପୂରଣ ନ ହେଲେ ଗୁରୁଦିବସରେ ପୁଣି ଆନ୍ଦୋଳନ

୩ଦିନ ଧରି ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଜର ଅଧିକାର ପାଇବା ପାଇଁ ରାଜଧାନୀର ରାଜରାସ୍ତାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟ ଛାଡ଼ି ଶିକ୍ଷକ ରାଜରାସ୍ତାରେ ଶୋଉଥିବାବେଳେ ସରକାର ସେମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ଆନ୍ଦୋଳନକାରୀ କହିଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନରେ ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣାରେ ହଜାର ହଜାର ଶିକ୍ଷକ ବର୍ଷାକୁ ଖାତିର ନକରି ଜମା ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ପର୍ଯ୍ୟନ୍ତ ଶିକ୍ଷକମୟ ହୋଇଯାଇଥିଲା। ଶେଷରେ ସରକାରଙ୍କ ତରଫରୁ ଆଲୋଚନା ପାଇଁ ଡାକରା ଆସିବା ପରେ ସଂଗଠନର ସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଯାଇଥିଲେ। ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ସଚିବଙ୍କ ସହିତ ପୃଥକ ଆଲୋଚନା ହୋଇଥିଲା। ଆଲୋଚନାକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ମାତ୍ର ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ନ ଦେଲେ, ସପ୍ତମ ବେତନ କମିଶନ ପାଇବାରୁ ବଞ୍ଚିତ ବିଦ୍ୟାଳୟଗୁଡ଼ିକ ପାଇଁ ଏହା ଲାଗୁ ନ ହେଲେ, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ୍ ତଥା ଚାକିରି ସର୍ତ୍ତାବଳୀ ନଦେଲେ, ସମସ୍ତ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ନକଲେ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ସମସ୍ତ ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ ୬ଟି ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ ନକଲେ ଏହି ଆନ୍ଦୋଳନ ଚାଲିବ ବୋଲି ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି। ସରକାର ଯେଉଁ ଶିକ୍ଷା ଓ ଶିକ୍ଷକ ମାରଣନୀତି ଆପଣେଇଛନ୍ତି ତାହା ବିରୋଧରେ ଶିକ୍ଷା ରଥ ବୁଲିବ। ଏଥିରୁ ସଂଗଠନ ହଟିବ ନାହିଁ ବୋଲି ଯୁଗ୍ମସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ କହିଛନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସେପ୍ଟେମ୍ବର ୪ ତାରିଖ ପୂର୍ବରୁ ଆନ୍ତଃ ମନ୍ତ୍ରୀ ସ୍ତରୀୟ ବୈଠକ ବସି ନିଷ୍ପତ୍ତି ନିଆ ନଯାଏ ଏବଂ ଦାବି ପୂରଣ ନହୁଏ ତେବେ ଗୁରୁ ଦିବସ ଦିନ ପୁଣି ଆନ୍ଦୋଳନ ଆରମ୍ଭ କରାଯିବ। ଅନ୍ୟପଟେ ସମସ୍ୟା ସମାଧାନର କ୍ଷେତ୍ର ପ୍ରସ୍ତୁତ ନହେବା ଦୁର୍ଭାଗ୍ୟଜନକ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।

# ଛାତ୍ରଙ୍କୁ ଉଦ୍ଧାର କଲେ ରେଳ ସୁରକ୍ଷା ବଳ କର୍ମଚାରୀ

ନିରାକାରପୁର,୧୮।୮(ମାନସ ଚନ୍ଦ୍ର ପଟ୍ଟନାୟକ):

ଭୁବନେଶ୍ୱର ଷ୍ଟେଶନରେ ରେଳ ସୁରକ୍ଷା ବଳ ଜଣେ ସପ୍ତମ ଶ୍ରେଣୀର ଛାତ୍ରଙ୍କୁ ଉଦ୍ଧାର କରି ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟଙ୍କୁ ହସ୍ତାନ୍ତର କରିଛନ୍ତି। ଛାତ୍ର ଜଣଙ୍କ କୋଣାର୍କ ଏକ୍ସପ୍ରେସ ଟ୍ରେନ୍‌ରେ ଯିବା ପାଇଁ ୬ ନମ୍ବର ପ୍ଲାଟଫର୍ମରେ ଛିଡ଼ା ହୋଇଥିଲେ। ଏହି ସମୟରେ ସେଠାରେ କାର୍ଯ୍ୟରତ ନିରାକାରପୁର ଅଞ୍ଚଳର ରେଳ ସୁରକ୍ଷା ହେଡ କନଷ୍ଟେବଲ ଅରୁଣ କୁମାର ରାଉତରାୟଙ୍କ ସନ୍ଦେହ ହେବାରୁ ସମ୍ପୃକ୍ତ ଛାତ୍ରଙ୍କୁ ପଚରାଉଚରା କରିଥିଲେ। ଛାତ୍ର ଜଣଙ୍କ ରାଗି ଘରୁ ପଳାଇ ଆସିଥିବା ଜାଣିବାକୁ ପାଇଥିଲେ। ଏହାପରେ ସମ୍ପୃକ୍ତ ଛାତ୍ରଙ୍କୁ ଷ୍ଟେଶନ ପରିଚାଳକଙ୍କ ଜରିଆରେ ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଛାତ୍ର ଜଣଙ୍କ ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି।

# ସ୍ୱାଧୀନତା ଦିବସ ପାଳିତ

କୋଣାର୍କ,୧୮।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟାଳୟଠାରେ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଡା. ବିଧୁଭୂଷଣ ନାୟକ, କୋଣାର୍କ ଥାନାଠାରେ ଥାନାଧିକାରୀ ପଞ୍ଚାନନ ପରିଡା, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବିଶ୍ୱାଳ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଫିସଠାରେ କନିଷ୍ଠ ଯନ୍ତ୍ରୀ ଗୋପୀ ବଲ୍ଲଭ ପାଣିଗ୍ରାହୀ, ଆଶ୍ରମ ସ୍କୁଲଠାରେ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ବେହେରା, ବନ ବିଭାଗ ଅଫିସରେ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ଭଗବତୀ ମହାବିଦ୍ୟାଳୟଠାରେ ଅଧକ୍ଷ ଅବତାର ମିଶ୍ର, କୋଣାର୍କ ନବୋଦୟ ବିଦ୍ୟାଳୟଠାରେ ଅଧକ୍ଷ ନୃସିଂହ ଚରଣ କର, କୋଣାର୍କ ସାମ୍ବାଦିକ ମହାସଂଘ କାର୍ଯ୍ୟାଳୟ ଓ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, କୋଣାର୍କ ନଗର କଂଗ୍ରେସ କାର୍ଯ୍ୟାଳୟଠାରେ ପିସିସି ଉପସଭାପତି ବରିଷ୍ଠ କଂଗ୍ରେସ ନେତା ବିଶ୍ୱ ଭୂଷଣ ଦାଶ, କୋଣାର୍କ ପର୍ଯ୍ୟଟନ ଅଫିସରେ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

# ୩ ଲୁଟେରା ଗିରଫ: ବାଇକ୍, ୨ ମୋବାଇଲ ଜବତ

ନିମାପଡ଼ା, ୧୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ପୋଲିସ ଶୁକ୍ରବାର ୩ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଲିପାଟଣା ଥାନା ଅଞ୍ଚଳର ଟିଟୁଆ ଓରଫ ସତ୍ୟବାନ ବେହେରା, ନିମାପଡ଼ା ଥାନା ଅନ୍ତର୍ଗତ ଅଣ୍ଡିଆ ସାହିର ଖୋକା ଓରଫ ତ୍ରିନାଥ ଭୋଇ ଓ ନାକଡିହ ଗ୍ରାମର ସଚ୍ଚିଦ୍ରାନନ୍ଦ ପରିଡ଼ା। ଏମାନଙ୍କଠାରୁ ପୋଲିସ ୨ଟି ମୋବାଇଲ ଫୋନ ଓ ଓଡି ୧୩ଏଚ୍ ୯୭୪୪୯ ନଂ.ବିଶିଷ୍ଟ ଏକ ବାଇକ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୮୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ଖବର ଅନୁଯାୟୀ, ନିମପଡ଼ା ଥାନା ଅନ୍ତର୍ଗତ ଗଡ଼ଅଣ୍ଡିଆ ଗ୍ରାମର ହିମାଂଶୁ ପରିଡ଼ାଙ୍କ ଗୁରୁବାର ସନ୍ଧ୍ୟାରେ ନିମାପଡ଼ା କଲେଜ ଛକଠାରେ ଏକ ଫାଷ୍ଟଫୁଡ ଦୋକାନ ଆଗରେ ଜଣେ ସମ୍ପର୍କୀୟଙ୍କ ସହ ଫୋନରେ କଥା ହେଉଥିଲେ। ହଠାତ୍ ୩ଜଣ ବାଇକ୍‌ରେ ଆସି ହିମାଂଶୁଙ୍କୁ ମାଡ଼ ମାରି ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ପାଖରେ ଥିବା କେତେଜଣ ସାଙ୍ଗ ଲୁଟେରାଙ୍କୁ ପିଛା କରି ଜୟଗୁରୁ ଆଶ୍ରମ ନିକଟରୁ ବାଇକ୍ ସହ ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ମଦମୁକ୍ତ ଓଡ଼ିଶା ପାଇଁ ସ୍ମାରକପତ୍ର

ଡେଲାଙ୍ଗ,୧୮।୮(ରଶ୍ମିରଞ୍ଜନ ପ୍ରଧାନ)

୧୯୫୬ ମସିହା ଓଡ଼ିଶା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରି ଓଡ଼ିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା କରିବାକୁ ଦାବି କରି ଡେଲାଙ୍ଗ ଶାଖାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ରକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ କାର୍ଯ୍ୟାଳୟରେ ବିଡିଓଙ୍କୁ ଭେଟି ପ୍ରଦାନ କରାଯାଇଛି। ସ୍ୱାଧୀନତା ଦିବସ ଅବସରରେ ନିଶା ନିବାରଣ ଅଭିଯାନର ଡେଲାଙ୍ଗ ଆବାହକ ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ସହଯୋଗୀ କିଶାନ ପଟ୍ଟନାୟକ, ସାମାଜିକ କର୍ମୀ କବିତାରାଣୀ ପରିଡ଼ା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ, ସତ୍ୟମନ୍ତ ପ୍ରଧାନ ପ୍ରମୁଖ ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ୨୦୦୦ ମସିହାରେ ଅବକାରୀ ଆୟ ୧୨୦୦ କୋଟି ଟଙ୍କା ରହିଥିଲାବେଳେ ୨୦୨୩-୨୪ ରେ ଏହା ୧୨ ହଜାର କୋଟିରେ ପହଞ୍ଚିବାକୁ ଥିବାରୁ ନିଶା ଦ୍ରୁତ ପ୍ରସାର ଘଟିଛି ଓ ପାରିବାରିକ ହିଂସା, ଅସାମାଜିକତା ଆଦି ଦ୍ରୁତ ଗତିରେ ବୃଦ୍ଧି ପାଇଥିବା ଦର୍ଶାଇ ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା ପାଇଁ ମଦ ମୁକ୍ତ ରାଜ୍ୟ ଘୋଷଣା କରିବାକୁ ସ୍ମାରକ ପତ୍ରରେ ନିବେଦନ କରାଯାଇଛି।

# ସତ୍ୟବାଦୀର ସମସ୍ୟା ନେଇ ୫-ଟି ସଚିବଙ୍କୁ ଦିଆଯିବ ଦାବିପତ୍ର

ସାକ୍ଷୀଗୋପାଳ ୧୮।୮
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ସତ୍ୟବାଦୀରେ ଶନିବାର ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ପ୍ରଥମେ ଉତ୍କଳମଣୀ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ପହଞ୍ଚି ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହ ଜନସାଧାରଣଙ୍କଠାରୁ ସମସ୍ୟା ସମ୍ପର୍କିତ ଅଭିଯୋଗପତ୍ର ଗ୍ରହଣ କରିବେ। ଏଥିପାଇଁ ସତ୍ୟବାଦୀର ସ୍କୁଲ, କଲେଜଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ସେମାନଙ୍କ ଦାବିପତ୍ର ଦେବା ପାଇଁ ଏକ ସୁଯୋଗ ରହିଛି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀରେ ଯେକୌଣସି ଉତ୍ସବ, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ସହ ବଡ଼ଧରଣର ସଭା ନିମନ୍ତେ କେବଳ ଉତ୍କଳମଣୀ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ପଡିଆକୁ ବ୍ୟବହାର କରାଯାଉଥିବାରୁ ତାହାକୁ ଇନ୍‌ଡୋର ଷ୍ଟାଡିୟମ କରିବା ସହ ଏହି ପୁରାତନ କଲେଜର ସମ୍ପୂର୍ଣ୍ଣ ବିକାଶ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ଦାବି ରଖିବେ। ସେହିଭଳି ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ହାଇସ୍କୁଲ ଯାହା ବନ ବିଦ୍ୟାଳୟ ଗାରିମା ବହନ କରୁଛି। ଏହି ବିଦ୍ୟାଳୟକୁ ଏକ ମଡେଲ ସ୍କୁଲ ଭାବେ ବିକଶିତ କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଓ ବୁଦ୍ଧିଜୀବୀ ଦାବି ରଖିବେ। ସାକ୍ଷୀଗୋପାଳ ମନ୍ଦିରର ବିକାଶ ସହିତ ବକୁଳବନ, ପଞ୍ଚସଖା ସମାଧି ପୀଠକୁ ବିକଶିତ କରାଗଲେ ଅଞ୍ଚଳରେ ଆର୍ଥିକ ପ୍ରଗତି ବୃଦ୍ଧି ହୋଇପାରିବ ବୋଲି ମନ୍ଦିର ସେବାୟତ ସଂଘ, ଅନ୍ୟ ସଙ୍ଗଠନ ଦାବିପତ୍ର ପ୍ରଦାନ କରିବେ। ରାଜପଥ ପାର୍ଶ୍ୱରେ ଥିବା ସାକ୍ଷୀଗୋପାଳ ହସ୍ପିଟାଲରେ ସମସ୍ତ ବିଶେଷଜ୍ଞ ପଦବୀ ପୂରଣ ସହିତ ଆଧୁନିକ ଢାଞ୍ଚାରେ ନିର୍ମାଣ କାର୍ଯ୍ୟ ସହ ସମସ୍ତ ପରୀକ୍ଷା ନିରୀକ୍ଷା ନିମନ୍ତେ ଉପଯୁକ୍ତ ମେଶିନ ଓ ଦକ୍ଷ ପରିଚାଳକଙ୍କୁ ନିୟୋଜିତ କରିବା ପାଇଁ ଦାବି ରହିବ। ଏଭଳି ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଦୁର୍ବଳ ବିଦ୍ୟୁତ ଭିତ୍ତିଭୂମି, ଜଳ ନିଷ୍କାସନ ବ୍ୟବସ୍ଥା, ଶିକ୍ଷା କ୍ଷେତ୍ରରେ ସମସ୍ୟା ଓ ଅନ୍ୟାନ୍ୟ କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କିତ ଦାବିପତ୍ର ଦେବା ପାଇଁ ସବୁ ମହଲରେ ଆଶା ସଞ୍ଚାର ସୃଷ୍ଟି ହୋଇଛି।

# କଂଗ୍ରେସ କର୍ମୀ- ପୋଲିସ ଧସ୍ତାଧସ୍ତି

### ପୁରୀ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ

ପୁରୀ, ୧୮।୮(ଅଜିତ୍ ମହାନ୍ତି)




କଂଗ୍ରେସ ପକ୍ଷରୁ ପୁରୀ ସଦରବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

ରାଜ୍ୟ ସରକାରଙ୍କ ବିଫଳତା ଓ ଦୁର୍ନୀତି, ବେକାରୀ ସମସ୍ୟା ବୃଦ୍ଧି, ନିର୍ଯାତନା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ ଭିଆଇପି ରୋଡସ୍ଥିତ ଇନ୍ଦିରା ଭବନଠାରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ୍ ଅଫିସ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ବେକାରୀ ସମସ୍ୟା ବଢ଼ିଚାଲିଛି। ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ପିସି କାରବାର ହେଉଛି। ଆବାସ ଯୋଜନାରେ ଦୁର୍ନୀତି, ଦରଦାମ୍ ବୃଦ୍ଧି, ନାରୀ ନିର୍ଯାତନା, ଟାଟା କମ୍ପାନୀର ଜୁଲମକୁ ନେଇ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଉଛି। ଗରିବ ଲୋକେ ଟଙ୍କା ନ ଦେଇ ପାରିଲେ ଆବାସ ଯୋଜନାରୁ ବଞ୍ଚିତ କରାଯାଉଛି। ସେହିପରି ଶ୍ରୀମନ୍ଦିର ୪ ଦ୍ୱାର ଓ ରତ୍ନଭଣ୍ଡାର ନ ଖୋଲିବାକୁ ନେଇ ସରକାରଙ୍କ ଉପରେ କଂଗ୍ରେସ କର୍ମୀମାନେ ବର୍ଷିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ପିସି କାରବାର ବନ୍ଦ କରାଯାଉ, ପ୍ରତି ପଞ୍ଚାୟତକୁ ସିଧାସଳଖ ୫୦ ଲକ୍ଷ ଟଙ୍କା ଦିଆଯାଉ ଓ ଗ୍ରାମସଭାରେ ନିଷ୍ପତ୍ତି ମୁତାବକ ପାରିତ ହେଲା ପରେ ଉକ୍ତ ଟଙ୍କା ଖର୍ଚ୍ଚ କରାଯାଉ। ଖାଲି ପଡ଼ିଥିବା ୨,୨୬,୮୮୯ ସରକାରୀ ପଦବୀ ତରନ୍ତ ପୂରଣ କରାଯାଉ। ବେକାରୀ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯାଉ। ପେଟ୍ରୋଲ, ଡିଜେଲ, ଗ୍ୟାସ ସମେତ ନିତ୍ୟ ବ୍ୟବହାର ଜିନିଷର ଦରଦାମ କମ୍ କରାଯାଉ। କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରି ବନ୍ଦ କରାଯାଉ। ବିଦ୍ୟୁତ ଦେୟ ବୃଦ୍ଧି ବନ୍ଦ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉଚିତ୍ ହିତାଧିକାରୀଙ୍କୁ ସାମିଲ କରାଯାଉ। ସେହିପରି ଶ୍ରୀମନ୍ଦିର ୪ ଦ୍ୱାର ଓ ରତ୍ନଭଣ୍ଡାର ଖୋଲଯିବାକୁ କଂଗ୍ରେସ ଦାବି କରିଛି। ବିକ୍ଷୋଭରେ ଜିଲା ସଭାପତି ଜୟନାରାୟଣ ପଟ୍ଟନାୟକ, ଶିବାନନ୍ଦ ରାୟ, ବିନାୟକ ଦାସମହାପାତ୍ର, ସୁଜିତ୍ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ବିଶ୍ୱନାଥ ଦାସ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଅବିନାଶ ମିଶ୍ର, ସରସ୍ୱତୀ ପାତ୍ର ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷରେ ବିକ୍ଷୋଭ ସମୟରେ ପୋଲିସର କାର୍ଯ୍ୟକଳାପ ଏବଂ ବ୍ଲକ୍ ଅଧିକାରୀଙ୍କ ଅନୁପସ୍ଥିତିକୁ ବିରୋଧ କାରଣରୁ ବ୍ଲକ୍ କାର୍ଯ୍ୟାଳୟରେ କିଛି ସମୟ ପାଇଁ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କଂଗ୍ରେସ କର୍ମୀମାନଙ୍କ ପକ୍ଷରୁ ଅଣ୍ଡାମାଡ଼ କରାଯିବା ସହ ବ୍ଲକ୍ କାର୍ଯ୍ୟାଳୟ ପରିସରରେ କିଛି ଚେୟାର, ଟେବୁଲ ଭଙ୍ଗାରୁଜା କରାଯାଇଥିଲା। ତେବେ ବରିଷ୍ଠ ପୋଲିସ ଅଧିକାରୀ ଏବଂ ବ୍ଲକ୍ କାର୍ଯ୍ୟାଳୟର କିଛି ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

**ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରତିଯୋଗିତା**

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୫ଟି ବିଷୟରେ ସ୍କୁଲସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପଞ୍ଚମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ବର୍ଗ, ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ବର୍ଗ ଓ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସବ୍ ଜୁନିୟର ରଖାଯାଇଛି। ଆସନ୍ତା ୨୨ ତାରିଖରେ ସମସ୍ତବର୍ଗ ପାଇଁ ଓଡ଼ିଶୀ ନୃତ୍ୟ, ୨୩ରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ସଙ୍ଗୀତ, ୨୪ରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଚିତ୍ରାଙ୍କନ, ୨୫ରେ ଉଭୟ ବର୍ଗରେ ଇଂଲିଶ ବକ୍ତୃତା ଓ ୨୬ ତାରିଖରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଟାଉନହଲରେ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଅତିରିକ୍ତ କମିଶନର ଚିଠି ମାଧ୍ୟମରେ ଜଣାଇଛନ୍ତି।

## ସଂକ୍ଷେପରେ

### ଜାତୀୟ ସଦ୍‌ଭାବନା ଦିବସରେ ଶପଥପାଠ

କଟକ,୧୮।୮ (କାର୍ତ୍ତିକ ସାହୁ)

ଜାତୀୟ ସଦ୍‌ଭାବନା ଦିବସ ପାଳନ ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶପଥପାଠ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର ଯୋଗଦେଇ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଜାତି, ଧର୍ମ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ଦେଶରେ ସଦ୍‌ଭାବ ଏବଂ ଭାବନାତ୍ମକ ଏକତା ନିମନ୍ତେ କାର୍ଯ୍ୟ କରିବା ସହ ନିଜ ନିଜ ମଧ୍ୟରେ ଥିବା ମତଭେଦକୁ ଆପୋସ, ଆଲୋଚନା, ଅହିଂସା ତଥା ସାମ୍ବିଧାନିକ ବିଧି ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବାକୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଶପଥ ନେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ରାଜେଶ କୁମାର, ଏଆଇଜି (ମୁଖ୍ୟାଳୟ) ଯୁଗୋଳ କିଶୋର କୁମାର ବାନୋଥଙ୍କ ସମେତ ପୋଲିସ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ସମସ୍ତ ସଂସ୍ଥାର ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପଙ୍କଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସଦ୍‌ଭାବନା ଦିବସ ପାଳନ ଅବସରରେ ଶିଳ୍ପ ନିର୍ଦ୍ଦେଶାଳୟରେ ପ୍ରତିଜ୍ଞା ପାଠ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ ଅଧିକାରୀ ଓ କର୍ମଚାରୀମାନଙ୍କୁ ସଦ୍‌ଭାବନାର ପ୍ରତିଜ୍ଞା ପାଠ କରାଇଥିଲେ। ସମସ୍ତେ ଭାରତୀୟତାର ଭାବନାତ୍ମକ ଏକତା ଓ ସଦ୍‌ଭାବନା ପ୍ରତିଷ୍ଠା ନିମନ୍ତେ ଜାତି, ଧର୍ମ, ସମ୍ପ୍ରଦାୟ ଓ ଅଞ୍ଚଳ ଆଦି ଭେଦଭାବରୁ ଦୂରେଇ ଏକତା ଓ ସଦ୍‌ଭାବନା ପ୍ରତିଷ୍ଠା ନିମନ୍ତେ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବାକୁ ପ୍ରତିଜ୍ଞା କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ମୀନା କୁମାରୀ ବେହେରା, ଯୁଗ୍ମ ନିର୍ଦ୍ଦେଶକ ପି.ପି. ଚୌଧୁରୀ, ପ୍ରଶାସନିକ ଅଧିକାରୀ ହରପ୍ରିୟା ଦାଶଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଟିକସ ଦୁର୍ନୀତି ଅଭିଯୋଗ ଆଣିଲେ ବିରୋଧୀ

**ସିଏମ୍‌ସି କାଉନସିଲ ବୈଠକ**

■ ୨ ପ୍ରସଙ୍ଗ ନେଇ ମେୟର, କମିଶନରଙ୍କୁ ଘେରାଉ

କଟକ,୧୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ୧୬ ତମ କାଉନ୍‌ସିଲ ବୈଠକ ଶୁକ୍ରବାର ସ୍ଥାନୀୟ ବିଜୁଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିକସ ମହାଦୁର୍ନୀତି ଓ ସ୍ୱର୍ଣ୍ଣ ଦେବୀ ଭଳି ସଂସ୍ଥା ପ୍ରତି ସିଏମ୍‌ସିର ମୋହକୁ ନେଇ ସଭା ଗୃହ କମ୍ପିଥିଲା। ନାରାବାଜି ସହ ଏହି ଦୁଇଟି ପ୍ରସଙ୍ଗକୁ ନେଇ ମେୟର ଓ କମିଶନରଙ୍କୁ ଘେରିଥିଲେ ବିରୋଧୀ କର୍ପୋରେଟର।

କଟକରେ ଟିକସ ବ୍ୟବସ୍ଥାରେ ଅହେତୁକ ଦୁର୍ନୀତି ହେଉଥିବା ବିରୋଧୀ କର୍ପୋରେଟରମାନେ ଅଭିଯୋଗ କରିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ହଜାର କୋଟି ଟଙ୍କାର ଟିକସ ହେରଫେର ହେଇଥିବା ପ୍ରସଙ୍ଗ ବୈଠକରେ ଉଠିଥିଲା। ଏହାର ଏକ ଫାଇଲ ଉଭାନ୍ ହୋଇଯାଇଛି। ଏହାକୁ ନେଇ ବିରୋଧି କର୍ପୋରେଟର ଅନେକ ପ୍ରଶ୍ନ ଉଠାଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କେବଳ ସସ୍‌ପେଣ୍ଡ କରାଯାଉଛି। ହେଲେ କିଛିଦିନ ଗଲା ପରେ ସ୍ଥିତି ଯାହାକୁ ସେଇଆ। ସେହିପରି ସିଏମ୍‌ସିର ଉକ୍ତ ଘରୋଇ ସଂସ୍ଥା ପ୍ରତି ଏତେ ମୋହ କାହିଁକି ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ।



ବୈଠକରେ ବିରୋଧୀ କର୍ପୋରେଟର ହୋହଲ୍ଲା କରୁଛନ୍ତି।

ସ୍ୱାମୀ ସିଏମ୍‌ସିର କର୍ମଚାରୀ ଥିବାବେଳେ ସ୍ତ୍ରୀଙ୍କ ନାଁରେ ଥିବା ସଂସ୍ଥାକୁ ଲକ୍ଷାଧିକ ଟଙ୍କାର ଟେଣ୍ଡର ଯାଉଛି। ଏହାକୁ ନେଇ ସିଏମ୍‌ସିର ଗତ ଦୁଇଟି କାଉନ୍‌ସିଲ ବୈଠକରେ ତମ୍ବିତୋଫାନ ହୋଇଥିଲା। ଶୁକ୍ରବାର ମଧ୍ୟ ବୈଠକରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ସିଏମ୍‌ସି ପକ୍ଷରୁ ଏକ ରୁଲିଙ୍ଗ ଜାରି ହୋଇଥିଲା ଯେ ୭ ଦିନ ମଧ୍ୟରେ ଏହି ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ। ହେଲେ ଇତିମଧ୍ୟରେ ଅନେକ ଦିନ ବିତିଯାଇଥିଲେ ମଧ୍ୟ ସିଏମ୍‌ସିର ପଦକ୍ଷେପ ଶୂନ୍। ଫଳରେ ଉକ୍ତ କାଉନ୍‌ସିଲ୍ ବୈଠକରେ ଭାଜପା ଓ କଂଗ୍ରେସର କର୍ପୋରେଟରମାନେ ସିଏମ୍‌ସି ମେୟର ସୁବାସ ସିଂ ଏବଂ କମିଶନର ନିଖିଲ ପବନ କଲ୍ୟାଣଙ୍କୁ ପ୍ରଶ୍ନ ପଚାରିବା ସହ ଘେରାଉ କରିଥିଲେ। ଏଥିରେ ମେୟର ଅଧ୍ୟକ୍ଷତା କରି କହିଥିଲେ, ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ କରିବା ବିରୋଧୀଙ୍କର ଅଧିକାର ରହିଛି। ଟିକସ ଫାଙ୍କିବା ସମ୍ପର୍କୀତ ଅଭିଯୋଗ ଲିଗାଲ ସେଲ୍‌ରେ ବିଚାର କରାଯିବ। ଉକ୍ତ ସଂସ୍ଥା ପ୍ରସଙ୍ଗରେ ତଦନ୍ତ ଚାଲିଛି। ଆଗାମୀ ଦିନରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

ବୈଠକ ପ୍ରାରମ୍ଭରେ ପୂର୍ବତନ ମେୟର ନିବେଦିତା ପ୍ରଧାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ନିବେଦିତାଙ୍କ ନାମରେ ତାଙ୍କର ପ୍ରତିମୂର୍ତ୍ତି ସହିତ ଏକ ପାର୍କ କରିବାକୁ ନିଷ୍ପତ୍ତି ନିଆଯାଇଛି। ସବୁ ୱାର୍ଡର ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମେୟର ପଚାରି ବୁଝିଥିଲେ। ବିଶେଷକରି ବିଭିନ୍ନ ୱାର୍ଡରେ ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଓ ପରିମଳ ବ୍ୟବସ୍ଥା, ନାଳ ସଫେଇ, ସହରକୁ ଜଳବନ୍ଦୀ ମୁକ୍ତ କରାଯିବା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ସେ ଦିଗରେ ପଦକ୍ଷେପ ନେବା ପାଇଁ କର୍ପୋରେଟରମାନେ ଦାବି କରିଥିଲେ। ବୈଠକରେ ୨୦ରୁ ଊର୍ଦ୍ଧ୍ୱ ପ୍ରସ୍ତାବ ପାରିତ ହୋଇଥିଲା। ସ୍ୱାୟତ ଶାସନ ଦିବସ ଉପଲକ୍ଷେ କଟକ ସହରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଅମ୍ବର କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ ଅମ୍ବର କରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ,୧୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅମ୍ବର କୁମାର କରଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲା ଯୋଜନା କମିଟି ଅଧ୍ୟକ୍ଷ ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ପରିଷଦ ଉପ ସଭାପତି ସୁଭଦ୍ରା ଦାସଙ୍କ ସମେତ ଜିଲା ପରିଷଦର ସଭ୍ୟାସଭ୍ୟ ଯୋଗଦେଇଥିଲେ। କରଙ୍କ କାର୍ଯ୍ୟକାଳ ସମୟରେ ୫–ଟି ଆଧାରରେ ମୋ ସ୍କୁଲ ରୂପାନ୍ତରଣ ଯୋଜନା ବିଭିନ୍ନ ବ୍ଲକରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଏଥିସହ ସେ ଜିଲାରେ କୋଭିଡ୍ ପରିଚାଳନା, ପଞ୍ଚାୟତ ନିର୍ବାଚନ ଓ ବାଲିଯାତ୍ରା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରି କର ଉଚ୍ଚ ପ୍ରଶଂସିତ ହୋଇଥିଲେ।




କଟକ ଶିଖରପୁର ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଖାଲରେ ବିପଦସଙ୍କୁଳ ଭାବେ ଗାଡ଼ି ଚଳାଚଳ କରୁଛି।

# ଲାଞ୍ଜିଗଡ଼ରେ ପ୍ରତିଷ୍ଠା ହେବ ଆର୍ଚେରୀ ଏକାଡେମୀ




କଟକ,୧୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

**ଓଡ଼ିଶା ଆର୍ଚେରୀ ଆସୋସିଏଶନ୍‌ର ସାଧାରଣ ପରିଷଦ ବୈଠକ**

ନିକଟ ଭବିଷ୍ୟତରେ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ଠାରେ ଆର୍ଚେରୀ ଏକାଡେମୀ ପ୍ରତିଷ୍ଠା କରାଯିବ। ଏଥିପାଇଁ ବେଦାନ୍ତ ପକ୍ଷରୁ ଏକାଡେମୀ ଭିତ୍ତିଭୂମିର ଉନ୍ନତି ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ। ଆର୍ଚେରୀ ଖେଳର ପ୍ରଚାର ଓ ପ୍ରସାର ପାଇଁ ଏକ ଉନ୍ନୟନ ପାଣ୍ଠି ଗଠନ କରାଯାଇଛି। ଏପର୍ଯ୍ୟନ୍ତ ଏହି ପାଣ୍ଠିକୁ ୩୫ ହଜାର ଟଙ୍କା ସଂଗ୍ରହ କରାଯାଇଛି। ଓଡ଼ିଶା ଅଲିମ୍ପିକ ଆସୋସିଏସନ୍ ପକ୍ଷରୁ ଏହି ପାଣ୍ଠିକୁ ୧୦ ହଜାର ଟଙ୍କା ଅନୁଦାନ ଆକାରରେ ଯୋଗାଇ ଦିଆଯିବ ବୋଲି ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ ପାଲ୍ ପ୍ରକାଶ କରିଛନ୍ତି। ଓଡ଼ିଶା ଆର୍ଚେରୀ ଆସୋସିଏଶନ୍‌ର ସାଧାରଣ ପରିଷଦ ବୈଠକ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ସ୍ଥିତ ଆର୍ଚେରୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି। ଆସୋସିଏଶନ୍‌ର ଉପସଭାପତି ରବୀନ୍ଦ୍ରନାଥ ପଟ୍ଟନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଓସିଏର ପୂର୍ବତନ ସମ୍ପାଦକ ସ୍ୱର୍ଗୀୟ ସତ୍ୟବ୍ରତ ବେହେରା ଓ ଆର୍ଚେରୀ ଆସୋସିଏଶନ୍‌ର ବରିଷ୍ଠ ସଦସ୍ୟ ସ୍ୱର୍ଗତ ବିଶ୍ୱଜିତ ସିଂଙ୍କର ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏଥିସହିତ ୨୦୨୩–୨୪ ବର୍ଷର ସ୍ପୋର୍ଟ୍ସ କ୍ୟାଲେଣ୍ଡର ଉପସ୍ଥାପନ କରିଥିଲେ। ଆସନ୍ତା ଅକ୍ଟୋବର ମାସରେ ସୋନପୁର ଠାରେ ୨୪ ତମ ରାଜ୍ୟ ଆର୍ଚେରୀ ମିଟ୍ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କୋଷାଧ୍ୟକ୍ଷ ସୌରଜିତ ସିଂ ୨୦୨୨–୨୩ ଏବଂ ୨୦୨୩–୨୪ ବର୍ଷ ପାଇଁ ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ୨୦୨୩–୨୪ ବର୍ଷ ପାଇଁ ୯ ଲକ୍ଷ ୯ ହଜାର ୩୦୬ ଟଙ୍କାର ବଜେଟ୍ ଉପସ୍ଥାପନ କରାଯାଇଥିଲା। ଢେଙ୍କାନାଳ ଜିଲା ଏବଂ ବଲାଙ୍ଗିର ଜିଲା ସଫଳତାର ସହ ଟ୍ରାଇବାଲ ଆର୍ଚେରୀ ପ୍ରତିଯୋଗିତା ଆୟୋଜନ କରିଥିବାରୁ ଉଭୟ ଜିଲାଙ୍କୁ ଆସୋସିଏଶନ୍ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବେଦାନ୍ତର ଅତିରିକ୍ତ ମ୍ୟାନେଜର ଅଭିନୟ ପ୍ରତାପ ଆର୍ଚେରୀ ଏକାଡେମୀ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ପୂର୍ବତନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବୈଠକରେ କେତେକ ପ୍ରସ୍ତାବ ଆଗତ କରିଥିଲେ। ବରିଷ୍ଠ ସଦସ୍ୟ ସରୋଜ ସିଂ, ବିଷ୍ଣୁ ଦାସ, ଅର୍ଜୁନ କୁଅଁର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଆସୋସିଏଶନ୍‌ର ଉପ–ସଭାପତି ସରୋଜ କୁମାର ସିଂ ଧନ୍ୟବାଦ ଦେଇଥିଲେ।

## ଦାଦାବଟି ଆଦାୟ, ୨ ଗିରଫ

କଟକ ସଦର,୧୮।୮(ସୁଶାନ୍ତ କୁମାର ଜେନା)

ବାଲି ବୋଝେଇ ଟ୍ରକ୍‌ରୁ ଦାଦାବଟି ଆଦାୟ କରିବା ଅଭିଯୋଗରେ କିଶନ ନଗର ପୋଲିସ ଶୁକ୍ରବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗୁଆଳି ଅଞ୍ଚଳର ମନୋଜ ପରିଡ଼ା ଓ ସ୍ମୃତି ରଞ୍ଜନ ପୁହାଣ। ପୋଲିସ ସୂତ୍ରରୁ ପ୍ରକାଶ, ଜଗତପୁର ଅଞ୍ଚଳରୁ ଟ୍ରକଗୁଡିକ ବାଲି ନେବା ପାଇଁ ପ୍ରତିଦିନ ମହାନଦୀର ଗୁଆଳି ଘାଟକୁ ଆସିଥାନ୍ତି। ଫେରିଲାବେଳେ ଅଭିଯୁକ୍ତ ଦ୍ୱୟ ଧମକ ଦେଇ ଡ୍ରାଇଭରଙ୍କଠାରୁ ଦାଦାବଟି ଆଦାୟ କରିଥାଆନ୍ତି। ଏ ନେଇ ଜ୍ୟୋତି ରାଉତ ନାମକ ଡ୍ରାଇଭର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ୨ କରତକଳରେ ଚଢ଼ାଉ: କାଠ, ଯନ୍ତ୍ରାଂଶ ଜବତ

କଣ୍ଟାପଡା,୧୮।୮(ସୁରନାରାୟଣ ସାହୁ)

ଓଲଟପୁର ଥାନା ଅନ୍ତର୍ଗତ ବାଘୁଆ ଓ ଚିଉଲପୁର ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ଦୁଇଟି କରତକଳ ଉପରେ ଭିଜିଲାନ୍ସ ଓ ବନ ବିଭାଗ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇଥିଲା। ଫୁଲନଖରା ବନ ବିଭାଗର ଅଧିକାରୀ ପ୍ରସନ୍ନ କୁମାର ପରିଡା, ଭିଜିଲାନ୍ସ ଅଧିକାରୀ ରଜନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ସକାଳେ ଉକ୍ତ କରତକଳରେ ଚଢ଼ାଉକରି ଯନ୍ତ୍ରାଂଶ ଓ କାଠ ଜବତ କରିଥିଲା। ଏହି ଚଢ଼ାଉରେ ମଞ୍ଚେଶ୍ୱର, ଫୁଲନଖରା ଓ କଟକ ବନ ବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ।

## ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ

କଟକ,୧୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଯୁବ ରେଡ୍‌କ୍ରସ, ଏନ୍‌ଏସ୍‌ଏସ୍ ଓ ରୋଭର ରେଞ୍ଜର ମିଳିତ ଆନୁକୂଲ୍ୟରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଡିଟୋରିୟମରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ. ଆରତି କୁମାରୀ ତ୍ରିପାଠୀ ଅଧକ୍ଷତା କରି ଛାତ୍ରୀଛାତ୍ରମାନେ ନିଶା ସେବନରୁ ନିଜକୁ ଦୂରେଇ ରଖି ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମ କୁମାର ଲଳିତ ଓ ବ୍ରହ୍ମାକୁମାରୀ ଗୀତାଞ୍ଜଳି ଯୋଗଦେଇଥିଲେ। ରେଡ୍‌କ୍ରସ ଅଧିକାରୀ ଡ. ରୀତା ରାୟ ଅତିଥି ପରିଚୟ ଓ ରେଞ୍ଜର ଅଧିକାରୀ ଡ. ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ସନାତନ ବେହେରା, ଶିବ ପ୍ରସାଦ ମିଶ୍ର, କାର୍ତ୍ତିକ ବେହେରା, ରୁକ୍ମିଣୀ ଦାସ, ବନ୍ଦିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ପୋଲିସ ଅଧିନିୟମ ୩୦ ଧାରା ଲାଗୁ

କଟକ,୧୮।୮ (କାର୍ତ୍ତିକ ସାହୁ)

**ଅଗଷ୍ଟ ୧୭ରୁ ନଭେମ୍ବର ୧୪ ଯାଏ ବଳବତ୍ତର**

ପୋଲିସ ଅଧିନିୟମ ୩୦ ଧାରା କଟକ ଜିଲାରେ ଲାଗୁ କରାଯାଇଛି। ଏହି ଧାରା ଅଗଷ୍ଟ ୧୭ରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାପଡିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସେମାନଙ୍କ ଶ୍ରମିକ ସାମ୍ମୁଖ୍ୟ, ଛାତ୍ରସଂଘ, ଅନ୍ୟାନ୍ୟ ଶ୍ରେଣୀ ବା ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣ ସଭା ଆଦି ସର୍ବସାଧାରଣ ସ୍ଥାନ, ରାସ୍ତା ଆଦିରେ ସଙ୍ଗଠିତ ହୋଇଥାଏ। ଏହି ଶୋଭାଯାତ୍ରା ଓ ସାଧାରଣ ସଭାଗୁଡ଼ିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଅଧିନିୟମ ୩୦ ଲାଗୁ କରାଯାଇଛି। ଜିଲାରେ ୨୧ଟି ଥାନାର ସୀମା ମଧ୍ୟରେ ଏହି ଆଦେଶନାମା ଜାରି କରାଯାଇଛି। ଏହିସମୟ ମଧ୍ୟରେ କୌଣସି ରାଜନୈତିକ ସଙ୍ଗଠନ, ବ୍ୟକ୍ତିବିଶେଷ ସାମୂହିକ ଭାବେ ଶୋଭାଯାତ୍ରା, ଧାରଣା, ଅନିୟନ୍ତ୍ରିତ ଗହଳି ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସମ୍ପୃକ୍ତ ଅଞ୍ଚଳର ଉପଖଣ୍ଡ ପୋଲିସ ଅଧିକାରୀ, ପୋଲିସ ନିରୀକ୍ଷକ, ଭାରପ୍ରାପ୍ତ ଅଧିକାରୀଙ୍କଠାରୁ ୩୦ ଧାରା ଅନୁଯାୟୀ ଅନୁମତିପ୍ରାପ୍ତ କରିବାକୁ ହେବ ବୋଲି କଟକ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ତାଙ୍କ ଆଦେଶନାମାରେ ସ୍ପଷ୍ଟ କରିଛନ୍ତି। ଜିଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏହି ଆଦେଶନାମା ଅନୁମୋଦନ ଲାଭ କରିଛି ବୋଲି ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

## ୪ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ମଙ୍ଗୁଳି–ଜଗତପୁର,୧୮।୮(ମାନସ ସାମଲ): ମୋବାଇଲ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ଆଶ୍ରାଫୁଲ(୨୮)। ପୋଲିସ ସୂଚନା ମୁତାବକ, ଜଗତପୁର ନାନକାର କେନାଲ ନିକଟରେ ପଶ୍ଚିମବଙ୍ଗର ନନ୍ଦଦୁଲାଲ ଦାସ ରହୁଥିଲେ। ଗୁରୁବାର ସକାଳେ ଜଣେ ଯୁବକ ତାଙ୍କ ନିକଟରେ ପହଞ୍ଚି କାମ ମାଗିଥିଲେ। କିଛି ସମୟ ପରେ ନନ୍ଦଦୁଲାଲ ନିତ୍ୟକର୍ମ ସାରି ତାଙ୍କ ମୋବାଇଲ ଖୋଜିଲା ବେଳକୁ ପାଇ ନ ଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୧୨/୨୩) ରୁଜୁ କରିଥିଲା। ପରେ ପୋଲିସ ଆଶ୍ରାଫୁଲଙ୍କଠାରୁ ଚୋରି ମୋବାଇଲ ସହ ଅନ୍ୟ ୩ଟି ମୋବାଇଲ ଜବତ କରିଥିଲା।

# ନୂଆ ଜୀବନ ପାଇଲେ ମାନସିକ ରୋଗୀ

କଟକ,୧୮।୮ (କାର୍ତ୍ତିକ ସାହୁ)

■ ବିଷାଦଗ୍ରସ୍ତ ହୋଇ ତଣ୍ଟି କାଟିଥିଲେ

■ ଶ୍ୱାସନଳୀର ଜଟିଳ ଅସ୍ତ୍ରୋପଚାର

ଜଣେ ମାନସିକ ରୋଗୀଙ୍କ ଶ୍ୱାସନଳୀରେ ଜଟିଳ ଅସ୍ତ୍ରୋପଚାର କରାଯାଇ ତାଙ୍କୁ ନୂଆ ଜୀବନ ଦେଇଛନ୍ତି ଡାକ୍ତରୀଦଳ। କଟକର ଏକ ଘରୋଇ ହସ୍ପିଟାଲରେ ପ୍ରାୟ ୫ ଘଣ୍ଟା ଧରି ଏହି ଜଟିଳ ଅସ୍ତ୍ରୋପଚାର କରାଯାଇ ଛିଣ୍ଡି ଯାଇଥିବା ଶ୍ୱାସନଳୀକୁ ଯୋଡ଼ାଯାଇ ପାରିଛି। ଏହି ବ୍ୟକ୍ତି ଜଣଙ୍କ ହେଲେ ବାଲେଶ୍ୱର ଜିଲା ବିଦ୍ୟାଧରପୁର ଅଞ୍ଚଳର ସେଖ୍ ସିରାଜୁଦ୍ଦିନ।

ସୂଚନା ଅନୁସାରେ, ମାନସିକ ରୋଗରେ ପୀଡ଼ିତ ହୋଇ ସିରାଜୁଦ୍ଦିନ ସର୍ବଦା ବିଷାଦରେ ରହୁଥିଲେ। ଏଭଳି ସ୍ଥିତିରେ ସେ ଗତ ଜୁଲାଇ ୧୨ ତାରିଖରେ ତାଙ୍କ ଘର ନିକଟ ଶୌଚାଳୟରେ ପନିକିରେ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗଳାରେ ଗଭୀର ଆଘାତ ଯୋଗୁ ଶ୍ୱାସନଳୀ ଛିଣ୍ଡି ଯାଇଥିବା ଡାକ୍ତର ଜାଣିବାକୁ ପାଇଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଶ୍ୱାସନଳୀ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଥିଲା। ସେଠାରୁ ପରିବାର ଲୋକେ ଅନ୍ୟ ଏକ ଘରୋଇ ମେଡିକାଲକୁ ନେଇ ଆସିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଗଳା ସଂକ୍ରମଣ ହୋଇଥିବା ଜଣାପଡିଥିଲା। ପୂର୍ବରୁ କରାଯାଇଥିବା ଶ୍ୱାସନଳୀର ଅସ୍ତ୍ରୋପଚାର ସଫଳ ହୋଇ ନ ଥିବା ଡାକ୍ତର ଜାଣିବାକୁ ପାଇଥିଲେ। ଡା. ସୁକମଲ ଦାସଙ୍କ ତତ୍ତ୍ୱାବଧାନରେ ଡା. ପ୍ରଦୀପ ଗିରି, ଡା. ଦେବେଶ ପାଢ଼ୀଙ୍କୁ ନେଇ ଗଠିତ ବିଶେଷଜ୍ଞ ଦଳ ସିରାଜୁଦ୍ଦିନଙ୍କର ଆଉ ଥରେ ଅସ୍ତ୍ରୋପଚାର କରିଥିଲେ। ଏହାର ଦୁଇଦିନ ପରେ ସିରାଜୁଦ୍ଦିନଙ୍କୁ ଆଇସିୟୁରୁ ବାହାରକୁ ଅଣାଯାଇଥିଲା। ଏବେ ସେ ଶ୍ୱାସନଳୀ ଯୋଗେ ଶ୍ୱାସକ୍ରିୟା କରିପାରୁଛନ୍ତି। ଏଥିସହ ସେ ଧିରେ ଧିରେ ଖାଦ୍ୟ ଗ୍ରହଣ କରି ସହ ସୁସ୍ଥ ହେଉଛନ୍ତି। ସମ୍ପୃକ୍ତ ଡାକ୍ତରୀ ଦଳକୁ ତାଙ୍କ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି। ସିରାଜୁଦ୍ଦିନ ଶନିବାର ତାଙ୍କ ଘରକୁ ଫେରିବେ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି।



# ସେପ୍ଟେମ୍ବର ୧୯ରେ ପୂଜା, ୨୪ରୁ ଭସାଣି

କଟକ,୧୮।୮ (କାର୍ତ୍ତିକ ସାହୁ)

କମିଶନରେଟ୍ ପୋଲିସ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୯ରେ ହେବାକୁ ଥିବା ଗଣେଶ ପୂଜା ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ କଟକ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ପୂଜା କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସୂଚନା ଅନୁସାରେ, ପୂର୍ବବର୍ଷ ଭଳି ଚଳିତବର୍ଷ ପୂଜା ପାଇଁ ବେଆଇନ ଚାନ୍ଦା ଆଦାୟ, ବିକୃତ ମୂର୍ତ୍ତୀ ନିର୍ମାଣ ଉପରେ କଟକଣା ଲଗାଯାଇଛି। ବିକୃତ ମୂର୍ତ୍ତି ନିର୍ମାଣ କରୁଥିବା କାରିଗର ଓ ଏହାକୁ କିଣୁଥିବା ପୂଜା କମିଟି କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଚେତାବନୀ ଦେଇଛନ୍ତି। ଭସାଣି ପାଇଁ ପୂଜା କମିଟିଗୁଡ଼ିକ ନିଜ ଅଞ୍ଚଳର ଥାନା ସ୍ତରରୁ ଅନୁମତି ନେବେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇନାହିଁ। ପରବର୍ତ୍ତୀ ବୈଠକରେ ଏନେଇ ଘୋଷଣା କରାଯିବ ବୋଲି ଜଣାପଡିଛି। ଅପରପକ୍ଷରେ ସେପ୍ଟେମ୍ବର ୨୪ରେ ପ୍ରଥମ ପର୍ଯ୍ୟାୟ ଭସାଣି, ଅକ୍ଟୋବର ୧ରେ ଦ୍ୱିତୀୟ ଏବଂ ୮ରେ ତୃତୀୟ ପର୍ଯ୍ୟାୟ ଭସାଣି ହେବ। ଘାଣ୍ଟଖିଆ ଗଣେଶ ପ୍ରତିମାଗୁଡ଼ିକ ପାଇଁ ୮ ତାରିଖ ବଦଳରେ ଅନ୍ୟ କେଉଁ ଦିନ ଭସାଣ ହେବ ସେନେଇ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ। ଶୋଭାଯାତ୍ରାବେଳେ ୬୫ ଡେସିବଲ ମଧ୍ୟରେ ଡାକବାଜି ଯନ୍ତ୍ର ବଜାଯିବା ସହ ଡିଜେ ଓ ବାଣ ଫୁଟାକୁ ପୂର୍ବ ଭଳି ନିଷେଧ କରାଯାଇଛି।

ମୂର୍ତ୍ତି ବିସର୍ଜନ ପାଇଁ ସିଏମ୍‌ସି ପକ୍ଷରୁ ୬ କୃତ୍ରିମ ପୋଖରୀ ଖୋଳାଯିବ। ତେବେ ମାଲଗୋଦାମ ଅଞ୍ଚଳରେ ଆଉ ଦୁଇଟି ପୋଖରୀ ଖୋଳିବାକୁ ମହାନଗର ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ କୁମାର ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ ସାହୁ ଦାବି ରଖିଛନ୍ତି। ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତାବ ରହିଛି। ପ୍ରତ୍ୟେକ ପୂଜା କମିଟି ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗଣେଶ ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଏହି ବୈଠକରେ ଡିସିପି ପିନାକ ମିଶ୍ର, ବିଧାୟକ ସୌଭିକ୍ ବିଶ୍ୱାଳ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ସମସ୍ତ ପୂଜା କମିଟି, କ୍ଲବ କର୍ମକର୍ତ୍ତା, ବିଭିନ୍ନ ଜୋନ୍ ଏସିପି ଓ ଆଇଆଇସିମାନେ ଯୋଗଦେଇଥିଲେ।




ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ବିଧାୟକ, ମେୟର ଓ ଡିପିସିଙ୍କ ସହ ଅନ୍ୟମାନେ।

**ଗଣେଶ ପୂଜା ପ୍ରସ୍ତୁତି ବୈଠକ**

■ ବେଆଇନ ଚାନ୍ଦା ଆଦାୟ, ବିକୃତ ମୂର୍ତ୍ତି ନିର୍ମାଣ ଉପରେ କଟକଣା

■ ସିଏମ୍‌ସି ପକ୍ଷରୁ ୬ କୃତ୍ରିମ ପୋଖରୀ ଖୋଳାଯିବ

## ସଂକ୍ଷେପରେ

### ନିର୍ମାଣ ମେଧାବୃତ୍ତି ସମ୍ମାନ ୨୦୨୩

ବାଲକାଟୀ,୧୮।୮(ମନୋଜ ମଣ୍ଡଳ)- ବାଲକାଟୀସ୍ଥିତ ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ଓ ବ୍ରଜ ଗୋପାଳ ସ୍ମୃତି ପ୍ରତିଷ୍ଠାନ ଆଲିଶିଶାସନର ଆନୁକୂଲ୍ୟରେ ନିର୍ମାଣ ମେଧାବୃତ୍ତି ସମ୍ମାନ ୨୦୨୩ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିମାଣ ପରିସରରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲାପାଳ ନିରଞ୍ଜନ ସାହୁ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ନିର୍ମାଣର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରୀନାରାଣୀ ବେହେରା, ଧାରା ଅନୁଷ୍ଠାନର ସହଦେ ଜୟସିଂ, ଅମରେନ୍ଦ୍ର ମହାପାତ୍ର, ସମାଜ ଖବର କାଗଜର କାର୍ଯ୍ୟନିର୍ବାହୀ ସୁରେଶ ମନ୍ତ୍ରୀ, କେଏମବିବିର ଅଧ୍ୟକ୍ଷ ବିଜୁନି କୁମାର ସୁତାର, ସାମାଜିକ କର୍ମୀ ଅମିୟବାଳା ପରିଡା, ନିବେଦିତା ଲେଙ୍କା, ବେଣୁଧର ଭୋଇ, ଭାଗ୍ୟଧର ନନ୍ଦୀ, ପ୍ରମୋଦ ପାଢ଼ୀ, ନାରାୟଣ ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାରି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୮୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିର୍ମାଣ ମେଧାବୃତ୍ତି ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ୩୬ତମ ସ୍ଥାନ ପାଇଥିବା ବାଲିଅନ୍ତା ବ୍ଲକର ସୁଶ୍ରୀ ସୃଷ୍ଟି ପ୍ରଧାନ ଓ ୨୨୧ତମ ସ୍ଥାନ ପାଇଥିବା ଇଟିପୁର ଗ୍ରାମର ରୀନାରାଣୀ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବାଲିଅନ୍ତା, ବାଲିପାଟଣା, ପିପିଲି ଓ ଭୁବନେଶ୍ୱର ବ୍ଲକର ନିର୍ମାଣ ମେଧାବୃତ୍ତି ସମ୍ମାନ ପ୍ରଦାନ କରାଯାଇଥିଲା।

### ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଅଲଗା ହେବ ଯୁକ୍ତ୨ କଲେଜ

ଭୁବନେଶ୍ୱର, ୧୮।୮(ଅସମାପିକା ସାହୁ)- ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବରୁ ଛାତ୍ରୀଛାତ୍ର ପାଠପଢ଼ାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ୬,୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଠପଢ଼ା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ୨ କଲେଜକୁ ଅଲଗା କରାଯିବ। ବିଶ୍ୱବିଦ୍ୟାଳୟ କୁଳପତି ଏନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିବା ପରେ ଉଚ୍ଚଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ବିଶ୍ୱବିଦ୍ୟାଳୟ ପରିସରରୁ ଯୁକ୍ତ୨ କଲେଜକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖାଯାଇଛି। ସୂଚନାନୁସାରେ, ଗୋଟିଏ କ୍ୟାମ୍ପସରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାଲିଥିବାରୁ ଛାତ୍ରୀଛାତ୍ର ସ୍ଥାନାଭାବ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ରେଳ ଟ୍ରାକ୍‌ରେ ହାତୀ ମୃତ୍ୟୁ ରୋକିବ ଆଇଡିଏସ୍

■ପୂର୍ବତଟ ରେଳପଥ ପକ୍ଷରୁ ୭୯.୧୨ କୋଟି ଟଙ୍କା ବ୍ୟୟ ଆକଳନ

■ଲେଜର ସେନ୍ସିଂ କୌଶଳରେ ହାତୀ ଗତିବିଧି ଉପରେ ନଜର

ଭୁବନେଶ୍ୱର,୧୮।୮(ଅଭିଜିତ ଦାସ)

ରାଜ୍ୟରେ ଅନେକ ସମୟରେ ଟ୍ରେନ୍ ଧକ୍କାରେ ବହୁ ହାତୀଙ୍କ ମୃତ୍ୟୁ ଘଟୁଛି। ରାଜ୍ୟ ବନ ବିଭାଗ ତଥ୍ୟ ଅନୁଯାୟୀ ୨୦୧୨-୧୩ରୁ ୨୦୨୧-୨୨ ପର୍ଯ୍ୟନ୍ତ ଟ୍ରେନ୍ ଧକ୍କାରେ ୩୦ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୧-୨୨ ରେ ୩ଟି ଓ ଚଳିତ ବର୍ଷ ଅଗଷ୍ଟ୧୦ ସୁଦ୍ଧା ଟ୍ରେନ୍ ଧକ୍କାରେ ୪ ହାତୀଙ୍କ ଜୀବନ ଯାଇଛି। ତେଣୁ ଟ୍ରାକ୍ ଉପରେ ହାତୀ ମୃତ୍ୟୁ ରୋକିବାକୁ ଅଣ୍ଟା ଭିଡ଼ିଛି ପୂର୍ବତଟ ରେଳପଥ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୬ଟି ରେଳ ସେକ୍ସନରେ ଇଣ୍ଟ୍ରୁଜନ୍ ଡିଟେକ୍ଟିଭ୍ ସିଷ୍ଟମ (ଆଇଡିଏସ୍) ବା ଅନୁପ୍ରବେଶ ଚିହ୍ନଟ ପଦ୍ଧତି କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ୭୯.୧୨ କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଛି। ସମ୍ବଲପୁର ଓ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଥିବା ଏହି ୬ ରେଳ ସେକ୍ସନର ପ୍ରାୟ ୨୦୦ କିମି ରେଳଧାରଣା ନିକଟରେ ଆଇଡିଏସ୍ ରହିବ। ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ମାନେଶର-ବାମୁର, ତୁରେଇକେଲା-ଲଖନା, ଅରାଣ୍ଡ-ଅରଙ୍ଗ ମହାନାଦୀ ଓ ନର୍ଲା-ଥେରୁବାଲି ସେକ୍ସନ ଥିବାବେଳେ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ଅଧୀନରେ କପିଳାସ ରୋଡ୍-ରାଜ ଆଠଗଡ଼-ଅନୁଗୋଳ, ରମ୍ଭା-ଗଞ୍ଜାମ ଏବଂ ନୟାଗଡ଼-ପର୍ଜନପୁର ରେଳ ସେକ୍ସନ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।



### କେମିତି କାର୍ଯ୍ୟ କରିବ ଆଇଡିଏସ୍?

ବିଭିନ୍ନ ସମୟରେ ରେଳ ଧାରଣା ନିକଟରେ ହାତୀଙ୍କ ଯାତାୟାତ ହୋଇଥାଏ। ଏପରିକି ନିର୍ଦ୍ଦିଷ୍ଟ ସ୍ଥାନରେ ହାତୀଗୁଡିକ ଟ୍ରେନ୍ ଲାଇନ୍ ପାର ହେବା ସମୟରେ ଟ୍ରେନ୍ ଧକ୍କା ଦେଇଥାଏ। ତେଣୁ ଏହି ସମୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବ ଆଇଡିଏସ୍। ଏଥିରେ ଟ୍ରାକ୍ ନିକଟରେ ଲଗାଯାଇଥିବା ଅପ୍ଟିକାଲ ଫାଇବରଗୁଡିକ ସେନ୍ସର ଭାବରେ ବ୍ୟବହୃତ କରାଯିବ। ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡିକରେ ପାଖାପାଖି ୬୦ କିମି ପର୍ଯ୍ୟନ୍ତ ବନ୍ୟ ପ୍ରାଣୀଙ୍କ ଅସାଧାରଣ ଗତିବିଧିକୁ ଚିହ୍ନଟ କରିବା ସହ କଣ୍ଟ୍ରୋଲ ଅଫିସ, ଷ୍ଟେଶନ ମାଷ୍ଟର, ଗେଟ୍ ମ୍ୟାନ ଏବଂ ଲୋକୋ ପାଇଲଟଙ୍କୁ ସଚେତନ କରାଇବ। ସେହିପରି ଆଇଡିଏସ୍ ଦ୍ୱାରା ଟ୍ରାକ୍ ଉପରେ ଅବରୋଧ, ଟ୍ରାକ୍‌ରେ ଫାଟ ପଡିବା, ଟ୍ରାକ୍ ନିକଟରେ ଭୂସ୍ଖଳନ ଓ ବେଆଇନ ଖନନ ଉପରେ ନଜର ରଖାଯାଇପାରିବ। ଡିଏଏସ୍ ପଦ୍ଧତି ଦ୍ୱାରା ପରିଚାଳିତ ଆଇଡିଏସ୍ ସିଷ୍ଟମ୍ ଆକାଶବାଣୀ ସେନ୍ସିଂ ମାଧ୍ୟମରେ ଷ୍ଟେଶନ ମାଷ୍ଟର ପାଖରେ ଥିବା ଏକ ଡିସ୍‌ପ୍ଲେରେ ସଚେତନ କରାଇବ। ପରେ ଉକ୍ତ ସୂଚନା ରେଲୱେ ନେଟ୍‌ୱର୍କ ଦ୍ୱାରା ଆସିଷ୍ଟାଣ୍ଟ ଷ୍ଟେଶନ ମାଷ୍ଟର, ଗ୍ୟାଟମେନ, ଫିଲ୍ଡ ୱାର୍କରଙ୍କୁ ଦିଆଯିବ। ପରେ ଏହା ଲୋକୋ ପାଇଲଟ ପାଖରେ ପହଞ୍ଚିବା ପରେ ସେ ଟ୍ରେନ୍‌ର ଗତିକୁ କମାଇ ହାତୀ ମୃତ୍ୟୁକୁ ଏଡାଇବାକୁ ଚେଷ୍ଟା କରିବେ।

ତେବେ ପୂର୍ବତଟ ରେଳପଥର ସୂଚନା ଅନୁଯାୟୀ ଉତ୍ତର-ପୂର୍ବ ସୀମାନ୍ତ ରେଳପଥର ଅଲିପୁରଦୁଆର ରେଳମଣ୍ଡଳ ଅନ୍ତର୍ଗତ ଦୁୟାର୍ସ ଅଞ୍ଚଳର ଚଲସା-ହାସିମାରା ରେଳ ସେକ୍ସନ ଓ ଲୁମଡିଙ୍ଗ ରେଳମଣ୍ଡଳ ଅନ୍ତର୍ଗତ ଲଙ୍କା-ହାୱାଇପୁର ରେଳ ସେକ୍ସନ ମଧ୍ୟରେ ଆଇଡିଏସ୍ ପ୍ରକଳ୍ପର ପରୀକ୍ଷାମୂଳକ ଭାବେ ଟେଷ୍ଟିଂ କରାଯାଇଥିଲା। ପ୍ରକଳ୍ପର ସଫଳତା ପରେ ଉତ୍ତର ସୀମାନ୍ତ ରେଳପଥର ଆସାମ ଓ ଉତ୍ତର ବଙ୍ଗଳାର ରେଳ ଧାରଣା ନିକଟରେ ଥିବା ସମସ୍ତ ହାତୀ କରିଡର୍‌ରେ ଆଇଡିଏସ୍ ପଦ୍ଧତି କାର୍ଯ୍ୟକାରୀ କରାଯାଇଛି। ତେବେ ଉକ୍ତ ପାଇଲଟ୍ ପ୍ରକଳ୍ପକୁ ପୂର୍ବତଟ ରେଳପଥର ୨ଟି ରେଳ ମଣ୍ଡଳରେ କାର୍ଯ୍ୟକାରୀ କରାଯିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସେକ୍ସନରେ କାର୍ଯ୍ୟକାରୀ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ନନ୍ଦନକାନନରେ ଶାରୀ ମୃତ




ବାରଙ୍ଗ,୧୮।୮(ଲିଙ୍ଗରାଜ ରାଉତ)

ଗତ ଦୁଇଦିନ ତଳେ ରାଉରକେଲା ଡିଭିଜନ ଅଞ୍ଚଳରୁ ଉଦ୍ଧାର ହୋଇ ୩ଟି ଶାରୀ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଆସିଥିଲା। ସେମାନଙ୍କ ମଧ୍ୟରୁ ଶୁକ୍ରବାର ସକାଳେ ଗୋଟିଏ ଶାରୀର ମୃତ୍ୟୁ ହୋଇଛି। ତେବେ ଶାରୀର ମୃତ୍ୟୁର କାରଣ ଜଣାପଡ ନ ଥିବାବେଳେ ବନ୍ୟପ୍ରାଣୀ ଚିକିତ୍ସାଳୟର ଡାଇନିଙ୍ଗରେ ତାକୁ ଏକ ଛୋଟ ପିଞ୍ଜରାରେ ଚିକିତ୍ସକଙ୍କ ନଜର ବନ୍ଦିରେ ରଖାଯାଇଥିଲା। ଫଳରେ ଶାରୀଟି ପିଞ୍ଜରାରେ ଚଳପ୍ରଚଳରେ ଅସୁବିଧା ହେତୁ ତା'ର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି।

## ଡବ୍ଲିନ୍‌ରେ ପ୍ରଦର୍ଶିତ ହେଲା ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'



ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଦେଖିବା ଅବସରରେ ଉତ୍ସାହିତ ପ୍ରବାସୀ ଓଡ଼ିଆ ଓ ଅନ୍ୟ ଦର୍ଶକମାନେ।

ଭୁବନେଶ୍ୱର,୧୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଆୟର୍ଲାଣ୍ଡ୍‌ର ଡବ୍ଲିନ୍‌ଠାରେ ପ୍ରଥମଥର ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ପ୍ରଦର୍ଶିତ ହୋଇଛି। ଗତ ରବିବାର ସାଇଣ୍ଟୋଲୋଜି କମ୍ୟୁନିଟି ସେଣ୍ଟରଠାରେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଅନୁପମ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଓ ନିର୍ଦ୍ଦେଶିତ ଏବଂ ରୋଶନ ବିଶୋଇଙ୍କ ଲିଖିତ ଏହି ଚଳଚ୍ଚିତ୍ର ଏକ କ୍ଷୁଦ୍ର ଗଳ୍ପ 'ବାପା' ଦ୍ୱାରା ଅନୁପ୍ରାଣିତ। ଏକ ମଧ୍ୟବିତ୍ତ ପରିବାରର ଜଣେ ଯୁବକର କାହାଣୀ, ତା'ର ଦୁଃଖ ସଂଘର୍ଷର କାହାଣୀ, ପ୍ରତ୍ୟେକ ଓଡ଼ିଆଙ୍କ କାହାଣୀ ଦେଖିଥିଲେ ୭୫ରୁ ଅଧିକ ପ୍ରବାସୀ ଓଡ଼ିଆ, ବଙ୍ଗୀୟ ଓ ଇଟାଲୀୟ ଦର୍ଶକ। ବଙ୍ଗୀୟ ଓ ଇଟାଲୀୟ ଦର୍ଶକମାନେ ଓଡିଶା ଏବଂ ଏହାର ସଂସ୍କୃତିକୁ ପ୍ରଶଂସା କରିଥିଲେ। ଆୟର୍ଲାଣ୍ଡରେ ରହୁଥିବା ଓଡିଆମାନେ ଅଭିନେତ୍ରୀ ବର୍ଷା, ଅଭିନେତା ଦୀପନ୍ୱିତ, ସିଦ୍ଧାନ୍ତ, ଜୟପ୍ରକାଶଙ୍କ ଅଭିନୟ ଦେଖି ବହୁତ ଖୁସି ହୋଇଛନ୍ତି। ଏଥିସହ ଦର୍ଶକମାନେ ଓଡ଼ିଆ ଖାଦ୍ୟ ଝାଲମୁଢ଼ି, ସିଙ୍ଗଡ଼ା ଖାଇ ଏହି ଓଡ଼ିଆ ଫିଲ୍ମ ଦେଖିବାର ମଜା ନେଇଥିଲେ। ଏହି ଅବସରରେ ସେମାନେ ଓଡ଼ିଆ ସିନେମା ଓ କଳା ସାହିତ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ବିତ ମିଶ୍ର, ଦେବାଶିଷ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ସୋଜିତ ମହାରାଣା, ଶ୍ୱେତା, ଶୁଭସ୍ମିନ ରାଣା ପ୍ରମୁଖ ଏହାର ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ।

## ଗଣେଶ ପୂଜା ପାଇଁ ମାଟି ଅନୁକୂଳ

ପୁରୁଣା ଭୁବନେଶ୍ୱର,୧୮।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ବିଭିନ୍ନ ପୂଜା କମିଟି। ଚଳିତବର୍ଷ ବଡ଼ଗଡ଼ ଶ୍ରୀଗଣେଶଙ୍କ ପୂଜା ପାଇଁ ଶୁକ୍ରବାର ବିଧି ମୁତାବକ ମାଟି ଅନୁକୂଳ କରାଯାଇଛି। କଟକ ତ୍ରିଶୂଳିଆରୁ ମାଟି ଅଣାଯିବା ପରେ ମଣ୍ଡପ ସମ୍ମୁଖରେ ମୂର୍ତ୍ତି ସ୍ଥାପନା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରୋହିତ ହେମନ୍ତ ପଣ୍ଡା, କର୍ତ୍ତା ଚନ୍ଦ୍ରଭାନୁ ପଟ୍ଟନାୟକ, ମୁଖ୍ୟ ମୂର୍ତ୍ତି କାରିଗର ମନୋଜ କୁମାର କାଣ୍ଡି ଏବଂ ତାଙ୍କର ୧୫ଜଣ ସହକାରିଗରଙ୍କ ଉପସ୍ଥିତିରେ ଏହା ସମ୍ପନ୍ନ କରାଯାଇଥିଲା। ବଡ଼ଗଡ଼ ଶ୍ରୀଗଣେଶ ମହୋତ୍ସବ କମିଟି ସମ୍ପାଦକ ସଂଗ୍ରାମ ମାର୍ଥାଙ୍କ ତତ୍ତ୍ୱାବଧାନରେ ଗ୍ରାମର ମୁରବୀ ପୂର୍ଣ୍ଣଚନ୍ଦ୍ର ଜେନା, ଉମା ଶଙ୍କର ପଟ୍ଟନାୟକ, ଦିଲୀପ ହାଲି, ଡିଗ୍ରୀ ପଟ୍ଟଶାହାଣୀ, ଫୁଙ୍କୁ ସାମନ୍ତରାୟ, ଭାଲା ସାମନ୍ତରାୟ, କାଳନ୍ଦୀ ମାନସିଂହ, ଖୋକନ ସାମନ୍ତରାୟ, ଆଦିତ୍ୟ ଗଜେନ୍ଦ୍ର, ଅମିତାଭ ମହାନ୍ତି, ସମରେଶ ବେଉରା, ଅଶୋକ ସିଂହ, ବିଶ୍ୱଜିତ୍ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାୟାଧର ନାୟକଙ୍କ 'ବିଶ୍ୱଭବିଷ୍ୟବାଣୀ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଲେଖକ ତଥା ଶ୍ରମିକ ନେତା ମାୟାଧର ନାୟକଙ୍କ ପୁସ୍ତକ 'ବିଶ୍ୱଭବିଷ୍ୟବାଣୀ' ଶୁକ୍ରବାର ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଗରିକା ମହାନ୍ତି ଓ ସୋନାଲ ଆଚାର୍ଯ୍ୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଭାରତର ନିର୍ବାଚନ ଆୟୋଗର ଡ. ଭଗବାନ ପ୍ରକାଶ ଯୋଗଦେଇ ମାୟାଧରଙ୍କ ସାମଗ୍ରିକ ସାହିତ୍ୟିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ତାଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକର ଉତ୍କର୍ଷତା ସମ୍ପର୍କରେ ନିଜର ମତ ରଖିଥିଲେ। ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଲେଖକଙ୍କ ଏହି ପୁସ୍ତକ ଏକ ସମୟାନୁବର୍ତ୍ତୀ ପ୍ରକାଶନ। ସ୍ତମ୍ଭକାର ସୁଜ୍ଞାନୀ ଚୌଧୁରୀ ଯୋଗଦେଇ ଏହି ପୁସ୍ତକ ଭବିଷ୍ୟତ ପାଠକମାନଙ୍କ ପାଇଁ ଏକ ମାର୍ଗଦର୍ଶିକା ସାଜିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଇନ୍ଦିରା ଦାସ ଯୋଗଦେଇଥିଲେ। ଉତ୍ସବରେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପକ ତଥା ବିଶିଷ୍ଟ ଥିଏଟର ନିର୍ଦ୍ଦେଶକ ସୁକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।




ପୁସ୍ତକ 'ବିଶ୍ୱଭବିଷ୍ୟବାଣୀ'ର ଲୋକାର୍ପଣ ଅବସରରେ ଡ.ଭଗବାନ ପ୍ରକାଶ ଓ ଅନ୍ୟମାନେ।

## ସର୍ବଭାରତୀୟ ବୈଜ୍ଞାନିକ ଶବ୍ଦାବଳୀ ଆଲୋଚନାଚକ୍ର ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)

ଭାରତର ବୈଜ୍ଞାନିକ ଶବ୍ଦାବଳୀ ଆୟୋଗ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ସର୍ବଭାରତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆଲୋଚନାଚକ୍ରରେ ଇମିରେଟସ୍ ପ୍ରଫେସର ଡ.ଚତୁର୍ଭୁଜ ଭୂୟାଁ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ ସଭାପତି, ଡ. ସଚ୍ଚିଦାନନ୍ଦ ମହାନ୍ତି, ଜିଏମ୍‌ଟି ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦କୁ ନେଇ ପାରମ୍ପରିକ ବିଦ୍ୟା ସାଧନ ଉପରେ ଗବେଷଣା ଓ ଚିକିତ୍ସା ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପଦ୍ଧତି ଆୟୁର୍ବେଦ, ଏଲୋପାଥି, ଯୋଗ ଆଦି ବିଷୟରେ କ୍ଲିଷ୍ଟ ଶବ୍ଦକୁ ସରଳ ବୋଧଗମ୍ୟ ଓ ଆଞ୍ଚଳିକ ଭାଷାରେ ଲୋକ କଲ୍ୟାଣ ନିମିତ୍ତ ଶବ୍ଦକୋଷ ତିଆରି କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ପ୍ରଫେସର ଭୂୟାଁଙ୍କ ପ୍ରୋକ୍ଟୋଲୋଜି ସମ୍ପର୍କରେ ଲିଖିତ ପୁସ୍ତକ 'ଦି ପାଇଲସ୍' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହା ସମନ୍ୱିତ ଚିକିତ୍ସା ଓ ପ୍ରଚଳିତ ୨୭ଟି ସର୍ବୋତ୍କୃଷ୍ଟ ଆରୋଗ୍ୟ ପଦ୍ଧତି ଉପରେ ଆଧାରିତ।

## ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୮।୮(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ବ୍ରାଉନସୁଗାର ବେପାର ବଢ଼ିଚାଲିଥିବା ବେଳେ ଖଣ୍ଡଗିରି ଥାନା ପୋଲିସ ୨ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ଜଗନ୍ନାଥ ସାହୁ (୨୭) ଓ ସନ୍ତୋଷ ମହାକୁଦ (୨୭)। ଏମାନଙ୍କଠାରୁ ୧୫.୮୫ ଗ୍ରାମ ବ୍ରାଉନସୁଗାର, ନଗଦ ୯୦୦ ଟଙ୍କା ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ। ଅଭିଯୁକ୍ତଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଶବଦାହଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ନେଇ ରାଜନୀତି

■ମେୟରଙ୍କ ଅନୁପସ୍ଥିତି ନେଇ ପ୍ରଶ୍ନ ଉଠାଇଲେ ଅପରାଜିତା

■ମେୟର କହିଲେ ଅଲଗା କାର୍ଯ୍ୟ ଥିବାରୁ ଯାଇପାରିଲେନି

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

ଧର୍ମବିହାରଠାରେ ଶୁକ୍ରବାର ଗେଲ୍ ଇଣ୍ଡିଆ ଲିମିଟେଡର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ସର୍ବପ୍ରଥମ ପ୍ରାକୃତିକ ଗ୍ୟାସ ଆଧାରିତ 'ଶବଦାହ ଗୃହ'ର ଲୋକାର୍ପଣ କରାଯାଇଛି। ଏଥିରେ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିଏମ୍‌ସି ପକ୍ଷରୁ କେହି ଉପସ୍ଥିତ ନ ରହିବାରୁ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବିଏମ୍‌ସି ଏଥିରେ ସହଯୋଗୀ ରହିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ମାତ୍ର କାର୍ଯ୍ୟକ୍ରମ ଶେଷ ହେବାପରେ ଅପରାଜିତା ଗଣମାଧ୍ୟମକୁ କହିଛନ୍ତି ଯେ, ଆମେ ସମସ୍ତେ ଆଶ୍ଚର୍ଯ୍ୟ ଯେ ଏହି କାର୍ଯ୍ୟକ୍ରମକୁ ବିଏମ୍‌ସି ମେୟର କିମ୍ବା ସରକାରଙ୍କ କୌଣସି ପ୍ରତିନିଧି କାହିଁକି ଏଥିରେ ଯୋଗ ଦେଇନାହାନ୍ତି। ଶ୍ମଶାନଘାଟର ଚାବି ବିଏମ୍‌ସିକୁ ହସ୍ତାନ୍ତର କରାଯିବାର ଥିଲା। ମାତ୍ର ସ୍ଥାନୀୟ କର୍ପୋରେଟରଙ୍କୁ ହସ୍ତାନ୍ତର ସାର୍ଟିଫିକେଟ ପ୍ରଦାନ କଲୁ। ଏହା ଅତ୍ୟନ୍ତ ଦୁଃଖର ବିଷୟ। କାଲିଠୁ ଏହି ଶ୍ମଶାନଘାଟର ଲାଭ ସମସ୍ତ ଭୁବନେଶ୍ୱର ବାସିନ୍ଦାଙ୍କୁ ମିଳିବ। ତେଣୁ ଔପଚାରିକତା ଦୃଷ୍ଟିରୁ ମେୟର ଆସି ଚାବି ନେଇଥିଲେ ମଧ୍ୟ ଭଲ ହେଇଥାଆନ୍ତା। କାହିଁକି ଆସିଲେ ନାହିଁ କିମ୍ବା ଚାବି କ'ଣ ପାଇଁ ନେଲେନି ସେକଥା ଚିନ୍ତା କରନ୍ତୁ। ତେଣୁ ଅନୁରୋଧ ଯେ, ଆଗାମୀ ଦିନରେ ଏଭଳି ଛୋଟ ଛୋଟ କଥାରେ ନ ରହି ବିକାଶକୁ ଗୁରୁତ୍ୱ ଦେବେ। କାରଣ ବିକାଶର କିଛି ଦଳ ନ ଥାଏ ବୋଲି ଅପରାଜିତା କହିଛନ୍ତି। ଅପରାଜିତାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମେୟର ସୁଲଚନା ଦାସ କହିଛନ୍ତି, ସେ ଗେଲ୍ ପ୍ରତିନିଧିଙ୍କ ପକ୍ଷରୁ ନିମନ୍ତ୍ରଣ ପାଇଥିଲେ। ହେଲେ ଅଲଗା କାର୍ଯ୍ୟ ଥିବାରୁ ସେ ଯୋଗ ଦେଇପାରି ନ ଥିଲେ।

## ବିଏସ୍‌ଏଫ୍‌ର ପ୍ରଥମ ପତ୍ରିକା 'ରକ୍ଷକ' ଲୋକାର୍ପିତ

ଭୁବନେଶ୍ୱର,୧୮।୮ (ସୂର୍ଯ୍ୟକାନ୍ତ ବେହେରା)

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ପ୍ରଥମ ପତ୍ରିକା 'ରକ୍ଷକ' ପ୍ରକାଶ ପାଇଛି। ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ଏହାର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଆଇଜି ଡି.କେ. ଶର୍ମା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୀମାରେ ଯବାନଙ୍କ ଜୀବନ୍ତ ଚିତ୍ର ଦେଖାଇବ 'ରକ୍ଷକ'। ଏଥିସହ ବିଏସ୍‌ଏଫ୍ ଯବାନମାନେ ନିଜ ସାହିତ୍ୟକୃତି ପ୍ରକାଶ କରିବାର ସୁଯୋଗ ପାଇବେ । ପତ୍ରିକାରେ ସୀମା ପ୍ରହରିଙ୍କ ପ୍ରବନ୍ଧ, ଉପନ୍ୟାସ, କବିତା ଆଦି ପ୍ରକାଶିତ ହେବ, ଯାହା ସେମାନଙ୍କ ପ୍ରତିଭା ଓ ସାହିତ୍ୟକୃତିକୁ ସାମ୍ନାକୁ ଆଣିବା ପାଇଁ ଏକ ପ୍ଲାଟଫର୍ମ ଦେବ। ଏହାସହ ପତ୍ରିକା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀକୁ ସମୃଦ୍ଧ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପ୍ରକାଶ ପାଇବ। ଏହି ଅବସରରେ ରାଜ୍ୟପାଳ ବିଏସ୍‌ଏଫ୍‌ର ଏପରି ଉଦ୍ୟମକୁ ପ୍ରଶଂସା କରିଛନ୍ତି।



ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ପ୍ରଥମ ପତ୍ରିକା 'ରକ୍ଷକ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।

## ଆଲୋଚନା ପରେ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

୩ଦିନ ଧରି ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଜର ଅଧିକାର ପାଇବା ପାଇଁ ରାଜଧାନୀର ରାଜରାସ୍ତାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟ ଛାଡ଼ି ଶିକ୍ଷକ ରାଜରାସ୍ତାରେ ଶୋଉଥିବାବେଳେ ସରକାର ସେମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ଆନ୍ଦୋଳନକାରୀ କହିଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନରେ ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣାରେ ହଜାର ହଜାର ଶିକ୍ଷକ ବର୍ଷାକୁ ଖାତିର ନକରି ଜମା ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ପର୍ଯ୍ୟନ୍ତ ଶିକ୍ଷକମୟ ହୋଇଯାଇଥିଲା। ଶେଷରେ ସରକାରଙ୍କ ତରଫରୁ ଆଲୋଚନା ପାଇଁ ଡାକରା ଆସିବା ପରେ ସଂଗଠନର ସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଯାଇଥିଲେ। ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ସଚିବଙ୍କ ସହିତ ପୃଥକ ଆଲୋଚନା ହୋଇଥିଲା। ଆଲୋଚନାକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ମାତ୍ର ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ନ ଦେଲେ, ସପ୍ତମ ବେତନ କମିଶନ ପାଇବାରୁ ବଞ୍ଚିତ ବିଦ୍ୟାଳୟଗୁଡ଼ିକ ପାଇଁ ଏହା ଲାଗୁ ନ ହେଲେ, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ୍ ତଥା ଚାକିରି ସର୍ତ୍ତାବଳୀ ନଦେଲେ, ସମସ୍ତ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ନକଲେ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ସମସ୍ତ ଚୁକ୍ତି ଭିକ ଶିକ୍ଷକଙ୍କୁ ୬ଟି ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ ନକଲେ ଏହି ଆନ୍ଦୋଳନ ଚାଲିବ ବୋଲି ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି। ସରକାର ଯେଉଁ ଶିକ୍ଷା ଓ ଶିକ୍ଷକ ମାରଣନୀତି ଆପଣେଇଛନ୍ତି ତାହା ବିରୋଧରେ ଶିକ୍ଷା ରଥ ବୁଲିବ। ଏଥିରୁ ସଂଗଠନ ହଟିବ ନାହିଁ ବୋଲି ଯୁଗ୍ମସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ କହିଛନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସେପ୍ଟେମ୍ବର ୪ ତାରିଖ ପୂର୍ବରୁ ଆନ୍ତଃ ମନ୍ତ୍ରୀ ସ୍ତରୀୟ ବୈଠକ ବସି ନିଷ୍ପତ୍ତି ନିଆ ନଯାଏ ଏବଂ ଦାବି ପୂରଣ ନହୁଏ ତେବେ ଗୁରୁ ଦିବସ ଦିନ ପୁଣି ଆନ୍ଦୋଳନ ଆରମ୍ଭ କରାଯିବ। ଅନ୍ୟପଟେ ସମସ୍ୟା ସମାଧାନର କ୍ଷେତ୍ର ପ୍ରସ୍ତୁତ ନହେବା ଦୁର୍ଭାଗ୍ୟଜନକ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।



**ହାଇୱା ଗାଡି ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ**

**ମାହାଙ୍ଗା,(ଯଯାତି ସିଂହ):** ମାହାଙ୍ଗାର ଛତ୍ରତୋଟା ପଟୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଏକ ବାଲି ବୋଝେଇ ହାଇୱା ଗାଡି ଧକ୍କାରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ୭ ଘଣ୍ଟା ପର୍ଯ୍ୟନ୍ତ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର, ବଜାର ଓ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିଲା। ଏଥିସହ ଆମ୍ବୁଲାନ୍ସ ସମେତ ବହୁ ଗାଡ଼ି ଅଟିକି ରହିବାରୁ ଯାତାୟାତ ମଧ ବନ୍ଦ ହୋଇଯାଇଥିଲା। ଖବରପାଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂତନ ଖୁଣ୍ଟ ବସାଯିବା ପରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି।

## ସଂକ୍ଷେପରେ

### କେନାଲକୁ ଓଲଟିଲା କାର୍ : ଶିଶୁପୁତ୍ର ମୃତ



**ମାହାଙ୍ଗା,୧୮।୮(ଯଯାତି ସିଂହ)**

ମାହାଙ୍ଗା ଥାନା ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତସ୍ଥିତ ପଙ୍ଗାମୁଣ୍ଡାଇ କେନାଲକୁ ଏକ ଯାତ୍ରୀବାହୀ କାର ଓଲଟି ପଡିଛି। ଫଳରେ ସେଥିରେ ଥିବା ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ଥାନା ତିଳଦା ଗ୍ରାମର ହାଇଦର ଅଲି ଖାଁଙ୍କ ଶିଶପୁତ୍ର ସିକନ୍ଦର ଖାଁ(୪)। କାରଟି ଦ୍ରୁତଗତିରେ ଏହି କେନାଲ ବନ୍ଧ ରାସ୍ତା ଦେଇ ତ୍ରିବେଣୀଶ୍ୱର ପଟୁ କୁଆଁପାଳ ଅଭିମୁଖେ ଆସୁଥିଲ। ଏହି ସମୟରେ କେନାଲ ବନ୍ଧ ରାସ୍ତାରେ ଏକ ବାଇକ ଆରୋହୀକୁ ଧକ୍କା ଦେଇ ଭାରସାମ୍ୟ ହରାଇ ପାଣି ମଧ୍ୟକୁ ଓଲଟି ପଡିଥିଲା। ଫଳରେ କାରରେ ଥିବା ଚାଳକ ସମୀର ଖାଁ, ସେହି ଗ୍ରାମର ଯାତ୍ରୀ ହାଇଦର ଓ ତାଙ୍କ ଶିଶପୁତ୍ର ସିକନ୍ଦର ଗାଡି ଭିତରେ ରହି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତେବେ ସିକନ୍ଦର ଚେତାଶୂନ୍ୟ ହୋଇଯାଇଥିଲେ। ତୁରନ୍ତ ତାକୁ ଉଦ୍ଧାର କରି ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସିକନ୍ଦରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାସ୍ଥଳରେ କୁଆଁପାଳ ଦମକଳବାହିନୀ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଗାଡିକୁ କେନାଲ ପାଣିରୁ ଉପରକୁ ଉଠାଯାଇଛି। ଖବରପାଇ ମାହାଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିଛି।

### ଅଟୋକୁ ଧକ୍କାଦେଇ ଚପଲ ଦୋକାନ ଉପରେ ମାଡ଼ିଗଲା ବସ୍

**ଆଠଗଡ଼,୧୮।୮(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ଗୋପବନ୍ଧୁ ଛକ ମୁଖ୍ୟ ବଜାର ଉପରେ ଆରତି ଷ୍ଟିଲ କମ୍ପାନୀ କର୍ମଚାରୀ ନେବା ଆଣିବା କରୁଥିବା ଏକ ବସ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଶୁକ୍ରବାର ସକାଳୁ ଓଡି-୦୫-୩୫୧୪ ବସ୍ ରଥଗଡ଼ା ପଟୁ ଦ୍ରୁତ ବେଗରେ ଆସୁଥିବାବେଳେ ଘଟଣାସ୍ଥଳରେ ଏକ ଅଟୋ ନମ୍ବର (ଓଡି-୦୨-ଡବ୍ଲ୍ୟୁ-୯୩୧୪)କୁ ଧକ୍କା ଦେବା ସହ ନିକଟରେ ଥିବା ଏକ ଚପଲ ଦୋକାନ ଉପରେ ଚଢ଼ିଯାଇଥିଲା। ଫଳରେ ଚପଲ ଦୋକାନ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ଅଟୋ ଡ୍ରାଇଭର ଅମିତ ସାହୁଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଅଟୋ ମଧ ଭାଙ୍ଗିରୁଜି ଯାଇଥିଲା। ବସଟି ଚୌଦ୍ୱାର ଅଞ୍ଚଳର ଶିଶିର କୁମାର ନାୟକଙ୍କ ହୋଇଥିବାବେଳେ ସେ ଆରତି ଷ୍ଟିଲ କମ୍ପାନୀର କର୍ମଚାରୀ ନେବା ଆଣିବା ପାଇଁ ଠିକା ସଂସ୍ଥା ମାଧ୍ୟମରେ ଲଗାଇଥିଲେ। ଏହି ଦୁର୍ଘଟଣାରେ ବସ୍ ଡ୍ରାଇଭର ରମାକାନ୍ତ ସାମଲ ମଧ ଆହତ ହୋଇଛନ୍ତି। ଉଭୟ ଆହତଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଠଗଡ଼ ପୋଲିସ ପହଞ୍ଚି ବସ ଓ ଅଟୋକୁ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ନମ୍ବର ୧୭୬/୨୩ରେ ଏକ ମାମଲା ରୁଜୁ ହୋଇଥିବା ସବଇନ୍ସପେକ୍ଟର ଶକୁନ୍ତଳା ଦାସ ସୂଚନା ଦେଇଛନ୍ତି।

### କିରୋସିନ ଢାଳି ପୋଡ଼ିହୋଇ ଯୁବତୀଙ୍କ ମୃତ୍ୟୁ

**ମାହାଙ୍ଗା,୧୮।୮(ଯଯାତି ସିଂହ)**

ମାହାଙ୍ଗା ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ବାଲିତୋଟା ଗ୍ରାମର ଜଣେ ଯୁବତୀ କିରୋସିନ ଢାଳି ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଗ୍ରାମର ଧୀରେନ୍ଦ୍ର ମଲ୍ଲିକଙ୍କ ଝିଅ ରୀନା (୨୫)। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ଶୁକ୍ରବାର ସକାଳୁ ରୀନା ହଠାତ୍ ଘରୁ କିରୋସିନ ବୋତଲ ଆଣି ଘର ବାହାରକୁ ଆସି ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ପରିବାର ଲୋକ ଆସି ତାଙ୍କ ଉପରେ ପାଣି ଢାଳିଥିଲେ। ମାତ୍ର ସେତେବେଳକୁ ତାଙ୍କ ଶରୀର ୮୦ ପ୍ରତିଶତ ପୋଡ଼ି ଯାଇଥିଲା। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ମାହାଙ୍ଗା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଯୁବତୀ ମାନସିକ ଭାରସାମ୍ୟ ହରାଇ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇ ଦେଇଥିବା ତାଙ୍କ ବାପା କହିଛନ୍ତି। ଏନେଇ ଥାନରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗ୍ରାମାଞ୍ଚଳ ବିକାଶର ଦାୟିତ୍ୱ ଜିଲା ପରିଷଦ ଉପରେ ନ୍ୟସ୍ତ

**କଟକ,୧୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)**



ବୈଠକରେ ଏମ୍‌ପି, ଜିଲାପାଳ, ବିଧାୟକଙ୍କ ସହ ଅନ୍ୟମାନେ।

ଷଷ୍ଠ ଜିଲା ପରିଷଦ ବୈଠକ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରି କହିଥିଲେ, ଗ୍ରାମାଞ୍ଚଳ ବିକାଶର ଗୁରୁଦାୟିତ୍ୱ ଜିଲା ପରିଷଦ ଉପରେ ନ୍ୟସ୍ତ। ସଭ୍ୟାସଭ୍ୟମାନେ ନିଷ୍ଠାପର ଭାବରେ କାର୍ଯ୍ୟ ସମ୍ପାଦନ କରି ଲୋକଙ୍କ ନିକଟତର ହୋଇପାରିଲେ ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରାଯାଇପାରିବ। ସେହିପରି କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଯେକୌଣସି ଜନହିତକର କାର୍ଯ୍ୟ କରିବା ପୂର୍ବରୁ ତାହାର ଆନୁଷଙ୍ଗିକ ଦିଗକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଜିଲା ପରିଷଦ ସଭ୍ୟାସଭ୍ୟମାନେ ନିଜ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେବା ସହ ସ୍ଥାନୀୟ ବିଧାୟକଙ୍କ ସହିତ ସମନ୍ୱୟ ରକ୍ଷା କରିବା ଦରକାର। ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ବ୍ୟୟ ବ୍ୟବସ୍ଥା କରିଥିବା ମହତାବ କହିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଗ୍ରାମାଞ୍ଚଳର ବିକାଶ ପାଇଁ ଜିଲା ପରିଷଦ ଏକ ପ୍ରମୁଖ ପ୍ରତିଷ୍ଠାନ ବୋଲି କହିଥିଲେ। ଏଥିସହ ଆବଶ୍ୟକ ନଳକୂପ ମରାମତି, ପାଇପ ଲାଇନ ତଥା ପାଣି ଟାଙ୍କି ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଜିଲାରେ ଜଙ୍ଗଲ ଜମିର ସୁରକ୍ଷା ଓ ବନ୍ୟପ୍ରାଣୀଙ୍କର ସୁରକ୍ଷିତ ବିଚରଣ ଦିଗରେ କାର୍ଯ୍ୟପନ୍ଥା ନିରୁପଣର ଜରୁରୀ ଆବଶ୍ୟକତା ରହିଛି। ଜିଲାରେ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ମରାମତି ନିମନ୍ତେ ପଦକ୍ଷେପ ନେବାକୁ ସେ କହିଥିଲେ।

ଜିଲା ପରିଷଦର ସଭ୍ୟସଭ୍ୟାମାନେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗର ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଖାଲି ରହିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ କରାଯିବା ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ

### ଷଷ୍ଠ ଜିଲା ପରିଷଦ ବୈଠକ

କରିବେ ବୋଲି ସୂଚନା ଦେଇଥିଲେ।

ବୈଠକରେ ଗ୍ରାମ୍ୟ ଉନ୍ନୟନ, ଜଳ ଯୋଗାଣ, ପରିମଳ, ଜଳସେଚନ, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା, କୃଷି, ଜଙ୍ଗଲ ଓ ପରିବେଶ, କେନାଲ ଖନନ ଓ ସଫେଇ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର ସୂଚନା ଦେଇଥିଲେ। ବୈଠକ ଆରମ୍ଭରେ ସଦ୍‌ଭାବନା ଶପଥପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଷପିଇ ଯୁବକଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୮।୮ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି (ବାରମାଣିଆ) ଗ୍ରାମର ଜଣେ ଯୁବକ ବିଷପିଇ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ବାରମାଣିଆ ଗ୍ରାମର ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ କନିଷ୍ଠ ପୁତ୍ର ପ୍ରଫୁଲ୍ଲ କୁମାର ସ୍ୱାଇଁ(୨୭)। କୌଣସି କାରଣରୁ ପ୍ରଫୁଲ୍ଲ ବିଷପିଇ ମୁମୂର୍ଷୁ ଅବସ୍ଥାରେ ନିଶ୍ଚିନ୍ତକୋଇଲି ହାଟରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ମୃତଦେହକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଫସଲବୀମା ଯୋଜନା ଅର୍ଥ ବାଟମାରଣା ଅଭିଯୋଗ


ଚାଷୀମାନେ ପ୍ରତିବାଦ କରି ରାସ୍ତା ରୋକୋ କରିଛନ୍ତି।

**ବାଙ୍କୀ,୧୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ଅର୍ଥ ବାଟମାରଣା ହେବା ଅଭିଯୋଗ କରି ଶୁକ୍ରବାର ଡମପଡ଼ା ତହସିଲ ଅନ୍ତର୍ଗତ ପାଥପୁର ପଞ୍ଚାୟତର ଚାଷୀମାନେ ପ୍ରତିବାଦ କରିଛନ୍ତି। ସେମାନେ ବାଙ୍କୀ-କଟକ ମୁଖ୍ୟ ରାସ୍ତାକୁ ପାଥପୁରଠାରେ ଅବରୋଧ କରି ଧାରଣା ଦେଇଥିଲେ। ଫଳରେ ବାଙ୍କୀ କଟକ ମଧ୍ୟରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପାଥପୁର ଗ୍ରାମପଞ୍ଚାୟତର ଅମରେନ୍ଦ୍ରପୁର, ଉପରପାଥପୁର, ଚକୁଳେଶ୍ୱର, ମୁରାରୀପୁର, ତଳପାଥପୁର, ଚାରିଘରିଆ , କଇଁମୁଣ୍ଡି ଗ୍ରାମର ଚାଷୀମାନେ ୨୦୨୨-୨୩ ବର୍ଷ ପାଇଁ ଧାନଫସଲ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଏହାର ବୀମା ପ୍ରିମିୟମ୍ ମଧ ଦାଖଲ କରିଥିଲେ।

### ପ୍ରତିବାଦରେ ବାଙ୍କୀ-କଟକ ରାସ୍ତା ଅବରୋଧ କଲେ ଚାଷୀ

୨୦୨୨-୨୩ରେ ବନ୍ୟାରେ ଏହି ପଞ୍ଚାୟତ ବହୁ କ୍ଷତିଗ୍ରସ୍ତ ହୋଇଥିଲା। ସେତେବେଳେ ପଞ୍ଚାୟତବାସୀଙ୍କୁ ୫ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଦିଆଯିବା ସହିତ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଫସଲ କ୍ଷୟକ୍ଷତି ଅର୍ଥ ମଧ ଚାଷୀଙ୍କୁ ଦିଆଯାଇଥିଲା। ତେବେ ଦୀର୍ଘ ଦିନ ଧରି ବନ୍ୟା ଜଳରେ ପଞ୍ଚାୟତର ବହୁ ଧାନଫସଲ ଓ ପରିବା ଚାଷ ପାଣିରେ ବୁଡି ରହିଥିଲା। ଫଳରେ ଏହାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫସଲ ବୀମା ଯୋଜନାର ସର୍ତ୍ତାବଳୀ ଅନୁସାରେ କ୍ରପ୍ କଟିଂ ହୋଇ ସାରିବା ପରେ ରିପୋର୍ଟକୁ ଚଞ୍ଚକତା କରି ଭୁଲ୍ ତଥ୍ୟ ପ୍ରଶାସନ ପକ୍ଷରୁ ଦିଆଯାଇଥିବାରୁ ପଞ୍ଚାୟତବାସୀ ଏହି ବୀମା ଯୋଜନା ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ପଞ୍ଚାୟତର ଚାଷୀମାନେ ଫସଲବୀମା କ୍ଷୟକ୍ଷତି ଅର୍ଥ ପାଇଥିବା ସତ୍ତ୍ୱେ ପାଥପୁର ପଞ୍ଚାୟତର ଚାଷୀଙ୍କୁ ଏହା ମିଳିନାହିଁ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଏହି ଧାରଣାରେ ଅଜାତି ବେଉରା, ବୁଦ୍ଧେଶ୍ୱର ନାୟକ, କେଦାର ନାଏକ, ରମେଶ ଧଳ, ହରିହର ସାହୁ, ଶତ୍ରୁଘନ ଦାଶ, ନାରାୟଣ ଧଳ ସମେତ ଶତାଧିକ ମହିଳା ଓ ପୁରୁଷ ଚାଷୀମାନେ ରାସ୍ତା ରୋକରେ ସାମିଲ୍ ହୋଇଥିଲେ। ଡମପଡ଼ା ତହସିଲଦାର ପ୍ରମୋଦ କୁମାର ନାୟକ, ବାଙ୍କୀ ଉପଖଣ୍ଡ ପୋଲିସ୍ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଘଟଣାସ୍ଥଳକୁ ଯାଇ ଚାଷୀମାନଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଚାଷୀମାନେ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି ରାସ୍ତା ଅବରୋଧରୁ ହଟାଇଥିଲେ।

### ଗୋପୀନାଥପୁର ସେବା ସମବାୟ ସମିତି ନିର୍ବାଚନ: ଭାରତୀ ବିଜୟୀ

**ସାଲେପୁର,୧୮।୮(ଅରବିନ୍ଦ ଭୂୟାଁ)**

ସମବାୟ ସମିତି ନିର୍ବାଚନରେ ସାଲେପୁରସ୍ଥିତ ଗୋପିନାଥପୁର ସେବା ସମବାୟ ସମିତି ସଭାପତି ଭାବେ ଭାଜପା ସମର୍ଥିତ ପ୍ରାର୍ଥୀ ଭାରତୀ ଭୂଷଣ ଦାସ ନିର୍ବାଚିତ ହୋଇଛନ୍ତି। ୪ ପଞ୍ଚାୟତକୁ ନେଇ ଗଠିତ ଗୋପିନାଥପୁର ସେବା ସମବାୟ ସମିତି ଏହି ଅଞ୍ଚଳର ଏକ ମୁଖ୍ୟ ସେବା ସମବାୟ ସମିତି। ଏଠାରୁ ଦାସ ବିଜୟୀ ହେବା ପରେ ପୂର୍ବତନ ବିଧାୟକ ପ୍ରକାଶ ବେହେରା, ଗୋପିନାଥପୁରର ପୂର୍ବତନ ସରପଞ୍ଚ ଦିଲୀପ ରାଉତ, ରାମେଶ୍ୱର ମଣ୍ଡଳ ସଭାପତି ସମ୍ରାଟ ଲେଙ୍କା, ବରିଷ୍ଠ ନେତା ପ୍ରହଲ୍ଲାଦ ସାମଲ, ସମବାୟ ସମିତି ନିର୍ଦ୍ଦେଶକ କ୍ଷୀରୋଦ ବାରିକ, ବିଷ୍ଣୁ ମଲ୍ଲିକ, ଭରତ ଚନ୍ଦ୍ର ପାତ୍ର ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

### ନଦୀରେ ବୁଡ଼ି ବୃଦ୍ଧ ମୃତ

**ଆଠଗଡ଼,୧୮।୮(ସତ୍ୟ ପ୍ରସାଦ ରଥ)**

ସାପୁଆ ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଆଠଗଡ଼ ବ୍ଲକ କଟକିଆସାହି ପଞ୍ଚାୟତ ବନ୍ଧହଟା ଗ୍ରାମର ପ୍ରଫୁଲ୍ଲ କୁମାର ପାତ୍ର(୭୩)। ସେ ସାପୁଆ ନଦୀକୁ ସ୍ନାନ କରିବାକୁ ଯାଇଥିଲାବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମୋହନ ସୁବୁଦ୍ଧି ମହାବିଦ୍ୟାଳୟକୁ ସ୍ୱୟଂ ଶାସିତ ଘୋଷଣା ଦାବିରେ ଗଣଧାରଣା

**ବଡ଼ମ୍ବା,୧୮।୮(ମାୟାଧର ମଲ୍ଲିକ)**

ବଡ଼ମ୍ବାସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହ ସ୍ୱୟଂ ଶାସିତ ଘୋଷଣା ଦାବିରେ କଲେଜ ମୁଖ୍ୟ ଫାଟକ ନିକଟରେ ଶୁକ୍ରବାର ଗଣଧାରଣା ଦିଆଯାଇଥିଲା। ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ପଢ଼ିଆରୀ, ମହାବିଦ୍ୟାଳୟର କିଛି ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତବନୀ ଦେଇଛନ୍ତି। ଖବରପାଇ ସ୍ଥାନୀୟ ତହସିଲଦାର ନୀଳକଣ୍ଠ ବେହେରା, ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ସୁଚିସ୍ମିତା ମହାନ୍ତି ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ଏନେଇ ସବିଶେଷ ଆଲୋଚନା କରିବା ସହ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ସ୍ଥଗିତ ରହିଛି। ଏହି ଧାରଣାରେ ବଡ଼ମ୍ବା ଓକିଲ ସଂଘ କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଜେନା, ଖବରଦାତା ସୁଜିତ କୁମାର ପଟ୍ଟନାୟକ, ଅଧ୍ୟାପକ ମାନଗୋବିନ୍ଦ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରତିଶ୍ରୁତି ପାଳନରେ ଅବହେଳା ହେଲେ ପରବର୍ତ୍ତୀ ସମୟରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି।



ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି।

# ରାଜ୍ୟ ସରକାର ଲୋକଙ୍କ ସମସ୍ୟା ସମାଧାନ କରିବାରେ ବିଫଳ

**ବାଙ୍କୀ,୧୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ରାଜ୍ୟ କଂଗ୍ରେସ ଆହ୍ୱାନକ୍ରମେ ବାଙ୍କୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବାଙ୍କୀ ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ କମିଟି ସଭ୍ୟ ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା, ବିଭୂତି ଦଳସିଂହ ରାୟ, ପିୟୂଷ କୁମାର ସାହୁ, ଭଗବାନ ସ୍ୱାଇଁ ,ଭଗବାନ ପ୍ରଧାନ, ରଘୁନାଥ ସ୍ୱାଇଁ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ସଭାପତି ଅସୀତ୍‌ବରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ କରାଯାଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।

**ବଡ଼ମ୍ବା, (ମାୟାଧର ମଲ୍ଲିକ):** ବଡ଼ମ୍ବା କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଅକ୍ଷୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଘେରାଉରେ ଯୁବ କଂଗ୍ରେସ ସଭାପତି ବଳଭଦ୍ର ପ୍ରହରାଜ, ବରିଷ୍ଠ କଂଗ୍ରେସ କର୍ମୀ ଭାଗିରଥି ରଣା, ଅଖିଳ ପଣ୍ଡା, କୃତିବାସ ମିଶ୍ର, ସମସୁଦିନ ଖାଁ, ଦାଶରଥି ସାହୁ ପ୍ରମୁଖ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

**ଟିଗିରିଆ, (ଜାଫର ଖାଁ ):** ଟିଗିରିଆ ବ୍ଲକ କଂଗ୍ରେସ ତରଫରୁ ଶୁକ୍ରବାର ଟିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ପ୍ରତିବାଦ ସଭାରେ ବରିଷ୍ଠ ନେତା ବିଭୂତି ଭୂଷଣ ମିଶ୍ର,ମାନସ ଜେନା, ଗିରିଜା ପ୍ରସାଦ ପଟ୍ଟନାୟକ, ମୁନା ଦାଶ,ପ୍ରଶାନ୍ତ ରାଉତ, ଅଭିଷେକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

**ଆଠଗଡ,(ସତ୍ୟ ପ୍ରସାଦ ରଥ):**

### କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ଆଠଗଡ଼ରେ କଂଗ୍ରେସ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଠଗଡ ବ୍ଲକ କଂଗ୍ରେସ ସଭାପତି ଶରତ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ବାଇକ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭଯାଯାତ୍ରା ଆଠଗଡ ସହର ରାସରସିକପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ଭାବେ ପିସିସି ଉପସଭାପତି ବିଭୁତି ଭୂଷଣ ମିଶ୍ର ଓ ଦଳୀୟ ପର୍ଯ୍ୟବେକ୍ଷିକା ଶିଳ୍ପା ହରିଚନ୍ଦନ ସମେତ ଆଠଗଡ ସହର କଂଗ୍ରେସ କମିଟିର ସଭାପତି ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରର ସହକାରୀ ବିଡିଓ ଉପେନ୍ଦ୍ର କୁମାର ଜେନାଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲା।

**ନରସିଂହପୁର, (ନିରଞ୍ଜନ ଦେବକୁମାର) :** ନରସିଂହପୁର ବ୍ଲକ କଂଗ୍ରେସ କମିଟି ତରଫରୁ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତିସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ପ୍ରଭାକର ମିଶ୍ର ଓ ଜୟମଙ୍ଗଳ ପଞ୍ଚାୟତ ସରପଞ୍ଚ ପ୍ରକାଶ କୁମାର ମହାପାତ୍ରଙ୍କ ସମେତ ବହୁ କର୍ମୀ ଯୋଗଦେଇ ରାଜ୍ୟ ଓକେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ।

**ସାଲେପୁର, (ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଓ କରାଯାଇଥିଲା। କଂଗ୍ରେସ ନେତା ଇଂ.ଆକ୍ୟୁବ୍ ଖାନ୍ ଏହାର ନେତୃତ୍ୱ ନେଇଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ କଂଗ୍ରେସ ସଭାପତି ବେଣୁଧର ପ୍ରଧାନ, କଂଗ୍ରେସ ନେତା ତଥା ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ବେହେରା, ମାନସରଞ୍ଜନ ଦାଶ, ପରି ଭୋଇ, ବଦ୍ରିନାଥ ସିଂହ ପ୍ରମୁଖ ଯୋଗଦେଇଥିଲେ।

**ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲିରେ କଂଗ୍ରେସ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନିଶ୍ଚିନ୍ତକୋଇଲି ମେଡିକାଲ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ବ୍ଲକ କଂଗ୍ରେସ ସଭାପତି ରମାକାନ୍ତ ବେହେରା ଏହାର ନେତୃତ୍ୱ ନେଇଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ରାଜ୍ୟରେ ଚାଲିଥିବା ପିସି କାରବାର ବନ୍ଦ କରିବା, ଖାଲି ପଡିଥିବା ପଦବୀରେ ରାଜ୍ୟର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ସହିତ ମୋଟ ୯ଦଫା ଦାବି ନେଇ ଶୁକ୍ରବାର କଂଗ୍ରେସ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ନାରାବାଜି କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ବିଡିଓ ଶାଶ୍ୱତ ଜେନାଙ୍କୁ ଦିଆଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଚତୁର୍ଭୁଜ ସ୍ୱାଇଁ, ମନିନ୍ଦର କର, ପୂର୍ବତନ ସରପଞ୍ଚ ଭୋବନା ରାଉତ, ମୋନାଲିସା ଦାସ, ରାଜୀବ ମହାନ୍ତି, ତ୍ରିନାଥ ମଲ୍ଲିକ, ସେକ୍ ସଲିମ, ସେକ୍ ହମିଦ୍‌ଙ୍କ ସମେତ ଶତାଧିକ କର୍ମୀ ଘେରାଉରେ ସାମିଲ ଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** ବିଭିନ୍ନ ଦାବି ନେଇ କଂଗ୍ରେସ ପକ୍ଷରୁ କଟକ ସଦର ବ୍ଲକ ଘେରାଉ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଟକ ନଗର କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଦିଲ୍ଲୀପ ମହାନ୍ତି, ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, ଉଗ୍ରସେନ ଭୂୟାଁ, ସୀତାକାନ୍ତ ପଣ୍ଡା, ଦୁର୍ଗାଶଙ୍କର ଦାଶ, ମଧୁସୂଦନ ସେନାପତି, ବାଙ୍କନିଧି ବେହେରା, ରଞ୍ଜନ ସେନାପତି ଓ ବିପିନ ପଶାୟତ ପ୍ରମୁଖ ଶାସକ ଦଳର କାର୍ଯ୍ୟକଳାପକୁ ବିରୋଧ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।


ବିଭିନ୍ନ ଦାବି ନେଇ କଂଗ୍ରେସ ପକ୍ଷରୁ କଟକ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ସଂକ୍ଷେପରେ

### ଅଜୟ ବରାଡ଼ଙ୍କୁ ବେଷ୍ଟ ଶିକ୍ଷକ ପୁରସ୍କାର



ଜଟଣୀ,୧୮।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସୁଶୀଳା ଦେବୀ ପ୍ରଗତି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଜୟ କୁମାର ବରାଡ଼ ପାଇଛନ୍ତି ବେଷ୍ଟ ଶିକ୍ଷକ ପୁରସ୍କାର। ୭୭ତମ ସ୍ୱାଧୀନତା ଦିବସ ଅବସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ। ବିଜେବି ହାଇସ୍କୁଲ ପଡ଼ିଆରେ ଆୟୋଜିତ ଏହି ଦିବସରେ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଏବଂ ନିଜ ବିଭାଗର ଉନ୍ନତି, ନିଷ୍ଠାପର କାର୍ଯ୍ୟ ପାଇଁ ବିଜ୍ଞାନ ଶିକ୍ଷକ ବରାଡ଼ଙ୍କୁ ଜିଲାପାଳ ବେଷ୍ଟ ଶିକ୍ଷକ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ସ୍ନିଗ୍ଧା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୭୪ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନାଳିପଡା ଅର୍ଜୁନପୁର ପଞ୍ଚାୟତରେ ନୂତନ ମଧୁବାବୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ସମିତିସଭ୍ୟ ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ମୋଟ୍ ୭୪ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ବିଭୁ ପ୍ରସାଦ ସୁବୁଦ୍ଧି ପରିଚାଳନା କରିଥିଲେ। ମୀନକେତନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସମିତିସଭ୍ୟ ବୁଦ୍ଧଦେବ ମାଝି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡମେମ୍ବର ପ୍ରତିନିଧି ତଥା ଖବରକାଗଜ ବିତରକ ସଂଘର ସଭାପତି ଜିତେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ।

### ୩୮ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୧୮।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ମନୋଜ ମହାପାତ୍ର, ଜ୍ୟୋତିକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ସୌରଭ ସୁନ୍ଦରାୟ, ଲାବ୍ ଟେକ୍ନିସିଆନ ଅରୁଣ କୁମାର ସାହୁ, ଅନିରୁଦ୍ଧ ସ୍ୱାଇଁ ଓ ଷ୍ଟାଫ୍ ନର୍ସ ଝିଲ୍ଲିରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସୁକାନ୍ତ କୁମାର ପଣ୍ଡା ଓ ମାନସ ରଞ୍ଜନ ପଣ୍ଡା ଶିବିର ପରିଚାଳନା କରିଥିଲେ।

### ଛାତ୍ରଙ୍କୁ ଉଦ୍ଧାର କଲେ ରେଳ ସୁରକ୍ଷା ବଳ କର୍ମଚାରୀ

ନିରାକାରପୁର,୧୮।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱର ଷ୍ଟେଶନରେ ରେଳ ସୁରକ୍ଷା ବଳ ଜଣେ ସପ୍ତମ ଶ୍ରେଣୀର ଛାତ୍ରଙ୍କୁ ଉଦ୍ଧାର କରି ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟଙ୍କୁ ହସ୍ତାନ୍ତର କରିଛନ୍ତି। ଛାତ୍ର ଜଣଙ୍କ କୋଣାର୍କ ଏକ୍ସପ୍ରେସରେ ଯିବା ପାଇଁ ୬ ନମ୍ବର ପ୍ଲାଟଫର୍ମରେ ଛିଡ଼ା ହୋଇଥିଲେ। ଏହି ସମୟରେ ସେଠାରେ କାର୍ଯ୍ୟରତ ନିରାକାରପୁର ଅଞ୍ଚଳର ରେଳ ସୁରକ୍ଷା ହେଡ୍ କନ୍‌ଷ୍ଟେବଲ ଅରୁଣ କୁମାର ରାଉତରାୟଙ୍କ ସନ୍ଦେହ ହେବାରୁ ସମ୍ପୃକ୍ତ ଛାତ୍ରଙ୍କୁ ପଚରାଉଚରା କରିଥିଲେ। ଛାତ୍ର ଜଣଙ୍କ ରାଗି ଘରୁ ପଳାଇ ଆସିଥିବା ଜାଣିବାକୁ ପାଇଥିଲେ। ଏହାପରେ ସମ୍ପୃକ୍ତ ଛାତ୍ରଙ୍କୁ ଷ୍ଟେଶନ ପରିଚାଳକଙ୍କ ଜରିଆରେ ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ୧ତେବେ ଛାତ୍ର ଜଣଙ୍କ ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି।

# ତଦନ୍ତ ଆଳରେ ଦିନ ଗଡ଼ାଉଛନ୍ତି

## ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ପ୍ରସଙ୍ଗ

- ଅଭିଯୋଗ ସତ୍ତ୍ୱେ ନିଆଯାଉନି କାର୍ଯ୍ୟାନୁଷ୍ଠାନ
- ଏକାଧିକଙ୍କ ସମ୍ପୃକ୍ତି ରହିଛି

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ପୁରୀ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ଆୟୁର୍ବେଦ ଡାକ୍ତରୀ ପାଠ ପଢୁଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିସହ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗତ ଜୁନ ୧୧ରେ ଖୋର୍ଦ୍ଧା ଗସ୍ତରେ ଆସିଥିବା ବେଳେ କେନ୍ଦ୍ର ଆୟୁଷ ଓ ମହିଳା ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ.ମୁଞ୍ଜାପାରା ମହେନ୍ଦ୍ରଭାଇ ଗଣମାଧ୍ୟମକୁ କହିଥିଲେ। ଗତ ଜୁଲାଇରେ ତଥ୍ୟ ସମ୍ବଳିତ ଏକ ଅଭିଯୋଗପତ୍ର ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ଅଭିଯୋଗକୁ ଏକ ମାସ ବିତିଲାଣି। ତେବେ ସ୍ୱାସ୍ଥ୍ୟ ସଚିବଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ଗତ ମେ'ରେ ବିନା ଯୋଗ୍ୟତାରେ ଆୟୁର୍ବେଦ ଡାକ୍ତରୀ ପାଠ ପଢୁଥିବା ନେଇ ଅଭିଯୋଗ ଉପରେ ଘଟଣା ସମ୍ପର୍କରେ ଅତିରିକ୍ତ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ଜଣାଇଥିଲେ। ତେବେ ଦୁଇଥର ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ତଦନ୍ତ ତଥା କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ ସ୍ୱଚ୍ଛତା ଉପରେ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିନା ଏନ୍‌ଇଇଟିରେ ଆୟୁର୍ବେଦ ଡାକ୍ତରୀ ପାଠ ସମ୍ପର୍କିତ ଏକ ଖବର ଧରିତ୍ରୀରେ ଗତ ଜାନୁୟାରୀ ୧୦ରେ ପ୍ରକାଶ ପାଇଥିଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତତ୍କାଳୀନ ଆୟୁଷ ନିର୍ଦ୍ଦେଶକ ଭୂପେଶ ବେହେରା କହିଥିଲେ। ପରବର୍ତ୍ତୀ ସମୟରେ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥଙ୍କ ନିକଟରେ ଗତ ମେ' ୨ରେ ୬୮ପୃଷ୍ଠା ଏବଂ ୧୯ ମେ'ରେ ୧୨ପୃଷ୍ଠା ସମ୍ବଳିତ ତଥ୍ୟ ପ୍ରମାଣ ଯୁକ୍ତ ଅଭିଯୋଗ ଦାଖଲ କରାଯାଇଥିଲା। ରଥ ଏହାର ତଦନ୍ତ ଲାଗି ଆୟୁଷ ବିଭାଗର ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ମଧ୍ୟ ଚିଠି ଲେଖିଥିଲେ। ଗତ ମେ' ୧୬ରେ ପ୍ରଶାସନିକ ଅଧିକାରୀ ମହାପାତ୍ର ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିଭିନ୍ନ ଡକ୍ୟୁମେଣ୍ଟ ଜବତ କରିଥିଲେ। ଏହା ପରେ ଜୁନ ୨୨ରେ ରଥଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ପରେ ପ୍ରେମଜିତ ନାୟକ ନୂତନ ଆୟୁଷ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆୟୁଷ ନିର୍ଦ୍ଦେଶକ ନାୟକ କହିଛନ୍ତି।

୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ବିନା ଯୋଗ୍ୟତାରେ ବାହାର କଲେଜ(କୌଣସି ଆୟୁର୍ବେଦ କଲେଜରେ ନାମଲେଖାଇ ନ ଥିବା ଛାତ୍ରୀଛାତ୍ର)ଙ୍କ ଠାରୁ ମୋଟା ଅଙ୍କ ନେଇ ସେମାନଙ୍କୁ ପାଠପଢା ସୁଯୋଗ ଦିଆଯାଇଛି। ସେଥିରୁ ୨୦୧୬ରେ ବିନା ଏନ୍‌ଇଇଟିରେ ଜଣେ ଛାତ୍ରୀ ପାସ କରି ସାରିଛନ୍ତି। ୨୦୧୭ରେ ଦୁଇଜଣ ହାଉସ ସର୍ଜନ ଭାବେ କାର୍ଯ୍ୟ କରୁଛନ୍ତି। ଉଭୟଙ୍କ ଏକ ବର୍ଷିଆ ହାଉସ ସର୍ଜନ ସରିବ। ଏସଂକ୍ରାନ୍ତରେ ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ପାଠପଢା ନେଇ ଧରିତ୍ରୀରେ ଗତ ମେ' ୧ରେ ଖବର ପ୍ରକାଶ ପାଇଥିଲା। ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବେଆଇନ ଭାବେ ୨୦୨୦-୨୧ ବ୍ୟାଚରେ ପାଠପଢା ସୁଯୋଗ ଦିଆଯାଉଥିବା ଏବଂ ଛାତ୍ରୀଛାତ୍ରଙ୍କ ଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଏବଂ ଓଜେଇ ଆଲାଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲସି) ଓ ମାଇଗ୍ରେସନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଜଣେ ଅଭିଯୋଗକାରୀ ଆୟୁଷ ମନ୍ତ୍ରଣାଳୟ ନିକଟରେ ୨୦୨୨ ମସିହାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚରେ ମଧ୍ୟ ଅନୁରୂପ ଭାବେ ୩ଜଣ ନାମଲେଖାଇଥିବା ନେଇ ଜଣାପଡିଥିଲା।

ସୂଚନାଥାଉ କି, ୨୦୨୦-୨୧ ବ୍ୟାଚରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଖାଲିଥିବା ସିଟ୍‌ରେ ଟ୍ରାନ୍ସଫର ବେସିସ୍‌ରେ ନାମଲେଖା ଲାଗି ୧୨ଜଣ ଆବେଦନ କରିଥିବା ନେଇ କଲେଜ କର୍ତ୍ତୃପକ୍ଷ ଆୟୁଷ ବିଭାଗକୁ ଚିଠି କରିଥିଲେ। କଲେଜ ଚିଠି ପ୍ରକାରେ ଆୟୁଷ ନିର୍ଦ୍ଦେଶକଙ୍କ ସମେତ ୫ଜଣଙ୍କୁ ନେଇ ଗଠିତ ଟିମ୍ ୫ଜଣଙ୍କୁ ନାମଲେଖା ପାଇଁ ଅନୁମୋଦନ କରିଥିଲେ। ତେବେ ଆୟୁଷ ବିଭାଗ ପକ୍ଷରୁ ଆସିଥିବା ନାମଲେଖା ଅନୁମୋଦିତ ଚିଠିକୁ ନକଲ କରାଯାଇ ଏହି ବ୍ୟାଚରେ ୫ଜଣ ଛାତ୍ରୀଛାତ୍ର ପରିବର୍ତ୍ତେ ୭ଜଣଙ୍କୁ ନାମଲେଖା ସୁଯୋଗ ଦିଆଯାଇଥିଲା। ଏ ସଂକ୍ରାନ୍ତୀୟ ଖବର ଧରିତ୍ରୀରେ ଗତ ମେ' ୧୦ତାରିଖରେ ପ୍ରକାଶ ପାଇଥିଲା। ନାମଲେଖାର ସୁଯୋଗ ପାଇଥିବା ୨ବିଦ୍ୟାର୍ଥୀ (ବିନା ଏନ୍‌ଇଇଟି ଷ୍ଟୁଡେଣ୍ଟ) ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଏସ୍‌ଏନ୍ ଏୱାଇ ଆଣ୍ଡ ଆର୍‌ଆଇ) ପାଇକମାଲ, ବରଗଡ ଜିଲା ଛାତ୍ରୀଛାତ୍ର ବୋଲି ଆୟୁଷ ବିଭାଗ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏହି ଦୁଇଜଣ ୨୦୨୦-୨୧ ବ୍ୟାଚରେ ସମ୍ପୃକ୍ତ କଲେଜର ଛାତ୍ର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷା କ୍ଷୀରାବ୍ଧି ତନୟା ରାଉତରାୟ ଖଣ୍ଡନ କରିଛନ୍ତି। ଏପରିକି ସମାନ୍ତରାଳ ଭାବେ ବିନା ଏନ୍‌ଇଇଟିରେ ୨୦୧୬-୧୭ ଏବଂ ୨୦୧୭-୧୮ରେ ମଧ୍ୟ ନାମ ଲେଖାଇଥିବା ବିଦ୍ୟାର୍ଥୀ ଉକ୍ତ କଲେଜର ଷ୍ଟୁଡେଣ୍ଟ ବୋଲି ଗୋପବନ୍ଧୁ ଆୟୁର୍ବେଦ କଲେଜ ପକ୍ଷରୁ ହସ୍ତଗତ ରିପୋର୍ଟରେ ଦର୍ଶାଯାଇଛି। ଏହାକୁ ମଧ୍ୟ ପାଇକମାଲ କଲେଜ ଅଧ୍ୟକ୍ଷା ରାଉତରାୟ ଖଣ୍ଡନ କରିଛନ୍ତି। ଏ ସଂକ୍ରାନ୍ତରେ ଆରଟିଆଇ ତଥ୍ୟ ରହିଛି। ତେବେ ଏହି ବେଆଇନ ନାମଲେଖା ପଛରେ କଲେଜଠାରୁ ଉପର ସ୍ତର ପର୍ଯ୍ୟନ୍ତ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ଜଣାପଡିଛି।

### ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ



ଜଟଣୀ,୧୮।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ୨ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ବେଣାପଞ୍ଜାରୀ ନୂଆସାହିର ଚନ୍ଦୁ ଓରଫ ଚନ୍ଦ୍ରମଣି ପ୍ରଧାନ(୩୫) ଏବଂ ସିପୁ ଓରଫ ଦୀପକ ପ୍ରଧାନ(୩୦)। ଏମାନଙ୍କ ନିକଟରୁ ୭.୫୦ ଗ୍ରାମ୍ ବ୍ରାଉନ୍‌ସୁଗାର, ମୋବାଇଲ ଫୋନ୍ ଏବଂ ୧୪ ହଜାର ୭ଶହ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୦୩/୨୩)ରୁଜୁ ହୋଇଛି। ସୂଚନା ମୁତାବକ, ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଶରତ ପାଇକରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ସ୍ୱେଶାଲ ଟିମ୍ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।





ଦୁଇ ଦଫା ଦାବିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପିଇଓ ସଂଘର ଗଣଧାରଣା

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜ୍ୟ ସଂଘ ଆହ୍ୱାନକ୍ରମେ ୨ ଦଫା ଦାବିରେ ଖୋର୍ଦ୍ଧା ଜିଲା ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାରଠାରୁ ଗଣଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପୂର୍ବରୁ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ଜାରି ରହିଥିଲା। ଏହାସତ୍ତ୍ୱେ ସରକାରଙ୍କ ଅଣଦେଖା ପ୍ରତିବାଦରେ ଏହି ଧାରଣା ଦିଆଯାଇଛି। ସାଧାରଣ ଲୋକଙ୍କ ଅସୁବିଧା ପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ଚେତାବନୀ ଦେଇଛି। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ ପରିବର୍ତ୍ତେ ଯୁକ୍ତ୩ କରାଯାଉ। ଓଆର୍‌ଏସ୍‌ପି ନିୟମ ୨୦୧ ଅନୁଯାୟୀ କ୍ୟାଡରଭୁକ୍ତ, ଲେଭଲ-୫ରୁ ଲେଭଲ-୯କୁ ବୃଦ୍ଧି ସହ ଦରମା ପ୍ରଦାନ କରାଯାଉ। ଅନ୍ୟୁନ ୧୦ ବର୍ଷ ଚାକିରି କରିସାରିଥିବା ନିର୍ବାହୀ ଅଧିକାରୀଙ୍କୁ ପଦୋନ୍ନତି, ଶତପ୍ରତିଶତ ନିର୍ବାହୀ ଅଧିକାରୀଙ୍କୁ ଜିପିଡିଓ କିମ୍ବା ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଭାବେ ପଦୋନ୍ନତି ଦେବାକୁ ଦାବି କରିଛନ୍ତି। ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### ଚାରା ରୋପଣ କାର୍ଯ୍ୟକ୍ରମ

ବେଗୁନିଆ,୧୮।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଗଡ଼ମାଣତୀର ଗ୍ରାମ ପଡ଼ିଆରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏପିର ବେଗୁନିଆ ବିଧାନସଭା କ୍ଷେତ୍ର ସଂଯୋଜକ କଳ୍ପତରୁ ପଣ୍ଡା ଯୋଗଦେଇ ଚାରାଟିଏ ଲଗାଇ ଶୁଭାରମ୍ଭ କରିଥିଲେ। ସୂର୍ଯ୍ୟକାନ୍ତ ଯୁଝାରସିଂହଙ୍କ ନେତୃତ୍ୱରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି।

### ଅତ୍ରିରେ ଆଇଟିବିପିର ମେଗା ଚାରାରୋପଣ

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଇଣ୍ଡୋ ତିବ୍ବତୀୟ ସୀମା ପୋଲିସ ଫୋର୍ସ(ଆଇଟିବିପି) ୪୧ ବାହିନୀ କ୍ଷେତ୍ରୀୟ ମୁଖ୍ୟାଳୟ(ଭୁବନେଶ୍ୱର) ଆନୁକୂଲ୍ୟରେ ଶୁକ୍ରବାର ଅତ୍ରିସ୍ଥିତ ଉଷ୍ଣ ପ୍ରସ୍ରବଣ ପରିସରରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଆଇଜି ରାଣା ଯୁଧିଷ୍ଠିର ସିଂ ଅଟାରୀଙ୍କ ନେତୃତ୍ୱରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାରା ରୋପଣ କରି ମେଗା ପ୍ଲାଣ୍ଟେଶନ ଡ୍ରାଇଭ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ଶହେରୁ ଊର୍ଦ୍ଧ୍ୱ କିସମର ଚାରା ରୋପଣ କରାଯାଇଥିଲା। ଏଥିରେ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ହିମବୀର ଯବାନ, ହିମବୀର ପରିବାର ସଦସ୍ୟ, ଆଇଟିବିପି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର, ସୁଧୀର ଯାଦବ, ଜିତେନ୍ଦ୍ର ଯାଦବ, ଓମ୍‌ପ୍ରକାଶ ତିୱାରୀ, ଅଶୋକ କୁମାର, ଶାୟଦ ନାସର ଅଲି, ତିଲକ କୁମାର ସିଂ, ମୀରାମାଇ ଦାସ, ପି. ମହାରଣା, ନୀହାର ରଞ୍ଜନ ରାଓ୍ୱତ, ଏସ୍. ଘୋଷ୍, ରଞ୍ଜନ ମେହେର, ରାମଚନ୍ଦ୍ର ମାଝିଙ୍କ ସମେତ ସମସ୍ତ ଯବାନ, ସ୍ଥାନୀୟ ସରପଞ୍ଚ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ଦେଶ ମାତୃକାର ସେବାରେ ବଳିଦାନ ଦେଇଥିବା ଅମର ଶହୀଦଙ୍କୁ ମନେପକାଇଥିଲେ।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଚାରା ରୋପଣ କରୁଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ୯ ଦଫା ଦାବି ନେଇ ଖୋର୍ଦ୍ଧା ସମେତ ସମସ୍ତ ବ୍ଲକ କାର୍ଯ୍ୟାଳୟ ଶୁକ୍ରବାର ଘେରାଉ କରାଯାଇଛି। ଦଳର ସବୁ ବ୍ଲକ କଂଗ୍ରେସ କମିଟି ଘେରାଉ କାର୍ଯ୍ୟକ୍ରମ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଥିଲେ। ପଞ୍ଚାୟତଠାରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ବ୍ଲକସ୍ତରରେ ଚାଲିଥିବା ପିସି କାରବାର ବନ୍ଦ କରାଯାଉ। ଏବେ ରାଜ୍ୟ ସରକାର ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ଦେଉଥିବା ୫୦ଲକ୍ଷ ଟଙ୍କା ସିଧାସଳଖ ପଞ୍ଚାୟତକୁ ଦିଆଯାଉ। କେଉଁଠି କେତେ ପରିମାଣ ଖର୍ଚ୍ଚ ହେବ, ତାହା ଗ୍ରାମସଭାର ନିଷ୍ପତ୍ତିକ୍ରମେ ଅର୍ଥ ଖର୍ଚ୍ଚ କରାଯାଉ। ରାଜ୍ୟରେ ଖାଲିପଡିଥିବା ସରକାରୀ ପଦବୀ ପୂରଣ ସହ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ, ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯାଉ। ପେଟ୍ରୋଲ, ଡିଜେଲ, ଗ୍ୟାସ, କିରୋସିନ ଭଳି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଲୁଣଠାରୁ ତେଲ ପର୍ଯ୍ୟନ୍ତ ଦରଦାମ ବୃଦ୍ଧି ବନ୍ଦ କରାଯାଉ। କୃଷିଜାତ ପଦାର୍ଥର ଅଭାବୀ ବିକ୍ରି, କଟନି ଛଟନି ବନ୍ଦ କରାଯାଉ। ପ୍ରତି ବ୍ଲକରେ ଶୀତଳଭଣ୍ଡାର ଖୋଲିବା ବ୍ୟବସ୍ଥା, ଲୋ ଭୋଲଟେଜ, ପାୱାରକଟ, ଅଧିକ ବିଦ୍ୟୁତ ଦେୟ ବନ୍ଦ କରାଯାଉ। ଅନୁସୂଚିତ ଜାତି, ଜନଜାତି ପଛୁଆବର୍ଗଙ୍କ ଅଧିକାରକୁ ଅକ୍ଷୁର୍ଣ୍ଣ ରଖାଯାଉ। ଆବାସ ଯୋଜନାରେ ପ୍ରକୃତ ଗରିବ ବାସହୀନ ହିତାଧିକାରୀଙ୍କୁ ସାମିଲ କରାଯିବାକୁ ଦାବି କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ପଦ୍ମଚରଣ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ପିସିସି ସାଧାରଣ ସମ୍ପାଦକ ମାନସ ଆଚାର୍ଯ୍ୟ, ସୁବାସ ପାତ୍ର, ଶିଶିର ପରିଡା, ମୁଖପାତ୍ର ଅମିତ ମହାନ୍ତି, ବିଶ୍ୱଭୂଷଣ ଛୋଟରାୟ, ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ, ପ୍ରଦୋଷ ସାହୁ, ନୃସିଂହ ମିଶ୍ର, ଜୟନ୍ତୀ ରାୟ, ସର୍ବେଶ୍ୱର ସାହୁ, ଜିତେନ୍ଦ ଚମ୍ପତି, ମୃତ୍ୟୁଞ୍ଜୟ ଛୋଟରାୟ, ଇନ୍ଦୁଭୂଷଣ ଭଞ୍ଜ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।



ଜଟଣୀ ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା):** ଦୁର୍ନୀତି ମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ବେଗୁନିଆ ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ପୋଷ୍ଟ ଅଫିସ ଛକଠାରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ବଳିତ ଦାବିପତ୍ର ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପ୍ରଦାନ କରାଯାଇଥିଲା। କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ସଂଖ୍ୟା ଲଘୁ ସେଲର ରାଜ୍ୟ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ସହ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ।

**ବୋଲଗଡ଼,(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ତହସିଲ ଛକଠାରୁ ଏକ ଶୋଭାଯାତ୍ରା ବହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ୯ଦଫା ଦାବି ଉପରେ ଆଲୋଚନା କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଧୋବେଇ ନାୟକଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ମାଧବ ଚନ୍ଦ୍ର ବିଶ୍ୱାଳ, ପ୍ୟାରୀ ମୋହନ ଦାସ, ପ୍ରଭାତ ପରିଡା, ଜୟକୃଷ୍ଣ ପ୍ରହରାଜ, ରଘୁନାଥ ସାହୁ, ନଟବର ପାଣ୍ଡେ, ଫକିର ମୋହନ ସାହୁ, ଦୀନବନ୍ଧୁ କର, ବିଜୟ ମହାନ୍ତି, ଧିରେସ ମହାପାତ୍ର, ଜୟନ୍ତ ତ୍ରିପାଠୀ, ଗଦାଧର ଚମ୍ପତି, ନବକିଶୋର ପଣ୍ଡା, ରମେଶ ପଟ୍ଟନାୟକ, ପ୍ରଶାନ୍ତ ପରିଡା, ପ୍ରଦୀପ ପାଲଟାସିଂହଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ଯୁବନେତା ସୀମାଞ୍ଚଳ ଖଣ୍ଡାଇ ଧନ୍ୟବାଦ ଦେଇଥିଲେ।

**ଜଟଣୀ (ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ୯ ଦଫା ଦାବିରେ ଜଟଣୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ଅଶୋକ କୁମାର ମଙ୍ଗରାଜ ସଭାପତିତ୍ୱ କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ରାଜ୍ୟ ସରକାରଙ୍କ ଅନ୍ୟାୟ ଅନୀତି ବିରୋଧରେ ବର୍ଷିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସରୋଜ କୁମାର ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଛଣଘର କୁସୁମାଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ ରାଉତରାୟ, ଶୁଭ୍ରାଂଶେଖର ପଟ୍ଟନାୟକ, ଛେନୁ ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ଧନେଶ୍ୱର ରାଉତରାୟ, ବ୍ଲକ କଂଗ୍ରେସ ସଭାପତି ବୁଲୁ ମହାପାତ୍ର, ସୂର୍ଯ୍ୟକାନ୍ତ ବଳିୟାରସିଂ, ଖୋର୍ଦ୍ଧା ଜଲା ଯୁବ କଂଗ୍ରେସ ସଭାପତି ସମ୍ବିତ ମଙ୍ଗରାଜଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

**ଟାଙ୍ଗୀ(ରଘୁନାଥ ସାହୁ):** ୯ ଦଫା ଦାବିରେ ଟାଙ୍ଗୀ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସଭାପତି ସୁକାନ୍ତ କୁମାର ରାଉତ, ବାସୁଦେବ ବିଶ୍ୱାଳ, ପ୍ରଶାନ୍ତ ଶ୍ରୀଚନ୍ଦନ, ଯୁଗଳ ରାଉତ, ବିଶ୍ୱଜିତ ରାଉତରାୟ, ଅଶୋକ ପାତ୍ର, ବିଶ୍ୱଭୂଷଣ ଛୋଟରାୟଙ୍କ ସମେତ ଶତାଧିକ କର୍ମୀ ଏହି ଘେରାଉରେ ସାମିଲ ହୋଇଥିଲେ।

**ଗମ୍ଭାରୀମୁଣ୍ଡା, (ଦିଲୀପ କୁମାର ସ୍ୱାଇଁ):** ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୯ଦଫା ଦାବି ନେଇ ବାଣପୁର ଓ ଚିଲିକା ବ୍ଲକ ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାଣପୁର ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ଏଥିସହ ସରକାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଜୟ କୁମାର ରଥ, ସନ୍ତୋଷ ଷଡ଼ଙ୍ଗୀ, ଅକ୍ଷୟ ମହାପାତ୍ର, ଯଦୁ ମୁଦୁଲି, ଦୁର୍ଯ୍ୟୋଧନ ବେହେରା, ଯୋଗୀ ଜେନା, ଭଗବାନ ସେଠି, ଚିନୁ ବିଶୋଇ, ସୁକାନ୍ତି ବିଶୋଇ, ସୁକି ସେଠି, ଭାନୁମତି ପଣ୍ଡାଙ୍କ ସେମତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୮।୮।୨୦୨୩

| ୪,୭୭,୪୫୬ ଟଙ୍କା | |
|---|---|
| ସୁନା | ୫୭୦ ମିଲି ଗ୍ରାମ୍ |
| ରୁପା | ୩୨.୫୦୦ ଗ୍ରାମ୍ |

# ଜଗନ୍ନାଥ ତତ୍ତ୍ୱ ସଂକ୍ରାନ୍ତ ଗ୍ରନ୍ଥ ରଚନା କରାଯିବ

**ପ୍ରକାଶନୀ ମଣ୍ଡଳୀର ପ୍ରଥମ ବୈଠକ**

- ପୁସ୍ତକ ରଚନା ପାଇଁ ସଦସ୍ୟଙ୍କୁ ଘର ଦେବ ଶ୍ରୀମନ୍ଦିର ପ୍ରଶାସନ
- ଗଚ୍ଛିତ ନ ଥିବା ପୂର୍ବ ପ୍ରକାଶିତ ଗ୍ରନ୍ଥର ପୁନଃ ମୁଦ୍ରଣ କରାଯିବ

ପୁରୀ, ୧୮।୮ (ଅଜିତ୍ ମହାନ୍ତି):

ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ତଥା ପ୍ରଥମ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଶ୍ରୀନଅର ପରିସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରଚାର-ପ୍ରସାର ଉପସମିତି ଅନ୍ତର୍ଗତ ପ୍ରକାଶନୀ ମଣ୍ଡଳୀର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରମ୍ପରା, ଐତିହ୍ୟ ଦର୍ଶନ ଏବଂ ସଂସ୍କୃତି ଆଧାରିତ ବିଭିନ୍ନ ପୁସ୍ତକ ତଥା ପତ୍ରପତ୍ରିକା ପ୍ରକାଶନ ଏବଂ ତତ୍ସମ୍ପର୍କିତ ଗବେଷଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଓ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ପ୍ରକାଶନୀ ମଣ୍ଡଳୀର ପ୍ରଫେସର ହରେକୃଷ୍ଣ ଶତପଥୀ, ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଦୁର୍ଗାପ୍ରସାଦ ଦାସ ମହାପାତ୍ର, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଅତୁଲ କୁମାର ନନ୍ଦ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ. ନରେଶ ଚନ୍ଦ୍ର ଦାଶ, ଡ. ଶ୍ରୀନିବାସ ଆଚାର୍ଯ୍ୟ, ଅସିତ୍ ମହାନ୍ତି, ପ୍ରଫେସର ସୁନିଲ ରଥ, ରାମଚନ୍ଦ୍ର ଦାସମହାପାତ୍ର, ବିଶ୍ୱନାଥ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସମ୍ବନ୍ଧୀୟ କେତୋଟି ଗ୍ରନ୍ଥ ରଚନା କରାଯିବ। ସେହିପରି ଶ୍ରୀମନ୍ଦିର ପତ୍ରିକାରୁ ବିଷୟବସ୍ତୁକୁ ଚୟନ କରାଯାଇ ସ୍ୱତନ୍ତ୍ର ପୁସ୍ତକ ବା ସ୍ୱତନ୍ତ୍ର ବହି ରଚନା କରାଯିବ। ବୈଠକ ଅବସରରେ ବିଭିନ୍ନ କମିଟି ଗଠନ କରାଯାଇଛି। କମିଟିରେ ବିଭିନ୍ନ ବିଦ୍ୱାନମାନଙ୍କୁ ଚୟନ କରାଯାଇଛି। ପୁସ୍ତକ କରିବା ପାଇଁ ସଦସ୍ୟମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘର ଯୋଗାଇ ଦିଆଯିବ। ସମ୍ପୃକ୍ତ ଘରେ ବସି କମିଟିର ସଦସ୍ୟମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସମ୍ପର୍କୀୟ ବିଭିନ୍ନ ଗ୍ରନ୍ଥ ରଚନା କରିବେ। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରକାଶ ପାଇଥିବା ଗ୍ରନ୍ଥ, ଯାହା ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଗଚ୍ଛିତ ନାହିଁ ସେଗୁଡ଼ିକୁ ପୁନଃମୁଦ୍ରଣ କରାଯିବ। ସ୍କନ୍ଦ ପୁରାଣ ଆଧାରିତ ୧ ହଜାର ଶ୍ଲୋକକୁ ନେଇ ଏକ ସର୍ବଜନ ବୋଧଗମ୍ୟ ପୁସ୍ତକ ରଚନା କରାଯିବ, ଯେଉଁଥିରେ ମୁଖ୍ୟ ଶ୍ଲୋକ ଓ ବିଷୟବସ୍ତୁକୁ ରଖି ଏକ କ୍ଷୁଦ୍ର ପୁସ୍ତକ ରଚନା କରାଯିବ। ତାହାକୁ ପାଠକ ସହଜରେ ପଢି ବୁଝିପାରିବେ। ଉକ୍ତ ପୁସ୍ତକକୁ ଓଡ଼ିଆ, ଇଂଲିଶ ଏବଂ ହିନ୍ଦୀରେ ରଚନା କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ବୈଠକରେ ଶ୍ରୀମନ୍ଦିର ଓଏସ୍‌ଡି (ପ୍ରଚାର ପ୍ରସାର) ଶୁଭ୍ରାଂଶୁ ଶେଖର ପାଢୀ, ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି, ଚିତ୍ତ ରଞ୍ଜନ ମହାନ୍ତି ଏବଂ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଗଜପତି ମହାରାଜା ଏବଂ ଅନ୍ୟମାନେ ।

## ‘ଶ୍ରୀମନ୍ଦିର ୪ ଦ୍ୱାର, ରତ୍ନଭଣ୍ଡାର ଖୋଲାଯାଉ’

ପୁରୀ ୧୮।୮ (ଅଜିତ୍ ମହାନ୍ତି)

**୫-ଟି ସଚିବଙ୍କୁ ଦାବିପତ୍ର**

ଶ୍ରୀମନ୍ଦିରର ୪ ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବାକୁ ଦାବି କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏଥିସହ ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି ମଣତି କରିବାକୁ ମଧ୍ୟ ଦାବି କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ଭକ୍ତଙ୍କୁ ଚାରିଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ଛଡ଼ାଯାଉନାହିଁ। ତେଣୁ ଭକ୍ତ ହଇରାଣ ହେବା ସହ ସେମାନଙ୍କ ମନରେ ଦୁଃଖ ଛାଇଯାଉଛି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯାଉ। ସେହିପରି ସିଂହଦ୍ୱାରଠାରେ ଦଶଅବତାର ମୂର୍ତ୍ତି ସ୍ଥାପନା କରାଯାଉ। ଏମାରମଠରୁ ବାହାରିଥିବା ୫୨୨ ଖଣ୍ଡ ରୁପା ଇଟା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଅଣାଯାଉ। ମହାପ୍ରଭୁଙ୍କୁ ପିତ୍ତଳ ବଦଳରେ ସୁନାଥାଳିରେ ପ୍ରସାଦ ପରଷାଯାଉ। ରତ୍ନପଲଙ୍କ ମରାମତି, ମହାପ୍ରଭୁଙ୍କ କୋହିନୂର ହୀରା ଇଂଲଣ୍ଡରୁ ଆଣିବା ବ୍ୟବସ୍ଥା ଏବଂ ୨୦୧୮ ପୁରୀ ଦଙ୍ଗା ନେଇ ରୁଜୁ ହୋଇଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରାଯିବାକୁ ଦାବି କରାଯାଇଛି। ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଉପକୃତ ହେବେ ୧୨ ହଜାର ଲୋକ

ନିମାପଡ଼ା, ୧୮।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଧୀନ ୮ନଂ. ୱାର୍ଡର ଏଲ୍‌ଆଇସି ଅଫିସ ନିକଟରେ ଓ ୧୧ନଂ. ୱାର୍ଡର କଲେଜ ଛକଠାରେ ୨ଟି ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ଖୁବ୍ ଶୀଘ୍ର କରାଯିବ। ଏହି ୨ଟି କାର୍ଯ୍ୟକ୍ଷମ ହେଲେ ଗଡ଼ଅଣ୍ଡିଆ, ତଳଅଣ୍ଡିଆ, ଦପିରେଣ୍ଟା, ଅଳନ୍ଦା, ନିଆଳିରି, ମହାବୀର କଲୋନୀ, ଭୁବନପୁର, ପାଟପୁର, କିଆକଣ୍ଟା, ହାଟସାହି ଆଦି ୧୨ଟି ଗ୍ରାମର ପ୍ରାୟ ୧୨ ହଜାର ପୌରବାସୀ ବିଶୁଦ୍ଧ ପାଇପ୍‌ଲାଇନ ପାନୀୟ ଜଳ ପାଇବା କ୍ଷେତ୍ରରେ ବହୁଳ ଭାବେ ଉପକୃତ ହେବେ ବୋଲି ବିଧାୟକ ସମୀର ରଞ୍ଜନ ଦାଶ ମତ ପ୍ରକାଶ କରିଛନ୍ତି। ଏହି ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଆଉ ପାନୀୟ ଜଳର ସମସ୍ୟା ରହିବନି ବୋଲି ବିଧାୟକ ଦାଶ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନ୍‌ସିଲର ଅନସୂୟା ପାଣି, କାଉନ୍‌ସିଲର ନିବେଦିତା ପଟ୍ଟନାୟକ ପ୍ରମୁଖ କହିଛନ୍ତି। ନିମାପଡ଼ା ସହରାଞ୍ଚଳ ପାନୀୟ ଜଳଯୋଗାଣ ବିଭାଗ (ୱାଟ୍‌କୋ) ନିମାପଡ଼ା ଉପଖଣ୍ଡ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟରେ ପ୍ରତ୍ୟକ ପ୍ରକଳ୍ପ ୫ ଲକ୍ଷ ଲିଟର ଉଚ୍ଚ କ୍ଷମତା ବିଶିଷ୍ଟ ପାଣିଟାଙ୍କି ସମେତ ୨ଟି ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଆସନ୍ତା ୬ ମାସ ମଧ୍ୟରେ ଏହି ନୂତନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ଓ ଲୋକାର୍ପଣ ହେବ ବୋଲି ୱାଟ୍‌କୋ ପୁରୀର ଜେନେରାଲ ମ୍ୟାନେଜର ଭବାନୀ ଶଙ୍କର ମହାନ୍ତି ଓ ନିମାପଡ଼ା ଉପଖଣ୍ଡର ମ୍ୟାନେଜର ଶଶିଭୂଷଣ ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି। ଏହି ନୂତନ ପ୍ରକଳ୍ପ ଦ୍ୱାରା ୧୨ ହଜାର ପୌରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ତ୍ୱରାନ୍ୱିତ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

**ସଂକ୍ଷେପରେ**

### ଗ୍ରାମ ପଞ୍ଚାୟତ କର୍ମଚାରୀଙ୍କ ନିଯୁକ୍ତି ସ୍ଥାୟୀ କରାଯାଉ

ପୁରୀ ୧୮।୮ (ଅଜିତ୍ ମହାନ୍ତି)

ଓଡ଼ିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ, ରାତ୍ରଜଗୁଆଳି ଓ ଝାଡୁଦାର)ଙ୍କ ନିଯୁକ୍ତି ସ୍ଥାୟୀ କରାଯିବା ଦାବିରେ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ୫-ଟି ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ଗ୍ରାମପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅତି କମ୍ ଦରମା ମିଳୁଛି। ଫଳରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ତେଣୁ କର୍ମଚାରୀଙ୍କୁ ମୋ ସରକାର ଯୋଜନାରେ ସାମିଲ କରି ଅଧିକ ଦରମା, ସ୍ଥାୟୀ ନିଯୁକ୍ତି, ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ପ୍ରଭୃତି ଦେବାକୁ ଦାବି କରାଯାଇଛି।

### ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଯାପିତ

ସାକ୍ଷୀଗୋପାଳ, ୧୮।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିରରେ ସତ୍ୟବାଦୀ ବ୍ଲକର ୨୫ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ତାଲିମଦାତା ସୁଚିତ୍ର ଖଟେଇ ଓ ସ୍ୱାଗତିକା ସାମନ୍ତରାୟ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ଅତିଥି ରୂପେ ଯୋଗଦେଇ ଏହି ଶିବିରର ସଫଳତା ଉପରେ ମତବ୍ୟକ୍ତ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ନରେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦାମୋଦର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଆଇନଜୀବୀଙ୍କ ପରଲୋକ



କଣାସ ୧୮।୮
(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ସିରେଇ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଆଇନଜୀବୀ ସୁବାସ ଚନ୍ଦ୍ର ପଣ୍ଡା (୫୯)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି । ସେ କିଛିଦିନ ଧରି ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେବାପରେ ପୁରୀଠାରେ ଥିବା ବାସଗୃହରେ ରହୁଥିଲେ। ଅପରାହ୍ଣରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ପରଲୋକ ହୋଇଯାଇଥିବା ଖବର କଣାସ ଅଞ୍ଚଳରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ‘କାଳିଆର କରାମତି’ ପୁସ୍ତକ ଉନ୍ମୋଚିତ

ପୁରୀ, ୧୮।୮ (ଅଜିତ ମହାନ୍ତି)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅହେତୁକ କରୁଣାରୁ ଶ୍ରୀଅଙ୍ଗ ଲାଗି ସେବକ, ସନ୍ଥ ଏବଂ ଭକ୍ତଙ୍କ ଭାବୁକ ଅନୁଭବକୁ ନେଇ ଶକ୍ତିଶଙ୍କର ମିଶ୍ରଙ୍କ ଦ୍ୱାରା ଲିଖିତ କାଳିଆର କରାମତି ନାମକ ପୁସ୍ତକ ବୁଧବାର ଉନ୍ମୋଚନ କରାଯାଇଛି। ସେହିପରି ଶ୍ରାବଣ ମଳ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଛି। ମହାପ୍ରଭୁଙ୍କ ସହିତ ସେବକ ଓ ଭକ୍ତଙ୍କ ବ୍ୟକ୍ତିଗତ ଅନୁଭବକୁ ଅତି ହୃଦୟସ୍ପର୍ଶୀ ଢଙ୍ଗରେ ଏହି ପୁସ୍ତକରେ ଉଲ୍ଲେଖ କରାଯାଇଛି, ଯାହାକୁ ପାଠ କଲେ ଭକ୍ତ ତଥା ଜଗନ୍ନାଥପ୍ରେମୀ ଆନନ୍ଦ ଲାଭ କରିବେ। ପୁସ୍ତକଟି ଲୋକାଭିମୁଖୀ ହେବା ନେଇ ମହାପ୍ରଭୁଙ୍କ ଚରଣାରବିନ୍ଦରେ ସେ ପ୍ରାର୍ଥନା କରିଛନ୍ତି। ପୁସ୍ତକ ଉନ୍ମୋଚିତ ଅବସରରେ ପ୍ରକାଶକ ରମାକାନ୍ତ ମିଶ୍ରଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।





ପୁରୀ ଭୂଦାନଛକ ଖେଳପଡ଼ିଆରେ ଆୟୋଜିତ ୫-ଟି ସଚିବଙ୍କ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା । ପିପିଲିରେ ଆୟୋଜିତ କାର୍ଯ୍ୟକ୍ରମରେ ୫-ଟି ସଚିବ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି ।

## ପଟ୍ଟା ପ୍ରଦାନ ପାଇଁ ଦାବିପତ୍ର ଦେଲେ ବସ୍ତିବାସିନ୍ଦା

ପୁରୀ, ୧୮।୮ (ଅଜିତ୍ ମହାନ୍ତି)

ଓଡ଼ିଶା ବସ୍ତିବାସିନ୍ଦା ଭୂମି ଅଧିକାର ଆଇନ-୨୦୧୭ ଯୋଜନାରେ ପୁରୀ ପୌରସଂସ୍ଥା ଅନ୍ତର୍ଗତ ୨୩ନମ୍ବର ୱାର୍ଡର ରାମଚଣ୍ଡୀ ବାଲିକୁଦା ସାହି ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ପ୍ରକଳ୍ପରେ ଲ୍ୟାଣ୍ଡ ରାଇଟ ସାର୍ଟିଫିକେଟ୍ ପଟ୍ଟା ପ୍ରଦାନ ପାଇଁ ଅନୁରୋଧ ଜଣାଇ ସମ୍ପୃକ୍ତ ବସ୍ତିବାସିନ୍ଦା ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ସଚିବଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ପ୍ରାୟ ୧୫୦୦ ପରିବାର ଅନାବାଦୀ ପ୍ଲଟ୍‌ରେ ଦୀର୍ଘ ୫୦/୬୦ ବର୍ଷ ଧରି ଘର କରି ପରିବାର ସହ ବାସ କରୁଛନ୍ତି। ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାରେ ବିଭିନ୍ନ ସୁବିଧା ପାଉଛନ୍ତି। ବସ୍ତିରେ ମିଶନ ଶକ୍ତି ଅଧୀନରେ ୮୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ତେବେ ବସ୍ତିରେ ‘ଜାଗା ମିଶନ’ ଯୋଜନାରେ ଉଷା ସର୍ଭେ କରାଯାଇ ଘରଗୁଡ଼ିକ ନମ୍ବରିଂ କରିବା ସହିତ ପ୍ରତ୍ୟେକ ଘରେ ଚିଠା ଲଗାଯାଇଛି। ମୁଖ୍ୟମନ୍ତ୍ରୀ ବସ୍ତିବାସିନ୍ଦାଙ୍କ ପାଇଁ ୨୦୧୭ ମସିହାରେ ‘ଜାଗା ମିଶନ’ ଯୋଜନାରେ ପୁରୀ ସହରର କେତେକ ବସ୍ତିରେ ଏଲ୍‌ଆର୍‌ସି ପଟ୍ଟା ବଣ୍ଟନ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ରାମଚଣ୍ଡୀ ବାଲିକୁଦା ସାହି ବସ୍ତିବାସିନ୍ଦାଙ୍କୁ ପଟ୍ଟା ଦିଆଯାଇନାହିଁ। ତେଣୁ ବସ୍ତିବାସିନ୍ଦା ହଇରାଣ ହେଉଛନ୍ତି। ତୁରନ୍ତ ପଟ୍ଟା ପ୍ରଦାନ ପାଇଁ ଏହି ବସ୍ତି ବାସିନ୍ଦା ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ପୌରସଦସ୍ୟ ଘନଶ୍ୟାମ ମର୍ଦ୍ଦରାଜ, ବସ୍ତିର ଏସ୍‌ଡିଏ କମିଟି ସଭାପତି ବିଜୟ କୁମାର ମହାପାତ୍ର, ସମ୍ପାଦକ ବାସୁଦେବ ମହାନ୍ତି ଓ କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ପାଳିତ

ପୁରୀ, ୧୮।୮ (ଅଜିତ୍ ମହାନ୍ତି)

ଭାରତୀୟ ମଜଦୁର ସଂଘ ପକ୍ଷରୁ ପୁରୀ ଲୋକନାଥ ଗେଷ୍ଟ ହାଉସରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ରାଜକୁମାର ମିଶ୍ର, ଉପସଭାପତି କମାଲ ନାରାୟଣ ରଥ, ସାଧାରଣ ସମ୍ପାଦକ ବଶ୍ୱନାରାୟଣ ଦାସ, ସଙ୍ଗଠନ ସମ୍ପାଦିକା ଭବାନୀ ମିଶ୍ର, ସର୍ବେଶ୍ୱର ମହାରଣା, ବ୍ରଜବନ୍ଧୁ ଦାସ, କୁଳମଣି ପୃଷ୍ଟି, ମଞ୍ଜୁଲତା ମୁଦୁଲି, କୋଷାଧ୍ୟକ୍ଷ ବିଭୁଧେନ୍ଦ୍ର ନାୟକ, ଗଣେଶ ଆଚାରି ପ୍ରମୁଖ ଯୋଗ ଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରି ଭାରତର ସୁରକ୍ଷା ପାଇଁ ବଳିଦାନ ଦେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଶୃଙ୍ଖଳିତ ଜୀବନଯାପନ ଲାଗି ଶିକ୍ଷା ଏକମାତ୍ର ଆୟୁଧ

ଗୋପ, ୧୮।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଶୃଙ୍ଖଳିତ ଜୀବନଯାପନ ଲାଗି ଶିକ୍ଷା ଏକମାତ୍ର ବାଟ। ଗୋପ ମହାବିଦ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଏହା କହିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବରେ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଉକ୍ତ ଉତ୍ସବରେ କଲେଜ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ବିଭୂତି ଭୂଷଣ ସେନାପତି, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ସାହୁ, ଅଧ୍ୟାପିକା ପ୍ରତିମା ଦେଈ, ଜ୍ୟୋତ୍ସ୍ନା ଦାସ, ପ୍ରଜ୍ଞା ପ୍ରକାଶିନୀ ଦାସ କାନୁନ୍‌ଗୋ, ପ୍ରଜ୍ଞା ମଞ୍ଜରୀ ବଡ଼ଜେନା, ବିଜୁଳି ମଲ୍ଲ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ନବାଗତ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଜୀବନ ଗଠନ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସାଗର ଜେନା, ପ୍ରଶାନ୍ତ ସେନାପତି, ଶାଶ୍ୱତ ରଞ୍ଜନ ପ୍ରଧାନ, ଛାତ୍ର ପ୍ରତିନିଧି ତ୍ରିଲୋଚନ ବେହେରା, ଆଶୁତୋଷ ପ୍ରିୟଦର୍ଶନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।



ସ୍ୱାଗତ କାର୍ଯ୍ୟକ୍ରମରେ ଅତିଥିମାନେ ।

## ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟ ପରିସର କର୍ଦ୍ଦମାକ୍ତ



ଆଦର୍ଶ ବିଦ୍ୟାଳୟ ପରିସର କାଦୁଅ ହୋଇ ପଡିଛି ।

ଗୋପ, ୧୮।୮ (ଭାରତୀ ଭୂଷଣ ଉପାଧ୍ୟାୟ)

**ଛାତ୍ରୀଛାତ୍ର, ଅଭିଭାବକଙ୍କ ଅସନ୍ତୋଷ**

ଗୋପ ଆଦର୍ଶ ବିଦ୍ୟାଳୟ ଏବେ ଅସ୍ଥାୟୀ ଭାବେ ଚାଲୁଥିବାବେଳେ ବିଦ୍ୟାଳୟ ପରିସରରେ ପଙ୍କ କାଦୁଅ ଯୋଗୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସେପଟେ ଏରବଙ୍ଗ ପଞ୍ଚାୟତ ଅଧୀନ ତରଙ୍ଗିରାଠାରେ ଆଦର୍ଶ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ହେଲେ ତାହା ଏପର୍ଯ୍ୟନ୍ତ ଚାଲି ପାରିନାହିଁ।

ପ୍ରକାଶ ଯେ, ଦୀର୍ଘ ୨ ବର୍ଷ ଧରି ଗୋପ ବାଳିକା ବିଦ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ ଗୋପ ଆଦର୍ଶ ବିଦ୍ୟାଳୟ ଚାଲୁଛି। ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତ ଅଧୀନ ତରଙ୍ଗିରାଠାରେ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଗତ ଜୁନ୍ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଏହାର ଉଦ୍‌ଘାଟନ କରିଥିଲେ। କିନ୍ତୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଥିବାରୁ ବିଭାଗୀୟ ଯନ୍ତ୍ରୀ ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦେଇ ନ ଥିବା ଜଣାପଡିଛି। ଫଳରେ ସାମାନ୍ୟ ବର୍ଷାରେ ଏହି ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟ ପରିସରରେ ବର୍ଷା ପାଣି ଜମିବା ସହ ପଙ୍କ କାଦୁଆ ହେଉଛି। କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୂର୍ତ୍ତି ଏନେଇ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଆଦର୍ଶ ବିଦ୍ୟାଳୟ ଦାୟିତ୍ୱରେ ଥିବା ଚିନ୍ମୟ ସେନାପତିଙ୍କୁ ପଚାରିବାରେ, ଆମକୁ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ଗୃହ ହସ୍ତାନ୍ତର କରି ନ ଥିବାରୁ ଏପରି ଅବସ୍ଥା ଉପୁଜିଛି ବୋଲି କହିଛନ୍ତି। ଏଥିପ୍ରତି ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ଦୃଷ୍ଟି ଦେବାକୁ ମଧ୍ୟ ସାଧାରଣରେ ଦାବି ହୋଇଛି।

## ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ଗୋପ (ଭାରତୀ ଭୂଷଣ ଉପାଧ୍ୟାୟ)/
ଡେଲାଙ୍ଗ (ରଶ୍ମିରଞ୍ଜନ ପ୍ରଧାନ)/
ନିମାପଡ଼ା, ୧୮।୮ (ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ଦୁର୍ନୀତି, ନାରୀ ନିର୍ଯାତନା ଦରଦାମ ନିୟନ୍ତ୍ରଣ ହେଉ ନାହିଁ। ସବୁ ଅଫିସରେ ପିସି କାରବାର ଶେଷ ସୀମାରେ ପହଞ୍ଚିଛି ବୋଲି ଶୁକ୍ରବାର ଗୋପ ବ୍ଲକ ସମ୍ମୁଖରେ କଂଗ୍ରେସ ଦଳର ବିକ୍ଷୋଭ ସମୟରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟି ଉପସଭାପତି ଭାସ୍କର ଚନ୍ଦ୍ର ସେଠ, ସିମିଳ ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, ନାଗପୁରର ସମିତି ସଭ୍ୟ ପଞ୍ଚାନନ ପରିଡା, ବ୍ଲକର ପୂର୍ବତନ ଅଧ୍ୟକ୍ଷ ନୀଳମଣି ପ୍ରଧାନ, ଦଳର ନାରୀନେତ୍ରୀ କବିତା ମଲ୍ଲିକ, ମଦନମୋହନ ହାଜରା, ଚନ୍ଦ୍ରକାନ୍ତ ସାହୁ, ବିରଞ୍ଚି ନାରାୟଣ ପତିଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ। ପ୍ରଥମେ ଶୋଭାଯାତ୍ରାରେ ବାହାରି ବ୍ଲକ ଆଗରେ ପହଞ୍ଚିବା ପରେ ନେତା ଲକ୍ଷ୍ମୀଧର ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ସେହିଭଳି ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ପକ୍ଷରୁ ୯ଦଫା ଦାବି ନେଇ ବ୍ଲକ କଂଗ୍ରେସ ସଭାପତି ରବି ଦାସଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ଏହି ସମାବେଶରେ ନେତା ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଗୁଣନିଧି ପ୍ରଧାନ, ନିର୍ମଳ ପରିଡା, ପ୍ରକାଶ ପ୍ରଧାନ, ବିଶ୍ୱରଞ୍ଜନ ବଳବନ୍ତରାୟ, ଅଂଶୁମୋଚନ ପ୍ରଧାନ, ବିପିନି ବଳବନ୍ତରାୟ, ମୀର ସଲିମ୍, କ୍ଷେତ୍ରମୋହନ ସାହୁ, ମହମ୍ମଦ୍ ଇସ୍ରାଇଲ୍, ବାବାଜି ପରିଡା, ରଜନିକାନ୍ତ ବସ୍ତିଆ ପ୍ରମୁଖ ସାମିଲ ଥିଲେ । ସ୍ଥାନୀୟ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଡେଲାଙ୍ଗ ଥାନା ଏସ୍‌ଆଇ କେଲୁଚରଣ ଜେନାଉପସ୍ଥିତ ଥିଲେ। ଏ ନେଇ କଂଗ୍ରେସ କର୍ମୀମାନେ ଏବିଡିଓ ପ୍ରଦୀପ୍ତ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ନିମାପଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶତାଧିକ କଂଗ୍ରେସ କର୍ମୀ ବିଜେଡି ଓ ଭାଜପା ସରକାର ବିରୋଧରେ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପ୍ରଥମେ ଏକ ସଭା ହୋଇଥିବା ବେଳେ ସେଥିରେ ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର ସେଠୀ, ପିସିସି ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଦାସ, ବ୍ଲକ କମିଟି ସଭାପତି ଆଇନଜୀବୀ ବିଜୟ ପ୍ରଧାନ, ଅଜୟ ମିଶ୍ର, ସଞ୍ଜୟ ନାୟକ ବିଷ୍ଣୁଭାରତୀ, ଅଜୟ ବାରିକ, ଚକ୍ରଧର ପଣ୍ଡା, ବିଶ୍ୱନାଥ ରଥ ପ୍ରମୁଖ ଯୋଗଦେଇଥିଲେ।



ଗୋପ ବିଡିଓଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଉଛି ।







ଡେଲାଙ୍ଗ ଏବଂ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଉଛି ।

# ଫଟୋଗ୍ରାଫି ପ୍ରେମରେ...

**ଫଟୋଗ୍ରାଫି କେବଳ ଏକ କଳା ନୁହେଁ, ରୋଜଗାରର ଏକ ଭଲ ମାଧ୍ୟମ ମଧ୍ୟ। ଯେକୌଣସି ଉତ୍ସବ, ଘଟଣା ଓ ଦୁର୍ଘଟଣାକୁ କାଳକାଳ ପାଇଁ ଫଟୋଗ୍ରାଫି ଦ୍ୱାରା ସଜାଇ ରଖିହୁଏ। ତେବେ ଫଟୋଗ୍ରାଫି ଅନେକଙ୍କ ପାଇଁ ଏକ ପେସା ନ ହେଲେ ମଧ୍ୟ ଏକ ନିଶା ଭାବରେ ଉଭା ହୋଇଛି। ବଡ଼ବଡ଼ ପଦପଦବୀରେ ଥିବା ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ବ୍ୟସ୍ତ ବହୁଳ ଜୀବନ ବିତାଉଥିବା ଅନେକ ଛାତ୍ରୀଛାତ୍ର ମଧ୍ୟ ଆଜିକାଲି ଫଟୋଗ୍ରାଫି ପ୍ରେମରେ ପଡ଼ୁଛନ୍ତି। କୌଣସି ଫଟୋଗ୍ରାଫି କୋର୍ସ ନ କରି ମଧ୍ୟ ନିଜ କ୍ୟାମେରାରେ ଏପରି ସୁନ୍ଦର ଚିତ୍ର କଏଦ କରୁଛନ୍ତି, ଯେକେହି ଦେଖିବ କିଛି ସମୟ ସେଠାରେ ଅଟକିଯିବ। ମୋବାଇଲ୍ ଯୁଗରେ କ୍ୟାମେରାର ଗୁରୁତ୍ୱ ବଢ଼ୁଥିବାବେଳେ ଏପରି ନିଆରା ଅନୁଭୂତି ସାଉଣ୍ଟିଥିବା କେତେଜଣ ବ୍ୟକ୍ତିତ୍ୱଙ୍କ ଫଟୋଗ୍ରାଫି ଯାତ୍ରାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**

ରିପୋର୍ଟ: ଅନୁରାଧା ମହାରଣା, ଭୁବନେଶ୍ୱର


ବ୍ରହ୍ମପୁରସ୍ଥିତ ଏକ ୱେର୍ ହାଉସ୍ ପରିସର ଚିମିନି ଉପରେ ବଢ଼ୁଥିବା ବରଗଛର ଭିନ୍ନ ଦୃଶ୍ୟ। ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଗଞ୍ଜାମ ଜିଲାପାଳ ଥିବା ସମୟରେ ନିଜ କ୍ୟାମେରାରେ ଏହି ଫଟୋ ଉଠାଇଥିଲେ।

## ଆମେ ଯାହା ଦେଖି ନ ପାରୁ କ୍ୟାମେରା ଦେଖିପାରେ

ଫଟୋ ଉଠାଇବା ମୋର ଏକ ନିଶା। ୨୦୧୩ ମସିହା କଥା ମସୌରିରେ ଥିବାବେଳେ ମୋର ଫଟୋଗ୍ରାଫି ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ସେତେବେଳେ ମୋବାଇଲରେ ହିଁ ଫଟୋ ଉଠାଉଥିଲି। ପରେ କ୍ୟାମେରାରେ ଫଟୋ ଉଠାଇବାର ସ୍ୱତନ୍ତ୍ରତାକୁ ଅନୁଭବ କଲି। ଅନେକେ କୁହନ୍ତି, ମୋବାଇଲ ଯୁଗରେ କ୍ୟାମେରାର ଆଦର କମିଯାଉଛି। ମାତ୍ର ସେପରି ଆଦୌ ନୁହେଁ। ଯେ ଥରେ କ୍ୟାମେରାରେ ଫଟୋ ଉଠାଇଛି ସେ ଉଭୟ ମଧ୍ୟରେ ଫରକ କ'ଣ ନିଶ୍ଚୟ ଜାଣିପାରିବ।



ପ୍ରକୃତି ହେଉ ବା ଜୀବଜନ୍ତୁ, କୀଟପତଙ୍ଗ, ଉଦ୍ଭିଦ ଆଦିର ଫଟୋ ଉଠାଇବାକୁ ମୋତେ ବହୁତ ଭଲ ଲାଗେ। ଗଞ୍ଜାମ ଜିଲାପାଳ ଭାବେ କାର୍ଯ୍ୟ କରୁଥିବାବେଳେ ଫଟୋ ଉଠାଇବା ପ୍ରବୃତ୍ତି ବଢ଼ିଥିଲା। ସେଠାରେ ପ୍ରାକୃତିକ ଦୃଶ୍ୟ ଖୋଜି ପାଇବା ସହଜ ହେଉଥିଲା। ପରିବ୍ରାଜକ ପକ୍ଷୀ ହୁଅନ୍ତୁ ବା ଅନ୍ୟ ବିରଳ ପଶୁପକ୍ଷୀଙ୍କ ଫଟୋ ଉଠାଇବାର ସୁଯୋଗ ମିଳୁଥିଲା। ଭୁବନେଶ୍ୱର ଆସିବା ପରେ ଭୁବନେଶ୍ୱର ମହାନଗର ଟିମ୍ ସହ ଯେତେବେଳେ କ୍ଷେତ୍ର ପରିଦର୍ଶନରେ ଯାଏ ଅନେକ ସମୟରେ ଅନେକ ଦୃଶ୍ୟ ମୋତେ ଆକୃଷ୍ଟ କରେ। ଭରତପୁର ଚନ୍ଦକା ଅଞ୍ଚଳରେ ଫଟୋ ଉଠାଇବାକୁ ଯାଏ। ଯାହା ଦେଖେ ମୁଁ ତୁରନ୍ତ ତାହାର ଫଟୋ ଉଠାଇନିଏ। ସୂର୍ଯ୍ୟୋଦୟ ହେଉ ବା ସୂର୍ଯ୍ୟାସ୍ତ ଏହି ସମୟରେ ସହରରେ ଅନେକ ସ୍ଥାନରେ ସୁନ୍ଦର ସୁନ୍ଦର ଦୃଶ୍ୟ ଉଠାଇବାକୁ ମୁଁ ବହୁତ ଭଲପାଏ। ମୋ ପାଖରେ ସୋନିର ଗୋଟିଏ ମାତ୍ର କ୍ୟାମେରା ଅଛି। କର୍ମ ବ୍ୟସ୍ତତା ଭିତରେ ଯେତେବେଳେ ବି ସମୟ ମିଳେ ସେଥିରେ କିଛି ଫଟୋ ଉଠାଏ। ନିତିଦିନିଆ କାମରୁ ବାହାରି ଟିକେ ଫୂର୍ତ୍ତି ହେବା ପାଇଁ ଏହା ଅବସରରେ ଦିଏ। କାମ କରିବାକୁ ମନୋବଳ ବଢ଼ାଏ। ଆମେ ଯାହା ଦେଖି ନ ପାରୁ କ୍ୟାମେରା ଦେଖିପାରେ। ଭିନ୍ନ ଭିନ୍ନ ଲେନ୍ସରେ ଭିନ୍ନ ଭିନ୍ନ ଫ୍ରେମରେ ଫଟୋ ଉଠାଇବା ଆଦୌ ସହଜ କଥା ନୁହେଁ। ଏବେ ମଧ୍ୟ ଶିଖୁଛି।

**–ବିଜୟ ଅମୃତା କୁଲାଙ୍ଗେ, କମିଶନର, ଭୁବନେଶ୍ୱର ମହାନଗର ନିଗମ**

## ଲୋନ୍ କରି ୨୫ ହଜାର ଟଙ୍କାରେ କ୍ୟାମେରା କିଣିଥିଲି

ବାଙ୍ଗାଲୋରରେ ପଢ଼ିବା ବେଳର କଥା। ୧୬ ହଜାର ଟଙ୍କା ମୋତେ ଛାତ୍ରବୃତ୍ତି ମିଳୁଥାଏ। ମାତ୍ର ମୁଁ ଲୋନ୍‌ରେ ୨୫ ହଜାର ଟଙ୍କାର ଗୋଟିଏ କ୍ୟାମେରା କିଣିଦେଇଥିଲି। ସେତେବେଳେ ଫଟୋ ଉଠାଇବାକୁ ଟିକେ ଅଧିକ ସମୟ ମିଳୁଥିଲା। ବର୍ତ୍ତମାନ ସେତେ ସମୟ ମିଳୁନାହିଁ। ବ୍ୟସ୍ତ ବହୁଳ ଜୀବନଯାତ୍ରା ମଧ୍ୟରେ କ୍ୟାମେରା ସବୁବେଳେ ପାଖରେ ରଖିବା ସମ୍ଭବ ହେଉନାହିଁ। ମୋବାଇଲ ଫୋନ୍‌ଟି ପାଖରେ ଥିବାରୁ ତୁରନ୍ତ କିଛି ଗୋଟେ ଫଟୋ ଉଠାଇବା ସହଜ ହୋଇପାରୁଛି। ମାତ୍ର କ୍ୟାମେରାର ସ୍ଥାନ ସର୍ବଦା ସ୍ୱତନ୍ତ୍ର। ମୋର ଏକ ନିକନ୍ କ୍ୟାମେରା ଅଛି। ଫୁର୍‌ସତ ସମୟରେ ପ୍ରାକୃତିକ ଦୃଶ୍ୟର ଫଟୋ ଉଠାଇଥାଏ। ବର୍ଷା ହେଉ ବା ଖରା ସବୁଥିରେ ସୌନ୍ଦର୍ଯ୍ୟ ଲୁଚି ରହିଥାଏ। ଜଣେ ଫଟୋଗ୍ରାଫର ଆଖିକୁ ତାହା ଯେପରି ଦେଖାଯାଏ ସାଧାରଣ ବ୍ୟକ୍ତିକୁ ଦେଖାଯାଏ ନାହିଁ। ହେଲେ ସାଧାରଣ ଲୋକଟିଏ ଫଟୋରୁ ହିଁ ପ୍ରକୃତି କୋଳର ସୌନ୍ଦର୍ଯ୍ୟ ଦେଖିଥାଏ। ମୁଁ ଉଠାଇଥିବା ଫଟୋ ଆଇବିଏମ୍ ଫଟୋ ପ୍ରଦର୍ଶନୀରେ ମଧ୍ୟ ସ୍ଥାନ ପାଇଛି। ଥରେ ଥରେ ଏମିତି ହୁଏ ଆମେ ଯେମିତି ଦୃଶ୍ୟ ଚିନ୍ତା କରି ଫଟୋ ଉଠାଉ ତାହା ଫ୍ରେମ୍‌ରେ ଆସି ନ ଥାଏ। ଦିନକର କଥା ମୁଁ ଅଫିସ୍‌ରେ ଥାଏ। ସୂର୍ଯ୍ୟାସ୍ତ ସମୟ, ମେଘ ଜୋର୍‌ରେ ଘୋଟି ଆସିଥାଏ । ଆକାଶରେ ଚାରିଆଡ଼ ଅନ୍ଧାର, କେବଳ ଗୋଟିଏ ସ୍ଥାନ ଏକଦମ୍ ଲାଲ ଦିଶୁଥାଏ। ସେହି ସମୟରେ ଏକ ଉଡ଼ାଜାହାଜ ଟେକ୍ ଓଭର କରୁଥାଏ। ସେହି ଫଟୋ ଉଠାଇବା ପାଇଁ ମୁଁ ଦୌଡ଼ି ଛାତ ଉପରକୁ



ଯାଇଥିଲି। ମାତ୍ର ଉଠାଇଥିବା ଫଟୋରେ ସେ ଦୃଶ୍ୟ ନ ଥିଲା। ତେଣୁ ଫଟୋଗ୍ରାଫି ଯେ ଏକ ସହଜ ବ୍ୟାପାର ତାହା ବୁଝିବା ଭୁଲ୍। ତେଣୁ ସ୍ୱଳ୍ପ ଅବଧିର ଫଟୋଗ୍ରାଫି କୋର୍ସ କରିହୁଅନ୍ତା ତା'ହେଲେ ମୁଁ କରିପାରନ୍ତି।

**– ଉମାଶଙ୍କର ଦାସ, ପାଣିପାଗ ବିଶେଷଜ୍ଞ**

## ଭାଇଙ୍କ କ୍ୟାମେରା ମୋ ପାଇଁ ସବୁବେଳେ ସ୍ପେଶାଲ

ଏଇ ଦୁଇବର୍ଷ ହେଲା ଫଟୋଗ୍ରାଫି ପ୍ରତି ଅହେତୁକ ଆଗ୍ରହ ବଢ଼ିଯାଇଛି। ସୋସିଆଲ ମିଡ଼ିଆରେ ଯେତେବେଳେ ଅନ୍ୟମାନେ ଫଟୋ ପୋଷ୍ଟ କରନ୍ତି ମୁଁ ସେସବୁ ଦେଖେ ଓ ନିଜେ ସେହିପରି କିଛି ନୂଆ ଫଟୋ ଉଠାଇବାକୁ ଚେଷ୍ଟା କରେ। ପାଠପଢ଼ା ଭିତରୁ ସମୟ ବାହାର କରି ଫଟୋ ଉଠାଏ। ଆଉ ଫଟୋ ଉଠାଇବା ପରେ ଖୁବ୍ ଆତ୍ମସନ୍ତୋଷ ମିଳେ। ମାଇଣ୍ଡ ଫ୍ରେଶ୍ ଲାଗେ। ନନା(ଭାଇ)ର ଏକ କାନନ କ୍ୟାମେରା ଅଛି।



ସେଥିରେ ହିଁ ମୁଁ ଏବେ ଯାଏ ଫଟୋ ଉଠାଉଛି। ଯେତେବେଳେ କେହି ମୋ ଫଟୋକୁ ପ୍ରଶଂସା କରନ୍ତି ଖୁବ୍ ଭଲ ଲାଗେ। ଆଗକୁ ଯଦିଓ କ୍ୟାମେରା କିଣିବା ସହ ଫଟୋଗ୍ରାଫିରେ ନୂଆ ନୂଆ କୌଶଳ ଶିଖିବାକୁ ଇଚ୍ଛା ଅଛି, ତଥାପି ନନାର କ୍ୟାମେରା ମୋ ପାଇଁ ସବୁବେଳେ ସ୍ୱତନ୍ତ୍ର। ଏବେସୁଦ୍ଧା ଅଧିକାଂଶ ପ୍ରକୃତି ସମ୍ବନ୍ଧିତ ଫଟୋ ଉଠାଇଛି। ଆଗକୁ ମୋ ସାମାଜିକ ସମସ୍ୟାକୁ ଫଟୋ ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିବି।

**– ପୂର୍ଣ୍ଣାଶା ମିଶ୍ର, ଡାକ୍ତରୀ ଛାତ୍ରୀ**



## ସୁଧୀରଙ୍କ କ୍ୟାମେରାରେ ସାତଭାୟାର ସ୍ମୃତି

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ସାତଭାୟା ଗାଁ। ଏହା ଏବେ ସମୁଦ୍ର ଗର୍ଭରେ ପ୍ରାୟତଃ ଲୀନ ହୋଇଯାଇଥିବାବେଳେ ବହୁ ବର୍ଷ ପୂର୍ବେ ପୁରୀ ଜିଲା ପିପିଲି ବ୍ଲକ୍ ଅନ୍ତର୍ଗତ ତଲଉ ଗ୍ରାମର ସୁଧୀର ବାରିକ ତାଙ୍କ କ୍ୟାମେରା ଲେନ୍ସରେ ଗାଁର ଦୃଶ୍ୟକୁ କଏଦ୍ କରିଥିଲେ। ସମୁଦ୍ର ଦାଉରୁ ଗାଁକୁ ସୁରକ୍ଷା ଦେଉଥିବା ପାହାଡ଼ ଉଚ୍ଚର ବାଲିବନ୍ଧ ଉପରୁ ଉକ୍ତ ଫଟୋ ଉଠାଯାଇଥିଲା। ଏବେ ସାତଭାୟାର ଲୋକେ ୧୦ କି.ମି. ଦୂର ବଗପାଟିଆରେ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ନୂଆ ସାତଭାୟା ଗାଁରେ ନୂଆ ଜୀବନ ଆରମ୍ଭ କରିଛନ୍ତି। ହେଲେ ସୁଧୀରଙ୍କ ଏହି ଫଟୋ ସାତାଭାୟବାସୀଙ୍କ ସେତେବେଳର ସ୍ଥିତିକୁ ଏବେ ବି ତାଜା କରି ରଖିଛି।

## ରାମପାର୍ଟ ତାଡ଼ି ପୁଣି ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ

**ପୁରୁଣା ଭୁବନେଶ୍ୱର,୧୮।୮(ସୁବାସ ଚନ୍ଦ୍ର ପ୍ରଧାନ):** ଐତିହ୍ୟ ଶିଶୁପାଳଗଡ଼ ସୁରକ୍ଷା ସଂରକ୍ଷଣ ଆଶଙ୍କାରେ ରହିଛି। ଆମ୍‌ସାର ଆକ୍ଟକୁ ଅଣଦେଖା କରି ଜମି ମାଫିଆ ନିର୍ମାଣ ଜାରି ରଖିଛନ୍ତି। ଅନ୍ୟ କେତେଜଣ ରାମପାର୍ଟ ତାଡ଼ି ପୁନଃ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଶିଶୁପାଳଗଡ଼ ଅଧୀନରେ ଥିବା ମହାଭୋଇ ଶାସନ ମୌଜାରେ ଥିବା ଅନେକ ପ୍ଲଟ ଶିଶୁପାଳଗଡ଼ ପ୍ରୋଟେକ୍ଟ ଏରିଆ ଅର୍ନ୍ତଭୁକ୍ତ ହୋଇଥିଲେ ମଧ୍ୟ କୌଣସି ଲେଆଉଟ ନ ଥାଇ ବିକ୍ରି, କବଲା ସମ୍ପାଦନ କରାଯାଇଛି। ବେଆଇନ ଖନନ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦାବି ହୋଇଛି।

# ବନ୍ଦ ଘରୁ ୨ ଯୁବକଙ୍କ ମୃତଦେହ ଜବତ

ବାଲିଅନ୍ତା,୧୮।୮(ନୀଳମାଧବ ସାହୁ)



ବାଲିଅନ୍ତା ଥାନା ଅଧୀନ ହଂସପାଳ-ଅଭୟମୁଖୀ ରାସ୍ତାପାର୍ଶ୍ୱ ରାମଚନ୍ଦ୍ରପୁର କାଜ ନିକଟରେ ଥିବା ଏକ ଆଜବେଷ୍ଟସ ଘର ଭିତରୁ ଶୁକ୍ରବାର ୨ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେମାନେ ହେଲେ ନିଆଳି ଥାନା ଅଧୀନ ପଳାଶ ଅଞ୍ଚଳର ସୁଶାନ୍ତ ଦାସ(୪୫) ଓ ସିଠାଲୋ କୂଳସାହିର ଜଗବନ୍ଧୁ ବେହେରା(୨୩)। ଏ ନେଇ ପୋଲିସ ପୃଥକ ୨ଟି ମାମଲା (ନଂ.୩୩, ୩୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜୋନ-୪ ଏସିପି ଶୁଭନାରାୟଣ ମୁଦୁଲି କହିଛନ୍ତି।

ସୂଚନାନୁସାରେ ଭୁବନେଶ୍ୱର ୯ନଂ.ରେ ରହୁଥିବା ଅନ୍ତର୍ଯାମୀ ଦାସ ବାଲିଅନ୍ତାର ଉକ୍ତ ଘରକୁ ନେଇ ମଇଁଷି ରଖିଥିଲେ। ମଇଁଷିକୁ ଜଗିବା ପାଇଁ ସେ ସୁଶାନ୍ତଙ୍କୁ ରଖିଥିଲେ। ମଇଁଷିର ସମସ୍ତ କାର୍ଯ୍ୟ ସୁଶାନ୍ତ ଉକ୍ତ ଘରେ ରହି ତୁଲାଉଥିଲେ। ପ୍ରତିଦିନ ଅନ୍ତର୍ଯାମୀ ଭୁବନେଶ୍ୱରରୁ ଏଠାକୁ ଆସି କ୍ଷୀର ନେବା ସହ ମଇଁଷିଙ୍କ କଥା ବୁଝୁଥାନ୍ତି। ପରେ ଭୁବନେଶ୍ୱର ୯ନଂ.ରେ ଥିବା ଜଗବନ୍ଧୁ ମଧ୍ୟ କିଛିଦିନ ହେବ ଏଠାକୁ ଆସି ସୁଶାନ୍ତଙ୍କ ସହ ରହୁଥିଲେ। ୨ଜଣ ମିଶି ମଇଁଷିଙ୍କ ସମସ୍ତ କାର୍ଯ୍ୟ ବୁଝୁଥିଲେ। ସବୁଦିନ ଭଳି ଗୁରୁବାର ରାତିରେ ଉଭୟ ଖାଇପିଇ ଉକ୍ତ ଘରେ ଶୋଇଥିଲେ। ଶୁକ୍ରବାର ସକାଳେ ମାଲିକ ଅନ୍ତର୍ଯାମୀ ଉଭୟଙ୍କୁ ଫୋନ କରିଥିଲେ ମଧ୍ୟ କେହି ଉଠାଇ ନ ଥିଲେ। ସନ୍ଦେହ ହେବାରୁ ସେ ବାଲିଅନ୍ତାସ୍ଥିତ ଘର ନିକଟକୁ ଆସି ପାଚେରି ଡେଇଁ କବାଟ ବାଡ଼େଇଥିଲେ ମଧ୍ୟ କେହି ଖୋଲି ନ ଥିଲେ। ପରେ ପୋଲିସକୁ ଜଣାଇବାରୁ ବାଲିଅନ୍ତା ଥାନାଧିକାରୀ ଯୁବରାଜ ସ୍ୱାଇଁ ଓ ଟିମ୍ ପହଞ୍ଚି କବାଟ ଭାଙ୍ଗି ୨ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ପରିବାର ଲୋକଙ୍କୁ ଜଣାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସବ୍‌ଇନ୍‌ସପେକ୍ଟର ସ୍ୱାତୀ ସାହୁ ଘଟଣାର ତଦନ୍ତ କରୁଛନ୍ତି। ତେବେ ମାଲିକ ଅନ୍ତର୍ଯାମୀଙ୍କ କହିବା ଅନୁଯାୟୀ, ଗୁରୁବାର ରାତି ସାଢ଼େ ୯ଟାବେଳେ ଉଭୟଙ୍କୁ ସେ ଫୋନ କରି କଥା ହୋଇଥିଲେ। କିନ୍ତୁ ରାତି ସାଢ଼େ ୧ଟାରେ ସୁଶାନ୍ତ ଫୋନ କରିଥିବାବେଳେ ଶୋଇପଡ଼ିଥିବାରୁ ଫୋନ ଉଠାଇପାରି ନ ଥିବା ଅନ୍ତର୍ଯାମୀ କହିଛନ୍ତି।

### ମୃତ୍ୟୁକୁ ନେଇ ବଢ଼ୁଛି ସନ୍ଦେହ

ଅନ୍ୟପଟେ ଉକ୍ତ ଘରେ କବାଟ ଭିତର ପଟୁ ବନ୍ଦ ଥିବାବେଳେ ରାତିରେ ଜେନେରେଟର ଲାଗି ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଉଭୟଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକ ସନ୍ଦେହ କରୁଥିବାବେଳେ ଫୁଡ୍ ପଏଜନ ଯୋଗୁ ମଧ୍ୟ ମୃତ୍ୟୁ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଞ୍ଜିତ


@ ସୁଭଦ୍ରା


@ ବିଶ୍ୱଜିତ୍


@ ଚିନ୍ମୟ


@ ନିଝରୀ


@ ମନୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମାହାଙ୍ଗା ନାବାଳିକା ମୃତ୍ୟୁ ଘଟଣା: ଶରତଙ୍କୁ ପୋଲିସର ଜେରା

ମାହାଙ୍ଗା,୧୮।୮(ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନାବାଳିକାଙ୍କ ମୃତ୍ୟୁ ଘଟଣାରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକଙ୍କୁ ପଚରାଉଚରା କରାଯାଇଛି। କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଶୁକ୍ରବାର ମାହାଙ୍ଗା ଥାନାରେ ଶରତଙ୍କୁ ପ୍ରାୟ ଏକଘଣ୍ଟା ଜେରା କରିଛନ୍ତି। ଏଥିସହ ତାଙ୍କ ବୟାନ ରେକର୍ଡ କରିଛନ୍ତି। ସେହିପରି ନାବାଳିକାଙ୍କ ସହପାଠୀ, ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଓ ଏହି ଘଟଣାରେ ସମ୍ପୃକ୍ତ ଖେଳ ଶିକ୍ଷକ ଅନୁପମ ରାୟଙ୍କ ମଧ୍ୟ ବୟାନ ରେକର୍ଡ କରାଯାଇଛି। ଏହି ମାମଲାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ ବୋଲି ପୋଲିସ କହିଛି। ଅପରପକ୍ଷେ ତଦନ୍ତ ଠିକ୍ ନ ହେଲେ ଅଗଷ୍ଟ ୨୬ରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ ଦଳ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ଭାଇରାଲ ଅଡିଓରେ ମୃତ୍ୟୁର ପ୍ରମାଣ ନଷ୍ଟ କରାଯାଇଥିବା କୁହାଯାଇଥିବାବେଳେ ମୃତା ନାବାଳିକାଙ୍କୁ ବିଷ ଦେଇ ମାରିଦିଆଯାଇଥିବା ନେଇ ଭାଇରାଲ ଚିଠିରେ ଉଲ୍ଲେଖ ରହିଛି। ଏହି ଘଟଣାରେ ମାହାଙ୍ଗାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକଙ୍କ ସହ ମୃତା ନାବାଳିକାଙ୍କ ବାପା ପ୍ରମୋଦ ଦାସ ଅଭିଯୁକ୍ତ ଅଟନ୍ତି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଶରତ ଗୁରୁବାର ବିଜେଡିରୁ ବିଦା ହେବା ପରେ ପ୍ରଥମ ଥର ପାଇଁ ପୋଲିସ ଜେରାର ସମ୍ମୁଖୀନ ହୋଇଛନ୍ତି। ଏହା ପୂର୍ବରୁ ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ତାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁ ପୂର୍ବରୁ ସେ ଶରତଙ୍କୁ ବହୁବାର ଫୋନ କରିଥିଲେ। ଏନେଇ ସିଡିଆର(କଲ୍ ଡିଟେଲ ରେକର୍ଡ) ରିପୋର୍ଟ ଥିଲେ ମଧ୍ୟ ପୋଲିସ ଶରତଙ୍କ ପାଖ ମାଡ଼ି ନ ଥିଲା।

# ବଜାରରେ ମର୍ସିଡିଜ୍-ବେଞ୍ଜ୍‌ର ନୂଆ ଜିଏଲ୍‌ସି

ଭୁବନେଶ୍ୱର,୧୮।୮ (ଅଭୟ ଦାଶ)




ଦେଶର ପ୍ରମୁଖ ପ୍ରିମିୟମ (ଲକ୍‌ଜୁରି) କାର୍ ନିର୍ମାତା ମର୍ସିଡିଜ୍-ବେଞ୍ଜ ଇଣ୍ଡିଆର ବହୁ ପ୍ରତୀକ୍ଷିତ ମିଡ୍-ସାଇଜ୍ ଏସ୍‌ୟୁଭି 'ଜିଏଲ୍‌ସି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଟି ଆଣ୍ଡ ଟି ମୋଟର୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ମର୍ସିଡିଜ୍-ବେଞ୍ଜ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସନ୍ତୋଷ ଆୟର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟି ଆଣ୍ଡ ଟି ମୋଟର୍ସର ଅଧ୍ୟକ୍ଷ ବିଦୁର ତଲ୍‌ୱାରଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମର୍ସିଡିଜ୍-ବେଞ୍ଜ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଆୟର କହିଛନ୍ତି,ଆମେ ଆମର ବେଷ୍ଟ-ସେଲିଂ ଏସ୍‌ୟୁଭି,ବହୁ ପ୍ରତୀକ୍ଷିତ ନୂଆ ଜିଏଲ୍‌ସିର ଉନ୍ମୋଚନ କରିଛୁ। ଏପରିକି ଆମେ ଜିଏଲ୍‌ସି ପାଇଁ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରୁଛୁ ଏବଂ ଜିଏଲ୍‌ସିର ବଜାର ସଫଳତାକୁ ନେଇ ନିଶ୍ଚିତ ରହିଛୁ। ବିଶେଷକରି ମର୍ସିଡିଜ୍-ବେଞ୍ଜ୍ ଇଣ୍ଡିଆର ଏସ୍‌ୟୁଭି ପୋର୍ଟଫୋଲିଓକୁ ଏହା ଆହୁରି ସୁଦୃଢ଼ କରିବ ; ଯେଉଁଥିରେ ଜିଏଲ୍‌ଏ,ଜିଏଲ୍‌ସି,ଜିଏଲ୍‌ଇ,ଜିଏଲ୍‌ଏସ୍, ଜିଏଲ୍‌ଏସ୍ ମେବ୍ୟାକ୍ ଓ ଜି-କ୍ଲାସ୍ ଆଦି ସାମିଲ ରହିଛି। ଅନେକ ଉନ୍ନତ ଫିଚରକୁ ବର୍ତ୍ତମାନ ଷ୍ଟାଣ୍ଡାର୍ଡ ଭାବେ ପ୍ରଦାନ କରାଯାଉଥିବା ବେଳେ ନୂତନ ଦକ୍ଷ ଇଞ୍ଜିନ, ନୂତନ ପିଢ଼ିର ଏନ୍‌ଟିଜି-୭ ଟେଲିମ୍ୟାଟିକ୍ସ ଓ ସୁପେରିୟର ଡ୍ରାଇଭିଂ ଡାଇନାମିକ୍ସ ସହ ନୂଆ ଜିଏଲ୍‌ସି ଭାରତରେ ଏହାର ସଫଳତାର କାହାଣୀକୁ ବଜାୟ ରଖିବାର ପ୍ରତିଶ୍ରୁତି ଦେଉଛି। ସେହିଭଳି ନୂଆ ଜିଏଲ୍‌ସି ଏକ ସେକେଣ୍ଡ-ଜେନେରେଶନ ଇଣ୍ଟିଗ୍ରେଟେଡ୍ ଷ୍ଟାର୍ଟର ଜେନେରେଟର (ଆଇଏସ୍‌ଜି) ଓ ୪୮-ଭୋଲ୍ଟ ମାଇଲ୍ଡ ହାଇବ୍ରିଡ୍ ସିଷ୍ଟମ ସହିତ ଏକ ଶକ୍ତିଶାଳୀ ଟର୍ବୋଚାର୍ଜଡ୍ ୪-ସିଲିଣ୍ଡର ଇଞ୍ଜିନ ସହ ଆସୁଛି। ଉନ୍ନତ ମନୋରଞ୍ଜନ ଫିଚରଗୁଡିକ ସହିତ ଦ ଡ୍ରାଇଭର ଓ ସେଣ୍ଟ୍ରାଲ ଡିସ୍‌ପ୍ଲେ ରହିଛି। ନୂଆ ଜିଏଲ୍‌ସି ସେକେଣ୍ଡ ଜେନେରେଶନ ୪୮ଭି ଇଣ୍ଟିଗ୍ରେଟେଡ୍ ଷ୍ଟାର୍ଟର ଜେନେରେଟର (ଆଇଏସ୍‌ଜି) ରହିଛି। ଉକ୍ତ ମଡେଲରେ ୭ଟି ଏୟାରବ୍ୟାଗ୍, ପ୍ରି-ସେଫ୍, ବ୍ଲାଇଣ୍ଡ ସ୍ପଟ୍-ଆସିଷ୍ଟ,ଆକ୍ଟିଭ୍ ଲେନ୍ କିପିଙ୍ଗ୍ ଆସିଷ୍ଟ,ଆଟେନ୍‌ସନ ଆସିଷ୍ଟ, ଆକ୍ଟିଭ୍ ବ୍ରେକ୍ ଆସିଷ୍ଟ ଏବଂ ଆକ୍ଟିଭ୍ ପାର୍କିଂ ଆସିଷ୍ଟ ଭଳି ଫିଚର ରହିଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୧୮।୮

କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୨ (୨୦୨.୩୬) ପଏଣ୍ଟ କମି ୬୪,୯୪୯(୬୪,୯୪୮.୬୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୫୫ (୫୫.୧୦) ପଏଣ୍ଟ ହ୍ରାସ ଘଟି ୧୯,୩୧୦ (୧୯,୩୧୦.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାରର କାରବାରରେ ଅସ୍ଥିରତା ଦେଖାଦେଇଛି। ଏପରିକି ବିଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲ୍ କ୍ୟାପ୍‌ର କାରବାର ସମେତ ଏନ୍‌ଏସ୍‌ଇ ନିଫ୍ଟିର ନିଫ୍ଟି ମିଡ୍ କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କିଙ୍ଗ୍ କାରବାରରେ ମଧ୍ୟ ପରିବର୍ତ୍ତନ ଘଟୁଛି।

# ଏନ୍‌ଏମ୍‌ଡିସି ଷ୍ଟିଲ୍ ପ୍ଲାଣ୍ଟ ବ୍ଲାଷ୍ଟ ଫର୍ଣ୍ଣେସ ଲୋକାର୍ପିତ



ଭୁବନେଶ୍ୱର,୧୮।୮

ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି)ର ପ୍ରମୁଖ ସଂସ୍ଥାନ ଏନ୍‌ଏମ୍‌ଡିସି ଷ୍ଟିଲ୍ ପ୍ଲାଣ୍ଟର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ ନିକଟରେ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଛତିଶଗଡ଼ର ନଗରନାରଠାରେ ଦେଶର ୨ୟ ସର୍ବବୃହତ ବ୍ଲାଷ୍ଟ ଫର୍ଣ୍ଣେସ ଏନ୍‌ଏମ୍‌ଡିସି ଷ୍ଟିଲ୍ ପ୍ଲାଣ୍ଟ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଏନ୍‌ଏମ୍‌ଡିସିର ସିଏମ୍‌ଡି (ଇନ୍‌ଚାର୍ଜ) ଅମିତାଭ ମୁଖାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ ସହ ଲୋକାର୍ପିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏମ୍‌ଡିସି ଏବଂ ଏନ୍‌ଏସ୍‌ଏଲ୍‌ର ନିର୍ଦ୍ଦେଶକ (ଉତ୍ପାଦନ) ଦିଲୀପ କୁମାର ମହାନ୍ତି, ନିର୍ଦ୍ଦେଶକ (ବାଣିଜ୍ୟ) ବିଶ୍ୱନାଥ ସୁରେଶ, ନିର୍ଦ୍ଦେଶକ (ଯାନ୍ତ୍ରିକ) ବିନୟ କୁମାର, ସିଭିଓ ବି.ବିଶ୍ୱନାଥଙ୍କ ସମେତ ସମସ୍ତ ଅଂଶଦାର, ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଓ-ନେଟ୍‌ଫ୍ଲିକ୍ସ ପ୍ରିପେଡ୍ ପ୍ଲାନ୍

ଭୁବନେଶ୍ୱର,୧୮।୮




ରିଲାଏନ୍ସ ଜିଓ ପକ୍ଷରୁ ନିକଟରେ ନେଟ୍‌ଫ୍ଲିକ୍ସ ସବ୍‌ସ୍କ୍ରିପ୍‌ସନ୍ ଥିବା ୨ଟି ନୂଆ ଜିଓ-ନେଟ୍‌ଫ୍ଲିକ୍ସ ପ୍ରିପେଡ୍ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି। ୧୦୯୯ ଟଙ୍କିଆ ପ୍ଲାନ୍‌ରେ ଗ୍ରାହକମାନଙ୍କୁ ଦୈନିକ ୨ଜିବି ହାଇ ସ୍ପିଡ୍ ଡାଟା ମିଳୁଥିବାବେଳେ ୧୪୯୯ଟଙ୍କିଆ ପ୍ଲାନ୍‌ରେ ପ୍ରତିଦିନ ୩ଜିବି ହାଇ ସ୍ପିଡ୍ ଡାଟା ମିଳିବ। ଏପରିକି ଉଭୟ ପ୍ଲାନ୍‌ର ବୈଧତା ୮୪ ଦିନ ସହ ଅସୀମିତ ଭଏସ୍ କଲ୍‌ର ସୁବିଧା ମଧ୍ୟ ରହିଛି। ତେବେ ପୂର୍ବରୁ ନିର୍ଦ୍ଦିଷ୍ଟ କେତେକ ଜିଓ ପୋଷ୍ଟପେଡ୍ ଓ ଜିଓ ଫାଇବର ପ୍ଲାନ୍‌ରେ ମଧ୍ୟ ନେଟ୍‌ଫ୍ଲିକ୍ସ ଉପଲବ୍ଧ ଥିଲାବେଳେ ପ୍ରଥମ ଥର ପାଇଁ ପ୍ରିପେଡ୍ ପ୍ଲାନ୍ ସହ ନେଟ୍‌ଫ୍ଲିକ୍ସ ସବ୍‌ସ୍କ୍ରିପ୍‌ସନ୍ ଉପଲବ୍ଧ ହୋଇଛି। ସେହିଭଳି ବିଶ୍ୱରେ ପ୍ରଥମ ଥର ପାଇଁ ନେଟ୍‌ଫ୍ଲିକ୍ସକୁ ବଣ୍ଡଲଡ୍ ଟେଲିକମ୍ ପ୍ରିପେଡ୍ ପ୍ଲାନ୍ ଜରିଆରେ ଉନ୍ମୋଚନ କରାଯାଇଛି। ଏହା ସହ ଜିଓର ୪୦ କୋଟିରୁ ଅଧିକ ପ୍ରିପେଡ୍ ଗ୍ରାହକମାନଙ୍କୁ ନେଟ୍‌ଫ୍ଲିକ୍ସ ସବ୍‌ସ୍କ୍ରିପ୍‌ସନ୍ ଥିବା ପ୍ଲାନ୍ ଚୟନ କରିବାର ସୁଯୋଗ ମିଳିବ। ଗ୍ରାହକମାନେ ମଧ୍ୟ କୌଣସି ସ୍ଥାନ ଓ ସମୟରେ ହଲିଉଡ୍‌ରୁ ନେଇ ବଲିଉଡ୍ ପର୍ଯ୍ୟନ୍ତ ଏବଂ ଆଞ୍ଚଳିକ ସିନେମା ଓ ଲୋକପ୍ରିୟ ଟିଭି ଶୋ' ଆଦି ନେଟ୍‌ଫ୍ଲିକ୍ସ ଜରିଆରେ ଦେଖିପାରିବେ। ବିଶେଷକରି ଜିଓର ଅନ୍ୟ ପ୍ଲାନ୍‌ଗୁଡ଼ିକ ଭଳି ଏହି ୨ନୂଆ ପ୍ଲାନ୍‌କୁ ମଧ୍ୟ ଗ୍ରାହକମାନେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ରିଚାର୍ଜ କରିପାରିବେ। ଜିଓ ପ୍ଲାଟ୍‌ଫର୍ମସ୍ ଲିମିଟେଡ୍‌ର ସିଇଓ କିରଣ ଥୋମାସ୍ କହିଛନ୍ତି, କମ୍ପାନୀ ଗ୍ରାହକମାନଙ୍କ ଲାଗି ବିଶ୍ୱସ୍ତରୀୟ ସେବା ଆଣିବା ପାଇଁ ପ୍ରତିବଦ୍ଧ ରହିଛି। ଏପରିକି ଆମ ପ୍ରିପେଡ୍ ପ୍ଲାନ୍ ସହ ନେଟ୍‌ଫ୍ଲିକ୍ସ ବଣ୍ଡଲ୍‌କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ସେହିଭଳି ଆମର ସଂକଳ୍ପକୁ ପ୍ରଦର୍ଶିତ କରିବା ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ ହୋଇଥିବାବେଳେ ନେଟ୍‌ଫ୍ଲିକ୍ସ ଭଳି ବିଶ୍ୱସ୍ତରୀୟ ସହଯୋଗୀଙ୍କ ସହ ଆମର ସହଯୋଗିତା ମଧ୍ୟ ସୁଦୃଢ଼ ହୋଇଛି ଏବଂ ବାକି ଦୁନିଆ ଅନୁସରଣ କରିବା ଲାଗି ବ୍ୟାବହାରିକ ଉଦାହରଣ ଆମେ ପ୍ରସ୍ତୁତ କରୁଛୁ।

# ଅକ୍ଟୋବରରେ 'ଫିଜିକ୍ସ ୱାଲ୍'ର ବୃତ୍ତି ପରୀକ୍ଷା

ଭୁବନେଶ୍ୱର,୧୮।୮




ଦେଶର ପ୍ରମୁଖ ଘରୋଇ ୟୁନିକର୍ନ ଇ-ଟେକ୍ କମ୍ପାନୀ ତଥା କୋଚିଂ ସେଣ୍ଟର 'ଫିଜିକ୍ସ ୱାଲ୍' (ପିଡବ୍ଲ୍ୟୁ)ର ବହୁ ପ୍ରତୀକ୍ଷିତ ପ୍ରବେଶିକା ପରୀକ୍ଷା 'ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୩' (ଫିଜିକ୍ସ ୱାଲ୍ ନ୍ୟାଶନାଲ ସ୍କଲାରଶିପ କମ୍ ଆଡମିଶନ ଟେଷ୍ଟ) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପିଡବ୍ଲ୍ୟୁର ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଯୋଗଦେଇ ସେଣ୍ଟର ହେଡ୍ ସୁଜା ଅହମ୍ମଦ ଏବଂ ବାଣିଜ୍ୟ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଛୋଟରାୟ ପ୍ରବେଶିକା ପରୀକ୍ଷା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୧ରୁ ୧୫ ମଧ୍ୟରେ ଏହି ପ୍ରବେଶିକା ପରୀକ୍ଷା ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପ୍ଲାଟ୍‌ଫର୍ମରେ ହେବ। ବିଶେଷକରି ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉକ୍ତ ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ।

ଏ ସମ୍ପର୍କରେ ପିଡବ୍ଲ୍ୟୁର ସିଇଓ (ବିଦ୍ୟାପୀଠ ଅଫ୍‌ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ ସହ ଶିକ୍ଷାର ବିକାଶ ଏବଂ ଶିକ୍ଷିତ ସମାଜ ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅର୍ଥ ଅଭାବରୁ ସ୍ୱପ୍ନ ପୂରଣ କରିପାରୁ ନ ଥିବା ସଫଳ ଓ ଉଦୀୟମାନ ଛାତ୍ର ଏବଂ ଅଭିଭାବକଙ୍କ ପାଇଁ ଏହା ଏକ ସୁଯୋଗ ହୋଇଥିଲେ ମଧ୍ୟ କୃତୀ ଛାତ୍ରୀଛାତ୍ରମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ଏକ ସୁଯୋଗ ପାଇବେ ବୋଲି ଗୁପ୍ତା ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷର ପ୍ରବେଶିକା ପରୀକ୍ଷାରେ ଶ୍ରେଷ୍ଠସ୍ଥାନ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରାୟ ୨୦୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ ସହ ସ୍ୱପ୍ନ ପୂରଣ ପାଇଁ ଆବଶ୍ୟକ ସହଯୋଗ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଯୋଗାଇଦିଆଯିବ। ଏପରିକି 'ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୩' ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ଅନୁଷ୍ଠିତ ହେବ। ଅଫ୍‌ଲାଇନ ପରୀକ୍ଷା ୨୦୨୩ ଅକ୍ଟୋବର ୧, ୮ ଏବଂ ୧୫ରେ ହେବାକୁ ଥିବାବେଳେ ଅନ୍‌ଲାଇନ ପରୀକ୍ଷା ୨୦୨୩ ଅକ୍ଟୋବର ୧ ଏବଂ ୧୫ ରେ ଅନୁଷ୍ଠିତ ହେବ।

# ସିଏସ୍‌ଏମ୍‌କୁ ଟେକ୍ ଫର୍ ଏକ୍ସିଲେନ୍ସ ଆୱାର୍ଡ

ଭୁବନେଶ୍ୱର,୧୮।୮



ରାଜ୍ୟର ଅଗ୍ରଣୀ ଆଇଟି କମ୍ପାନୀ ସିଏସ୍‌ଏମ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ 'ଟେକ୍ ଫର୍ ଏକ୍ସିଲେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ବିଶେଷକରି ପଶ୍ଚିମବଙ୍ଗ ସରକାରଙ୍କ ସୂଚନା ପ୍ରଯୁକ୍ତିବିଦ୍ୟା ଓ ଇଲେକ୍ଟ୍ରୋନିକ୍ସ ବିଭାଗ ଏବଂ ଆସୋଚାମ୍ ପକ୍ଷରୁ କୋଲକାତାଠାରେ ଆୟୋଜିତ ୮ମ 'ଟେକ୍ ଫର୍ ଏକ୍ସିଲେନ୍ସ ଆୱାର୍ଡ' କାର୍ଯ୍ୟକ୍ରମରେ ସିଏସ୍‌ଏମ୍‌କୁ ଉପରୋକ୍ତ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଏସ୍‌ଏମ୍ ଟେକ୍ନୋଲୋଜିର ପ୍ରୋଜେକ୍ଟ ମ୍ୟାନେଜର ସୁମନସୁଧା ପଣ୍ଡା ଏବଂ ବିଜ୍‌ନେସ୍ ସିଷ୍ଟମ ମ୍ୟାନେଜର ଉପାସନା ମହାପାତ୍ର ଯୋଗଦେଇ ପଶ୍ଚିମବଙ୍ଗ ସରକାରଙ୍କ ଆଇଟି ଓ ଇଲେକ୍ଟ୍ରୋନିକ୍ସ ବିଭାଗ ପ୍ରମୁଖ ସଚିବ ରାଜୀବ କୁମାରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଆସୋଚାମ୍ ଦ୍ୱାରା କୋଲକାତାଠାରେ ଆୟୋଜିତ ୮ମ ସଂସ୍କରଣ ଟେକ୍ ଫର୍ ଏକ୍ସିଲେନ୍ସ ଆୱାର୍ଡ କାର୍ଯ୍ୟକ୍ରମରେ ସିଏସ୍‌ଏମ୍ ଟେକ୍ନୋଲୋଜି 'ଟେକ୍ ଇନୋଭେସନ୍ ଫର୍ ବିଜ୍‌ନେସ୍'ବର୍ଗରେ ସମ୍ମାନିତ କରାଯାଇଛି।

ଏ ସମ୍ପର୍କରେ ସିଏସ୍‌ଏମ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ତଥା ସିଇଓ ପ୍ରିୟଦର୍ଶୀ ନାନୁ ପାଣି କହିଛନ୍ତି, ଆସୋଚାମ୍‌ଠାରୁ ଏହି ସମ୍ମାନଜନକ ସ୍ୱୀକୃତି ପାଇଥିବାରୁ ଆମେ ବେଶ୍ ଆନନ୍ଦିତ। ସିଏସ୍‌ଏମ୍ ଟେକ୍ନୋଲୋଜିର ଡିଜିଟାଲ ସୃଜନଶୀଳତା ମାଇନିଂ ଇକୋସିଷ୍ଟମକୁ ବଦଳାଇବା,ଲିକେଜ୍ ଦୂରକରିବା ତଥା ମୋଟାମୋଟି ଦକ୍ଷତା ବଢ଼ାଇବାରେ ବେଶ୍ ସହାୟକ ହୋଇଛି। ଏପରିକି ଧୀରେ ଧୀରେ ଆମର ସୃଜନଶୀଳତା ମାଇନିଂ ସଂସ୍କାର ଓ ପ୍ରଶାସନ କ୍ଷେତ୍ରରେ ଏକ ଲାଇଟହାଉସ୍ ସଲ୍ୟୁସନରେ ପରିଣତ ହୋଇଛି।

## ଫୁର୍ସତ୍



# 'ଓଏମଜି ୨' ପାଇଁ ଅକ୍ଷୟ ନେଇଛନ୍ତି ୩୫ କୋଟି

**ମୁମ୍ବାଇ:** ବଲିଉଡ ଅଭିନେତା ଅକ୍ଷୟ କୁମାରଙ୍କ ମୁଭି 'ଓ ମାଇଁ ଗଡ ୨' ରିଲିଜ ହେବାର ୭ଦିନ ହୋଇଗଲାଣି ଏବଂ ଏହା କ୍ରମାଗତ ଭାବରେ ଭଲ ବ୍ୟବସାୟ କରୁଛି। ସମାଜକୁ ଭଲ ବାର୍ତ୍ତା ଦେଉଥିବା ଏହି ମୁଭି ବିଷୟରେ ଲୋକଙ୍କ ମଧ୍ୟରେ ବହୁତ ଚର୍ଚ୍ଚା ହେଉଥିବା କୁହାଯାଉଛି। ଫିଲ୍ମଟି ଏପର୍ଯ୍ୟନ୍ତ ୭୯.୪୭ କୋଟି ରୋଜଗାର କରିଛି। ଖବର ଅନୁଯାୟୀ ଅକ୍ଷୟଙ୍କ ଫିଲ୍ମ 'ଏଏମଜି ୨' ଶୀଘ୍ର ୧୦୦ କୋଟି କ୍ଲବରେ ପ୍ରବେଶ କରିବ। କିଛି ରିପୋର୍ଟରେ ଏହା ମଧ୍ୟ କୁହାଯାଉଛି ଯେ ଏହି ଫିଲ୍ମ ୧୫୦ କୋଟି ଟଙ୍କା ବଜେଟରେ ନିର୍ମିତ ହୋଇଛି। ଅକ୍ଷୟ ଏହି ଫିଲ୍ମ ପାଇଁ ୩୫ କୋଟି ଟଙ୍କା ନେଇଛନ୍ତି। ପଙ୍କଜ ତ୍ରିପାଠୀ ୫କୋଟି ଫି ନେଇଛନ୍ତି। ଫିଲ୍ମର ନିର୍ମାତା ନିଜେ ଏହା ପ୍ରକାଶ କରିଛନ୍ତି। ନିର୍ମାତା ଅଜିତ କହିଛନ୍ତି ଯେ ଏହି ଫିଲ୍ମ ୧୫୦କୋଟି ବଜେଟରେ ତିଆରି ହୋଇନାହିଁ। ଅକ୍ଷୟ ଏହି ମୁଭି କରିବା ପାଇଁ ଗୋଟିଏ ଟଙ୍କା ବି ଚାର୍ଜ କରି ନାହାନ୍ତି। ଅକ୍ଷୟ ଯଦିଓ କିଛି ଫିଜ ଚାର୍ଜ କରି ନାହାନ୍ତି ସେ କିନ୍ତୁ ତାଙ୍କ ତରଫରୁ କ୍ରିଏଟିଭଲି ତଥା ଫାଇନାନସିଆଲି ବହୁତ ଆକ୍ଟିଭ ଥିଲେ। ଏବେ ଏହା ଭଲ ବିଜନେସ କରୁଛି। ସୂଚନାଯୋଗ୍ୟ, ୨୦୧୨ରେ ଯେତେବେଳେ 'ଓ ମାଇଁ ଗଡ' ନିର୍ମାଣ କରାଯାଇଥିଲା ଏହା ୨୫ କୋଟି ବଜେଟର ଥିଲା। ଅକ୍ଷୟଙ୍କ ଓଏମଜି ୨ ତାହାର ସିକ୍ୱେଲ। ଏଥିରେ ସେ ଭଗବାନ ଶିବଙ୍କ ଭୂମିକାରେ ନଜର ଆସିଛନ୍ତି।

# ସ୍ମୃତିର ଆଇନା

## ବିଶ୍ୱ ଫଟୋଗ୍ରାଫି ଦିବସ



କଥାରେ ଅଛି 'ଏ ଫଟୋଗ୍ରାଫ୍ ସ୍ପିକ୍ସ ଏ ଥାଉଜାଣ୍ଡ ୱାର୍ଡସ୍'। ଅର୍ଥାତ ଗୋଟିଏ ଫଟୋ କହିପାରେ ହଜାରେ ଶବ୍ଦ। ଫଟୋଗ୍ରାଫି ଏଭଳି ଏକ କଳା ଯାହାଲାଗି ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୁହଳ ଏବଂ ସୃଜନଶୀଳତା। ସାଧାରଣ ମୂହୁର୍ତ୍ତଟିଏ କ୍ୟାମେରା ଲେନ୍ସରେ କଏଦ ହେବା ପରେ ହୋଇଯାଏ ଅମୂଲ୍ୟ। ସାରାଜୀବନ ସାଇତି ରଖିବା ଲାଗି ଏହା ଆମକୁ ଅନେକ ସ୍ମୃତି ମଧ୍ୟ ଦେଇଯାଏ। ଏହା କାହାପାଇଁ ନିଶା ତ କାହାପାଇଁ ପେସା। ଆଜିକାଲି ଡିଜିଟାଲ ଏବଂ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଜଣେ ଜଣେ ଫଟୋଗ୍ରାଫର କହିଲେ ଅତ୍ୟୁକ୍ତି ହେବ ନାହିଁ। ଅତ୍ୟାଧୁନିକ ଟେକ୍ନୋଲୋଜି ଦିନକୁ ଦିନ ଫଟୋ ଏବଂ ଫଟୋଗ୍ରାଫିକୁ ନୂଆ ଦିଶା ଦେଉଛି। ସେଲ୍ଫି ନେବାଠାରୁ ଆରମ୍ଭ କରି ଯୁଦ୍ଧ ତଥା ମାନବିକ ଅଧିକାରର ଉଲ୍ଲଂଘନ ପର୍ଯ୍ୟନ୍ତ ବିଭିନ୍ନ ଘଟଣାବଳୀର ଫଟୋ ଲୋକେ ଉଠାଉଛନ୍ତି। ଫଟୋଗ୍ରାଫିର ଗୁରୁତ୍ୱକୁ ମନେ ପକାଇଦେବା ଲାଗି ତଥା ବିଶେଷ ମୁହୂର୍ତ୍ତକୁ ତୋଳି ଧରୁଥିବା ସେହି ବ୍ୟକ୍ତିଙ୍କ ପାଇଁ ଅଗଷ୍ଟ ୧୯କୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ପାଳନ କରାଯାଏ। ଏହିଦିନ ଫଟୋଗ୍ରାଫରମାନଙ୍କ ପାଇଁ ଆସିଥାଏ ପ୍ରୋତ୍ସାହନର ବାର୍ତ୍ତା। ସେହିଭଳି ଚିତ୍ର ଉତ୍ତୋଳନ କରିବାର କଳା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ।

୧୮୩୭ ମସିହାରୁ ବିଶ୍ୱ ଫଟୋଗ୍ରାଫି ଦିବସ ଆରମ୍ଭ ହୋଇଥିଲା। ଫ୍ରାନ୍ସରେ ଜୋସେଫ ନିକେଫୋର ନିପ୍ସେ ଏବଂ ଲୁଇ ଡାଗୁରେ ପ୍ରଥମ ଫଟୋଗ୍ରାଫିକ ପ୍ରକ୍ରିୟା ଡାଗୁରେରୋଟାଇପ୍ ଉଦ୍ଭାବନ କରିଥିଲେ। ୧୮୬୧ ମସିହାରେ ପ୍ରଥମ ସ୍ଥାୟୀ ରଙ୍ଗିନ ଫଟୋଗ୍ରାଫ ଉତ୍ତୋଳିତ ହୋଇଥିଲା। ସେବେଠାରୁ ଫଟୋଗ୍ରାଫିର ମାଧ୍ୟମ ବିକଶିତ ହେଲା। ପ୍ରଥମ ଡିଜିଟାଲ ଫଟୋଗ୍ରାଫ ୧୯୫୭ ମସିହାରେ, ଡିଜିଟାଲ କ୍ୟାମେରା ଉଦ୍ଭାବନ ହେବାର ଦୁଇ ଦଶନ୍ଧି ପୂର୍ବରୁ ସୃଷ୍ଟି କରାଯାଇଥିଲା। ଫ୍ରେଞ୍ଚ ଏକାଡେମୀ ଅଫ ସାଇନ୍ସ ଆନୁଷ୍ଠାନିକ ଭାବରେ ୧୮୩୯ ମସିହାରେ ଡାଗୁରେରୋଟାଇପ ଉଦ୍ଭାବନକୁ ଜନସାଧାରଣଙ୍କ ନିକଟରେ ଘୋଷଣା କଲା। ୧୯ ଅଗଷ୍ଟ ୧୮୩୯ରେ ଫ୍ରାନ୍ସ ସରକାର ଏହି ଉପକରଣ ପାଇଁ ପେଟେଣ୍ଟ କରିଥିଲେ। ପରେ ଏହି ଦିନଟି ବିଶ୍ୱ ଫଟୋଗ୍ରାଫି ଦିବସ ଭାବରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ୨୦୧୦ ଅଗଷ୍ଟ ୧୯ରେ ସର୍ବପ୍ରଥମେ ଏକ ଗ୍ଲୋବାଲ ଅନଲାଇନ ଗ୍ୟାଲେରି ସୃଷ୍ଟି କରାଯାଇଥିଲା। ଏହା ଥିଲା ଐତିହାସିକ ଦିନ କାରଣ ବିଶ୍ୱର ୨୭୦ ଫଟୋଗ୍ରାଫର ଫଟୋଗ୍ରାଫ ମାଧ୍ୟମରେ ସେମାନଙ୍କ ଧାରଣାକୁ ଶେୟାର କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଦେଶର ଲୋକେ ଉକ୍ତ ୱେବସାଇଟ ପରିଦର୍ଶନ କରିଥିଲେ। ଭାରତରେ ବିଶ୍ୱ ଫଟୋଗ୍ରାଫି ଦିବସ ଖୁବ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଏ। ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟର ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଏହା ପାଳିତ ହୋଇଥାଏ।

# ୩୦ ବର୍ଷ ହେଲା ପରିବା କିଣିନାହାନ୍ତି



**ଲକ୍ଷ୍ନୌ:** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ଜଣେ ବ୍ୟକ୍ତି ଯିଏ କି ୩୦ ବର୍ଷ ଧରି ବଜାରରୁ ପନିପରିବା କିଣିନାହାନ୍ତି। ହେଲେ ତାଙ୍କ ଘରେ ପନିପରିବାର ଅଭାବ ନାହିଁ। ସେ ନିଜେ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ପରିବା ଦିଅନ୍ତି। ଲକ୍ଷ୍ନୌର ବିନୋଦ କୁମାର ପାଣ୍ଡେ ତାଙ୍କ ଘରର ଛାତ ଏବଂ ବଗିଚାରେ ସବୁ ପ୍ରକାର ପନିପରିବା ଚାଷ କରିଛନ୍ତି। ୩୦ ବର୍ଷ ଧରି ସେ ଏହା କରିଆସୁଛନ୍ତି। ଫଳରେ ତାଙ୍କୁ ବଜାରରୁ ଆଉ ପରିବା କିଣିବାକୁ ପଡୁନି। ଆଜିକାଲି ଟମାଟୋ ମହଙ୍ଗା ହେବା ମଧ୍ୟ ବିନୋଦଙ୍କ ଉପରେ ପ୍ରଭାବ ପକାଇ ନ ଥିଲା। କାରଣ ବିନୋଦ ତାଙ୍କ ଛାତରେ ବହୁ ସଂଖ୍ୟକ ଟମୋଟୋ ଲଗାଇଛନ୍ତି। ଯଦିଓ ବିନୋଦ ଏକ କମ୍ପାନୀରେ କାମ କରନ୍ତି କିନ୍ତୁ ପନିପରିବା ଚାଷ କରିବା ହେତୁ ଲୋକମାନେ ତାଙ୍କୁ 'ଲକ୍ଷ୍ନୌର ଭେଜିଟେବଲ ମ୍ୟାନ' ବୋଲି ଡାକନ୍ତି। ସେ ଏକ ସାକ୍ଷାତକାରରେ ବିନୋଦ କହିଛନ୍ତି, ପିଲାଦିନରୁ ସେ ପରିବେଶକୁ ଭଲ ପାଉଥିଲେ। ୧୪ ବର୍ଷ ବୟସରେ ସେ ତାଙ୍କ ପିତାଙ୍କ ସହ ଏକ ଗୁଆ ବଗିଚା ରୋପଣ କରିଥିଲେ। ୧୯୯୪ରେ ଲକ୍ଷ୍ନୌକୁ ଆସି ଗୋମତି ନଗରରେ ଏକ ଘର ନେଇ ଏଠାରେ ଟମାଟୋ ଚାଷ କରିଥିଲେ। ବିନୋଦଙ୍କ ବାଲକୋନୀରେ ବାଇଗଣ ଏବଂ ଲେମ୍ବୁ ଝୁଲୁଥିବାର ଦେଖିବାକୁ ପାଇବେ। ଯଦି ଆପଣ ଛାତକୁ ଯାଆନ୍ତି, ତେବେ କଖାରୁ, କାକୁଡି, ଲଙ୍କା, ଲେମ୍ବୁ ଏବଂ ବାଇଗଣ ଫଳିଥିବା ଦେଖିବେ। ପୂର୍ବରୁ ଟମାଟୋ, ମୂଳା ସହିତ ଅନେକ ପନିପରିବା ଥିଲା। ଆଖପାଖର ଲୋକଙ୍କୁ ସେ ଟମାଟୋ ବାଣ୍ଟିଥାନ୍ତି।

# ମାନବ କଲ୍ୟାଣ ଅପରିହାର୍ଯ୍ୟ

## ବିଶ୍ୱ ମାନବିକତା ଦିବସ



ମାନବିକ କର୍ମଚାରୀ ତଥା ଯେଉଁମାନେ ମାନବିକତା ପାଇଁ କାର୍ଯ୍ୟ କରି ଜୀବନ ହରାଇଛନ୍ତି ସେମାନଙ୍କ ପ୍ରତି ସମ୍ମାନ ଜଣାଇବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୯ରେ ବିଶ୍ୱ ମାନବିକତା ଦିବସ ପାଳନ କରାଯାଇଥାଏ। ବିଶ୍ୱରେ ମାନବ କଲ୍ୟାଣ ଅପରିହାର୍ଯ୍ୟ। ମାନବିକ ଚିନ୍ତାଧାରାକୁ ପ୍ରୋତ୍ସାହନ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘର ସାଧାରଣ ସଭା ଏକ ପ୍ରସ୍ତାବର ଅଂଶ ଭାବରେ ୨୦୦୯ରେ ଏହି ଦିବସ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ଏହା ପରଠାରୁ ଏହାକୁ ବିଶ୍ୱ ମାନବିକତା ଦିବସ ରୂପେ ପାଳନ କରାଯାଇଛି।

ଏହି ଦିନକୁ ବିଶ୍ୱ ମାନବିକତା ଦିବସ ରୂପେ ପାଳନ କରିବା ପଛରେ ଥିବା ଇତିହାସ ହେଲା, ୨୦୦୩ ଅଗଷ୍ଟ ୧୯ରେ ବାଗ୍‌ଦାଦରେ ମିଳିତ ଜାତିସଂଘ ମୁଖ୍ୟାଳୟ ବିସ୍ଫୋରଣରେ ଇରାକରେ ଥିବା ସେକ୍ରେଟାରି ଜେନେରାଲ ସେରଜିଓ ଭିଏରା ଦେ ମେଲୋଙ୍କ ସମେତ ୨୧ଜଣ ସହକର୍ମୀଙ୍କର ମୃତ୍ୟୁ ଘଟିଥିଲା।

ବିଶ୍ୱ ମାନବିକତା ଦିବସର ଲକ୍ଷ୍ୟ ହେଉଛି ସଙ୍କଟ ଦ୍ୱାରା ପ୍ରଭାବିତ ଲୋକଙ୍କୁ ବଞ୍ଚାଇବା ତଥା ସେମାନଙ୍କର ସୁରକ୍ଷା ଏବଂ ନିରାପତ୍ତା ପାଇଁ ଉଦ୍ୟମ କରିବା। ଜାତିସଂଘର ଏହି କାର୍ଯ୍ୟକ୍ରମ, ବିଶ୍ୱବ୍ୟାପୀ ଶାନ୍ତି ଏବଂ ବିକାଶ ବାର୍ତ୍ତା ଦେଇଥାଏ। ଏହି ଦିବସ ପାଳନ ଅବସରରେ ଯେଉଁମାନେ ନିଜ ଜୀବନକୁ ବାଜି ଲଗାଇ ଅନ୍ୟ ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ଆଗକୁ ଆସିଥିଲେ ସେମାନଙ୍କୁ ଜାତିସଂଘ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଜାତିସଂଘ ସେମାନଙ୍କୁ ପ୍ରକୃତ ନାୟକ ବୋଲି ସମ୍ବୋଧନ କରିଥାନ୍ତି, ଯେଉଁମାନେ ନିଜେ ବିପଦଥିବା ସତ୍ତ୍ୱେ ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ ପ୍ରଦାନ କରିବାକୁ ନିଜର ପ୍ରଥମ କର୍ତ୍ତବ୍ୟ ବୋଲି ଭାବିଥାନ୍ତି।

# ଚିରମାକୋଙ୍କ ଡବଲ ଗୋଲ

ଡୁସେଲଡର୍ଫ (ଜର୍ମାନୀ), ୧୮।୮

ଓଡ଼ିଶାର ପ୍ରତିଭାସମ୍ପନ୍ନ ଖେଳାଳି ସୁଦୀପ ଚିରମାକୋଙ୍କ ଡବଲ ଗୋଲ ବଳରେ ଭାରତ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟର ଏକ ମ୍ୟାଚରେ ସ୍ପେନ୍‌କୁ ୬-୨ ଗୋଲରେ ପରାସ୍ତ କରିଛି। ଏକଦା ୦-୨ରେ ପଛୁଆ ରହିଥିବା ଭାରତ

**ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି**

**ଭାରତ ୬-୨ରେ ସ୍ପେନ୍‌କୁ ହରାଇଲା**

ଚିରମାକୋ ଓ ରୋହିତଙ୍କ ଡବଲ ଗୋଲ ଫଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। କେବଳ ସେତିକି ନୁହେଁ ବଡ଼ ବ୍ୟବଧାନରେ ବିଜୟୀ ହେବା ସହ ଦଳ ଅଭିଯାନ ଆରମ୍ଭ କରିଛି।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ସ୍ପେନ୍ ୧ମ ମିନିଟରେ ନିକୋଲାସ ଆଲଭାରେଜଙ୍କ ଫିଲ୍ଡ ଗୋଲ ବଳରେ ଅଗ୍ରଣୀ ନେବାସହ ଭାରତ ଉପରେ ଚାପ ପକାଇଥିଲା। ପ୍ରଥମ କ୍ୱାର୍ଟରରେ ଭାରତ ଗୋଲ ପରିଶୋଧ କରିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ୨୩ତମ ମିନିଟରେ ଗୁଇଉ କୋରୋମିନାସଙ୍କ ଆଉ ଏକ ଫିଲ୍ଡ ଗୋଲ ପରେ ସ୍ପେନ୍‌ର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଯାଇଥିଲା। ୨୫ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଅନ୍ୟତମ ଓଡ଼ିଶା ଖେଳାଳି ଅମନଦୀପ ଲାକ୍ରା ବ୍ୟବଧାନକୁ ହ୍ରାସ କରିଥିଲେ। ଏହାପରେ ଭାରତ ଆଉ ପଛକୁ ଫେରି ଚାହିଁ ନ ଥିଲା। ଏହାର ୩ ମିନିଟ ପରେ ଆଉ ଏକ ପେନାଲ୍ଟି କର୍ନରରୁ ଗୋଲଦେଇ ରୋହିତ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ୩୫ତମ ମିନିଟରେ ଚିରମାକୋଙ୍କ ଫିଲ୍ଡ ଗୋଲ ବଳରେ ଭାରତ ପ୍ରଥମଥର ପାଇଁ ମ୍ୟାଚରେ ଅଗ୍ରଣୀଲାଭ କରିଥିଲା। ୪୫ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୪ର୍ଥ ଗୋଲ ଦେଇଥିଲେ ରୋହିତ। ଶେଷ କ୍ୱାର୍ଟରରେ ମଧ୍ୟ ଭାରତର ଆଧିପତ୍ୟ ରହିଥିଲା। ୫୩ତମ ମିନିଟରେ ବବି ସିଂ ଧାମି ଗୋଲ ଦେଇଥିବାବେଳେ ମ୍ୟାଚ ଶେଷ ହେବାର ୨ ମିନିଟ ପୂର୍ବରୁ ଅର୍ଥାତ୍ ୫୮ତମ ମିନିଟରେ ଚିରମାକୋ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତର ଅଗ୍ରଣୀକୁ ୬-୨ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସ୍ପେନ୍ ପାଖରେ ଆଉ ସମୟ ନ ଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଆୟୋଜକ ଜର୍ମାନୀ ବିପକ୍ଷରେ ଖେଳିବ।



ଗୋଲ୍ ଦେବା ପରେ ସୁଦୀପ ଚିର୍‌ମାକୋଙ୍କ ପ୍ରତିକ୍ରିୟା।

**ବିଶ୍ୱ ଜୁନିୟର କୁସ୍ତି ଚାମ୍ପିୟନଶିପ୍**

## ଇତିହାସ ରଚିଲେ ପଙ୍ଘାଲ

ଅମାନ (ଜୋର୍ଡାନ), ୧୮।୮ (ପି.ଟି.): ଅନ୍ତିମ ପଙ୍ଘାଲ ପ୍ରଥମ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭାବେ ପଛକୁ ପଛ ୨୦ ବର୍ଷରୁ କମ୍ ବିଶ୍ୱ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଏଠାରେ ଚାଲିଥିବା ବିଶ୍ୱ ଜୁନିୟର କୁସ୍ତି ଚାମ୍ପିୟନଶିପରେ ସେ ୫୩ କେଜି ଶ୍ରେଣୀରେ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। କେବଳ ପଙ୍ଘାଲ ନୁହଁନ୍ତି ସବିତା (୬୨କେଜି) ମଧ୍ୟ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ଖେଳର ଇତିହାସରେ ଏକ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଟିମ୍ ପ୍ରଥମ ଥର ଟାଇଟଲ ବିଜୟୀ ହୋଇଛି। ଗୁରୁବାର ପ୍ରିୟା ମଲିକ ୭୬କେଜିଶ୍ରେଣୀରେ ଟାଇଟଲ ବିଜୟୀ ହୋଇଛନ୍ତି। ଭାରତୀୟ ରେସ୍‌ଲିଂ ପାଇଁ ଏହା ଏକ ଖୁସିର ଖବର ଯେ, ଦେଶର ୭ଜଣ କୁସ୍ତିଯୋଦ୍ଧା ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତିନୋଟି ସ୍ୱର୍ଣ୍ଣ ବ୍ୟତୀତ ଅନ୍ତିମ କୁଣ୍ଡୁ (୬୫କେଜି) ଗୋଟିଏ ରୌପ୍ୟ ଏବଂ ରୀନା (୫୭କେଜି), ଆର୍‌ଜୁ (୬୮କେଜି) ଏବଂ ହର୍ଷିତା (୭୨କେଜି) ତିନୋଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହରିୟାଣାର ହିସାର ବାସିନ୍ଦା ପଙ୍ଘାଲ ତାଙ୍କ ୟୁକ୍ରେନିଆନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪-୦ରେ ହରାଇ ଦେଇଛନ୍ତି।

# 'କଠିନ ପରିଶ୍ରମର ବିକଳ୍ପ ନାହିଁ'

**ଓସ୍‌ଜା ବାର୍ଷିକ ସ୍ମରଣିକା ଉନ୍ମୋଚିତ**

**କ୍ରୀଡ଼ା ବିକାଶରେ ଓଡ଼ିଶା ଅନ୍ୟ ରାଜ୍ୟର ଉଦାହରଣ ପାଲଟିଛି**

ଭୁବନେଶ୍ୱର, ୧୮।୮

"ଓଡ଼ିଶା ସରକାର ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଯେଉଁଭଳି କାର୍ଯ୍ୟ କରୁଛନ୍ତି ତାହା ଅତି ପ୍ରଶଂସନୀୟ। କେବଳ ହକି ନୁହେଁ, ଅନ୍ୟ ସମସ୍ତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ାର ବିକାଶ ହେଉ କିମ୍ବା କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ, ସବୁଥିରେ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ପାଲଟିଛି" ବୋଲି ଶୁକ୍ରବାର ଅଶୋକ ପଟ୍ଟନାୟକଙ୍କ ସ୍ମାରକୀ ବକ୍ତୃତାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପାଲ ପ୍ରକାଶ କରିଛନ୍ତି। ରାଣୀ କହିଥିଲେ, 'କଠିନ ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳିବ। ଜୀବନରେ ଆମେ ହାର ମାନିବା ଉଚିତ ନୁହେଁ। ବହୁ ପରିଶ୍ରମ କରି ଆଜି ମୁଁ ଏ ସ୍ଥାନରେ ପହଞ୍ଚିଛି। ଯେଉଁ କ୍ରୀଡ଼ାବିତ୍‌ମାନେ ଏଠାରେ ଉପସ୍ଥିତ ରହିଛନ୍ତି ସେମାନଙ୍କୁ ମୋର ଗୋଟିଏ ପରାମର୍ଶ, ନିଷ୍ଠାର ସହ ପରିଶ୍ରମ କରିଚାଲ ଦେଖିବ ୧୦ ବର୍ଷ ପରେ ତୁମେ ମୋ ସ୍ଥାନରେ ଥିବ। କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ସମ୍ମିଳନୀ କକ୍ଷରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଆସୋସିଏଶନ (ଓସ୍‌ଜା) ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଣୀଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକିର ନିର୍ଦ୍ଦେଶକ ଡେଭିଡ୍ ଜନ୍ ଓ ଓଡ଼ିଶା ନାଭାଲ ଟାଟା ହକି ଉତ୍କର୍ଷ କେନ୍ଦ୍ରର ପରିଚାଳନା ମୁଖ୍ୟ ରାଜୀବ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଏକ ମିନିଟ ନୀରବ ପ୍ରାର୍ଥନା କରଯାଇଥିଲା। ଏହି ଅବସରରେ ଓସ୍‌ଜାର ବାର୍ଷିକ ସ୍ମରଣିକା ଲୋକାର୍ପିତ ହୋଇଥିଲା।

ନିର୍ଦ୍ଦେଶକ ସିଦ୍ଧାର୍ଥ କହିଥିଲେ, "କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶରେ କ୍ରୀଡ଼ା ଖବରଦାତାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେମାନେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରନ୍ତି। ଖେଳାଳିମାନଙ୍କୁ ଆଗକୁ ବଢ଼ିବାରେ ସହାୟକ ହୋଇଥାନ୍ତି"। ଓଡ଼ିଶାରେ ହକିର ଅତ୍ୟାଧୁନିକ ଭିତ୍ତିଭୂମି ଏବଂ ପ୍ରତିଭାଙ୍କର ଭୂୟସୀ ପ୍ରଶଂସା କରିଥିଲେ ଡେଭିଡ୍ ଜନ୍। ଓଡ଼ିଶା ହକିରେ ବିକାଶ ନେଇ ଓଡ଼ିଶା ନାଭାଲ ଟାଟା ଏକାଡେମୀ କିଭଳି କାର୍ଯ୍ୟ କରୁଛି ଏବଂ ଏକାଡେମୀର ସଫଳତା ସମ୍ପର୍କରେ ରାଜୀବ ସେଠ୍ ମତ ରଖିଥିଲେ। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ସମ୍ପାଦକ ଦେବୀ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବିତ୍ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ପରିଚାଳନା କମିଟିକୁ ନିର୍ବାଚିତ ହୋଇଥିବା ସୁରେଶ ସ୍ୱାଇଁ ଏବଂ ଗୋଲ୍ଡେନ ଜୁବିଲି କମିଟିରେ ସାମିଲ ହୋଇଥିବା ସନ୍ଦୀପ ମିଶ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓସ୍‌ଜାର କାର୍ଯ୍ୟକାରୀ ସଭାପତି କେ.ରବି, ସନାତନ ପାଣି, ତପନ କୁମାର ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ସମୀକ୍ଷା ପଟ୍ଟନାୟକ, ଅନିରୁଦ୍ଧ ମିଶ୍ର, ସମୀର ରାଉତ, ସର୍ବେଶ୍ୱର ମହାନ୍ତି, ପ୍ରତାପ ପ୍ରଧାନ, ବେଣୁଧର ଦାସ, ମନୋରଞ୍ଜନ ଦାସ, ଶକ୍ତି ପ୍ରସାଦ ନନ୍ଦ, ବିମଳ କୁମାର ରାଉଳ, ସୁଜିତ ସ୍ୱାଇଁ, ତୁଷାର ସେନାପତି, ରଞ୍ଜନ କୁମାର ରାୟ, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ଚକ୍ରଧର ମାଝି, ମନମୋହନ ସ୍ୱାଇଁ, ସନ୍ତୋଷ ମହାନ୍ତି, ମହେନ୍ଦ୍ର ସାହୁ ଓ ଶୁଭଲକ୍ଷ୍ମୀ ବଳଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ରାଣୀ ରାମ୍‌ପାଲ





ଅତିଥିଙ୍କ ଗହଣରେ ଓସ୍‌ଜା କର୍ମକର୍ତ୍ତା।

# ହରାରେରେ ଟାଇଟଲ ଜିତିଲେ ଦେବାଶିଷ

ଭୁବନେଶ୍ୱର, ୧୮।୮
(ତପନ ସ୍ୱାଇଁ)

**ଅନ୍ତର୍ଜାତୀୟ ଟେନିସ**

ରାଜ୍ୟର ଅନ୍ୟତମ ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଦେବାଶିଷ ସାହୁ ଜିମ୍ବାୱେର ହରାରେଠାରେ ଅନୁଷ୍ଠିତ ଆଇଟିଏଫ୍ ୧୦୦ ଅନ୍ତର୍ଜାତୀୟ ଟେନିସ ଟୁର୍ନାମେଣ୍ଟର ୧୮ ବର୍ଷରୁ କମ୍ ଡବଲ୍ସ ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଗତ ୧୩ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଥିଲା। ଆମେରିକାର ହାନୁ ପଟେଲ ଦେବାଶିଷଙ୍କ ପାର୍ଟନର ଥିଲେ। ଫାଇନାଲରେ ଦେବାଶିଷ ଓ ହାନୁ ଯୋଡ଼ି ଘାନାର ରାଫାଲ ନିଲ୍ ଅନ୍‌କ୍ରା ଓ ବୁରୁନ୍ଦିର ଆଲାନ ଗାଟୋଟୋଙ୍କୁ ୬-୨, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ପ୍ରତିଯୋଗିତାରୁ ଦେବାଶିଷ ୩୫ ଆଇଟିଏଫ୍ ପଏଣ୍ଟ ହାସଲ କରିଛନ୍ତି। ଫଳରେ ସେ ୩୮୧ରୁ ୩୦୦ ର୍‍ୟାଙ୍କ୍ ଆଡ଼କୁ ଅଗ୍ରସର ହୋଇଛନ୍ତି। ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମର ଜୁନିୟର ବିଭାଗରେ ଭାଗନେବା ତାଙ୍କର ଲକ୍ଷ୍ୟ। ଦେବାଶିଷ ସମ୍ପ୍ରତି କିଟ୍‌ରେ ଦ୍ୱାଦଶ ଷ୍ଟାଣ୍ଡାର୍ଡରେ ଅଧ୍ୟୟନ କରୁଛନ୍ତି। ଅହମଦାବାଦସ୍ଥିତ ଆଲଟୋଭେଲ ଆଲେକଜାଣ୍ଡର ୱାସ୍କେ ଟେନିସ ଏକାଡେମୀରେ ସମ୍ପ୍ରତି କୋଚ୍ ଶ୍ରୀମଲ ଭଟ୍ଟଙ୍କଠାରୁ ଟ୍ରେନିଂ ନେଉଥିବା ଦେବାଶିଷ ନିଜର ଏହି ସଫଳତା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ନିଜ ସ୍କୁଲ୍ କିଟ୍‌କୁ ଶ୍ରେୟ ଦେଇଛନ୍ତି। ସରକାର ଓ କିଟ୍‌ର ସହଯୋଗ ଯୋଗୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଜାତୀୟ ସର୍କିଟରେ ସେ ଏଆଇଟିଏ ୧୮ ବର୍ଷରୁ କମ୍ ବାଳକ ବର୍ଗରେ ୮ମ ସିଡ୍‌ର ମାନ୍ୟତା ପାଉଛନ୍ତି।



ଦେବାଶିଷ ସାହୁ

# ଗ୍ଲୋବାଲ-ନୀଳକମଲ ମ୍ୟାଚ ଡ୍ର

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

**ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ ଲିଗ୍**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ଶୁକ୍ରବାର ଗ୍ଲୋବାଲ ଫୁଟବଲ କ୍ଲବ ଓ ନୀଳକମଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ଫଳରେ ଶେଷରେ ଗୋଲଶୂନ୍ୟ ଡ୍ର ରହିଥିଲା। ଗ୍ଲୋବାଲ ଫୁଟବଲ କ୍ଲବର ଗୋଲ କିପର ସତ୍ୟମ୍ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗ୍ଲୋବାଲ ଫୁଟବଲ କ୍ଲବର ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହିତ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ନୀଳକମଲ କ୍ଲବ ୨ଟି ଯାକ ମ୍ୟାଚ ଡ୍ର ରଖି ୨ ପଏଣ୍ଟରେ ରହିଛି। ଗ୍ଲୋବାଲ ଏହାର ପ୍ରଥମ ମ୍ୟାଚରେ ଆର୍ଡୋର ଫୁଟବଲ କ୍ଲବକୁ ୨-୦ ଗୋଲରେ ପରାସ୍ତ କରିଥିଲା।



ପୁରସ୍କାର ଗ୍ରହଣ କରୁଛନ୍ତି ସତ୍ୟମ୍।

# ଚେନ୍ନାଇନ ଏଫ୍‌ସିର କ୍ରମାଗତ ତୃତୀୟ ବିଜୟ

ଗୁଆହାଟୀ, ୧୮।୮ (ପି.ଟି.): ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଚେନ୍ନାଇନ ଏଫ୍‌ସି କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ପ୍ରତିଯୋଗିତାର ଗ୍ରୁପ 'ଇ'ର ଏକ ମ୍ୟାଚରେ ଦଳ ୨-୧ ଗୋଲ୍‌ରେ ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଛି। ଚେନ୍ନାଇନ ଏଫ୍‌ସି ୩ଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରିବା ସହ ଅପରାଜେୟ ରହିଛି। ଏଥିସହିତ ଦଳ ଦୃଢ଼ ଆତ୍ମବିଶ୍ୱାସର ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି।

# କର୍ଣ୍ଣାଟକର ପ୍ରାଧାନ୍ୟ ଅବ୍ୟାହତ

ଭୁବନେଶ୍ୱର, ୧୮।୮
(ବିଜୟ ରଣା)

**ଜାତୀୟ ଜୁନିୟର ସନ୍ତରଣ**

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରଠାରେ ଚାଲିଥିବା ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ସନ୍ତରଣ ଚାମ୍ପିୟନଶିପ୍ ୨୦୨୩ରେ ଶୁକ୍ରବାର ରାଣା ପ୍ରତାପ ଝାଡ଼ଖଣ୍ଡ ପାଇଁ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଆଣି ଦେଇଛନ୍ତି। ସେ ୨୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଗ୍ରୁପ୍-୧ ବାଳକ ବିଭାଗରେ ୨:୨୧.୮୮ ଟାଇମିଂରେ ଫିନିଶ ଲାଇନ୍ ଅତିକ୍ରମ କରି ପ୍ରଥମ ସ୍ଥାନ ସହ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ୨୦୨୧ରେ ୨:୨୨.୨୯ ଟାଇମିଂରେ ସ୍ୱଦେଶ ମଣ୍ଡଳଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ରାଣାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା କର୍ଣ୍ଣାଟକର ଭିଦିତ ଏସ୍. ଶଙ୍କର (୨:୨୪.୩୧) ରୌପ୍ୟ ଜିତିଥିଲେ। ପ୍ରତିଯୋଗିତା ଆଉ ଦୁଇ ଦିନ ବାକି ରହିଥିବା ବେଳେ ଚାମ୍ପିୟନଶିପ୍‌ରେ ଓଭର ଅଲ୍ ଟାଇଟଲ ବଜାୟ ରଖିବା ଲାଗି କର୍ଣ୍ଣାଟକ ଏହାର ଅଭିଯାନ ବଜାୟ ରଖିଛି। ଶୁକ୍ରବାର ସୁଦ୍ଧା ଏହି ରାଜ୍ୟ ୩୨ ସ୍ୱର୍ଣ୍ଣ, ୨୮ରୌପ୍ୟ ଓ ୧୭ ବ୍ରୋଞ୍ଜ ସହ ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ତାମିଲନାଡୁ (୭ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ) ଓ ମହାରାଷ୍ଟ୍ର (୬ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୩ ବ୍ରୋଞ୍ଜ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। କର୍ଣ୍ଣାଟକ ବାଳିକାମାନେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ କେତୋଟି ଜାତୀୟ ରେକର୍ଡ ପ୍ରତିଷ୍ଠା କରି ସେମାନଙ୍କ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ହାଶିକା ରାମଚନ୍ଦ୍ରା ତାଙ୍କର ଆଉ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ସେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ୫:୦୮.୫୦ ଟାଇମିଂରେ ଶକ୍ତି 'ବି'ଙ୍କ ରେକର୍ଡ (୫:୧୧.୭୭)କୁ ଭଙ୍ଗ କରିଦେଇଛନ୍ତି। କର୍ଣ୍ଣାଟକର ଏସ୍. ଲକ୍ଷ୍ୟା (୫:୧୨.୭୫) ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶୁକ୍ରବାର ଗ୍ରୁପ୍-୨ ବାଳିକା ବଟରଫ୍ଲାଏରେ କର୍ଣ୍ଣାଟକର ତାନିଶି ଗୁପ୍ତା ନିଜ ରାଜ୍ୟର ଧୀନିଧି ଦେସିଂଘୁଙ୍କୁ ପରାସ୍ତ କରି ୧:୦୨.୨୧ ଟାଇମିଂରେ ନୂଆ ଜାତୀୟ ରେକର୍ଡ କରିଛନ୍ତି।


**DISTRICT CHILD PROTECTION UNIT, COLLECTORATE,BARGARH**

Notice No.499 Date.18.08.2023

**NOMINATION FOR "NATIONAL AWARDS FOR BRAVERY FOR CHILDREN -2024**

**No.g-72:**Applications are invited for Pradhan Mantri Rasthriya Bal Puraskar (PMRBP) 2024 from meritorious children under different categories to felicitate them in recognition of their talent. Any child, who is an Indian Citizen and residing in India and not exceeding 18 years (as on the last date of receipt application/nomination) may apply for the award. The award are for visible achievements in the field of Sports, Social service, Science & Technology, Environment, Arts & Culture and Innovation which deserve recognition at the national level.

The applications for PMRBP are only to be sent through the online portal https://awards.gov.in. The child himself/herself can fill the form and submit or anyone on behalf of child can submit through online. The last date of receipt of online is 31.08.2023.Interested child or on behalf of child may apply through online for said award on or before last date.

**Sd./- Collector, Bargarh**
**OIPR-33040/11/0003/2324**

**OFFICE OF THE NOTIFIED AREA COUNCIL,BANPUR**
Phone No.06756-253091, Email id:ulbnac.banpur@gmail.com
No.1795/ Dt.17.08.2023

**NOTICE INVITING TENDER (NIT)**

**No.C-1095:**BANPUR NAC invites online tender from experienced competent and eligible bidders in two envelope system for Conducting Drone Survey, Hydrographic Survey for "Rejuvenation of Water bodies" under Jurisdiction of Banpur NAC".
The details may be accessed and the NIT/Application forms can be downloaded from the website www.khordha.nic.in/ www.banpurnac.in.
The completed application as per the instructions in the NIT document, should reach the following address by Speed Post/ Registered Post/ Courier latest by 5 PM on 28.08.2023. BANPUR NAC reserves the sole right to accept or reject any or all proposals without assigning any reason thereof.

**Sd./- Executive Officer, Banpur NAC**
OIPR-13177/11/0012/2324

**OFFICE OF THE MUNICIPAL COUNCIL, BARBIL** No.C-1096:

**"e"-Procurement Notice**

**BID REFERENCE MUNICIPALITY (BBLM-5/2023-24)**
**TENDER CALL NOTICE NO.2924 DATE. 17.08.2023**

1. Name of the work:-**Civil construction works as mentioned in website**.
2. No. of work:- **3 (Three)**
3. Bid value:- **Rs.34,30,100/-to Rs.50,00,000/-**
4. Period of completion:-**60-90 days**
5. Period of availability of tenders online:- **From 10.00 A.M. of 21.08.2023 to 5.00 P.M. of 04.09.2023**
6. Last Date & time of bidding online:- **5.00 P.M. of 04.09.2023**
7. Date & time of opening of Technical Bid:-**11.00 A.M. of 05.09.2023**.
8. Name and address of the officer inviting bid:- **EXECUTIVE OFFICER, BARBIL MUNICIPALITY. Further details can be seen from the procurement portal:- www.tendersorissa.gov.in.**

OIPR-13108/11/0014/2324 **Sd.- Executive Officer Barbil Municipality**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
**1st Corrigendum Notice**

**No. 1712** **Dated: 18.08.2023**

No. O-675: The 1st Corrigendum to the Bid Identification No. **BLGR-Online-14/2023-24,** the revised date and time are as follows:

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online - 14/2023-24 | 22.08.2023 at 11.00 A.M. | 29.08.2023 upto 5.00 P.M. | 28.08.2023 upto 5.00 P.M. | 31.08.2023 at 11.00 A.M. | Will be intimated separately |

**N.B.:** All other terms and conditions remain unchanged.
**OIPR-25118/11/0023/2324** **Sd./- Chief Construction Engineer, R.W. Circle, Bolangir**

**CITY HEALTH SOCIETY, BHUBANESWAR**
**National Health Mission, Odisha**
**Dept. of Health & Family Welfare, Govt. Of Odisha**

**Walk-In-Interview**

**Adv No. 69/NUHM/2023, CPMU/BBSR** **Date: 16.08.2023**

No. E-338:- Walk in interview will be conducted as scheduled below for filling up the followings post under National Health Mission, City Health Society, Bhubaneswar for empanelment of contractual full time Medical Officer and Specialists at UPHCs/UCHCs & UHWCs under NUHM with monthly remuneration/daily incentive as noted against each.

| S. No | Name of the post | Remuneration/Daily session wise honorarium | Venue | Walk-In-Interview |
|---|---|---|---|---|
| 01 | Medical Officer at UPHCs /UHWCs | Base - Rs.64,324/-per month + P.I. @ 25% on base | Urban Primary Health Centre Unit-IX Conference Hall, Bhubaneswar | **Date: 22.08.2023** Registration 10.30 to 11.30 AM Interview 11.30 AM onwards |
| 02 | Paediatric Specialist | Base - Rs.80,405/-per month + P.I. @ 25% on base | | |
| 03 | Medicine Specialist | Base - Rs. 80,405/-per month + P.I. @ 25% on base | | |
| 04 | O&G Specialist | Base - Rs. 80,405/-per month + P.I. @ 25% on base | | |

The above posts are purely temporary and co-terminus with the scheme. Interested candidates can log on to **www.bmc.gov.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration and walk-in interview on the date as mentioned above. Registration timing will be from 10.30 A.M to 11.00A.M only on Walk-in-Interview date. No application will be received after scheduled timing of registration. The authority reserves the right to cancel any or all application without assigning any reason thereof.
**Note:** Candidates who are already working in Health Department either on regular or on contractual basis, have to submit No Objection Certificate from concerned employer at the time of interview. Submission of application form without NOC which they will not be eligible for the post applied for.

OIPR-10207/11/0004/2324 **Sd./- ADU-PHO, Bhubaneswar**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER ROURKELA IRRIGATION DIVISION, ROURKELA**
email id:seridrkl@gmail.com

**e-PROCUREMENT NOTICE**
**BID IDENTIFICATION NO.SERID-RKL-04/2023-24, Dt.17.08.2023**

**No.A-453:**Bid documents consisting of work, Estimate cost, Cost of tender paper, EMD, Time of completion, Class of Contractor, the set of terms & conditions of contract and other necessary documents can be seen in e-procurement portal www.tenderorissa.gov.in complete online process only.

| | | | |
|---|---|---|---|
| 1. | Nature of Work | : | Civil Work & Electrical Work |
| 2. | Total Number of Works | : | 2 (Two) Nos. |
| 3. | Bid Identification No. | : | SERID-RKL-04/2023-24 (Online) |
| 4. | Estimated Cost | : | Rs.7.45 Lakhs to 8.56 Lakhs |
| 5. | Class of Contractor | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Earnest Money Deposit | : | Referred to DTCN |
| 8. | Period of Completion | : | Referred to DTCN |
| 9. | Date & Time of Availability of Bid documents in the portal | : | From dt.21.08.2023 at 10.00 AM to dt.31.08.2023 upto 5.00 PM |
| 10. | Last Date/Time for receipt of bids in the portal | : | Dt.31.08.2023 at 5.00 PM |
| 11. | Date and Time of Opening of Bids | : | Dt.01.09.2023 at 11.30 hours |
| 12. | Last date & time of seeking of clarification | : | Dt.28.08.2023 |
| 13. | Date of Lottery (in case of situation arise) | : | Dt.05.09.2023 at 11.30 hours |
| 14. | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 15. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017.Further details can be seen from the Govt. website **www.tendersorissa.gov.in.**

OIPR-32018/11/0006/2324 **Sd./- Superintending Engineer Rourkela Irrigation Division, Rourkela**

**GOVERNMENT OF ODISHA**
**ODIA LANGUAGE, LITERATURE & CULTURE DEPARTMENT**
**ADVERTISEMENT**

No. RR-27: Applications are invited from the eligible candidates with complete Bio-Data along with self attested photocopies of all Marksheets and Certificates relating to age and educational qualifications for empanelment of Guest Faculties in S.V. Govt. School of Art & Crafts, Jeypore, Koraput functioning under the Odia Language, Literature and Culture Department during the academic session 2023-24 in the subject mentioned below.
1. Instructor, Graphic Art (01)
2. Instructor, Oil Painting (01)
3. Craft Teacher (01)

**Qualification:** Bachelor's Degree in Fine Arts / Graphic Arts and Traditional Art & Crafts in the concerned subjects from any recognised Govt. Art College.
**Honorarium:** The Guest Faculties shall be paid honorarium @ Rs. 400/- per period subject to maximum ceiling of Rs.16,000/-per mensem.
**Terms and Conditions:** The engagement of the Guest Faculties is purely temporary and may be terminated at any time without giving any notice or assigning any reason thereof. Selection of the candidates by the Selection Committee is final and binding. The engagement will not confirm any right for regular appointment in future.
The date and time of interview will be notified in the Notice Board of S.V. Govt. School of Art & Crafts, Jeypore, Koraput and communicated to the candidates in their Mobile Nos./E-mail Ids. Accordingly, the applicants will have to attend the interview virtually in the office of the Instructor, S.V. Govt. School of Art & Crafts, Jeypore with their Original Certificates, Mark Sheets and latest Character Certificate from any Gazetted Officer. No T.A./ D.A. will be paid for attending the interview.
Applications in the following proforma complete in all respect should reach the Office of the Instructor, S.V. Govt. School of Art & Crafts, Jeypore, Dist. Koraput, PIN-764001 **on or before 31.08.2023 by Speed Post/ Registered Post** only. The applicants will have to superscribe **"Application for the post of Instructor, Graphic Arts/ Oil Painting/ Crafts Teacher"** on the top of the envelope. It is to be noted that no application will be received after the last date of submission and the Institution will not be held responsible for any postal delay.
For further details, the candidates may contact the Instructor, S.V. Govt. School of Art & Crafts, Jeypore, Koraput on **Mobile No. 9078994830/ 9438221159**.
The undersigned reserves the right to cancel any or all applications without assigning any reason thereof.

**OIPR-03029/11/0016/2324** **Director, OLL & Culture**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଅଗଷ୍ଟ, ୨୦୨୩



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




SOCIAL SERVICE for JOB ASPIRANTS
Through Pre-Recruitment Training
GOVT., PUBLIC & PRIVATE SECTORS
OUR ASSISTENCE, TILL APPOINTMENT,
NO TRAINING FEE
For Details, Contact
MAJOR DEFENCE ACADEMY
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



ନାମ: ଦେବେନ୍ଦ୍ର ଦାସ, ବୟସ ୫୯ବର୍ଷ। ସେ ଦେଖିବାକୁ ପତଳା, ଶ୍ୟାମଳ ରଙ୍ଗ। ସେ ଗଲାବେଳେ ନାଲି ରଙ୍ଗର ଗଞ୍ଜି, କଳା ହାଫ୍‌ପ୍ୟାଣ୍ଟ ପିନ୍ଧିଥିଲେ। ସେ ଓଡ଼ିଆରେ କଥା ହୁଅନ୍ତି, ସେ ଗତ ୦୭।୦୭।୨୦୨୩ରିଖ ସାମନ୍ତରାପୁରଠାରୁ ନିଖୋଜ ଅଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ତେବେ ଏହି ନମ୍ବରରେ 8260235206, 9178379081ରେ ଯୋଗାଯୋଗ କରନ୍ତୁ। ଧ-୧୦୮୨

# ଭାଜପାର ୪୦ଜଣିଆ ଷ୍ଟାର ପ୍ରଚାରକ

## ପଶ୍ଚିମବଙ୍ଗ ଉପ-ନିର୍ବାଚନ


ଶୁଭେନ୍ଦୁ ଅଧିକାରୀ

**କୋଲକତା,୧୮।୮**

ପଶ୍ଚିମବଙ୍ଗ ଧୁପଗୁରି ଉପ-ନିର୍ବାଚନ ପାଇଁ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି ଭାଜପା। ଏହି ତାଲିକାରେ ୪୦ ଜଣଙ୍କ ନାମ ରହିଛି।

ନିର୍ବାଚନ ଆୟୋଗକୁ ଭାଜପା ପଠାଇଥିବା ଷ୍ଟାର ପ୍ରଚାରକଙ୍କ ତାଲିକାରେ ୪ କେନ୍ଦ୍ର ମନ୍ତ୍ରୀ, ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର, ଶୁଭେନ୍ଦୁ ଅଧିକାରୀ ଏବଂ ଅନ୍ୟ ପ୍ରମୁଖ ନେତାଙ୍କ ନାମ ରହିଛି। ଦଳର ପଶ୍ଚିମବଙ୍ଗ ଦାୟିତ୍ୱରେ ଥିବା ସୁନୀଲ ବଂଶଲ ଏବଂ ମଙ୍ଗଲ ପାଣ୍ଡେଙ୍କ ବ୍ୟତୀତ ସହ-ପ୍ରଭାରୀ ଅମିତ ମାଲବ୍ୟ ଏବଂ ଆଶା ଲାକ୍ରା ମଧ୍ୟ ସାମିଲ ଅଛନ୍ତି। ତାଲିକାରେ ପ୍ରଥମ ନାମ ଭାଜପା ରାଜ୍ୟ ଅଧ୍ୟକ୍ଷ ସୁକାନ୍ତଙ୍କ ନାମ ରହିଛି। ଏହା ପରେ ଶୁଭେନ୍ଦୁ ଅଧିକାରୀ ଅଛନ୍ତି। ପୂର୍ବତନ ରାଜ୍ୟ ସଭାପତି ତଥା ସାଂସଦ ଦିଲୀପ ଘୋଷ ଏବଂ ପୂର୍ବତନ ରାଜ୍ୟ ସଭାପତି ରାହୁଲ ସିହ୍ନାଙ୍କ ନାମ ମଧ୍ୟ ରହିଛି। ଦଳର ଅଧିକାଂଶ ଏମ୍‌ପି ଏବଂ ରାଜ୍ୟର ବହୁ ବରିଷ୍ଠ ବିଧାୟକଙ୍କୁ ଏହି ତାଲିକାରେ ସ୍ଥାନ ଦିଆଯାଇଛି। ଏଥିରେ ୪ କେନ୍ଦ୍ର ମନ୍ତ୍ରୀ ନିଶିଥ ପରମାଣିକ, ଶାନ୍ତନୁ ଠାକୁର, ଡ. ସୁଭାଷ ସରକାର ଏବଂ ଜନ ବାର୍ଲାଙ୍କ ନାମ ରହିଛି। ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଧୁପଗୁରୀ ବିଧାନସଭା ଆସନରେ ସେପ୍ଟେମ୍ବର ୨ରେ ଉପ-ନିର୍ବାଚନ ହେବ। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ସହିଦଙ୍କ ପତ୍ନୀ ତାପସୀ ରାୟ ଏହି ଆସନରୁ ପ୍ରାର୍ଥୀ ହେବେ। ମଙ୍ଗଳବାର ରାତିରେ ତାଙ୍କ ନାମ ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଜୁଲାଇ ୨୫ରେ ଭାଜପା ବିଧାୟକ ବିଷ୍ଣୁପଦ ରାୟଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡିଥିଲା। ତେବେ ଏହି ଆସନଟି ଭାଜପାର ଥିବାରୁ ଜିତିବା ଲାଗି ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇଛି। କାରଣ ରାଜ୍ୟରେ ଅନୁଷ୍ଠିତ ଉପ ନିର୍ବାଚନରେ ତୃଣମୂଳ କଂଗ୍ରେସ ସମସ୍ତ ଆସନ ହାତେଇବାରେ ସକ୍ଷମ ହୋଇଛି।


ରାଜପଥର ଦୁରବସ୍ଥା ନେଇ ରାଜ୍ୟ ସରକାର, ଏନ୍‌ଏଚ୍‌ଏଆଇକୁ ବିରୋଧ କରି ପାନ୍‌ଭେଲ୍‌ଠାରେ ମହାରାଷ୍ଟ୍ର ନବ ନିର୍ମାଣ ସେନା ପକ୍ଷରୁ ରାସ୍ତାରେ ଗଛ ପୋତି ପ୍ରତିବାଦ କରାଯାଉଛି।

# ଏମିତି କେହି ନାହିଁ ଯିଏ ନୁଆଇଁ ଦେବ: କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୮।୮**

ଦିଲ୍ଲୀ ବିଧାନସଭାରେ ତିନି ଦିନିଆ ଅଧିବେଶନ ଆୟୋଜିତ ହୋଇଛି। ଅଧିବେଶନର ତୃତୀୟ ଦିନରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଗୃହକୁ ସମ୍ବୋଧିତ କରିଥିଲେ। ଏହି ସମୟରେ ସେ ଦାବି କରିଛନ୍ତି ଯେ ସେ ଦିଲ୍ଲୀର ଅଧିକାର ଫେରାଇ ଆଣିବେ। ଦିଲ୍ଲୀ ସେବା ବିଲ ସମ୍ପର୍କରେ ଭାଜପାକୁ ଟାର୍ଗେଟ କରି କେଜରିୱାଲ ଏହା କହିଛନ୍ତି। ଏହା ସହିତ ସେ କହିଛନ୍ତି, ବିଶ୍ୱରେ କୌଣସି ଏମିତି ପୁଅ ଜନ୍ମ ହୋଇ ନାହାଁନ୍ତି ଯିଏ ଅରବିନ୍ଦ କେଜରିୱାଲଙ୍କୁ ନୁଆଇଁ ଦେବ। କେନ୍ଦ୍ରରେ ଥିବା ଭାଜପା ସରକାର ଏକ ଆଇନ ପ୍ରଣୟନ କରି ଦିଲ୍ଲୀର ଲୋକଙ୍କ ଅଧିକାର ଛଡ଼ାଇ ନେଇଛନ୍ତି, କିନ୍ତୁ ମୁଁ ଦିଲ୍ଲୀର ଲୋକଙ୍କୁ ନିଶ୍ଚିତ କରୁଛି ଯେ ମୁଁ ଆପଣଙ୍କ ଅଧିକାର ଫେରାଇ ଆଣିବି, ଆମେ କୌଣସି ବି ପରିସ୍ଥିତିରେ ଦିଲ୍ଲୀର କାମ ବନ୍ଦ କରିବାକୁ ଦେବୁ ନାହିଁ।

# କୃଷି ଯନ୍ତ୍ରପାତି ଦୁର୍ନୀତିର ସିବିଆଇ ତଦନ୍ତ ହେଉ: ଭାଜପା


ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୮।୮(ସୁନୀତ୍ ମିଶ୍ର)**

ରାଜ୍ୟରେ ଚାଷୀ ବିରୋଧୀ ସରକାର ଦୀର୍ଘଦିନରୁ ଶାସନ କରୁଛି। ଏହି ସରକାର ଚାଷ ଓ ଚାଷୀଙ୍କ ପାଇଁ କୌଣସି ଅଗ୍ରାଧିକାର ଦେଇନାହାନ୍ତି। ଚାଷୀଙ୍କ ଉନ୍ନତି କରିବା କିମ୍ବା ସୁରକ୍ଷା ଦେଲା ଭଳି କୌଣସି ଯୋଜନା ନାହିଁ। ସାରା ରାଜ୍ୟରେ ଚାଷୀ ଦୁଃଖରେ କାଳାତିପାତ କରୁଛନ୍ତି। ଏ ନେଇ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଚାଷୀକୁଳଙ୍କ ଦୁଃଖ ଦୁର୍ଦ୍ଦଶା ଦୂରକରିବା ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଉକ୍ତ ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ରାଜ୍ୟବ୍ୟାପୀ କୃଷି ଯନ୍ତ୍ରପାତି କିଣାରେ ଦିଆଯାଉଥିବା ରିହାତି କାରବାରରେ ବ୍ୟାପକ ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ। ରାଜ୍ୟର ଧାନକିଣାରେ ମଣ୍ଡିସ୍ତରରୁ ନେଇ ବ୍ୟାପକ ଅବ୍ୟବସ୍ଥା ଓ ଦୁର୍ନୀତି ଯୋଗୁ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ଦୀର୍ଘଦିନରୁ ରାଜ୍ୟ ସରକାରଙ୍କ ପୃଷ୍ଠ ପୋଷକତାରେ ଚାଲିଥିବା ଏ ମହାଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏଥିସହ ଆହୁରି ଅଭିଯୋଗ କରିଛନ୍ତି, ମାର୍କଫେଡ୍ ରାଜ୍ୟର ସମସ୍ତ ସମବାୟ ପେକ୍ସକୁ ସାର ଯୋଗାଣ କରିଥାଏ। ମାତ୍ର ଦୁର୍ଭାଗ୍ୟର କଥା ପ୍ରାୟ ୪ ବର୍ଷ ହେଲା ରାଜ୍ୟ ସରକାର ମାର୍କଫେଡ୍‌କୁ ସାର କିଣା ବାବଦକୁ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରଖିଥିବାରୁ ସମବାୟ ସଂସ୍ଥା ଜରିଆରେ ଚାଷୀଙ୍କ ନିକଟରେ ସାର ଠିକ୍ ରୂପେ ପହଞ୍ଚିପାରୁ ନାହିଁ। ରାଜ୍ୟ ସରକାର ତୁରନ୍ତ ସାର କଳାବଜାର ଓ ଅଭାବୀ ବିକ୍ରି ରୋକିବା ସହ ସାର ଯୋଗାଣର ସୁବନ୍ଦୋବସ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# ଆମେଠିରୁ ଲଢ଼ିବେ ରାହୁଲ


ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୧୮।୮**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ୨୦୨୪ ଲୋକ ସଭା ନିର୍ବାଚନ ଉତ୍ତରପ୍ରଦେଶର ଆମେଠିରୁ ଲଢ଼ିବେ ବୋଲି ଦଳର ନବନିଯୁକ୍ତ ରାଜ୍ୟ କଂଗ୍ରେସ ସଭାପତି ଅଜୟ ରାୟ କହିଛନ୍ତି। ଯଦି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀରୁ ନିର୍ବାଚନ ଲଢ଼ନ୍ତି, ତେବେ ଦଳର ପ୍ରତ୍ୟେକ କର୍ମୀ ତାଙ୍କ ପାଇଁ କାମ କରିବେ। ୨୦୧୪ ଏବଂ ୨୦୧୯ରେ ଅଜୟ ରାୟ ବାରାଣସୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ହାରିଯାଇଥିଲେ। ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର ତାଙ୍କୁ ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ନିଯୁକ୍ତ କରିଛନ୍ତି। ୨୦୦୪ରୁ ରାହୁଲ ଆମେଠିରୁ ଲୋକ ସଭାକୁ ନିର୍ବାଚିତ ହୋଇଆସୁଥିବାବେଳେ ୨୦୧୯ରେ ସେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କଠାରୁ ହାରିଯାଇଥିଲେ। ରାହୁଲ ୪,୧୨,୮୬୭ ଭୋଟ ପାଇଥିବାବେଳେ ଇରାନୀଙ୍କୁ ୪,୬୭,୫୯୮ ଭୋଟ ମିଳିଥିଲା। ଅନ୍ୟପକ୍ଷରେ ସେ କେରଳର ୱାୟନାଡ୍ ଆସନରୁ ଲୋକ ସଭାକୁ ବିଜୟୀ ହୋଇଥିଲେ।

# ଓଡ଼ିଶାରେ ଗଣତନ୍ତ୍ର ଖରାପ ସ୍ଥିତିରେ ଅଛି: ଟଙ୍କଧର

**ସମ୍ବଲପୁର, ୧୮।୮(ଶୁଭାଶିଷ ପାଢୀ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଘୋଷଣା କରିଥିବା ପ୍ରକଳ୍ପ ଆଜି ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏପରିସ୍ଥଳେ ତାଙ୍କ ବ୍ୟକ୍ତିଗତ ସଚିବ ନୂଆ ପ୍ରକଳ୍ପ ଘୋଷଣା କରି ଚାଲିଛନ୍ତି। ରାଜ୍ୟରେ ନିର୍ବାଚିତ ଜନପ୍ରତିନିଧିଙ୍କ କୌଣସି ଆବଶ୍ୟକତା ନ ଥିବା ମନେ ହେଉଛି। ଜଣେ ସଚିବଙ୍କ ପାଇଁ ସେମାନେ ଟେଷ୍ଟ ତିଆରି ଭଳି କାମ କରୁଛନ୍ତି। ଏଭଳି ରାଜ୍ୟରେ ଗଣତନ୍ତ୍ର ଖରାପ ସ୍ଥିତିରେ ରହିଛି ବୋଲି ଝାରସୁଗୁଡ଼ା ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କହିଛନ୍ତି। ସେ ଆହୁରି କହିଥିଲେ, ମଙ୍ଗଳ ବଜାରଠାରେ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ, ହାର୍ଟ ହସ୍ପିଟାଲ, କ୍ୟାନ୍‌ସର ହସ୍ପିଟାଲ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଝାରସୁଗୁଡ଼ାର ୧୮ ପଞ୍ଚାୟତର ବକେୟା ଫସଲବୀମା ଚାଷୀମାନଙ୍କୁ ଅଦ୍ୟାବଧି ମିଳିନାହିଁ। ଅନ୍ୟ ଜିଲାରେ ସରକାରୀ କଲେଜ ରହିଥିବାବେଳେ ଝାରସୁଗୁଡ଼ାରେ କେବେ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଝାରସୁଗୁଡ଼ା ମୁନିସିପାଲିଟିରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ହୋଇ ପାରୁନାହିଁ। ସେହିପରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଶହୀଦ କରୁଣାକର ସିଂଙ୍କ ଜନ୍ମସ୍ଥାନରେ ସ୍ମାରକୀ ହୋଇପାରି ନାହିଁ। ଝାରସୁଗୁଡ଼ାଠାରେ ଷ୍ଟାଡିୟମ କେବେ ହେବ ବୋଲି ପ୍ରଶ୍ନ କରି ଟଙ୍କଧର ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ପ୍ରେମ ସେନ ରାୟ, ସୁନୀଲ ପଣ୍ଡା, ଦିଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ୩୧୪ ବ୍ଲକ ଘେରାଉକଲା କଂଗ୍ରେସ


ନିଆଳିଠାରେ ବ୍ଲକ୍ ଘେରାଉ ଅବସରରେ ଉପସ୍ଥିତ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

**ଭୁବନେଶ୍ୱର,(ସୁନୀତ୍ ମିଶ୍ର)/ନିଆଳି(ସୁକାନ୍ତ ସିଂ), ୧୮।୮**

କଂଗ୍ରେସ ପକ୍ଷରୁ ୯ ଦଫା ଦାବି ନେଇ ରାଜ୍ୟବ୍ୟାପୀ ୩୧୪ ବ୍ଲକ ଘେରାଇ କାର୍ଯ୍ୟକ୍ରମ କରାଯାଇଛି। ଦଳର ସବୁ ବ୍ଲକ କଂଗ୍ରେସ କମିଟି ଘେରାଉ କାର୍ଯ୍ୟକ୍ରମ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅନେକ ସ୍ଥାନରେ ବ୍ଲକ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ସମୟରେ କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ଅନେକ ସ୍ଥାନରେ ମୁହାଁମୁହିଁ ପରିସ୍ଥିତି ମଧ୍ୟ ସୃଷ୍ଟି ହେଇଥିବା ଦେଖିବାକୁ ମିଳିଛି। ପୁରୀ ସଦର ବ୍ଲକ ଭିତରକୁ କଂଗ୍ରେସ କର୍ମୀମାନେ ଧସେଇ ପଶିଥିବା ବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ସମସ୍ତ ୩୧୪ ବ୍ଲକରେ ଘେରାଉ କାର୍ଯ୍ୟକ୍ରମ ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଥିବାରୁ ଏଥିରେ ସାମିଲ ହୋଇଥିବା ସମସ୍ତ କଂଗ୍ରେସ ନେତୃବୃନ୍ଦ, ପଦାଧିକାରୀ, କର୍ମୀ, କୃଷକ, ଶ୍ରମିକ ଓ ଓଡ଼ିଶାର ଅଗଣିତ ସାଧାରଣ ଜନତାଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ରାଜ୍ୟବାସୀ କଂଗ୍ରେସକୁ ଏହିପରି ସହଯୋଗ କରିବା ପାଇଁ ଶରତ ଆଶା ପୋଷଣ କରିଛନ୍ତି।

ନିଆଳିଠାରେ ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ଶଶୀକାନ୍ତ ଲେଙ୍କାଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ପିସିସି ସଭାପତି ଯୋଗ ଦେଇଛନ୍ତି। ସେ ନିଆଳି ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର ଶାସନରେ ଗାଁ ଗଣ୍ଡାର ବିକାଶ ହୋଇପାରି ନାହିଁ। ସାଧାରଣ ଲୋକଙ୍କ ହିତ ସାଧନ ମଧ୍ୟ ହୋଇନାହିଁ। ପଞ୍ଚାୟତଠାରୁ ବ୍ଲକ ଓ ଡିଆରଡିଏ ଅଫିସ ପର୍ଯ୍ୟନ୍ତ ବ୍ୟାପକ ଦୁର୍ନୀତିର ଚେର ମାଡ଼ିଗଲାଣି। ସବୁଠି ୧୫% ରୁ ୫୦% ପି.ସି. କାରବାର ଚାଲିଛି। ଉଭୟ ସରକାର ଶହ ଶହ କୋଟି ଟଙ୍କାର ବିଜ୍ଞାପନ ଦେଇ ଗାଁ ଗଣ୍ଡା ବିକାଶର ମିଛ ରଙ୍ଗିନ ଚିତ୍ର ଦେଖାଉଛନ୍ତି। ଚାଷୀ ତା' ଅମଳର ମୂଲ୍ୟ ପାଉନାହିଁ। ଓଡ଼ିଆ ଯୁବକ ହାତକୁ କାମ ନାହିଁ। ବିଜେଡି ସରକାର ପିସିର ସରକାର ବୋଲି ସେ କହିଛନ୍ତି। ଏହି ଅବସରରେ କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ସୌଭାଗ୍ୟ ରଞ୍ଜନ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ୯ଦଫା ଦାବିପତ୍ର ବ୍ଲକ ପ୍ରଶାସନକୁ ଦିଆଯାଇଥିଲା।

Classified Everyday 0674-2580101, 2549949


REAL ESTATE

SALE

ଭୁବନେଶ୍ୱର, ସମ୍ବଲପୁର, ଭବାନିପାଟଣା, ରାୟପୁର ଏରିଆରେ independent ଘର ଲଜ୍ ସ୍ଥିତିବାନ୍ ପ୍ଲଟ୍ GA plot High Price & low priceରେ କିଣିବାକୁ ଚାହୁଁଛନ୍ତି କି ଆମ ସହିତ ଯୋଗାଯୋଗ କରନ୍ତୁ। 8328875466. D-67127

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-74899

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038




Spa Kerala body Massage only best Therapist @699/- Bhubaneswar. 9337672475. D-1033

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Newly opened (one 8 SPA) / (Salon Service) with expert therapist. 9938843929. D-75143

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75023

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

AFFIDAVIT

Before the Notary Public, BBSR, dtd. 02.08.04. I, Somali Patnaik, At: Kanipada, P.O.- Janugaon, P.S.- Naugaon, Dist.- Jagatsinghpur, At present Plot No.-787 (B), Jayadevvihar, P.S.- Nayapalli, BBSR-13 has changed my surname after my marriage to Sibadatta Mohanty. Henceforth I shall be known as Somali Mohanty for all purposes. D-1080

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ.ଧର୍ମରାଜ ବେହେରା
ଜମୁର୍ଡା, ବରଗଡ଼
ଆବିର୍ଭାବ: ୨୨-୦୩-୧୯୮୧
ତିରୋଧାନ: ୦୬-୦୮-୨୦୨୩
ଗଙ୍ଗାଶ୍ରାଦ୍ଧ: ୧୯-୦୮-୨୦୨୩ (ଶନିବାର)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ମାଁ- ଯଶୋବନ୍ତୀ, ପିତା- କାହ୍ନୁଚରଣ, ପତ୍ନୀ- କିକୁ, ଭଉଣୀ- ନବକୁମାରୀ, ଭଉଣୀଜ୍ୱାଇଁ- ନିଳକଣ୍ଠ, ବେହେରା ପରିବାର ଓ ଆତ୍ମୀୟବର୍ଗ।
ଧ-୧୦୭୭

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱ.ରଜନୀ ଦେବୀ
ପୁରୁଣା ଭୁବନେଶ୍ୱର
ଆମକୁ ଛାଡ଼ି ଯିବାର ଏଯାଏ ମଧ୍ୟରେ କେତେବେଳେ ୯ ବର୍ଷ ବିତିଗଲାଣି ଜାଣିଲେ ଆଶ୍ଚର୍ଯ୍ୟ ଲାଗେ। ଆଜି ପରି ଲାଗୁଛି ତୁମେ ଆମ ସହ ବିତାଇଥିବା ଅତୁଳା ମୁହୂର୍ତ୍ତସବୁ। ତୁମର ଅନାବିଳ ସ୍ନେହ, ତ୍ୟାଗ, ଭଲ ପାଇବା ଆମେ କେବେହେଲେ ଭୁଲିପାରିବୁ ନାହିଁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁ, ପରିବାରବର୍ଗ ଓ
ଉମା ଫ୍ରେମିଙ୍ଗ୍ ସେଣ୍ଟର
ଅଶୋକନଗର, ଭୁବନେଶ୍ୱର
ଧ-୭୪୫୬୪

**ଜୟଗୁରୁ**



ସ୍ୱ.ରମାକାନ୍ତ ମହାନ୍ତି
ଆବିର୍ଭାବ- ୦୬.୦୪.୧୯୫୭
ତିରୋଧାନ- ୦୯.୦୮.୨୦୨୩
ଦେଉଳି, ଜାରକା, ଯାଜପୁର
ମୃତ୍ୟୁର ଭିତର ଦେଇ ଜୀବ କିପରି ଭାବେ ଅମୃତତ୍ୱ ଲାଭ କରେ, ତାହା ମୁଁ ଜାଣେ। ତୁମମାନଙ୍କୁ ମଧ୍ୟ ଜଣ ଜଣ କରି ଆକର୍ଷଣ କରି ସେହି ଆନନ୍ଦଧାମକୁ ନେଇଯିବି। ପୁଣି ଦିନେ ସେ ଜଗତରେ ସମସ୍ତଙ୍କ ସଙ୍ଗରେ ସେହି ମହାମିଳନ ହେବ।
ଠାକୁର ଶ୍ରୀ ଶ୍ରୀ ନିଗମାନନ୍ଦ
ତୁମେ ଆମମାନଙ୍କୁ ଛାଡି ଶ୍ରୀ ଶ୍ରୀ ଠାକୁରଙ୍କ ନିତ୍ୟଲୋକକୁ ଚାଲିଗଲ ଚିରଆନନ୍ଦ ପାଇଁ। ହେଲେ ଆମେ ତୁମର ସ୍ମୃତି ରୋମନ୍ଥନ କରି କେବଳ ଝୁରି ହେଉଛୁ। ଯେଉଁଠି ବି ଥାଅ ଶାନ୍ତିରେ ଥାଅ।
ତୁମର
ବନ୍ଧୁ, ପରିବାର ପରିଜନ
ଧ-୧୦୭୯

# ଅପଥେ ମୁଁ ଯିବି ଅପଥେ...


ଡ. ଅଜୟ କୁମାର ମିଶ୍ର


''ଅପଥେ ମୁଁ ଯିବି ଅପଥେ ମୁଁ ଯିବି
କରୁଥାଅ ମତେ ତିରସ୍କାର,
ନେପଥ୍ୟେ ଅଛି ଯେତେ ଯାହାସବୁ
କରିବି ମୁଁ ତା'ର ଆବିଷ୍କାର।
ମଥାପାତି ନେବି ମାନ ଅପମାନ,
ବୁକୁ ପାତି ନେବି ଝଂଜା ତୋଫାନ,
ସମୟ ଆସିବ ଯେଉଁଦିନ ତୁମେ
ଯାଚିଦେବ ମତେ ପୁରସ୍କାର।''

– ଏ ହେଉଛନ୍ତି ସେଇ ଅପଥଗାମୀ ହେବାର ଇଚ୍ଛୁକ କବି ରାଧାମୋହନ ଗଡ଼ନାୟକ। ଓଡ଼ିଆ ଗାଥାକାବ୍ୟର ମହାନାୟକ, ଶବ୍ଦ ଓ ଛନ୍ଦର ବିଚିତ୍ରକର୍ମା କାରିଗର କବି ରାଧାମୋହନଙ୍କ କବି ଜୀବନର ଉତ୍ତୀର୍ଣ୍ଣ ପର୍ବରେ 'ସୂର୍ଯ୍ୟ ଓ ଅନ୍ଧକାର' (୧୯୭୪) କାବ୍ୟଗ୍ରନ୍ଥ ପାଇଁ ସେ ଲାଭ କରିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ଆଜୀବନ ସାରସ୍ୱତ ସାଧନା ପାଇଁ ଲାଭ କରିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀର ମର୍ଯ୍ୟାଦାଜନକ ସର୍ବୋଚ୍ଚ 'ଅତିବଡ଼ୀ ପୁରସ୍କାର'।

୧୯୧୧ ମସିହା ଅଗଷ୍ଟ ୨୫ ତାରିଖ, ଭାଦ୍ରବ ମାସ, କୃଷ୍ଣପକ୍ଷ ତୃତୀୟା ତିଥି ଗୁରୁବାରରେ ଅନୁଗୁଳର କଲଣ୍ଡାପାଳ ଗ୍ରାମର ସର୍ବରାକାର, ପିତା– ମହାଦେବ ବାଘସିଂହ ଓ ମାତା– ଗୋଲୋକମଣି ଦେଈଙ୍କ ଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଇଥିଲେ ରାଧାମୋହନ। ଏଇ ବାଘସିଂହ ବଂଶର ରାଜଦତ୍ତ ଉପାଧି ଥିଲା ଗଡ଼ନାୟକ। କୃଷିଜୀବୀ ଖଣ୍ଡାୟତ ପରିବାରର ସଂସ୍କାର ଭିତରେ ଓ ପଲ୍ଲୀ ଜୀବନର ପ୍ରାକୃତିକ ଶୋଭାସମ୍ଭାର ଭିତରେ ତାଙ୍କ ଶୈଶବ ହୋଇଥିଲା ବିକଶିତ।

କଲଣ୍ଡାପାଳ ସନ୍ନିକଟ ଅରାହାଟ ନିମ୍ନ ପ୍ରାଥମିକ ବିଦ୍ୟାଳୟ, ଗଡ଼ସନ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅନୁଗୋଳ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କାଳରେ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଦ୍ୱାରା ସେ ହୋଇଥିଲେ ପ୍ରଭାବିତ। ମାତ୍ର ଆଠ ବର୍ଷ ବୟସରେ ସେ ରଚନା କରିଥିବା ପ୍ରଥମ କବିତା 'ମୁଁ କି କେବେ ଦୀନହୀନ' ତାଳଚେରରୁ ପ୍ରକାଶିତ 'ଗଡ଼ଜାତବାସିନୀ' ପତ୍ରିକାରେ ପ୍ରକାଶିତ ହୋଇଥିଲା।

କବିଙ୍କର ଆନୁଷ୍ଠାନିକ ଶିକ୍ଷା ଥିଲା ବିଚିତ୍ର। ୧୯୩୪ରେ ମାଟ୍ରିକ୍ ପରୀକ୍ଷା ଦେଇ ଅକୃତକାର୍ଯ୍ୟ ହେବା, ୧୯୪୭ରେ ପୁନର୍ବାର ଏଇ ପରୀକ୍ଷା ଦେଇ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା, କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟୟନ ଓ ଅକୃତକାର୍ଯ୍ୟ ହେବା ଆଶଙ୍କାରେ ପରୀକ୍ଷା ନ ଦେବା ଇତ୍ୟାଦି ତାଙ୍କ ଛାତ୍ର ଜୀବନର ଆନୁଷ୍ଠାନିକ ଶିକ୍ଷା। ମାତ୍ର ବ୍ୟକ୍ତିଗତ ଜୀବନରେ ସେ ଥିଲେ ବହୁପାଠୀ। ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା ଭାଷା ସାହିତ୍ୟରେ ସେ ଥିଲେ ଗଭୀର ଅବଗାହୀ ଓ ଭାବଗ୍ରାହୀ।

'କବି ହେବା ପାଇଁ ବାସନା ମୋର ପ୍ରବଳ ଭାରିରେ ପ୍ରବଳ ଭାରି'– ଶୈଶବରୁ ଏଇ ଘୋଷଣା କରିଥିବା କିଶୋର ରାଧାମୋହନ ସବୁଜ ସମକାଳରେ ଜଣେ ନିଷ୍ଠାପର କବି ଭାବରେ ନିଜସ୍ୱ ପରିଚୟ ବାଢ଼ିଛନ୍ତି। ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟୟନ କରିବା ସମୟରେ ତାଙ୍କ ରଚିତ 'କାବ୍ୟନାୟିକା' ତାଙ୍କ ଶ୍ରେଣୀରେ ପାଠ୍ୟପୁସ୍ତକ ଭାବେ ପଢ଼ାଯିବା ବଡ଼ ଚକିତକର ପ୍ରସଙ୍ଗ।

ଅନୁବାଦ ଓ ଅନୁସୃଜନରୁ ତାଙ୍କ କବି ଜୀବନର ଶୁଭାରମ୍ଭ ଘଟିଥିଲା। ମାଥ୍ୟୁ ଅର୍ନୋଲ୍ଡଙ୍କ 'ସୋରାବ ଓ ରସ୍ତମ' ଏବଂ ମହାକବି କାଳିଦାସଙ୍କ 'ମେଘଦୂତମ୍'ର ଅନୁବାଦ କୁଶଳତା ଏହାର ସାର୍ଥକ ପ୍ରମାଣ। ଆଦ୍ୟ ଜୀବନରେ ପ୍ରକାଶିତ ତାଙ୍କର 'ବନରାଜିନୀଳା' ସଙ୍କଳନର 'ନିର୍ଝର' ବିଭାଗରେ ତାଙ୍କ ମୌଳିକ ରଚନା ପ୍ରକାଶିତ। ଏହାର 'ଛାୟା' ବିଭାଗରେ ପ୍ରକାଶିତ ସମସ୍ତ ରଚନା ତାଙ୍କ ଅନୁସର୍ଜନର ପ୍ରମାଣ।

ଗୋଦାବରୀଶ ମିଶ୍ରଙ୍କ ପରେ ରାଧାମୋହନ ହେଉଛନ୍ତି ଅନନ୍ୟ ଗାଥାଶିଳ୍ପୀ। ଗୁଣ ଓ ପରିମାଣ ଉଭୟ ଦୃଷ୍ଟିରୁ ଗାଥା ରଚନାରେ ତାଙ୍କ ଅନନ୍ୟ

## ୨୫ ଅଗଷ୍ଟ, ଜୟନ୍ତୀ ଉପଲକ୍ଷେ



ରାଧାମୋହନ ଗଡ଼ନାୟକ

ସିଦ୍ଧି ତାଙ୍କୁ ଅନତିକ୍ରମ୍ୟ କରି ରଖିଆସିଛି। ଶବ୍ଦ ଯାଦୁକର ଓ ଛନ୍ଦ କାରିଗର ଭାବରେ ସେ ଆଜି ବି ଅପ୍ରତିଦ୍ୱନ୍ଦ୍ୱୀ ସଫଳତାର ଅଧିକାରୀ। ଯେ କୌଣସି ସାଧାରଣ ପ୍ରସଙ୍ଗକୁ ତାଙ୍କ କଲମର ଯାଦୁ ସ୍ପର୍ଶ, ରସସିକ୍ତ କାବ୍ୟ ରୂପ ପ୍ରଦାନ କରିବାରେ ଅସାମାନ୍ୟ ଦକ୍ଷତା ପ୍ରଦର୍ଶନ କରିଆସିଛି।

କବି ଗଡ଼ନାୟକଙ୍କ ଅଜସ୍ରସ୍ରାବୀ କଲମରୁ ଝରି ଆସିଥିବା ରଚନା ସମ୍ଭାର ମଧ୍ୟରୁ କେତୋଟି ପ୍ରମୁଖ ରଚନା ହେଉଛି– କାଳିଦାସ (୧୯୪୦), ବିପ୍ଳବୀ ରାଧାନାଥ (୧୯୪୪), ଉତ୍କଳିକା (୧୯୪୫), କାବ୍ୟନାୟିକା (୧୯୪୫), ନବଜାତକ (୧୯୪୭), ସ୍ମରଣିକା (୧୯୫୦), ମୌସୁମୀ (୧୯୫୧), କୈଶୋରିକା (୧୯୫୩), ମେଘଦୂତ (୧୯୫୩), ହିମାଚଳ (୧୯୫୩), ଦୁଇଟି ତାହାର ଡେଣା (୧୯୫୪), ଗଡ଼ନାୟକ ସଞ୍ଚୟନ (୧୯୫୪), ପଶୁପକ୍ଷୀର କାବ୍ୟ (୧୯୫୯), ଧୂସର ଭୂମିକା (୧୯୬୦), କୁମାରସମ୍ଭବ (୧୯୬୦), ଶାମୁକାର ସ୍ୱପ୍ନ (୧୯୬୧), ଦୀପଶିଖା (୧୯୬୮), ଗଡ଼ନାୟକ ଗ୍ରନ୍ଥାବଳୀ (୧୯୬୮), ସୋରାବ ଓ ରସ୍ତମ୍ (୧୯୬୮), ସୂର୍ଯ୍ୟ ଓ ଅନ୍ଧକାର (୧୯୭୪), ଗାନ୍ଧୀଗାଥା (୧୯୭୮), ଅବାଚୀର ତାରା (୧୯୮୧), ହୀରାଖଣ୍ଡର ଗାଥା (୧୯୮୨) ପ୍ରଭୃତି। ଏହା ସହିତ ଜଣେ ପ୍ରାବନ୍ଧିକ, ସମାଲୋଚକ ଭାବରେ ସେ ଅନେକ ଉପାଦେୟ ପ୍ରବନ୍ଧ ଓ ସମାଲୋଚନା ସୃଷ୍ଟି କରି ପାରିଛନ୍ତି। ଜଣେ ସଂପାଦକ ଭାବରେ ତାଙ୍କ କୃତିତ୍ୱ ମଧ୍ୟ ସ୍ମରଣୀୟ।

ଗଡ଼ନାୟକ ହେଉଛନ୍ତି ମାଆ, ମାଟି, ମଣିଷ ଓ ମାନବେତରଙ୍କ କବି। ଅଜସ୍ର ଗାଥା ମାଧ୍ୟମରେ ସେ ତାଙ୍କ ସାଲିସ୍‌ହୀନ ବକ୍ତବ୍ୟକୁ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି। ତାଙ୍କ କବିତାରେ ଆଦର୍ଶ ଓ ବାସ୍ତବତାର ଅସାମାନ୍ୟ ସମନ୍ୱୟ ଘଟିଛି। ଅତୀତ ଆମୁଖତା, ପଲ୍ଲୀପ୍ରାଣତା, ପ୍ରକୃତି ପ୍ରତି ଆନ୍ତରିକତା, ମହାପୁରୁଷମାନଙ୍କ ପ୍ରତି ସମ୍ମାନବୋଧ, ଇତିହାସ ପ୍ରବଣତା, ଗାନ୍ଧୀବାଦୀ ଚେତନାର ଇସ୍ତାହାର, ମାର୍କ୍ସୀୟ ଦର୍ଶନ ପ୍ରତି ଅନୁରକ୍ତି, ପ୍ରଗତିଶୀଳ ଆଭିମୁଖ୍ୟ, ପରମ୍ପରାମାନ୍ୟତା, ନବୀନତାର ଉତ୍ସାହଦାତା, ବିଶେଷତଃ ପଶୁପକ୍ଷୀମାନଙ୍କ ପ୍ରତି ଶ୍ରଦ୍ଧାଶୀଳତା ତାଙ୍କ କବିତାକୁ କରିଛି କାଳଜୟୀ।

ଜୀବନରେ କେବେ ବି ଉଚ୍ଚାସନ ଲୋଡ଼ି ନ ଥିବା କବି ରାଧାମୋହନ ବରଂ ଘାସ ଫୁଲର ମାନସିକତା ନେଇ ସବୁରି ସେବକ ସାଜିବାର ଅଭିଳାଷ ପୋଷଣ କରିଥିଲେ। ଶବ୍ଦବସାଣରେ ସେ ଥିଲେ ଜଣେ ବିଚକ୍ଷଣ ଗାଣିତିକ ଏବଂ ଛନ୍ଦ ପ୍ରୟୋଗରେ ସେ ଜଣେ ଅଦ୍ଭୁତକର୍ମା ଯାଦୁକର।

ତାଙ୍କର ଜନ୍ମଜୟନ୍ତୀରେ କବିଙ୍କ ପ୍ରତିଭା ପ୍ରତି ଅଜସ୍ର ନମନ ଜ୍ଞାପନ କରୁଛି।


ମିଶ୍ରଘର, ମଧୁପାଟଣା, କଟକ, ଓଡ଼ିଶା
ମୋ: ୮୯୧୭୪୭୬୬୨୫/ ୯୪୩୭୯୨୦୪୯୬


## ପୁସ୍ତକ ପରିଚୟ

### ନୀଳାଦ୍ରିଭୂଷଣ କବିତା ବର୍ଣ୍ଣାଳି





**ସମ୍ପାଦନା:** ଡ. ଦିଲୀପ କୁମାର ସ୍ୱାଇଁ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୫୦୦/-

ଆଲୋଚ୍ୟ ପୁସ୍ତକଟି ଡ. ଦିଲୀପ କୁମାର ସ୍ୱାଇଁଙ୍କ ଦ୍ୱାରା ସମ୍ପାଦିତ କବି ଡ. ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ କବିତାର ଏକ ଚୟିତ ସଂକଳନ, ଯାହାର କଳେବର ୫୭୬ ପୃଷ୍ଠାବିଶିଷ୍ଟ। କବିଙ୍କର ମୋଟ ୧୧ଟି କବିତା ସଂକଳନ (ପାହାଚ, ନୀଳଚନ୍ଦନର ଭୁଲ୍ ଠିକଣା, ସମ୍ବୋଧନହୀନ, ଅଚାନକ ବୃହନ୍ନଳା, ନିର୍ବୋଧ ଲୋକର ପୃଥିବୀ, ସମୁଦ୍ର ନିରୁତ୍ତର, ଇତିହାସ ଲେଖିବାର ମୁହୂର୍ତ୍ତ, ଆଉ ଗୋଟିଏ ଜନ୍ମର ଅପେକ୍ଷା, ସୌନ୍ଦର୍ଯ୍ୟ ଖୋଜିଖୋଜି ଈଶ୍ୱର, ଉପୁଡ଼ି ପଡ଼ିଥିବା ଗଛ ଓ ଗାଲିଲିଓଙ୍କ ଆଙ୍ଗୁଠି)ରୁ ୪୪୭ କବିତା ଡ. ସ୍ୱାଇଁ ଅତ୍ୟନ୍ତ ଧୈର୍ଯ୍ୟର ସହ ପୁସ୍ତକଗୁଡ଼ିକୁ ପଢ଼ିବା ପରେ ସଂଗ୍ରହ କରିଥିବା ମନେହୁଏ। ଗ୍ରନ୍ଥାରମ୍ଭରେ ରହିଛି କବି ହରିଚନ୍ଦନଙ୍କର ଏକ କ୍ଷୁଦ୍ର ଗଦ୍ୟଲେଖ, ଯାହାର ଶୀର୍ଷକ ରହିଛି 'କବିର ଉକ୍ତି'। ଏଥିରେ ସେ କହିଛନ୍ତି: ''ଲେଖାରେ ସ୍ୱାତନ୍ତ୍ର୍ୟ ନ ରହିଲେ ଲେଖିବା ଅର୍ଥହୀନ। ଏଇ ବିଚାରରେ ନାଟକ କି ସମାଲୋଚନା କି କବିତା, ଯାହା ବି ଲେଖେ, ବକ୍ତବ୍ୟ ଓ ଶୈଳୀରେ ଅନ୍ୟମାନଙ୍କଠାରୁ ଭିନ୍ନ ହେବାକୁ ପ୍ରୟାସ କରିଛି।'' ସମ୍ପାଦକ ଡ. ସ୍ୱାଇଁ ଦୀର୍ଘ 'କାବ୍ୟ ପ୍ରବେଶ' (୫୭ପୃଷ୍ଠା ବିଶିଷ୍ଟ)ରେ କହନ୍ତି: ''ଏକବିଂଶ ଶତାବ୍ଦୀର ବିଶ୍ୱମାନବ ଓ ସ୍ଥାନୀୟ ସଭ୍ୟତାର ଚିତ୍ରାୟନରେ କବି ଜଣେ ବିଶିଷ୍ଟ ସର୍ଜନପୁରୁଷ। x x ଏସବୁ କବିତାରେ ଲୁହ ଯେତିକି-ଦ୍ରୋହ ସେତିକି ଓ ମୁକ୍ତି ତତୋଽଧିକ।'' ଅଲଗା ଅଲଗା ସମୟରେ, ଅଲଗା ଅଲଗା ବହିରୁ ନୀଳାଦ୍ରିଙ୍କୁ ପାଠକେ ପଢ଼ିଥିଲେ, କିନ୍ତୁ ଏ ବହିଟି ପ୍ରକାଶ ପାଇବା ପରେ ଏକତ୍ର ତାଙ୍କ କବିତାର ପାଠ ଓ ମୂଲ୍ୟାୟନ ପାଠକେ କରିପାରିବେ। ନୀଳାଦ୍ରିଙ୍କ କବିତା ବେଶୀ ଚର୍ଚ୍ଚିତ ହୋଇପାରି ନାହିଁ, କାରଣ ଓଡ଼ିଆ ସମାଲୋଚକମାନେ ଏକବହରିଆ, ଯାହା ପଛରେ ଲାଗିଥିବେ, ଲାଗିଥିବେ। କିନ୍ତୁ ନୀଳାଦ୍ରିଙ୍କ କବିତାକୁ ସ୍ଥିର ଚିତ୍ତରେ ପଢ଼ିଲେ ତାଙ୍କ ଗଭୀର କବିତ୍ୱ ଓ ପ୍ରସଙ୍ଗ ଉପସ୍ଥାପନାରେ ତାଙ୍କ ପ୍ରତ୍ୟୁତ୍ପନ୍ନମତିତାକୁ ଚିହ୍ନିହୁଏ। ସରଳ କଥାକୁ ସେ ଅଭାବିତ କବିତା କରିଦିଅନ୍ତି। ଯଥା: ''ଚଉକିର ଗୋଟିଏ ଗୋଡ଼ ଭଙ୍ଗା/ ଚଉକିଟି ନଇଁପଡ଼ି ଖୋଜୁଛି/ ଗୋଟିଏ ହଜିଲା ମୁହୂର୍ତ୍ତକୁ/ ତୁମେ ଆଉ ଗୋଟିଏ ଗୋଡ଼ ଯୋଡ଼ି ଦିଅନା/ ସେ ସେମିତି ଥାଉ।'' (ଚଉକିର ଭଙ୍ଗାଗୋଡ଼: ସମ୍ବୋଧନହୀନ)। ବହିଟି ଓଡ଼ିଆ ଗ୍ରନ୍ଥ ତାଲିକାରେ ଏକ ବିରଳ ସଂଯୋଗ।

### ସଭ୍ୟୋଁ କେ ବୀଚ୍ ଆଦିବାସୀ





**ଲେଖକ:** ମହାଦେବ ଟୋପ୍ପୋ
**ପ୍ରକାଶକ:** ଅନୁଜ୍ଞା ବୁକ୍ସ, ଶାହଦରା, ଦିଲ୍ଲୀ-୩୨
**ଅନୁଜ୍ଞା ସଂସ୍କରଣ:** ୨୦୨୩, **ମୂଲ୍ୟ:** ଟ.୩୦୦/-

ବିଶିଷ୍ଟ ଲେଖକ ମହାଦେବ ଟୋପ୍ପୋ ସାମ୍ପ୍ରତିକ ଭାରତବର୍ଷରେ ଜଣେ ବହୁଚର୍ଚ୍ଚିତ ଆଦିବାସୀ ଲେଖକ, ଯାହାଙ୍କ ଲେଖାରେ ଆଦିବାସୀ ଜୀବନ, ସାହିତ୍ୟ ଓ ସଂସ୍କୃତି ପ୍ରତି ବରାବର ଗଭୀର ଅନ୍ତର୍ଦୃଷ୍ଟି ରହିଥାଏ। ଆଲୋଚ୍ୟ ବହିଟି 'ଅନୁଜ୍ଞା ସଂସ୍କରଣ' ଭାବେ ୨୦୨୩ରେ ପ୍ରକାଶ ପାଇଥିଲେ ବି ଏହାର ପ୍ରଥମ ସଂସ୍କରଣ ୨୦୧୮ରେ ଓ ପରବର୍ତ୍ତୀ ସଂସ୍କରଣ ୨୦୨୦ ଓ ୨୦୨୧ରେ ପ୍ରକାଶ ପାଇସାରିଛି। ମାତ୍ର ୫-୬ବର୍ଷ ମଧ୍ୟରେ ଚାରିଚାରିଟି ସଂସ୍କରଣ ପ୍ରକାଶ ପାଇବା ପୁସ୍ତକର ଗୁଣାତ୍ମକ ମୂଲ୍ୟକୁ ଉଜାଗର କରିଥାଏ। ମହାଦେବ ନିଜ ଲେଖାକୁ 'ସଭ୍ୟ ସମାଜ ସହ ସଂବାଦ' ବୋଲି ଅଭିହିତ କରିଥାଆନ୍ତି। ଆଲୋଚ୍ୟ ପୁସ୍ତକରେ ବିଷୟଗତ ପାର୍ଥକ୍ୟକୁ ବିଚାରକୁ ନେଇ ଲେଖକ ମୋଟ ୯ଟି ପରିଚ୍ଛେଦର ପରିକଳ୍ପନା କରିଛନ୍ତି। ପ୍ରଥମ ପରିଚ୍ଛେଦରେ ଜନ-ସରକାର, ସାମାଜିକ, ଆର୍ଥିକ ଓ ଇତିହାସ ବିଷୟ ଆଲୋଚିତ। ଦ୍ୱିତୀୟରେ ଭାଷା, ସାହିତ୍ୟ ଓ ସଂସ୍କୃତି, ତୃତୀୟରେ ଗୀତ-ସଂଗୀତ, ଚତୁର୍ଥରେ ସିନେମା-କଳା, ପଞ୍ଚମରେ ଖେଳ, ଷଷ୍ଠରେ ପତ୍ରକାରିତା, ସପ୍ତମରେ ଆଧୁନିକ ବୈଷୟିକ ବିକାଶ ଓ ସମାଜ ସହ ତା'ର ସମ୍ବନ୍ଧ, ଅଷ୍ଟମରେ କିଛି ବ୍ୟକ୍ତିଗତ ସ୍ମୃତିକଥା ଓ ନବମରେ ଆଦିବାସୀ ସାହିତ୍ୟର ବିକାଶ ସମ୍ପର୍କରେ ନିଜସ୍ୱ ବିଚାର ସ୍ଥାନିତ ହୋଇଛି। ପୁସ୍ତକଟି ପାଠକଲେ ଜଣେ ଆଦିବାସୀ ଲେଖକ କିପରି ନିଜର ଆଖପାଖର ଦୁନିଆ ସହ ସମ୍ବନ୍ଧିତ ନାନା ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଭାବିତ, ତା'ର ଏକ ସ୍ପଷ୍ଟ ଚିତ୍ର ମିଳିଥାଏ। ବହିଟି ବ୍ୟକ୍ତିଗତ ଓ ଆନୁଷ୍ଠାନିକ ପାଠାଗାର ପାଇଁ ଯେ ଏକ ଦୁର୍ଲଭ ପ୍ରାପ୍ତି ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ



''ମୁଁ ଯେତେବେଳେ ଲେଖେ,
ପରିଣତିର ଭୟକୁ
ଖାତିର କରେନା।''
– ତସ୍‌ଲିମା ନାସରିନ୍

**ତସ୍‌ଲିମା ନାସରିନ୍**ଙ୍କ ଜନ୍ମ ୨୫ ଅଗଷ୍ଟ ୧୯୬୨ରେ ପୂର୍ବ ଆଫଗାନିସ୍ତାନର ମୈମେନ୍‌ସିଂହରେ। ବୃତ୍ତିରେ ସେ ଡାକ୍ତର, କିନ୍ତୁ ସାହିତ୍ୟରେ ତାଙ୍କର ରୁଚି। ନାରୀ ନିର୍ଯାତନା ଓ ଧର୍ମଗତ ସଂକୀର୍ଣ୍ଣତା ବିରୋଧରେ ତାଙ୍କର ଲେଖା ସବୁବେଳେ ଉଚ୍ଚରୋଳ। ଧର୍ମନିରପେକ୍ଷ ମାନବବାଦୀ ଏହି ଲେଖିକାଙ୍କର ପ୍ରମୁଖ ପୁସ୍ତକଗୁଡ଼ିକ ମଧ୍ୟରେ 'ଲଜ୍ଜା' ଓ 'ଫ୍ରେଞ୍ଚ୍ ଲଭର୍' (ଉପନ୍ୟାସ), ସ୍ତମ୍ଭ-ରଚନାସଂଗ୍ରହ 'ନିର୍ବାଚିତ କଲମ୍' (୧୯୯୨ରେ ଏହି ପୁସ୍ତକ ପାଇଁ 'ଆନନ୍ଦ ପୁରସ୍କାର' ପ୍ରାପ୍ତ) ଓ ଆତ୍ମଜୀବନୀ 'ଆମାର୍ ମେୟେବେଲା'। 'ମତ ପ୍ରକାଶରେ ବ୍ୟକ୍ତିର ସର୍ବାଧିକ ସ୍ୱାଧୀନତାରେ ସେ ବିଶ୍ୱାସୀ' ବୋଲି କହନ୍ତି ତସ୍‌ଲିମା।

## କବିତା

### ଭାବୁଛି ମୁଁ

କୃଷ୍ଣା ମିଶ୍ର

ଅନ୍ତୁଡ଼ିଶାଳରେ ମାତୃଗର୍ଭର
ଅନ୍ଧକାର ଭିତରୁ ଭାବୁଛି ମୁଁ,
ଜନ୍ମନେବି ନା ନାହିଁ,
ସେଇ ଜ୍ୱଳନ୍ତ ଆଖିସବୁ
ଛାଡୁଥିବା ଗରମ ଆଲୁଅକୁ
ନିଜର କରିନେବାକୁ!

କ'ଣ ପିନ୍ଧିବି ଯେ,
ତୋ' ଦୃଷ୍ଟି ପଡ଼ିବନି
ମୋ' ପଣତ ଉପରେ?
କେତେବେଳେ ଘରୁ ପଦାକୁ,
ପାଦ କାଢ଼ିବି ଯେ,
ତୋ' ଡଙ୍ଗା ମୋ'
ତଟରେ ଲାଗି ନ ଥିବ?
କେମିତି ଚାଲିବି କହ,
ମୋ' ପାଦର ଛନ୍ଦ
ତୋ'ଠେଇଁ ରଙ୍ଗ ନ ଭରିବ?
କି ଢଙ୍ଗରେ ବା କଥା ବୋଲିବି ଯେ,
ତୋ' ଧମନୀର ରକ୍ତ ପ୍ରବାହ,
କୂଳ ନ ଲଙ୍ଘିବ?

ପରେ ଯଦି ତୁ କହିବୁ,
ମୁଁ ତୋର ଚରିତ୍ର ନଷ୍ଟ କରିଛି
ଏ ସବୁ ପ୍ରଶ୍ନ ପଚାରିବାକୁ,
ବଞ୍ଚିତ ନ ଥିବି ମୁଁ?
ଯେତେବେଳେ ମୋ' ଇଜ୍ଜତ,
ଅସ୍ମିତାର ନିଲାମ ହେଉଥିବ,
ରାଜରାସ୍ତାରେ,
ତୋ' ହାତରେ ତ ଥିବ
ପେଟ୍ରୋଲ ଆଉ ମାଚିସ୍...
ସେଇଥିପାଇଁ ତ
ଭାବୁଛି, ଜନ୍ମ ନେବି ନା ନାହିଁ!

ମୋ: ୯୩୦୧୦୨୩୩୩

### ସେତେ ସହଜ ନୁହଁ

ବର୍ଷାରାଣୀ ମହାମଲ୍ଲିକ

ସେତେ ସହଜ ନୁହଁ
ଜଳନ୍ତା ନିଆଁରେ
ପାଦ ଦେଇ ଚାଲିବା
ପୃଥିବୀର ଯାବତୀୟ ଦୁଃଖ, କଷ୍ଟ,
ଯନ୍ତ୍ରଣା, ଯାତନା ସବୁକୁ
ଅଧିକାର ଭଳି ଆବୋରି ନେବା
ସେତେ ସହଜ ନୁହଁ
ହୃଦୟ ତିଳତିଳ ଜଳିବା ସତ୍ତ୍ୱେ
ମୁହଁରେ ଖୁସିର ଝରଣା ଝରାଇବା।
ପାଷାଣୀ ଅହଲ୍ୟା ଭଳି
ନିର୍ଦ୍ଦୋଷ ଥାଇ ବି
ଦୋଷ ସ୍ୱୀକାର କରିବା,
ସେତେ ସହଜ ନୁହଁ
ନିଜ ଅସ୍ତିତ୍ୱ ମେଣ୍ଟାଇ
ଅନ୍ୟର ଇଚ୍ଛାକୁ ସମ୍ମାନ ଦେବା।

ନିଜର ଦେହରୁ
ମାଂସ ଦେବା, ରକ୍ତ ଦେବା
ସର୍ବଂସହା ପୃଥିବୀ ପରି ସହିଯିବା
ସେତେ ସହଜ ନୁହଁ
ସନ୍ଦେହ ସବୁର ଅଭାବ ଦୂର ପାଇଁ
ସତୀ ପରି ବାରମ୍ବାର
ନିଆଁରେ ନିଜକୁ ଜଳାଇବା।

ସେତେ ସହଜ ନୁହଁ
ଗୋଟିଏ ଗୋଡ଼ ଚୁଲିରେ ପୂରାଇ
ସଭିଙ୍କୁ ଅନ୍ନ ଦେବା
ସେତେ ସହଜ ନୁହଁ
ଜନନୀ, ଭଗିନୀ କି ଅର୍ଦ୍ଧାଙ୍ଗିନୀ ହେବା,
ତଥାପି ଲୋକଙ୍କୁ ସହଜ ହୋଇଯାଏ
ଗଞ୍ଜଣା ଶୁଣାଇବା ଯୌତୁକ ନାଁରେ,
କାମ ନାଁରେ, ପରିବାର ନାଁରେ।
କେତେ ସହଜ ତା'ର ଅଇରି ହେବା
ସେତେ ସହଜ ନୁହଁ ନାରୀ ହେବା।

ମୋ: ୮୨୬୦୬୫୯୩୩୨

### ଗୀତି-କବିତା

### ଶବ୍ଦଫୁଲ

ଧନଞ୍ଜୟ ସ୍ୱାଇଁ

ଶବ୍ଦ ସହଜେ ଧରାଦିଏନି ସେ
ମାୟା ହରିଣୀଟେ ପରି
କେବେ ଚଢ଼େଇଟେ ପରି ଧରାଦିଏ
କେଉଁଆଡୁ ଆସି ଉଡ଼ି।୦।

ଶବ୍ଦର ଛନ୍ଦପତନେ ଶୁଣେ ମୁଁ
ବିଜନ ବଂଶୀଧ୍ୱନି
ଶବ୍ଦ ନ ଥିଲେ କ୍ଷୁବ୍ଧ ମୋ' ମନେ
ପରାଜୟର ଗ୍ଲାନି
ଶବ୍ଦ ଯେମିତି ପଳିତ ପାଦପେ
ନବ ପ୍ରସୂନଟି ପରି
ମାୟା ହରିଣୀଟେ ପରି...।୧।

କେବେ କଳ୍ପନାର କଳ୍ପଲୋକରେ
ଶବ୍ଦର ନିତ୍ୟରାସ
ନୀରବତାରେ ବି କୋଳାହଳମୟ
ଶବ୍ଦର ଶୂନ୍ୟବାସ
କେବେ ଝରିପଡ଼େ ହାତ ପାପୁଲିରୁ
ଯେମିତିକା ଝୁରାବାଲି
ମାୟା ହରିଣୀଟେ ପରି...।୨।

ମୋ: ୯୪୩୭୦୦୦୬୩୬

## ପୁରାତନ ପାଣ୍ଡୁଲିପି

### ଅନୁବାଦ ଗଳ୍ପ

ମୂଳ ଇଂରାଜୀ: ଫ୍ରାନ୍‌ଜ କାଫ୍‌କା
ଅନୁସୃଜନ– ଡ. ସୂଚନା ପାଢ଼ୀ

ମୋ' ଅନୁଭବ ରଞ୍ଜିତ ପାଣ୍ଡୁଲିପିର ପୃଷ୍ଠା ଅତୀତ ଘଟଣାବଳୀର ମୂକସାକ୍ଷୀ। ନୀରବରେ ଗାଉଥିଲା ମର୍ମଭେଦୀ ସଙ୍ଗୀତ। ପାଣ୍ଡୁଲିପି...ଛଳଛଳ ଆଖିରେ ଚାହୁଁଥିଲା ମୋତେ, ମୁଁ ତାକୁ।

ଆମ ଦେଶର ସାମରିକ ବିଶୃଙ୍ଖଳା ଦେଖି ମନେହେଲା ଦେଶର ସୁରକ୍ଷା ପ୍ରତି ସମସ୍ତେ ଯେତିକି ସଚେତନ ହେବା କଥା, ସେତିକି ନୁହନ୍ତି। ସବୁ ସମୟରେ ଆମେ ନିଜ ସ୍ୱାର୍ଥ ପାଇଁ ବ୍ୟସ୍ତ, ବିବ୍ରତ... ଦେଶ ପାଇଁ ଧ୍ୟାନଦେଉନା। ପାଣ୍ଡୁଲିପିର କେତେକ ପୃଷ୍ଠାରେ ବର୍ଣ୍ଣିତ ଘଟଣା ମୋତେ ବିବ୍ରତ କରୁଥିଲା, କାରଣ ମୁଁ ବି ଥିଲି ଭୁକ୍ତଭୋଗୀ।

ସେ ସମୟର କଥା। ଆମ ଦେଶର ରାଜପ୍ରାସାଦ ସମ୍ମୁଖରେ ଜଣେ ମୋଚି ଦୋକାନ କରିଥିଲା, ତା' ପଡ଼ିଶାରେ ମୋ' ଦୋକାନ। ଦିନେ ସନ୍ଧ୍ୟାବେଳେ ମୁଁ ଦୋକାନ ବାହାରେ ଜଣକୁ ଅପେକ୍ଷା କରି ଠିଆ ହୋଇଥିଲା ସମୟରେ ଆମ ଅଞ୍ଚଳ ଭିତରକୁ ଧସେଇ ପଶିଆସୁଥିବା ଦଳେ ସୈନ୍ୟଙ୍କୁ ଦେଖିଲି। ସେମାନେ ଉତ୍ତର ଦିଗରୁ ଆସୁଥିଲେ। ବିଶ୍ୱାସ କରିପାରୁ ନ ଥିଲି, ସେମାନେ କିମିତି ନିର୍ବିଘ୍ନରେ ଆମ ରାଜଧାନୀ ପର୍ଯ୍ୟନ୍ତ ଆସିପାରିଲେ! ଏତେ ସାହସ! କିଏ କାହିଁକି ବାଧାଦେଲାନି। ଆମ ସୈନ୍ୟବାହିନୀ ଜାଣିପାରିଲେନି କି? ନିର୍ବଳ? ସୁପ୍ତ? ନିସ୍ତେଜ? ତା'ପରଠୁ ପ୍ରତିଦିନ ଆଗନ୍ତୁକ ସୈନ୍ୟଙ୍କ ସଂଖ୍ୟା ବଢ଼ି ଚାଲିଥିଲା।

ଆଗନ୍ତୁକ ସୈନ୍ୟମାନେ ଖୋଲା ଆକାଶ ତଳେ ତମ୍ବୁଟାଣି ରହୁଥିଲେ। ଦିନସାରା ଅଶ୍ୱଚାଳନା, ତୀରଚାଳନା, ବିଭିନ୍ନ ଶସ୍ତ୍ରାଭ୍ୟାସରେ ସମୟ ଅତିବାହିତ କରୁଥିଲେ। ଅପରିଷ୍କାର ପରିବେଶରେ ରହୁଥିଲେ। ଚାରିଆଡ଼େ ଦୁର୍ଗନ୍ଧ।

ଆମ ବସବାସ ଅଞ୍ଚଳଟି ଥିଲା ଶାନ୍ତିପ୍ରଦ, ପରିଷ୍କାର ପରିଚ୍ଛନ୍ନ। ସେମାନେ ଆସିବା ପରଠାରୁ ପରିସ୍ଥିତି ପୂରା ବଦଳିଗଲା। ଦିନେ ଦିନେ ଭାବେ ମୁଁ ନିଜେ ଯାଇ ସେସବୁ ସଫା କରିଦେବି, କିନ୍ତୁ ସୁଯୋଗ ମିଳେନାହିଁ। ସେମାନଙ୍କ ଚାଲିଚଳଣ, ହାବଭାବ ଦେଖିଲେ ଆମକୁ ସେମାନଙ୍କ ଘୋଡ଼ାର ପାଦ ତଳେ ଦଳିଚକଟି ହୋଇ ଚାବୁକ ପ୍ରହାରରେ ରକ୍ତାକ୍ତ ହେବାର ଅବସ୍ଥା ସୃଷ୍ଟି ହେବାକୁ ଆଉ ବେଶିଦିନ ବାକି ନାହିଁ ବୋଲି ମନେହୁଏ।

ସୈନ୍ୟମାନଙ୍କ ଭାଷା ଆମ ପାଇଁ ଅବୋଧ– ଆମ ଭାଷା ବି ତାଙ୍କ ପାଇଁ। ସେମାନଙ୍କ କଥାବାର୍ତ୍ତା ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦ ପରି ଶୁଣାଯାଉଥିଲା। କେହି କିଛି ବୁଝିପାରୁ ନ ଥିଲୁ, କିନ୍ତୁ ଜାଣିପାରୁଥିଲୁ ଯେ ସେମାନେ ଭାରି ଚତୁର, ଆମକୁ ବେଖାତିର କରି ଯା'ଚ୍ଛାତା କରୁଛନ୍ତି। ଆମେ 'ଠାର' ଭାଷାରେ କହିଲେ ମଧ୍ୟ ନ ବୁଝିବା ଅଭିନୟ। କେବଳ ସେତିକି ନୁହେଁ, ସେମାନେ ଆମକୁ ଦେଖିଲେ ମୁହଁ ବିକୃତ କରି, ଖତେଇ ହେଇ, ଆଖିପତା ଓଲଟାଇ, ଦାନ୍ତ କଡ଼ମଡ଼ କରି, ଦାନ୍ତରେ ଓଠ ଚାପି ତାଙ୍କର ପରାକ୍ରମ ଦେଖାଉଥିଲେ। ଏତେ ବଦ୍‌ମାସ୍! ଯେତେବେଳେ ଯାହା ଦରକାର ଘରେ ପଶି ନେଇଯାଉଥିଲେ...ତା' ପୁଣି ଜୋର ଜବରଦସ୍ତ। ଆମେ ବିଚରା ପ୍ରତିବାଦହୀନ, ନୀରବ। ମୋ' ଅବସ୍ଥା ମଧ୍ୟ ସେୟା। ମୋ' ଘରେ ପଶି ଜବରଦସ୍ତ ଜିନିଷ ନେଇଯିବାବେଳେ ମୁଁ ଚୁପ୍‌ଚାପ ଦେଖୁଥିଲି। ଏକାକୀ କ'ଣ କରିଥାଆନ୍ତି, ମନେମନେ ଭଗବାନ୍‌ଙ୍କୁ ଡାକୁଥିଲି।

ଜଣେ କଂସେଇ ପ୍ରତିଦିନ ସେମାନଙ୍କୁ ଖାଇବା ପାଇଁ ମାଂସ ଯୋଗାଉଥିଲା। କଂସେଇ ସାହିବାଟେ ଗଲେ ପଶୁମାନଙ୍କ ଆର୍ତ୍ତ ଚିତ୍କାର ଶୁଣାଯାଏ। ତେଣୁ ମୁଁ ସେ ରାସ୍ତାରେ ଯିବାକୁ ଭଲ ପାଉ ନ ଥିଲି। କଂସେଇ ମାଂସଭର୍ତ୍ତି ଡେକ୍‌ଚି ଆଣି ରଖିବାମାତ୍ରେ ସୈନିକମାନେ ଟଣାଓଟରା କରି ସବୁ ମାଂସ କ୍ଷଣକ ଭିତରେ ଖାଇଦେଉଥିଲେ। ଛି... ଛି... ଘୋଡ଼ାମାଂସ! କେବେ କିମିତି ମାଂସ ନିଅଣ୍ଟ ହେଲେ ଘୋଡ଼ା ଓ ଘୋଡ଼ା ମାଲିକ ଖଣ୍ଡେ ମାଂସ ଭାଗ କରି ଖାଉଥିଲେ। କଂସେଇକୁ ପଇସା ମିଳୁଥିବାରୁ ସେ ଖୁସି। ସୈନ୍ୟମାନଙ୍କୁ ମାଂସ ଖାଇବାକୁ ମିଳୁଥିବାରୁ ସେମାନଙ୍କ ଆନନ୍ଦ କହିଲେ ନ ସରେ। ମାଂସ ନ ମିଳିଲେ କ'ଣ ହେବ କାହାର ଚିନ୍ତା ନ ଥିଲା।

ଦିନେ କଂସେଇ ଭାବିଲା ଆଉ ପଶୁହତ୍ୟା କରିବିନି। ସକାଳୁ ସକାଳୁ ଜିଅନ୍ତା ବଳଦଟିଏ ନେଇ ସେମାନଙ୍କ ପାଖରେ ଛାଡ଼ିଦେଲା। ଦେଖୁଥିଲି, ବଳଦ ଦେଖିବାମାତ୍ରେ ସୈନ୍ୟମାନେ ଧାଇଁଆସି ତା'କୁ ଜିଅନ୍ତା ଅବସ୍ଥାରେ ଖଣ୍ଡ ଖଣ୍ଡ କାଟି ତା' ମାଂସ ଖାଇବା ଆରମ୍ଭ କରିଦେଲେ। କି କରୁଣ ଚିତ୍କାର ସେ ବଳଦର! ମୁଁ କାନରେ ତୁଳା ଦେଇଦେଲି... କି ନିଷ୍ଠୁର! କି ନିଷ୍ଠୁର! ହେ ଭଗବାନ୍! ହେ ଭଗବାନ୍ କହୁଥିଲି।

ସେଦିନର ସେ ଦୃଶ୍ୟ ଦେଖିବା ପରେ କଂସେଇ ଆଉ କେବେ ସେମିତି କରିବାକୁ ସାହସ କରି ନ ଥିଲା। ମାଂସ ଖିଆସରିବା ପରେ ସେମାନେ ସେ ଜାଗା ଛାଡ଼ି ଚାଲିଗଲେ। କୋଳାହଳ ବି କମିଗଲା। ସେ ସ୍ଥାନରେ ବଳଦର ହାଡ଼ଗୁଡ଼ାକ ମଦ ବୋତଲ ପଡ଼ିବା ପରି ଏଣେତେଣେ ବିଛାଡ଼ି ହୋଇପଡ଼ିଥିଲା। କି କଦର୍ଯ୍ୟ! ପିଶାଚ ପ୍ରକୃତିର ମଣିଷ!

ଏସବୁ ଘଟଣା ଘଟିଥିଲା ସମ୍ରାଟ୍‌ଙ୍କ ଉଆସ ସମ୍ମୁଖରେ। ଉଆସର ଖୋଲା ଝରକାବାଟେ ଦେଖୁଥିଲେ ସମ୍ରାଟ୍। ପ୍ରତିବାଦହୀନ। ନୀରବ ସ୍ୱୀକୃତି?



ମୋ ମନରେ ବିଦ୍ରୋହର ବହ୍ନି। ନିଜକୁ ପ୍ରଶ୍ନ କଲି, ଏପରି ଅତ୍ୟାଚାର କେତେଦିନ ସହିବାକୁ ପଡ଼ିବ? ରାଜ ଉଆସର ବନ୍ଦ ଫାଟକ ପାଖରେ ଥିବା ଜଗୁଆଳି, ସେ ବି ଦେଖି ଅଦେଖା। ମୋ' ଆତ୍ମା ଚିତ୍କାର କରିଉଠିଲା। ବଡ଼ ପାଟିରେ ପାଗଳ ପରି କହିଲି, ହେ ମୋ' ଦେଶର ଜ୍ଞାନୀଗୁଣୀ! ହେ ଯୁବସମାଜ! ଚିନ୍ତାନାୟକ! ବ୍ୟବସାୟୀ! ଦେଖିପାରୁନ? ଅନୁଭବ କରିପାରୁନ କି ପରିସ୍ଥିତିର ଭୟାବହତା! ବିଦେଶୀ ସୈନ୍ୟ କରାଗତ ଆମ ମାଟି ମା', ଆମେ ଅତ୍ୟାଚାରିତ।

କିଏ ଉତ୍ତର ଦେବା ପରି ଅନୁଭବ କରିଥିଲି... ପୁରାତନ କହୁଥିଲା, ''ଦେଶପ୍ରୀତି ଏ ଦେଶ ମଣିଷମାନଙ୍କର ମାନସିକତାରେ ନାହିଁ, କାରଣ ଯେଉଁ ସମୟରେ ଯେପରି ଶିକ୍ଷା ଦିଆଯିବା କଥା, ଯେପରି ସଚେତନ କରାଯିବା ଦରକାର ସେପରି କରାଯାଇ ନାହିଁ। ତେଣୁ ବିପର୍ଯ୍ୟୟର ଘନଘଟା କେହି ଅନୁଭବ କରିପାରୁ ନାହାନ୍ତି।


ମୋ: ୯୪୩୮୬୦୪୮୬୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୯/୨୦୨୩ Bhubaneswar, Saturday, August 19/ 2023

# ଭାରତ ୨ ରନରେ ବିଜୟୀ

ଡବଲିନ, ୧୮।୮

ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଏଠାରେ ଟି୨୦ କ୍ରିକେଟ ସିରିଜ ଆରମ୍ଭ ହୋଇଛି। ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ପ୍ରଥମ ମ୍ୟାଚରେ ଭାରତ ଡକ୍‌ୱର୍ଥ ଲୁଇସ ନିୟମରେ ୨ ରନରେ ବିଜୟୀ ହୋଇଛି। ଭାରତୀୟ ବୋଲରମାନେ ପ୍ରଭାବୀ ବୋଲିଂ କରି ଆୟର୍ଲାଣ୍ଡ ଇନିଂସକୁ ୧୩୯/୭ରେ ସୀମିତ ରଖିଥିଲେ। ଜବାବରେ ଭାରତ ୬.୫ ଓଭରରେ ୨ ଉଇକେଟ

## ପ୍ରଥମ ଟି୨୦ରେ ବର୍ଷା

ହରାଇ ୪୭ ରନ କରିଥିବାବେଳେ ବର୍ଷା ଯୋଗୁ ମ୍ୟାଚ ବନ୍ଦ ରହିଥିଲା। ଫଳରେ ଡକ୍‌ୱର୍ଥ ଲୁଇସ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଭାରତ ଏକଦା କୌଣସି ଉଇକେଟ ନ ହରାଇ ୪୬ ରନ କରିଥିଲା। ମାତ୍ର ସମାନ ସ୍କୋରରେ ୨ଟି ଉଇକେଟ ହରାଇଥିଲା। ବାମହାତୀ ଦ୍ରୁତ ବୋଲର କ୍ରେଗ୍ ୟଙ୍ଗ୍ ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଯଶସ୍ୱୀ ଜୟସ୍ୱାଲ ଏବଂ ତୃତୀୟ ବଲ୍‌ରେ ତିଳକ ବର୍ମାଙ୍କ ଉଇକେଟ ନେଇଥିଲେ। ଜୟସ୍ୱାଲ ୨୪ ଓ ତିଳକ କୌଣସି ରନ ନ କରି ଆଉଟ ହୋଇଥିଲେ। ଋତୁରାଜ ଗାଏକ୍ୱାଡ୍ ୧୯ ଓ ସଞ୍ଜୁ ସାମସନ ୧ ରନରେ ଅପରାଜିତ ରହିଥିଲେ। ଏହି ମ୍ୟାଚରେ ଭାରତର ରିଙ୍କୁ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ଟି୨୦ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି। ସିରିଜରେ ଭାରତ ପକ୍ଷରୁ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଯଶପ୍ରୀତ୍ ବୁମ୍‌ରା ଉଭୟ ଖେଳାଳିଙ୍କୁ ଟି୨୦ କ୍ୟାପ୍ ପ୍ରଦାନ କରିଥିଲେ।


ରିଙ୍କୁ ସିଂଙ୍କୁ ଟି୨୦ ଅନ୍ତର୍ଜାତୀୟ କ୍ୟାପ୍ ପ୍ରଦାନ କରୁଛନ୍ତି ଅଧିନାୟକ ଯଶପ୍ରୀତ୍ ବୁମ୍‌ରା।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ଏହା ଉଚିତ ମଧ୍ୟ ସାବ୍ୟସ୍ତ ହୋଇଥିଲା। ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ମାତ୍ର ୩୧ ରନ ମଧ୍ୟରେ ଆୟର୍ଲାଣ୍ଡର ୫ ଉଇକେଟ ପତନ ଘଟାଇଥିଲେ। ଆହତ ସମସ୍ୟାରୁ ମୁକୁଳିଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ପେଲ୍ ମଧ୍ୟ ବହୁତ ଭଲ ରହିଥିଲା। ମଧ୍ୟଭାଗରେ କୁର୍ଟିସ କାମ୍ଫର ୩୯ ରନ କରିବା ସହ ୮ ନମ୍ବର ବ୍ୟାଟର ବାରି ମ୍ୟାକକାର୍ଥୀ ୫୧ ରନରେ ଅପରାଜିତ ରହିବାରୁ ଆୟର୍ଲାଣ୍ଡ ସମ୍ମାନଜନକ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା। ଉଭୟ ୭ମ ଉଇକେଟରେ ମୂଲ୍ୟବାନ ୫୭ ରନର ଭାଗୀଦାରି ଗଢ଼ିଥିଲେ। ମାତ୍ର ୩୩ଟି ବଲ୍ ଖେଳିଥିବା ମ୍ୟାକକାର୍ଥୀ ନିଜ ଇନିଂସ ମଧ୍ୟରେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅଧିନାୟକ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା ଓ ରବି ବିଷ୍ଣୋଇ ୨ଟି ଲେଖାଏ ଏବଂ ଅର୍ଶଦୀପ ସିଂ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୨୦ ଓଭରରେ ୧୩୯/୭ (ବାରି ମ୍ୟାକକାର୍ଥୀ-୫୧*, କୁର୍ଟିସ କାମ୍ଫର-୩୯, ଯଶପ୍ରୀତ୍ ବୁମ୍‌ରା-୨/୨୪, ପ୍ରସିଦ୍ଧ କ୍ରିଷ୍ଣା-୨/୩୨, ରବି ବିଷ୍ଣୋଇ-୨/୨୩, ଅର୍ଶଦୀପ ସିଂ-୧/୩୫)। ଭାରତ ୬.୫ ଓଭରରେ ୪୭/୨ (ଡକ୍‌ୱର୍ଥ ଲୁଇସ ନିୟମରେ ୨ ରନରେ ବିଜୟୀ)।

## ମିକ୍ସଡ ଟିମ୍ ଏୟାର ପିସ୍ତଲରେ ଭାରତକୁ ସ୍ୱର୍ଣ୍ଣ

ବାକୁ (ଆଜରବୈଜାନ), ୧୮।୮ (ପି.ଟି.): ଭାରତୀୟ ଶୁଟର ଇଶା ସିଂ ଓ ଶିବା ନରୱାଲ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନେ ତୁର୍କୀର ଇଲେଦା ତାରହାନ୍ ଏବଂ ୟୁସୁଫ୍ ଡିକେକ୍‌ଙ୍କୁ ୧୬-୧୦ରେ ହରାଇ ଦେଇଛନ୍ତି। ଫଳରେ ଚାମ୍ପିୟନଶିପ୍‌ରେ ଭାରତର ପଦକ ସଂଖ୍ୟା ଦୁଇରେ ପହଞ୍ଚିଛି। ଭାରତ ବର୍ତ୍ତମାନ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନା ୫ ସ୍ୱର୍ଣ୍ଣ ଓ ଦୁଇ ବ୍ରୋଞ୍ଜ ସହ ପ୍ରଥମ ସ୍ଥାନରେ ରହିଛି। କ୍ୱାଲିଫିକେଶନ ରାଉଣ୍ଡରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା। ଇଶା ୨୯୦ ଏବଂ ନରୱାଲ ୨୯୩ ସ୍କୋର କରିଥିଲେ। ସେମାନେ ଏଗ୍ରିଗେଟ୍ ସ୍କୋର ୫୮୩ ସହାୟତାରେ କ୍ୱାଲିଫିକେଶନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତୁର୍କୀ ଏଗ୍ରିଗେଟ୍ ସ୍କୋର ୫୮୧ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚାଇନା ଓ ଇରାନ ଉଭୟଙ୍କ ଏଗ୍ରିଗେଟ୍ ସ୍କୋର ୫୮୦ ରହିଥିଲା। ତେବେ ଉନ୍ନତ 'ଇନର ୧୦ଏସ୍' ପାଇଁ ଚାଇନା କ୍ୱାଲିଫିକେଶନ ରାଉଣ୍ଡରେ ତୃତୀୟ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ଭାରତର ରାଇଫଲ ଶୁଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ୧୦ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସେମାନେ କ୍ୱାଲିଫିକେଶନ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲେ।

# ବାସନ୍ଦ ଦଣ୍ଡକୁ ଚ୍ୟାଲେଞ୍ଜ କରିବେ ଦୂତୀ

ନୂଆଦିଲ୍ଲୀ, ୧୮।୮ (ପି.ଟି.)


ଦୂତୀ ଚାନ୍ଦ

ଭାରତର ଅନ୍ୟତମ ସେଲିବ୍ରିଟି ଆଥ୍‌ଲେଟ ଦୂତୀ ଚାନ୍ଦ ଅଡୁଆରେ ପଡ଼ିଛନ୍ତି। ପ୍ରତିଯୋଗିତା ବାହାରେ ଦୁଇଥର ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା ୪ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। କିନ୍ତୁ ଏହାକୁ ଅପିଲ ପ୍ୟାନେଲରେ ସେ ଚ୍ୟାଲେଞ୍ଜ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଡିସେମ୍ବର ୫ ଓ ୨୬ରେ ୧୦୦ମିଟର ଦୌଡ଼ରେ ଏହି ୨୭ବର୍ଷୀୟା ଜାତୀୟ ରେକର୍ଡଧାରୀଙ୍କଠାରୁ ଦୁଇଥର ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ନିଷିଦ୍ଧ ପଦାର୍ଥ/ଏସ୍‌ଆର୍‌ଏମ୍‌ଏସ୍‌ର ମାତ୍ରା ଠାବ କରାଯାଇଥିଲା, ଯାହାକି ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା)ର ନିଷିଦ୍ଧ ତାଲିକାରେ ରହିଛି। ଏସ୍‌ଆରଏମ୍‌ଏସ୍ ଅବା ସିଲେକ୍ଟିଭ ଆଣ୍ଡ୍ରୋଜେନ୍ ରିସେପ୍ଟର ମଡ୍ୟୁଲେଟର ହେଉଛି ଅଣ ଷ୍ଟେରୋଡାଲ ପଦାର୍ଥ। ଏହା ସାଧାରଣତଃ ଅଷ୍ଟିଓ ପୋରୋସିସ୍, ରକ୍ତହୀନତା ରୋଗୀ ଏବଂ କ୍ଷତ ଆରୋଗ୍ୟ ପାଇଁ ବ୍ୟବହୃତ ହୋଇଥାଏ। ଦୂତୀଙ୍କ ବାସନ୍ଦ ଦଣ୍ଡ ଚଳିତବର୍ଷ ପିଛିଲା ଜାନୁୟାରୀ ୩ରୁ ଲାଗୁ ହେବ। ଗତ ଡିସେମ୍ବର ୫ ଯେଉଁ ଦିନ ତାଙ୍କଠାରୁ ପ୍ରଥମ ସାମ୍ପଲ ସଂଗ୍ରହ କରାଯାଇଥିଲା, ସେହି ଦିନଠାରୁ ଦୂତୀ ଭାଗ ନେଇଥିବା ସମସ୍ତ ପ୍ରତିଯୋଗିତାରେ ତାଙ୍କ ଫଳାଫଳକୁ ରଦ୍ଦ କରିଦିଆଯିବ। ଦୂତୀଙ୍କ ଆଇନ ପରାମର୍ଶଦାତା ପାର୍ଥ ଗୋସ୍ୱାମୀ କହିଛନ୍ତି, ଏହି ସ୍ପ୍ରିଣ୍ଟର ତାଙ୍କ ପ୍ରଫେସନାଲ କ୍ୟାରିୟରରେ ଜଣେ ସ୍ୱଚ୍ଛ ଆଥ୍‌ଲେଟ ରହି ଆସିଛନ୍ତି। ସେ କୌଣସି ଉଦ୍ଦେଶ୍ୟ ରଖି ନିଷିଦ୍ଧ ଔଷଧ ସେବନ କରିନାହାନ୍ତି। ଦୂତୀ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ୧୦୦ ମିଟର ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ୨୦୨୧ରେ ସେ ୧୧.୧୭ ସେକେଣ୍ଡ ଟାଇମିଂରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗୋସ୍ୱାମୀ କହିଛନ୍ତି, ଦୂତୀଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ଯେଉଁ ନିଷିଦ୍ଧ ଉପାଦାନ ଠାବ କରାଯାଇଛି, କ୍ରୀଡ଼ାରେ ଫାଇଦା ଉଠାଇବା କ୍ଷେତ୍ରରେ ତାହାକୁ ବ୍ୟବହାର କରାଯାଇ ନ ଥାଏ। ପୁନଶ୍ଚ ଦୂତୀ ଉଦ୍ଦେଶ୍ୟମୂଳକ ଭାବେ ନିଷିଦ୍ଧ ଉପାଦାନ ସେବନ କରି ନ ଥିବା ତାହା ପ୍ରମାଣ କରିବା ଲାଗି ଆମ ନିକଟରେ ଯଥେଷ୍ଟ ପ୍ରମାଣ ରହିଛି। ଅପିଲ ପ୍ୟାନେଲକୁ ବୁଝାଇବାରେ ସଫଳ ହେବୁ ବୋଲି ଆମର ଦୃଢ଼ ଆଶା ରହିଛି। ଗୋସ୍ୱାମୀ ପୁନଶ୍ଚ କହିଛନ୍ତି, ଦୂତୀ ହେଉଛନ୍ତି ଭାରତର ଏକ ଗୌରବ ଏବଂ ଜଣେ ସ୍ୱଚ୍ଛ ଆଥ୍‌ଲେଟ। ଦଶନ୍ଧି ଧରି ତାଙ୍କର ଏକ ଉଜ୍ଜ୍ୱଳ କ୍ୟାରିୟର ରହିଛି। ଜାତୀୟ ହେଉ ଅବା ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଶହ ଶହ ସଂଖ୍ୟାରେ ଡୋପ୍ ଟେଷ୍ଟ ହୋଇଛି। ତାଙ୍କ ଲମ୍ବା କ୍ୟାରିୟରରେ ସେ ସବୁବେଳେ ଡୋପ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ଆସିଛନ୍ତି। ଦୂତୀ ଏବଂ ତାଙ୍କ ଆଇନ ପରାମର୍ଶଦାତା ପୂର୍ବରୁ ନାଡା'ର ଆଣ୍ଟି ଡୋପିଙ୍ଗ ଡିସିପ୍ଲିନାରି ପ୍ୟାନେଲ (ଏଡିଡିପି)କୁ କହିଥିଲେ, ଏହା ଏକ 'ଅଜାଣତ ବ୍ୟବହାର' ମାମଲା। ଦୂତୀ ସ୍ୱତନ୍ତ୍ର ଅନୁମତି ଆଣି ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଟ୍ରେନିଂ ନେଉଥିଲେ। ସେତେବେଳେ ଜଣେ ଫିଜିଓଥେରାପିଷ୍ଟ ତାଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ଏହି ଆଥଲେଟଙ୍କ ଶରୀରରେ ଅଧିକ ପୁରୁଷ ହରମୋନ ଥିବାରୁ ସେ ଉରୁସନ୍ଧିରେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ସେଥିପାଇଁ ଚିକିତ୍ସାର ଆବଶ୍ୟକ ପଡ଼ିଥିଲା। ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଦୂତୀଙ୍କୁ ଔଷଧ ସେବନ କରିବାକୁ ପଡ଼ିଥିଲା।

## କ୍ୟାନ୍‌ସର ଯୋଗୁ ଔଷଧ ସେବନ କରିଥିଲି

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ଡୋପିଂ ପାଇଁ ୪ ବର୍ଷ ବାସନ୍ଦ ହୋଇଥିବା ଦୂତୀ ୨୦୨୧ରେ ଲେଭଲ-୧ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇଥିଲେ। କିମ୍ସର ସ୍ପୋର୍ଟ୍ସ ମେଡିସିନ ଏକ୍ସପର୍ଟ ସୁଦୀପ ଶତପଥୀ ଏହାର ଡାଇଗ୍ନୋସିସ କରିଥିଲେ। ଫଳରେ ଦୂତୀଙ୍କ ପାଇଁ ଖେଳ ଛାଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉରୁସନ୍ଧିରେ ଯନ୍ତ୍ରଣା ପାଇଁ ହିଁ ଏହି ସମସ୍ୟା ଆରମ୍ଭ ହୋଇଥିଲା। ସେ ବହୁତ ନର୍ଭସ ହୋଇ ପଡ଼ିଥିଲେ ଏବଂ ଫିଜିଓଙ୍କ ପରାମର୍ଶକ୍ରମେ ଔଷଧ ନେବାକୁ ପଡ଼ିଥିଲା ବୋଲି ଦୂତୀ ପ୍ରକାଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ଉରୁସନ୍ଧି ସ୍ଥାନରେ ସେ ବହୁତ ଯନ୍ତ୍ରଣା ଅନୁଭବ କରିଥିଲେ। କେତେକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ ମଧ୍ୟ ପ୍ରକୃତ କାରଣ ଜଣାପଡ଼ି ନ ଥିଲା, ଯନ୍ତ୍ରଣା କମି ନ ଥିଲା। ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିଲେ ହେଁ ଆଶାନୁରୂପ ପ୍ରଦର୍ଶନ ଦେଇପାରି ନ ଥିଲେ। ଅଲିମ୍ପିକ୍ସରୁ ଫେରିବା ପରେ ଯନ୍ତ୍ରଣା ବଢ଼ିବାରେ ଲାଗିବାରୁ ସେ ଅଲଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ କରିଥିଲେ। ତା' ପରେ ଡକ୍ଟର ସୁଦୀପ ତାଙ୍କୁ ଲେଭଲ-୧ କ୍ୟାନ୍‌ସର ଆଟାକ୍ ସମ୍ପର୍କରେ ଅବଗତ କରାଇଥିଲେ। ଖେଳ ନ ଛାଡ଼ିଲେ ଏହି ସମସ୍ୟା ବଢ଼ିବ ବୋଲି ସେ ପରାମର୍ଶ ଦେଇଥିଲେ। ଫିଜିଓଙ୍କ ପରାମର୍ଶରେ ଔଷଧ ସେବନ କରିବା ପରେ ଯନ୍ତ୍ରଣା କମିଥିଲା। ଫଳରେ ସେ ଆଉ କୌଣସି ମେଡିକାଲ ଟେଷ୍ଟ କରିନାହାନ୍ତି। ଉରୁସନ୍ଧିରେ ଯନ୍ତ୍ରଣା ଯୋଗୁ ୧୫-୨୦ ଦିନ ଔଷଧ ସେବନ କରିଥିଲେ। ଯନ୍ତ୍ରଣା କମିବା ପରେ ଔଷଧ ବନ୍ଦ କରି ଦେଇଥିଲେ। ମାତ୍ର ସେତେବେଳେ ଦିଆଯାଇଥିବା ସାମ୍ପୁଲ ପଜିଟିଭ୍ ଆସିଛି। ଦଣ୍ଡ କୋହଳ ପାଇଁ ସେ ଲଢ଼େଇ ଜାରି ରଖିବେ ବୋଲି ଦୂତୀ ପ୍ରକାଶ କରିଛନ୍ତି।

# ଡବଲ୍‌ସରେ ଓଡ଼ିଶାର ଆହାନଙ୍କୁ ଟାଇଟଲ

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ଏଆଇଟିଏ ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟର ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ତାଙ୍କର ପାର୍ଟନର ଥିଲେ ପଶ୍ଚିମବଙ୍ଗର ସଙ୍କଳ୍ପ କୁମାର ସାହାଣୀ। ଆହାନ-ସଙ୍କଳ୍ପ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ମହାରାଷ୍ଟ୍ରର ଦେବରାଜ ମଣ୍ଡାଡେ ଓ ସକ୍ଷମ ବଂଶାଲିଙ୍କୁ ୬-୪, ୩-୬, ୧୨-୧୦ରେ ପରାସ୍ତ କରିଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ କିନ୍ତୁ ଆହାନଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷହୋଇ ଯାଇଥିଲା। ଟୁର୍ନାମେଣ୍ଟରୁ ତାଙ୍କୁ ୨୦ ଏଆଇଟିଏ ର୍‌ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି।


ପୁରସ୍କାର ସହ ସଂକଳ୍ପ କୁମାର ସାହାଣୀ ଓ ଆହାନ ମିଶ୍ର।

# ଅନ୍ତର୍ଜାତୀୟ କ୍ରିକେଟରେ କୋହଲିଙ୍କ ୧୫ ବର୍ଷ

ନୂଆଦିଲ୍ଲୀ, ୧୮।୮

ଭାରତୀୟ କ୍ରିକେଟର ତାରକା ବ୍ୟାଟର ବିରାଟ କୋହଲି ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରେ ୧୫ ବର୍ଷ ପୂରଣ କରିଛନ୍ତି। ୨୦୦୮ ଅଗଷ୍ଟ ୧୮ରେ କୋହଲି ୧୯ ବର୍ଷ ୨୮୭ ଦିନର ହୋଇଥିବାବେଳେ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ କରିଥିଲେ। ଡାମ୍ବୁଲାଠାରେ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ମ୍ୟାଚ ଖେଳି ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ମାଲେସିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ଭାରତ କୋହଲିଙ୍କ ନେତୃତ୍ୱରେ ଚାମ୍ପିୟନ ହୋଇଥିଲା। ଏହାର ଅଳ୍ପକିଛି ମାସପରେ ପୁରସ୍କାର ସ୍ୱରୂପ କୋହଲିଙ୍କୁ ସିନିୟର ଦଳରେ ସୁଯୋଗ ମିଳିଥିଲା। ୧୫ ବର୍ଷ ପୂରଣ କରିଥିବାରୁ କୋହଲିଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଜୟ ଶାହା ଅଭିନନ୍ଦନ ଜଣାଇଛନ୍ତି।

# କିଶୋରଙ୍କୁ ହଙ୍ଗେରୀ ଭିଜା ମିଳିଲା

ନୂଆଦିଲ୍ଲୀ, ୧୮।୮ (ପି.ଟି.)

ଭାରତୀୟ ଜାଭେଲିନ ତାରକା ଓଡ଼ିଶାର କିଶୋର କୁମାର ଜେନାଙ୍କୁ ହଙ୍ଗେରୀ ଯାତ୍ରା ପାଇଁ ଭିଜା ମିଳିଛି। ଫଳରେ ସେ ଶନିବାରଠାରୁ ୨୭ ତାରିଖ ପର୍ଯ୍ୟନ୍ତ ବୁଦାପେଷ୍ଟରେ ହେବାକୁଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରିବେ। ଶୁକ୍ରବାର ସକାଳେ ତାଙ୍କ ସହ ସାକ୍ଷାତ୍ ପରେ ଭିଜା କ୍ଲିୟର କରି ଦିଆଯାଇଥିବା ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ପରେ କିଶୋର ତାଙ୍କର ଭ୍ରମଣଜନିତ ଦସ୍ତାବିଜ୍ ପାଇଥିଲେ। ବୁଧବାର ଭାରତରେ ଅବସ୍ଥାପିତ ହଙ୍ଗେରିଆନ ଦୂତାବାସ ପକ୍ଷରୁ କିଶୋରଙ୍କ ଭିଜା ବାତିଲ କରି ଦିଆଯାଇଥିଲା। କିଶୋରଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଥିଲେ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ୍ ତାରକା ନୀରଜ ଚୋପ୍ରା। ସେ ଏ କ୍ଷେତ୍ରରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ। ଜୟଶଙ୍କରଙ୍କ ହସ୍ତକ୍ଷେପ ପରେ ଏହି ସମସ୍ୟାର ସମାଧାନ ହୋଇଥିଲା।

## ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ

ଗତ ଜୁଲାଇ ୩୦ରେ ଅନୁଷ୍ଠିତ ଶ୍ରୀଲଙ୍କାନ୍ ଜାତୀୟ ଚାମ୍ପିୟନଶିପ୍‌ରେ ୨୭ ବର୍ଷୀୟ କିଶୋର କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ୮୪.୩୮ ମିଟର ଦୂରକୁ ଜାଭେଲିନ ଥ୍ରୋ କରିଥିଲେ। ଫଳରେ ବିଶ୍ୱ ର୍‌ୟାଙ୍କିଙ୍ଗ ଅନୁସାରେ ତାଙ୍କୁ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ କୋଟା ମିଳି ଯାଇଥିଲା। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟର ଶେଷ ତାରିଖ ଥିଲା ଜୁଲାଇ ୩୦। ସେହିଦିନ କିଶୋର ଶ୍ରୀଲଙ୍କାନ୍ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ) ପକ୍ଷରୁ ଅପ୍‌ଡେଟ୍ କରାଯାଇଥିବା 'ରୋଡ୍ ଟୁ ବୁଦାପେଷ୍ଟ' ତାଲିକାରେ କିଶୋର ୩୬ତମ ସ୍ଥାନରେ ରହିଥିଲେ। ଫଳରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୪ ଭାରତୀୟଙ୍କ ମଧ୍ୟରେ ସେ ସ୍ଥାନ ପାଇଥିଲେ। ନୀରଜ ଓ କିଶୋରଙ୍କ ବ୍ୟତୀତ ଯୋଗ୍ୟତା ପାଇଥିବା ଅନ୍ୟ ଦୁଇ ଭାରତୀୟ ହେଲେ ଡି.ପି. ମନୁ ଓ ରୋହିତ ଯାଦବ। ମାତ୍ର ପରେ କହୁଣିରେ ଅସ୍ତ୍ରୋପଚାର କାରଣରୁ ରୋହିତ ଓହରି ଯାଇଥିଲେ। ଗତ ଜୁନ୍‌ରେ ଅନୁଷ୍ଠିତ ଜାତୀୟ ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଶୋର ରୌପ୍ୟ ପଦକ ପାଇଥିଲେ।


କିଶୋର କୁମାର ଜେନା

HONDA
Azadi Mahotsav
Embrace the Freedom with Pride
Get exciting benefits on your favourite Honda cars



Up to ₹1 00 000* Benefit on Honda City e:HEV | Up to ₹73 000* Benefit on Honda City | Up to ₹21 000* Benefit on Honda Amaze | Easy Ownership Finance Schemes | Best Exchange Value of your existing car
For more information contact your nearest Honda Car dealership today.
Exclusive benefits for Teachers, Farmers, Doctors, Lawyers, Architects, Finance Professionals, Pensioners, Government Employees and Select Corporates. Select models available through GeM & CSD. T&C apply.
SEAT BELTS FOR ALL SAFETY FOR ALL
Honda Auto Terrace
Honda ProCARE CUSTOMER SERVICE
10 YEAR ANYTIME WARRANTY#
Scan now to Book or Buy Honda From Home
For Corporate Sales enquiries, write to corporatesales@hondacarindia.com. To exchange any existing car with a Honda car, write to autoterrace@hondacarindia.com. Images used are computer generated/enhanced for creative representation purpose and may vary from the actual product. Honda Cars India Pvt. Ltd. Reserves the right to modify or discontinue any product, trim, colour, feature or scheme/ benefits. #Warranty of unlimited kilometres in a 3-year period from the date of sale of new vehicle comes as part of standard purchase. Honda Cars India Limited urges drivers to follow traffic rules which are meant to keep them safe on roads. For more details, visit www.hondacarindia.com or your nearest Honda dealership. *Terms and conditions apply. Benefits available for limited period only in select cities. Stock without benefits is also available.
Highway Honda
Showroom: NH-5, Plot No. 209, Mirzapur Pani Koili, Distt., Jajpur, PH: 8657588901
Highway Honda
Showroom: Cantonment Road Cuttack, PH: 8657589226

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୯/୨୦୨୩ Bhubaneswar, Saturday, August 19/ 2023

# ଭାରତ ୨ ରନରେ ବିଜୟୀ

ଡବଲିନ, ୧୮।୮

ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଏଠାରେ ଟି୨୦ କ୍ରିକେଟ ସିରିଜ ଆରମ୍ଭ ହୋଇଛି। ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ପ୍ରଥମ ମ୍ୟାଚରେ ଭାରତ ଡକ୍‌ୱର୍ଥ ଲୁଇସ ନିୟମରେ ୨ ରନରେ ବିଜୟୀ ହୋଇଛି। ଭାରତୀୟ ବୋଲରମାନେ ପ୍ରଭାବୀ ବୋଲିଂ କରି ଆୟର୍ଲାଣ୍ଡ ଇନିଂସକୁ ୧୩୯/୭ରେ ସୀମିତ ରଖିଥିଲେ। ଜବାବରେ ଭାରତ ୬.୫ ଓଭରରେ ୨ ଉଇକେଟ

## ପ୍ରଥମ ଟି୨୦ରେ ବର୍ଷା

ହରାଇ ୪୭ ରନ କରିଥିବାବେଳେ ବର୍ଷା ଯୋଗୁ ମ୍ୟାଚ ବନ୍ଦ ରହିଥିଲା। ଫଳରେ ଡକ୍‌ୱର୍ଥ ଲୁଇସ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଭାରତ ଏକଦା କୌଣସି ଉଇକେଟ ନ ହରାଇ ୪୬ ରନ କରିଥିଲା। ମାତ୍ର ସମାନ ସ୍କୋରରେ ୨ଟି ଉଇକେଟ ହରାଇଥିଲା। ବାମହାତୀ ଦ୍ରୁତ ବୋଲର କ୍ରେଗ୍ ୟଙ୍ଗ୍ ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଯଶସ୍ୱୀ ଜୟସ୍ୱାଲ ଏବଂ ତୃତୀୟ ବଲ୍‌ରେ ତିଳକ ବର୍ମାଙ୍କ ଉଇକେଟ ନେଇଥିଲେ। ଜୟସ୍ୱାଲ ୨୪ ଓ ତିଳକ କୌଣସି ରନ ନ କରି ଆଉଟ ହୋଇଥିଲେ। ଋତୁରାଜ ଗାଏକ୍ୱାଡ୍ ୧୯ ଓ ସଞ୍ଜୁ ସାମସନ ୧ ରନରେ ଅପରାଜିତ ରହିଥିଲେ। ଏହି ମ୍ୟାଚରେ ଭାରତର ରିଙ୍କୁ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ଟି୨୦


ରିଙ୍କୁ ସିଂଙ୍କୁ ଟି୨୦ ଅନ୍ତର୍ଜାତୀୟ କ୍ୟାପ୍ ପ୍ରଦାନ କରୁଛନ୍ତି ଅଧିନାୟକ ଯଶପ୍ରୀତ୍ ବୁମ୍‌ରା।

ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି। ସିରିଜରେ ଭାରତ ପକ୍ଷରୁ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଯଶପ୍ରୀତ୍ ବୁମ୍‌ରା ଉଭୟ ଖେଳାଳିଙ୍କୁ ଟି୨୦ କ୍ୟାପ୍ ପ୍ରଦାନ କରିଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ଏହା ଉଚିତ ମଧ୍ୟ ସାବ୍ୟସ୍ତ ହୋଇଥିଲା। ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ମାତ୍ର ୩୧ ରନ ମଧ୍ୟରେ ଆୟର୍ଲାଣ୍ଡର ୫ ଉଇକେଟ ପତନ ଘଟାଇଥିଲେ। ଆହତ ସମସ୍ୟାରୁ ମୁକୁଳିଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ପେଲ୍ ମଧ୍ୟ ବହୁତ ଭଲ ରହିଥିଲା। ମଧ୍ୟଭାଗରେ କୁର୍ଟିସ କାମ୍ଫର ୩୯ ରନ କରିବା ସହ ୮ ନମ୍ବର ବ୍ୟାଟର ବାରି ମ୍ୟାକକାର୍ଥୀ ୫୧ ରନରେ ଅପରାଜିତ ରହିବାରୁ ଆୟର୍ଲାଣ୍ଡ ସମ୍ମାନଜନକ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା। ଉଭୟ ୭ମ ଉଇକେଟରେ ମୂଲ୍ୟବାନ ୫୭ ରନର ଭାଗୀଦାରି ଗଢ଼ିଥିଲେ। ମାତ୍ର ୩୩ଟି ବଲ୍ ଖେଳିଥିବା ମ୍ୟାକକାର୍ଥୀ ନିଜ ଇନିଂସ ମଧ୍ୟରେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅଧିନାୟକ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା ଓ ରବି ବିଷ୍ଣୋଇ ୨ଟି ଲେଖାଏ ଏବଂ ଅର୍ଶଦୀପ ସିଂ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୨୦ ଓଭରରେ ୧୩୯/୭ (ବାରି ମ୍ୟାକକାର୍ଥୀ–୫୧*, କୁର୍ଟିସ କାମ୍ଫର–୩୯, ଯଶପ୍ରୀତ୍ ବୁମ୍‌ରା–୨/୨୪, ପ୍ରସିଦ୍ଧ କ୍ରିଷ୍ଣା–୨/୩୨, ରବି ବିଷ୍ଣୋଇ–୨/୨୩, ଅର୍ଶଦୀପ ସିଂ–୧/୩୫)। ଭାରତ ୬.୫ ଓଭରରେ ୪୭/୨ (ଡକ୍‌ୱର୍ଥ ଲୁଇସ ନିୟମରେ ୨ ରନରେ ବିଜୟୀ)।

## ମିକ୍ସଡ ଟିମ୍ ଏୟାର ପିସ୍ତଲରେ ଭାରତକୁ ସ୍ୱର୍ଣ୍ଣ

ବାକୁ (ଆଜରବୈଜାନ), ୧୮।୮ (ପି.ଟି.): ଭାରତୀୟ ଶୁଟର ଇଶା ସିଂ ଓ ଶିବା ନରୱାଲ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନେ ତୁର୍କୀର ଇଲେଦା ତାରହାନ୍ ଏବଂ ୟୁସୁଫ୍ ଡିକେକ୍‌ଙ୍କୁ ୧୬–୧୦ରେ ହରାଇ ଦେଇଛନ୍ତି। ଫଳରେ ଚାମ୍ପିୟନଶିପ୍‌ରେ ଭାରତର ପଦକ ସଂଖ୍ୟା ଦୁଇରେ ପହଞ୍ଚିଛି। ଭାରତ ବର୍ତ୍ତମାନ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନା ୫ ସ୍ୱର୍ଣ୍ଣ ଓ ଦୁଇ ବ୍ରୋଞ୍ଜ ସହ ପ୍ରଥମ ସ୍ଥାନରେ ରହିଛି। କ୍ୱାଲିଫିକେଶନ ରାଉଣ୍ଡରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା। ଇଶା ୨୯୦ ଏବଂ ନରୱାଲ ୨୯୩ ସ୍କୋର କରିଥିଲେ। ସେମାନେ ଏଗ୍ରିଗେଟ୍ ସ୍କୋର ୫୮୩ ସହାୟତାରେ କ୍ୱାଲିଫିକେଶନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତୁର୍କୀ ଏଗ୍ରିଗେଟ୍ ସ୍କୋର ୫୮୧ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚାଇନା ଓ ଇରାନ ଉଭୟଙ୍କ ଏଗ୍ରିଗେଟ୍ ସ୍କୋର ୫୮୦ ରହିଥିଲା। ତେବେ ଉନ୍ନତ 'ଇନର ୧୦ଏସ୍' ପାଇଁ ଚାଇନା କ୍ୱାଲିଫିକେଶନ ରାଉଣ୍ଡରେ ତୃତୀୟ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ଭାରତର ରାଇଫଲ ଶୁଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ୧୦ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସେମାନେ କ୍ୱାଲିଫିକେଶନ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲେ।

# ବାସନ୍ଦ ଦଣ୍ଡକୁ ଚ୍ୟାଲେଞ୍ଜ କରିବେ ଦ୍ୟୁତି

ନୂଆଦିଲ୍ଲୀ, ୧୮।୮ (ପି.ଟି.)

ଭାରତର ଅନ୍ୟତମ ସେଲିବ୍ରିଟି ଆଥ୍‌ଲେଟ ଦ୍ୟୁତି ଚାନ୍ଦ ଅଡୁଆରେ ପଡ଼ିଛନ୍ତି। ପ୍ରତିଯୋଗିତା ବାହାରେ ଦୁଇଥର ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା ୪ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। କିନ୍ତୁ ଏହାକୁ ଅପିଲ ପ୍ୟାନେଲରେ ସେ ଚ୍ୟାଲେଞ୍ଜ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଡିସେମ୍ବର ୫ ଓ ୨୬ରେ ୧୦୦ମିଟର ଦୌଡ଼ରେ ଏହି ୨୭ବର୍ଷୀୟା ଜାତୀୟ ରେକର୍ଡଧାରୀଙ୍କଠାରୁ ଦୁଇଥର ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ନିଷିଦ୍ଧ ପଦାର୍ଥ/ଏସ୍‌ଆର୍‌ଏମ୍‌ଏସ୍‌ର ମାତ୍ରା ଠାବ କରାଯାଇଥିଲା, ଯାହାକି ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା)ର ନିଷିଦ୍ଧ ତାଲିକାରେ ରହିଛି। ଏସ୍‌ଆରଏମ୍‌ଏସ୍ ଅବା ସିଲେକ୍ଟିଭ ଆଣ୍ଡ୍ରୋଜେନ୍ ରିସେପ୍ଟର ମଡ୍ୟୁଲେଟର ହେଉଛି ଅଣ ଷ୍ଟେରୋଡାଲ ପଦାର୍ଥ। ଏହା ସାଧାରଣତଃ ଅଷ୍ଟିଓ ପୋରୋସିସ୍, ରକ୍ତହୀନତା ରୋଗୀ ଏବଂ କ୍ଷତ ଆରୋଗ୍ୟ ପାଇଁ ବ୍ୟବହୃତ ହୋଇଥାଏ। ଦ୍ୟୁତିଙ୍କ ବାସନ୍ଦ ଦଣ୍ଡ ଚଳିତବର୍ଷ ପିଛିଲା ଜାନୁୟାରୀ ୩ରୁ ଲାଗୁ ହେବ। ଗତ ଡିସେମ୍ବର ୫ ଯେଉଁ ଦିନ ତାଙ୍କଠାରୁ ପ୍ରଥମ ସାମ୍ପଲ ସଂଗ୍ରହ କରାଯାଇଥିଲା, ସେହି ଦିନଠାରୁ ଦ୍ୟୁତି ଭାଗ ନେଇଥିବା ସମସ୍ତ ପ୍ରତିଯୋଗିତାରେ ତାଙ୍କ ଫଳାଫଳକୁ ରଦ୍ଦ କରିଦିଆଯିବ। ଦ୍ୟୁତିଙ୍କ ଆଇନ ପରାମର୍ଶଦାତା ପାର୍ଥ ଗୋସ୍ୱାମୀ କହିଛନ୍ତି, ଏହି ସ୍ପ୍ରିଣ୍ଟର ତାଙ୍କ ପ୍ରଫେସନାଲ କ୍ୟାରିୟରରେ ଜଣେ ସ୍ୱଚ୍ଛ ଆଥ୍‌ଲେଟ ରହି ଆସିଛନ୍ତି। ସେ କୌଣସି ଉଦ୍ଦେଶ୍ୟ ରଖି ନିଷିଦ୍ଧ ଔଷଧ ସେବନ କରିନାହାନ୍ତି। ଦ୍ୟୁତି ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ୧୦୦ ମିଟର ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ୨୦୨୧ରେ ସେ ୧୧.୧୭ ସେକେଣ୍ଡ ଟାଇମିଂରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗୋସ୍ୱାମୀ କହିଛନ୍ତି, ଦ୍ୟୁତିଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ଯେଉଁ ନିଷିଦ୍ଧ ଉପାଦାନ ଠାବ କରାଯାଇଛି, କ୍ରୀଡ଼ାରେ ଫାଇଦା ଉଠାଇବା କ୍ଷେତ୍ରରେ ତାହାକୁ ବ୍ୟବହାର କରାଯାଇ ନ ଥାଏ। ପୁନଶ୍ଚ ଦ୍ୟୁତି ଉଦ୍ଦେଶ୍ୟମୂଳକ ଭାବେ ନିଷିଦ୍ଧ ଉପାଦାନ ସେବନ କରି ନ ଥିବା ତାହା ପ୍ରମାଣ କରିବା ଲାଗି ଆମ ନିକଟରେ ଯଥେଷ୍ଟ ପ୍ରମାଣ ରହିଛି। ଅପିଲ ପ୍ୟାନେଲକୁ ବୁଝାଇବାରେ ସଫଳ ହେବୁ ବୋଲି ଆମର ଦୃଢ଼ ଆଶା ରହିଛି। ଗୋସ୍ୱାମୀ ପୁନଶ୍ଚ କହିଛନ୍ତି, ଦ୍ୟୁତି ହେଉଛନ୍ତି ଭାରତର ଏକ ଗୌରବ ଏବଂ ଜଣେ ସ୍ୱଚ୍ଛ ଆଥ୍‌ଲେଟ। ଦଶନ୍ଧି ଧରି ତାଙ୍କର ଏକ ଉଜ୍ଜ୍ୱଳ କ୍ୟାରିୟର ରହିଛି। ଜାତୀୟ ହେଉ ଅବା ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଶହ ଶହ ସଂଖ୍ୟାରେ ଡୋପ୍ ଟେଷ୍ଟ ହୋଇଛି। ତାଙ୍କ ଲମ୍ବା କ୍ୟାରିୟରରେ ସେ ସବୁବେଳେ ଡୋପ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ଆସିଛନ୍ତି। ଦ୍ୟୁତି ଏବଂ ତାଙ୍କ ଆଇନ ପରାମର୍ଶଦାତା ପୂର୍ବରୁ ନାଡା'ର ଆଣ୍ଟି ଡୋପିଙ୍ଗ ଡିସିପ୍ଲିନାରି ପ୍ୟାନେଲ (ଏଡିଡିପି)କୁ କହିଥିଲେ, ଏହା ଏକ 'ଅଜାଣତ ବ୍ୟବହାର' ମାମଲା। ଦ୍ୟୁତି ସ୍ୱତନ୍ତ୍ର ଅନୁମତି ଆଣି ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଟ୍ରେନିଂ ନେଉଥିଲେ। ସେତେବେଳେ ଜଣେ ଫିଜିଓଥେରାପିଷ୍ଟ ତାଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ଏହି ଆଥ୍‌ଲେଟଙ୍କ ଶରୀରରେ ଅଧିକ ପୁରୁଷ ହରମୋନ ଥିବାରୁ ସେ ଉରୁସନ୍ଧିରେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ସେଥିପାଇଁ ଚିକିତ୍ସାର ଆବଶ୍ୟକ ପଡ଼ିଥିଲା। ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଦ୍ୟୁତିଙ୍କୁ ଔଷଧ ସେବନ କରିବାକୁ ପଡ଼ିଥିଲା।


ଦ୍ୟୁତି ଚାନ୍ଦ

## କ୍ୟାନ୍‌ସର ଯୋଗୁ ଔଷଧ ସେବନ କରିଥିଲି

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ଡୋପିଂ ପାଇଁ ୪ ବର୍ଷ ବାସନ୍ଦ ହୋଇଥିବା ଦ୍ୟୁତି ୨୦୨୧ରେ ଲେଭଲ–୧ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇଥିଲେ। କିମ୍ସର ସ୍ପୋର୍ଟ୍ସ ମେଡିସିନ ଏକ୍ସପର୍ଟ ସୁଦୀପ ଶତପଥୀ ଏହାର ଡାଇଗ୍ନୋସିସ କରିଥିଲେ। ଫଳରେ ଦ୍ୟୁତିଙ୍କ ପାଇଁ ଖେଳ ଛାଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉରୁସନ୍ଧିରେ ଯନ୍ତ୍ରଣା ପାଇଁ ହିଁ ଏହି ସମସ୍ୟା ଆରମ୍ଭ ହୋଇଥିଲା। ସେ ବହୁତ ନର୍ଭସ ହୋଇ ପଡ଼ିଥିଲେ ଏବଂ ଫିଜିଓଙ୍କ ପରାମର୍ଶକ୍ରମେ ଔଷଧ ନେବାକୁ ପଡ଼ିଥିଲା ବୋଲି ଦ୍ୟୁତି ପ୍ରକାଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ଉରୁସନ୍ଧି ସ୍ଥାନରେ ସେ ବହୁତ ଯନ୍ତ୍ରଣା ଅନୁଭବ କରିଥିଲେ। କେତେକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ ମଧ୍ୟ ପ୍ରକୃତ କାରଣ ଜଣାପଡ଼ି ନ ଥିଲା, ଯନ୍ତ୍ରଣା କମି ନ ଥିଲା। ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିଲେ ହେଁ ଆଶାନୁରୂପ ପ୍ରଦର୍ଶନ ଦେଇପାରି ନ ଥିଲେ। ଅଲିମ୍ପିକ୍ସରୁ ଫେରିବା ପରେ ଯନ୍ତ୍ରଣା ବଢ଼ିବାରେ ଲାଗିବାରୁ ସେ ଅଲଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ କରିଥିଲେ। ତା' ପରେ ଡକ୍ଟର ସୁଦୀପ ତାଙ୍କୁ ଲେଭଲ–୧ କ୍ୟାନ୍‌ସର ଆଟାକ୍ ସମ୍ପର୍କରେ ଅବଗତ କରାଇଥିଲେ। ଖେଳ ନ ଛାଡ଼ିଲେ ଏହି ସମସ୍ୟା ବଢ଼ିବ ବୋଲି ସେ ପରାମର୍ଶ ଦେଇଥିଲେ। ଫିଜିଓଙ୍କ ପରାମର୍ଶରେ ଔଷଧ ସେବନ କରିବା ପରେ ଯନ୍ତ୍ରଣା କମିଥିଲା। ଫଳରେ ସେ ଆଉ କୌଣସି ମେଡିକାଲ ଟେଷ୍ଟ କରିନାହାନ୍ତି। ଉରୁସନ୍ଧିରେ ଯନ୍ତ୍ରଣା ଯୋଗୁ ୧୫–୨୦ ଦିନ ଔଷଧ ସେବନ କରିଥିଲେ। ଯନ୍ତ୍ରଣା କମିବା ପରେ ଔଷଧ ବନ୍ଦ କରି ଦେଇଥିଲେ। ମାତ୍ର ସେତେବେଳେ ଦିଆଯାଇଥିବା ସାମ୍ପୁଲ ପଜିଟିଭ୍ ଆସିଛି। ଦଣ୍ଡ କୋହଳ ପାଇଁ ସେ ଲଢ଼େଇ ଜାରି ରଖିବେ ବୋଲି ଦ୍ୟୁତି ପ୍ରକାଶ କରିଛନ୍ତି।

# ଡବଲ୍ସରେ ଓଡ଼ିଶାର ଆହାନଙ୍କୁ ଟାଇଟଲ

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ଏଆଇଟିଏ ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟର ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ତାଙ୍କର ପାର୍ଟନର ଥିଲେ ପଶ୍ଚିମବଙ୍ଗର ସଙ୍କଳ୍ପ କୁମାର ସାହାଣୀ। ଆହାନ–ସଙ୍କଳ୍ପ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ମହାରାଷ୍ଟ୍ରର ଦେବରାଜ ମଣ୍ଡାଡେ ଓ ସକ୍ଷମ ବଂଶାଲିଙ୍କୁ ୬–୪, ୩–୬, ୧୨–୧୦ରେ ପରାସ୍ତ କରିଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ କିନ୍ତୁ ଆହାନଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷହୋଇ ଯାଇଥିଲା। ଟୁର୍ନାମେଣ୍ଟରୁ ତାଙ୍କୁ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି।



ପୁରସ୍କାର ସହ ସଂକଳ୍ପ କୁମାର ସାହାଣୀ ଓ ଆହାନ ମିଶ୍ର।

# ଅନ୍ତର୍ଜାତୀୟ କ୍ରିକେଟରେ କୋହଲିଙ୍କ ୧୫ ବର୍ଷ

ନୂଆଦିଲ୍ଲୀ, ୧୮।୮

ଭାରତୀୟ କ୍ରିକେଟର ତାରକା ବ୍ୟାଟର ବିରାଟ କୋହଲି ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରେ ୧୫ ବର୍ଷ ପୂରଣ କରିଛନ୍ତି। ୨୦୦୮ ଅଗଷ୍ଟ ୧୮ରେ କୋହଲି ୧୯ ବର୍ଷ ୨୮୭ ଦିନର ହୋଇଥିବାବେଳେ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ କରିଥିଲେ। ଡାମ୍ବୁଲାଠାରେ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ମ୍ୟାଚ ଖେଳି ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ମାଲେସିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ଭାରତ କୋହଲିଙ୍କ ନେତୃତ୍ୱରେ ଚାମ୍ପିୟନ ହୋଇଥିଲା। ଏହାର ଅଳ୍ପକିଛି ମାସପରେ ପୁରସ୍କାର ସ୍ୱରୂପ କୋହଲିଙ୍କୁ ସିନିୟର ଦଳରେ ସୁଯୋଗ ମିଳିଥିଲା। ୧୫ ବର୍ଷ ପୂରଣ କରିଥିବାରୁ କୋହଲିଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଜୟ ଶାହା ଅଭିନନ୍ଦନ ଜଣାଇଛନ୍ତି।

# କିଶୋରଙ୍କୁ ହଙ୍ଗେରୀ ଭିଜା ମିଳିଲା

ନୂଆଦିଲ୍ଲୀ, ୧୮।୮ (ପି.ଟି.)

ଭାରତୀୟ ଜାଭେଲିନ ତାରକା ଓଡ଼ିଶାର କିଶୋର କୁମାର ଜେନାଙ୍କୁ ହଙ୍ଗେରୀ ଯାତ୍ରା ପାଇଁ ଭିଜା ମିଳିଛି। ଫଳରେ ସେ ଶନିବାରଠାରୁ ୨୭ ତାରିଖ ପର୍ଯ୍ୟନ୍ତ ବୁଦାପେଷ୍ଟରେ ହେବାକୁଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରିବେ। ଶୁକ୍ରବାର ସକାଳେ ତାଙ୍କ ସହ ସାକ୍ଷାତ୍ ପରେ ଭିଜା କ୍ଲିୟର କରି ଦିଆଯାଇଥିବା ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ପରେ କିଶୋର ତାଙ୍କର ଭ୍ରମଣଜନିତ ଦସ୍ତାବିଜ୍ ପାଇଥିଲେ। ବୁଧବାର ଭାରତରେ ଅବସ୍ଥାପିତ ହଙ୍ଗେରିଆନ ଦୂତାବାସ ପକ୍ଷରୁ କିଶୋରଙ୍କ ଭିଜା ବାତିଲ କରି ଦିଆଯାଇଥିଲା। କିଶୋରଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଥିଲେ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ୍ ତାରକା ନୀରଜ ଚୋପ୍ରା। ସେ ଏ କ୍ଷେତ୍ରରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ। ଜୟଶଙ୍କରଙ୍କ ହସ୍ତକ୍ଷେପ ପରେ ଏହି ସମସ୍ୟାର ସମାଧାନ ହୋଇଥିଲା।

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ**

ଗତ ଜୁଲାଇ ୩୦ରେ ଅନୁଷ୍ଠିତ ଶ୍ରୀଲଙ୍କାନ୍ ଜାତୀୟ ଚାମ୍ପିୟନଶିପ୍‌ରେ ୨୭ ବର୍ଷୀୟ କିଶୋର କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ୮୪.୩୮ ମିଟର ଦୂରକୁ ଜାଭେଲିନ ଥ୍ରୋ କରିଥିଲେ। ଫଳରେ ବିଶ୍ୱ ର୍‍ୟାଙ୍କିଙ୍ଗ ଅନୁସାରେ ତାଙ୍କୁ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ କୋଟା ମିଳି ଯାଇଥିଲା। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟର ଶେଷ ତାରିଖ ଥିଲା ଜୁଲାଇ ୩୦। ସେହିଦିନ କିଶୋର ଶ୍ରୀଲଙ୍କାନ୍ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ) ପକ୍ଷରୁ ଅପ୍‌ଡେଟ୍ କରାଯାଇଥିବା 'ରୋଡ୍ ଟୁ ବୁଦାପେଷ୍ଟ' ତାଲିକାରେ କିଶୋର ୩୬ତମ ସ୍ଥାନରେ ରହିଥିଲେ। ଫଳରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୪ ଭାରତୀୟଙ୍କ ମଧ୍ୟରେ ସେ ସ୍ଥାନ ପାଇଥିଲେ। ନୀରଜ ଓ କିଶୋରଙ୍କ ବ୍ୟତୀତ ଯୋଗ୍ୟତା ପାଇଥିବା ଅନ୍ୟ ଦୁଇ ଭାରତୀୟ ହେଲେ ଡି.ପି. ମନୁ ଓ ରୋହିତ ଯାଦବ। ମାତ୍ର ପରେ କହୁଣିରେ ଅସ୍ତ୍ରୋପଚାର କାରଣରୁ ରୋହିତ ଓହରି ଯାଇଥିଲେ। ଗତ ଜୁନ୍‌ରେ ଅନୁଷ୍ଠିତ ଜାତୀୟ ଆନ୍ତଃ–ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଶୋର ରୌପ୍ୟ ପଦକ ପାଇଥିଲେ।


କିଶୋର କୁମାର ଜେନା




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ